# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୧୦/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, May 10/2023 | Page 18 | ₹ 7.00

୪୯ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 164 | ମୂଲ୍ୟ ₹୭/-







ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ମଙ୍ଗଳବାର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ ଅଭିଯୁକ୍ତ ଆଫତାବ୍ ପୁନାୱାଲାଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ବିରୋଧରେ ହତ୍ୟା ଓ ପ୍ରମାଣ ଲୁଚାଇବା ଅଭିଯୋଗ ହୋଇଛି। ଆଫତାବ ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ମୃତଦେହକୁ ୧୮ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ତଦନ୍ତକାରୀ ଅଧିକାରୀ ଦାଖଲ କରିଥିବା ପ୍ରମାଣ ଓ ବୟାନକୁ ଅନୁଧ୍ୟାନ କରି ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୨ ଏବଂ ୨୦୧ରେ ଚାର୍ଜଫ୍ରେମ୍ ହୋଇଛି।

## ସଂକ୍ଷେପରେ

### କୁନୋ ଜାତୀୟ ଉଦ୍ୟାନରେ ତୃତୀୟ ଚିତାର ମୃତ୍ୟୁ

**ଭୋପାଳ, ୯।୫:** ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ଦୁଇ ଦକ୍ଷିଣ ଆଫ୍ରିକୀୟ ଅଣ୍ଡିରା ଚିତାଙ୍କ ଆକ୍ରମଣରେ ଦକ୍ଷ ନାମକ ମାଈ ଚିତା ପ୍ରାଣ ହରାଇଛି। ଦକ୍ଷ ସହ ବାୟୁ ଏବଂ ଅଗ୍ନି ନାମକ ଦୁଇ ଅଣ୍ଡିରା ଚିତାଙ୍କର ହିଂସାତ୍ମକ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ଦକ୍ଷ ପ୍ରାଣ ହରାଇଥିଲା ବୋଲି ଟାଇଗର ପ୍ରୋଜେକ୍ଟ ସହ ସମ୍ପୃକ୍ତ ଅଧିକାରୀ କହିଛନ୍ତି। ପୁରୁଷ ଚିତାମାନେ ସାଧାରଣତଃ ପରସ୍ପର ପ୍ରତି ଏବଂ ମାଈ ଚିତା ପ୍ରତି ଆକ୍ରମଣାତ୍ମକ ଆଚରଣ ଦେଖାଇଥାନ୍ତି। ଏଥିପାଇଁ ଦକ୍ଷିଣ ଆଫ୍ରିକାରେ ୮ ପ୍ରତିଶତ ଚିତାଙ୍କ ମୃତ୍ୟୁ ଘଟୁଛି। ୨୦୨୨ ସେପ୍ଟେମ୍ବରରେ ପ୍ରଥମ ବ୍ୟାଚ୍ ଚିତାଙ୍କୁ କୁନୋ ଜଙ୍ଗଲ ମଧ୍ୟରେ ଛଡ଼ାଯିବା ପରେ ଗତ ୩ ମାସରେ ୩ଟି ଚିତାଙ୍କ ମୃତ୍ୟୁ ଘଟିଲାଣି।

### ମମତାଙ୍କୁ ଲିଗାଲ ନୋଟିସ ପଠାଇଲେ ବିବେକ ଅଗ୍ନିହୋତ୍ରୀ

**ମୁମ୍ବାଇ/କୋଲକାତା, ୯।୫(ପି.ଟି.):** 'ଦି କଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଯୋଜକ ବିବେକ ରଞ୍ଜନ ଅଗ୍ନିହୋତ୍ରୀ ଲିଗାଲ ନୋଟିସ୍ ପଠାଇଥିବା ମଙ୍ଗଳବାର କହିଛନ୍ତି। ତେବେ ଏନେଇ ସେମାନଙ୍କ ପାଖରେ କୌଣସି ସୂଚନା ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ କହିଛନ୍ତି। ସୋମବାର ମମତା ରାଜ୍ୟରେ 'ଦି କେରଲା ଷ୍ଟୋରି' ପ୍ରଦର୍ଶନକୁ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ଅବସରରେ 'ଦି କଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ସମାଜର ଗୋଟିଏ ଗୋଷ୍ଠୀଙ୍କୁ ଅପମାନିତ କରିଥିବା ନେଇ ସମାଲୋଚନା କରିଥିଲେ। ଅଗ୍ନିହୋତ୍ରୀଙ୍କ ସହ ତାଙ୍କ ଅଭିନେତ୍ରୀ ସ୍ତ୍ରୀ ପଲ୍ଲବି ଜୋଷୀ ଏବଂ ନିର୍ମାତା ଅଭିଷେକ ଅଗ୍ରୱାଲ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଲିଗାଲ ନୋଟିସ ପଠାଇଛନ୍ତି। ସେ ଏହାର ଏକ ନକଲ ଟୁଇଟରରେ ପୋଷ୍ଟ କରିଛନ୍ତି।


ମମତା ବାନାର୍ଜୀ

### ୟୁପିରେ 'ଦି କେରଲା ଷ୍ଟୋରି' ଟିକସମୁକ୍ତ

**ଲକ୍ଷ୍ନୌ/ନୂଆଦିଲ୍ଲୀ, ୯।୫:** ପଶ୍ଚିମବଙ୍ଗ ସରକାର ବିବାଦୀୟ ଫିଲ୍ମ 'ଦି କେରଲା ଷ୍ଟୋରି'କୁ ବ୍ୟାନ୍ କରିବା ପରେ ମଙ୍ଗଳବାର ଉତ୍ତର ପ୍ରଦେଶରେ ଫିଲ୍ମକୁ ଟିକସମୁକ୍ତ ଘୋଷଣା କରାଯାଇଛି। ପଶ୍ଚିମବଙ୍ଗରେ ଫିଲ୍ମ ପ୍ରସାରଣକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶକୁ ବିରୋଧକରି ଚଳଚ୍ଚିତ୍ର ନିର୍ମାତା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦକ୍ଷିଣ ଭାରତରେ ଫିଲ୍ମର ସ୍କ୍ରିନିଂ ନେଇ ସୁରକ୍ଷା ଯୋଗାଇଦେବାକୁ ସେ ଦାବି କରିଛନ୍ତି।


ମସ୍କୋର ରେଡ୍ ସ୍କୋୟାରରେ ୭୮ତମ ଭିକ୍ଟ୍ରି ଡେ' ପାଳନ ଅବସରରେ ରୁଷିଆ ପକ୍ଷରୁ ଆନ୍ତଃ ମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ବ୍ୟବସ୍ଥା ପ୍ରଦର୍ଶନ କରାଯାଇଛି।

# ପାଶ୍ଚାତ୍ୟ କରୁଛି ଅସଲ ଯୁଦ୍ଧ: ପୁଟିନ୍

**ମସ୍କୋ, ୯।୫**

ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ 'ଅସଲ ଯୁଦ୍ଧ' ଆରମ୍ଭ କରିଦେଇଛନ୍ତି ବୋଲି ବିଜୟ ଦିବସ ପରେଡ୍ ଅବସରରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରକାଶ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ନାଜିଙ୍କ ପରାଜୟକୁ ମନେପକାଇ ରୁଷିଆ ପ୍ରତିବର୍ଷ ମେ' ୯ରେ ଭିକ୍ଟ୍ରି ଡେ' ପାଳନ କରିଥାଏ। ଚଳିତବର୍ଷ ମସ୍କୋର ରେଡ୍ ସ୍କୋୟାରରେ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ 'ଭିକ୍ଟ୍ରି ଡେ' ପାଳନ କରାଯାଇଛି। ପରେଡ୍ ଅଭିବାଦନ ଗ୍ରହଣ କରିବା ପରେ ପୁଟିନ୍ ନିଜ ସେନା ଓ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ମାନବ ସଭ୍ୟତା ପୁଣି ଥରେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି।


ଭ୍ଲାଡିମିର ପୁଟିନ୍

ୟୁକ୍ରେନ୍ ବିରୋଧରେ ରୁଷିଆ ସ୍ୱତନ୍ତ୍ର ସାମରିକ ଅଭିଯାନ କରୁଥିବାବେଳେ କିଭ୍‌ର ସହଯୋଗୀ ପାଶ୍ଚାତ୍ୟ ଆମ ଦେଶ ମାତୃକା ବିରୋଧରେ ଚଳାଇଥିବା ଛାୟାଯୁଦ୍ଧ ଏବେ ବାସ୍ତବ ଯୁଦ୍ଧରେ ପରିଣତ ହୋଇଛି। ଏହି ଅବସରରେ ପୁଟିନ୍ ୟୁକ୍ରେନ୍ ବିରୋଧରେ ଲଢୁଥିବା

### ବିଜୟ ଦିବସରେ ରୁଷୀୟ ସେନାର ଶକ୍ତି ପ୍ରଦର୍ଶନ

ସୈନ୍ୟମାନଙ୍କୁ ସ୍ୱାଗତ କରିଛନ୍ତି। ରେଡ୍ ସ୍କୋୟାରରେ ବିଜୟ ଦିବସ ପାଳନ ବେଳେ ରୁଷୀୟ ସେନା ପକ୍ଷରୁ କ୍ଷେପଣାସ୍ତ୍ର ମୁତୟନ କରି ସାମରିକ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ଏହି ଦିବସକୁ ରୁଷିଆ ବଡ଼ ଧୁମଧାମରେ ପାଳନ କରିଥାଏ। କିନ୍ତୁ ନିକଟରେ ପୁଟିନ୍‌ଙ୍କୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରାଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ଛୋଟ ଆକାରରେ ପାଳନ କରାଯାଇଛି। ପରେଡ୍‌ରେ ପ୍ରାୟ ୮,୦୦୦ ସୈନ୍ୟ ଭାଗନେଇଥିଲେ, ଯାହାକି ୨୦୦୮ ପରଠୁ ସର୍ବନିମ୍ନ। ପୁଟିନ୍ ଏଥର ୧୦ ମିନିଟ୍ ଭାଷଣ ଦେଇଥିଲେ।

### ୟୁକ୍ରେନ୍ ଉପରେ ରାତି ସାରା ମିଶାଇଲ୍ ମାଡ଼

ବିଜୟ ଦିବସର ଅବ୍ୟବହିତ ପୂର୍ବରୁ ସୋମବାର ରାତିସାରା କ୍ରେମ୍ଲିନ୍ ବଳ ୟୁକ୍ରେନ୍ ଉପରେ ୨୫ଟି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ସେଥିରୁ ୨୩ଟିକୁ ସଫଳତାର ସହ ଧ୍ୱସ୍ତ କରାଯାଇଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଏୟାରଫୋର୍ସ ଏକ ଟେଲିଗ୍ରାମ୍ ପୋଷ୍ଟରେ କହିଛି, କୃଷ୍ଣସାଗରରେ ଯୁଦ୍ଧଜାହାଜରୁ ୮ଟି ଏବଂ ଷ୍ଟ୍ରାଟେଜିକ୍ ଏୟାରକ୍ରାଫ୍ଟରୁ ୧୭ଟି କାଲିବର କ୍ରୁଜ୍ ମିଶାଇଲ ଛଡ଼ାଯାଇଥିଲା।

## ଗୋ ଏୟାର ବିମାନ କିଣିବାକୁ ଟାଟା, ଇଣ୍ଡିଗୋର ଉଦ୍ୟମ

**ନୂଆଦିଲ୍ଲୀ, ୯।୫ :** ଗୋ ଏୟାରଲାଇନ୍ସ ଇଣ୍ଡିଆ ଲିମିଟେଡ୍‌ର ଏୟାରବସ୍ ଏସ୍‌ଇ ବିମାନ କିଣିବା ପାଇଁ ଭାରତର ସର୍ବବୃହତ୍ କମ୍ପାନୀ ଟାଟା ଗ୍ରୁପ୍ ଏବଂ ସବୁଠୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋ ଆଲୋଚନା ଚଳାଇଥିବା ଜଣାପଡ଼ିଛି। ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଗୋ ଏୟାର ମେ' ୩ରୁ ଏହାର ବିମାନ ଚଳାଚଳ ବନ୍ଦ ରଖିବା ସହ ଇନ୍‌ସଲ୍‌ଭେନ୍ସି ସୁରକ୍ଷା ପାଇଁ ଆବେଦନ କରିଛି। ବିମାନ ସେବା ବନ୍ଦ ଥିବାରୁ ଟିକେଟ ବିକ୍ରି ନ କରିବାକୁ ଡିଜିସିଏ ଉକ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦେଇଛି। ଗୋ ଫାଷ୍ଟର ଲିଜ୍‌ଦାତାମାନଙ୍କ ସହ ଟାଟା ଗ୍ରୁପ୍ ଏବଂ ଇଣ୍ଡିଗୋ ଅଲଗା ଅଲଗା ବୁଝାମଣା ଚଳାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏଥିସହିତ ଲ୍ୟାଣ୍ଡିଂ ଓ ପାର୍କିଂ ସ୍ଲଟ୍ ବ୍ୟବସ୍ଥା ପାଇଁ ସେମାନେ ନୂଆଦିଲ୍ଲୀ ଏବଂ ମୁମ୍ବାଇରେ ବିମାନବନ୍ଦର ଅପରେଟରମାନଙ୍କ ସହ ମଧ୍ୟ ଆଲୋଚନା ଚଳାଇଛନ୍ତି। ଗୋ ଫାଷ୍ଟର ଲିଜରମାନେ ଏହାର ସମସ୍ତ ବିମାନକୁ ପୁନଃ ଦଖଲକୁ ନେବାକୁ ଚାହାନ୍ତି। ରିପୋର୍ଟ ଅନୁଯାୟୀ ଅନ୍ୟ କେତେକ ଏୟାରଲାଇନ୍ସ ମଧ୍ୟ ଏୟାରପୋର୍ଟରେ ସ୍ଲଟ୍ ଅଧିଗ୍ରହଣ ପାଇଁ ଆଗ୍ରହୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଆକାଶ ଏୟାର ଅନ୍ୟତମ। ଗୋ ଏୟାରର ବଡ଼ ଲିଜ୍‌ଦାତାଙ୍କ ମଧ୍ୟରେ ରହିଛନ୍ତି ସ୍କାଏ ହାଇ ଏକ୍ସସିଭି ଲିଜିଂ ଲିଃ, ଏସିଜି ଏୟାରକ୍ରାଫ୍ଟ ଲିଜିଂ ଆୟର୍ଲାଣ୍ଡ ଲିଃ ଏବଂ ଏସ୍‌ଏମ୍‌ବିସି ଆଭିଏଶନ କ୍ୟାପିଟାଲ ଲିଃ।

## ଖସୁଛି ୧,୩୬୦ କିଲୋ ଓଜନର ସାଟେଲାଇଟ୍

**ନୂଆଦିଲ୍ଲୀ, ୯।୫:** ୟୁରୋପୀୟ ମହାକାଶ ସଂସ୍ଥା ୫ ବର୍ଷ ପୂର୍ବରୁ ପଠାଇଥିବା ୧,୩୬୦ କିଲୋଗ୍ରାମ ଓଜନର ସାଟେଲାଇଟ୍ ଏଓଲସ୍ ପୃଥିବୀ ପୃଷ୍ଠକୁ ଖସିବାକୁ ଯାଉଛି। ଇତିମଧ୍ୟରେ ଏହାର ଇନ୍ଧନ ଶେଷ ହୋଇଯାଇଛି। ବାୟୁମଣ୍ଡଳର ଆକର୍ଷଣ ଏବଂ ସୂର୍ଯ୍ୟଙ୍କଠାରୁ ଆସୁଥିବା ପ୍ଲାଜ୍ମା ତରଙ୍ଗ ପ୍ରଭାବରେ ଏହା ପୃଥିବୀ ଆଡକୁ ଖସୁଛି।

## ମୁସଲମାନ କୋଟା ରଦ୍ଦ: ଶାହାଙ୍କ ବିବୃତିରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ, ୯।୫(ପି.ଟି.)**

ବିଧାନସଭା ନିର୍ବାଚନ ପୂର୍ବରୁ କର୍ନାଟକରେ ୪ ପ୍ରତିଶତ ମୁସଲମାନ କୋଟା ଉଚ୍ଛେଦ ଉପରେ ରାଜନୈତିକ ବିବୃତିକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଦାଲତରେ ବିଚାରାଧୀନ ଥିବା ମାମଲା ଉପରେ ରାଜନୈତିକ ମନ୍ତବ୍ୟ ଦେବା ଠିକ୍ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିବା ସହିତ ପବିତ୍ରତା ରକ୍ଷା କରାଯିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। କର୍ନାଟକ ବିଧାନସଭା ନିର୍ବାଚନର କିଛିଦିନ ପୂର୍ବରୁ ୪ ପ୍ରତିଶତ ମୁସଲିମ୍ କୋଟା ପ୍ରତ୍ୟାହାର କରିନେଇ ରାଜନୈତିକ ଦୃଷ୍ଟିରୁ ପ୍ରଭାବଶାଳୀ ଲିଙ୍ଗାୟତ ଏବଂ ଭୋକାଲିଗା ସମ୍ପ୍ରଦାୟକୁ ପ୍ରଦାନ କରାଯିବାରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିର୍ବାଚନ ପୂର୍ବରୁ ଉକ୍ତ ପ୍ରସଙ୍ଗ ଉଠାଇ ତାଙ୍କ ଦଳ ମୁସଲମାନ କୋଟା ପ୍ରତ୍ୟାହାର କରିନେଇଛି ବୋଲି ଗର୍ବର ସହ କହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ କ'ଣ ପାଇଁ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ପ୍ରଶ୍ନ କରିଥିଲେ। ଅଦାଲତରେ ବିଚାରାଧୀନ ଥିବା ମାମଲା ଏବଂ ମୁସଲମାନ କୋଟା ଉପରେ କୋର୍ଟ ନିର୍ଦ୍ଦେଶ ଥିବାରୁ ଉକ୍ତ ପ୍ରସଙ୍ଗରେ ରାଜନୈତିକ ବିବୃତି ଦିଆଯିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍, ବି.ଭି. ନାଗରତ୍ନା ଏବଂ ଅହସାନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି। ରାଜ୍ୟର ଭାଜପା ସରକାର ମୁସଲମାନ କୋଟା ପ୍ରତ୍ୟାହାର କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

## ବ୍ରିଜ୍‌ରୁ ବସ୍ ଖସି ୨୨ ମୃତ



**ଖରଗୋନ୍, ୯।୫**

ମଧ୍ୟପ୍ରଦେଶର ଖରଗୋନ୍ ଜିଲାରେ ମଙ୍ଗଳବାର ସକାଳେ ଏକ ବସ୍ ବ୍ରିଜ୍‌ରୁ ନଦୀକୁ ଖସିପଡ଼ିବାରୁ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଶିଶୁ ଓ ୧୦ ମହିଳା ଯାତ୍ରୀ ଅଛନ୍ତି। ଦୁର୍ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା କହିଛନ୍ତି। ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ଡୋଙ୍ଗରଗାଁଓ ଗ୍ରାମ ନିକଟ ବୋରାଦ ନଦୀରେ ଏହି ଦୁର୍ଘଟଣା ଘଟିଛି। ୫୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ଦାସଙ୍ଗ ବ୍ରିଜ୍ ରେଲିଂ ଭାଙ୍ଗି ଶୁଷ୍କ ନଦୀଶଯ୍ୟାରେ ଖସିପଡ଼ିଥିଲା। ଆହତ ଯାତ୍ରୀଙ୍କୁ ଖରଗୋନ୍ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଏବଂ ସାମାନ୍ୟ ଆହତଙ୍କୁ ୨୫ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ମିଶ୍ରା କହିଛନ୍ତି। ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବସ୍‌ରୁ ଯାତ୍ରୀମାନଙ୍କୁ ବାହାର କରି ଚିକିତ୍ସା ପାଇଁ ପଠାଇଥିଲେ। ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି।

## ଗାଜାରେ ଇସ୍ରାଏଲ୍ ଆକ୍ରମଣ: ୧୩ ମୃତ

**ଜେରୁଜେଲମ, ୯।୫**

ଇସ୍ରାଏଲ୍ ଆକ୍ରମଣରେ ଗାଜାରେ ୧୩ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜିହାଦ (ପିଆଇଜେ) ଗ୍ରୁପ୍‌ର ୩ ନେତା, ଜିହାଦ ଅଲ-ଘାମନ, ଖାଲିଲ ଅଲ- ବାହଟିନି ଏବଂ ତାରିକ ଇଜ୍ ଅଲ-ଦିମ ଅଛନ୍ତି। ଆକ୍ରମଣରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସୋମବାର ରାତି ୨ଟାବେଳେ ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯୁଦ୍ଧ ବିମାନ ବ୍ୟବହାର କରାଯାଇଥିଲା।

## ଆସାମରେ ବହୁବିବାହ ପ୍ରଥା ବନ୍ଦ ଲାଗି ଯୋଜନା

**ଗୁଆହାଟୀ, ୯।୫:** ଆସାମ ସରକାର ବହୁବିବାହ ପ୍ରଥା ଉପରେ ନିଷିଦ୍ଧାଦେଶ ଲଗାଇବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ସୂଚନା ଦେଇଛନ୍ତି। ଉକ୍ତ ନିଷ୍ପତ୍ତି କେତେଦୂର ଆଇନସଙ୍ଗତ ତାହା ଅନୁଧ୍ୟାନ କରିବା ଲାଗି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିବେ। ବହୁବିବାହ ପ୍ରଥା ବନ୍ଦ କରିବା କ୍ଷମତା ରାଜ୍ୟ ସରକାରଙ୍କର ରହିଛି କି ନାହିଁ ତାହା ବିଶେଷଜ୍ଞ କମିଟି ଅନୁଧ୍ୟାନ କରିବ। ଉକ୍ତ କମିଟି ମୁସଲମାନ ପର୍ସନାଲ ଲ' (ଶାରିଆତ୍) ଆଇନ, ୧୯୩୭ ଏବଂ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୫ ସମେତ ରାଷ୍ଟ୍ର ନୀତି ନିର୍ଦ୍ଧାରକ ସିଦ୍ଧାନ୍ତର ଅନୁଧ୍ୟାନ କରି ରିପୋର୍ଟ ଦେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

## ଡିଆର୍‌ଡିଓ ବୈଜ୍ଞାନିକଙ୍କ ହାଜତ ମିଆଦ ୧୫ ଯାଏ ବଢ଼ିଲା

### ପାକିସ୍ତାନ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇଥିଲେ

**ନୂଆଦିଲ୍ଲୀ, ୯।୫**

ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଗତ ୩ ତାରିଖରେ ପୁଣେରୁ ଗିରଫ ହୋଇଥିବା ଡିଆର୍‌ଡିଓ ବୈଜ୍ଞାନିକ ପ୍ରଦୀପ କୁରୁଲ୍‌କର(୫୯)ଙ୍କ ହାଜତ ମିଆଦକୁ ମେ' ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ନଭେମ୍ବରରେ ଅବସର ନେବାକୁ ଥିବା ପ୍ରଦୀପ ହନିଟ୍ରାପ୍‌ରେ ଫସି କେତେଜଣ ପାକିସ୍ତାନୀଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ଅଭିଯୋଗ ହୋଇଛି। ଅତିରିକ୍ତ ସେସନ୍ସ ଜଜ୍ ଏସ୍.ଆର୍. ନଭନ୍ଦରଙ୍କ ଅଦାଲତ ପ୍ରଦୀପଙ୍କ ହାଜତ ମିଆଦକୁ ୭ ଦିନ ବଢ଼ାଇଛନ୍ତି। ତାଙ୍କୁ ମହାରାଷ୍ଟ୍ର ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ହାଜତରେ ରଖାଯାଇଛି। ତାଙ୍କଠାରୁ ଜବତ ହୋଇଥିବା ଇଲେକ୍ଟ୍ରୋନିକ୍ ଉପକରଣର ତଥ୍ୟ ଅନୁଶୀଳନ କରାଯାଉଥିବାରୁ ଅଧିକ ଦିନ ହାଜତରେ ରଖିବା ଲାଗି ଏଟିଏସ୍ ପକ୍ଷରୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଗିରଫ ହେବା ପରେ ପ୍ରଦୀପଙ୍କୁ ଡିଆରଡିଓ ଚାକିରିରୁ ନିଲମ୍ବନ କରିଥିଲା। ଗୁପ୍ତଚର ବୃତ୍ତି ଏବଂ ଭୁଲ୍ ଯୋଗାଯୋଗ ପାଇଁ ତାଙ୍କ ବିରୋଧରେ ସରକାରୀ ଗୋପନୀୟତା ଆଇନ (ଓଏସ୍‌ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି।


ପ୍ରଦୀପ କୁରୁଲ୍‌କର



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୧୦/୨୦୨୩ | Bhubaneswar, Wednesday, May 10/2023 | ପୃଷ୍ଠା-୧




**ଚାଇୱାଇ ପ୍ଲେୟର ଅଫ୍ ଦି ମନ୍ଥ**

ଥାଇଲାଣ୍ଡ ମହିଳା କ୍ରିକେଟ ଦଳର ଅଧିନାୟିକା ନାରୁଏମଲ ଚାଇୱାଇ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି।

୧୪

୧୦

**୭.୮ କୋଟି ଟଙ୍କାର ଘର କିଣିଲେ ସାମନ୍ଥା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ମଙ୍ଗଳବାର ୭.୮ କୋଟି ଟଙ୍କାରେ ହାଇଦ୍ରାବାଦର ଜୟାଭେରି ଅରେଞ୍ଜ କଣ୍ଟିରେ ଏକ ଘର କିଣିଛନ୍ତି।



# ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ ଯନ୍ତ୍ରଣା



ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦଣ୍ଡସଣାରେ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧିଙ୍କୁ ଅପେକ୍ଷା କରି ରହିଛନ୍ତି।

***ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଭତ୍ତା ପ୍ରଦାନରେ ଅନିୟମିତତା ଏବଂ ଦୁର୍ନୀତିକୁ ନିୟନ୍ତ୍ରଣ କରିବାକୁ ଯାଇ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। କିନ୍ତୁ ଉପଯୁକ୍ତ ଭିତ୍ତିଭୂମି ସାଙ୍ଗକୁ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ଯୋଜନାର ଓଲଟା ଫଳ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ ମାଧ୍ୟମରେ ସହଜରେ ଭତ୍ତା ମିଳିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଦୁର୍ଦ୍ଦଶା ପାଲଟିଛି। ଫିଙ୍ଗରପ୍ରିଣ୍ଟ ଓ ଇଣ୍ଟରନେଟ୍ ଭଳି ସମସ୍ୟା ଯୋଗୁ ପ୍ରାପ୍ତ ବୟସରେ ଏହି ହିତାଧିକାରୀମାନେ ବହୁ ହଇରାଣ ହେବା ସହ ୩ରୁ ୪ ମାସ ହେବ ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି।***

**ଯାଜପୁର ଅଫିସ,୯।୫**

ଯାଜପୁର ଜିଲା ଜେନାପୁର ଅଞ୍ଚଳର ହିତାଧିକାରୀ କ୍ଷେତ୍ରବାସୀ ରାଉତ କୁହନ୍ତି, ସେ ଦୈନିକ ବ୍ୟାଙ୍କ ଦୌଡ଼ି ଦୌଡ଼ି ନିରାଶ ହୋଇ ଖାଲି ହାତରେ ଫେରୁଛନ୍ତି। ବ୍ୟାଙ୍କ ବାଲା କହୁଛନ୍ତି ଟଙ୍କା ଆସିନାହିଁ। ଏହାସହ ବ୍ଲକ ଅଫିସ୍‌କୁ ଯାଇ ନିରାଶ ହୋଇଛନ୍ତି। ପରିଣତ ବୟସରେ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଔଷଧ ଖାଇବା ମଧ୍ୟ ଜଟିଳ ହୋଇଗଲାଣି। ଅନ୍ୟଜଣେ ହିତାଧିକାରୀ ନଟବର ଦଳାଇ କୁହନ୍ତି, ବ୍ୟାଙ୍କ, ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟକୁ ଗଲେ ଅଫିସରମାନେ କିଛି ସ୍ପଷ୍ଟ ଉତ୍ତର ଦେଉନାହାନ୍ତି। ବ୍ୟାଙ୍କରେ ଜମା ହୋଇଛି, ସେଠାକୁ ଯାଅ କହି ସେମାନେ ଫେରାଇ ଦେଉଛନ୍ତି। ପୂର୍ବ ଭଳି ପଞ୍ଚାୟତ ମାଧ୍ୟମରେ ଭତ୍ତା ଦେଲେ ଆମେ ଏତେ ଅସୁବିଧାର ସମ୍ମୁଖୀନ ହୁଅନ୍ତୁ ନାହିଁ। ବରିଷ୍ଠ ନାଗରିକ ☞ପୃଷ୍ଠା-୨

# ଦୁର୍ନୀତି ମାମଲାରେ ଇମ୍ରାନ୍ ଗିରଫ

**ଇସ୍‌ଲାମାବାଦ/ଲାହୋର,୯।୫**



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମଙ୍ଗଳବାର ଏକ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି। ଉକ୍ତ ମାମଲାର ଶୁଣାଣି ପାଇଁ ସେ ଇସ୍‌ଲାମାବାଦ ହାଇକୋର୍ଟରେ ହାଜର ହେବା ପାଇଁ ଯାଇଥିବାବେଳେ ସେଠାରେ ଅର୍ଦ୍ଧସାମରିକ ରେଞ୍ଜର୍ସ ତାଙ୍କୁ କାବୁ କରିଛନ୍ତି। ଦେଶର ଶକ୍ତିଶାଳୀ ସେନା ତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଆଣିବାର ଦିନକ ପରେ ଇମ୍ରାନ୍‌ଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଇମ୍ରାନ୍‌ଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ ସହ ଦଙ୍ଗା ସ୍ଥିତି ସୃଷ୍ଟି କରିଛନ୍ତି। ଇସ୍‌ଲାମାବାଦ ସମେତ ଆଉ କେତେକ ସହରରେ ୧୪୪ ଧାରା ଜାରି କରାଯାଇଛି।

କ୍ରିକେଟରରୁ ରାଜନେତା ସାଜିଥିବା ୭୦ ବର୍ଷୀୟ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ମଙ୍ଗଳବାର ଲାହୋରରୁ ରାଜଧାନୀ ଇସ୍‌ଲାମାବାଦକୁ ଯାଇଥିଲେ। ସେ ହାଇକୋର୍ଟରେ ବାୟୋମେଟ୍ରିକ୍ ପ୍ରକ୍ରିୟା ଦେଇ ଗତିକରୁଥିବାବେଳେ ରେଞ୍ଜର୍ସ ଝରକା କାଚ ଭାଙ୍ଗି ☞ପୃଷ୍ଠା-୨

## ଅଲ୍-କାଦିର ଟ୍ରଷ୍ଟ ମାମଲା କ'ଣ

ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍ ଗତବର୍ଷ ଏପ୍ରିଲରେ ଅନାସ୍ଥା ଭୋଟର ସମ୍ମୁଖୀନ ନ ହେବା ପରେ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ସେବେଠୁ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି। ଇମ୍ରାନ୍ ଏହା ପଛରେ ଶାସକ ମେଣ୍ଟର ରାଜନୈତିକ ଅଭିସନ୍ଧି ଥିବା ଦର୍ଶାଇ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଆସିଛନ୍ତି। ସଦ୍ୟ ଅଲ୍-କାଦିର ମାମଲା ହେଉଛି ୨୦୧୯ର। ସେତେବେଳେ ସୁଫିବାଦର ପ୍ରସାର ପାଇଁ ପଞ୍ଜାବର ଝେଲମ ଜିଲା ସୋହାୱା ଅଞ୍ଚଳରେ ଅଲ୍-କାଦିର ୟୁନିଭର୍ସିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ୫୩୦ ନିୟୁତ ପାକିସ୍ତାନୀ ରୁପି ମୂଲ୍ୟର ଉକ୍ତ ଜମିକୁ ବହରିଆ ଟାଉନ୍ ହଲ୍ ପକ୍ଷରୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ମାଲିକାନାରେ ଥିବା ଅଲ୍-କାଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ତତ୍କାଳୀନ ଇମ୍ରାନ୍ ସରକାର ଓ ପ୍ରପର୍ଟି ଟାଇକୁନ୍ ମଲିକ ରିଆଜ୍ ମଧ୍ୟରେ ହୋଇଥିବା ବନ୍ଦୋବସ୍ତ ଯୋଗୁ ପାକିସ୍ତାନ ରାଜକୋଷକୁ ୫୦ ବିଲିୟନ୍ ରୁପି କ୍ଷତି ସହିବାକୁ ପଡ଼ିଥିଲା।

# ଆଜି ଝାରସୁଗୁଡ଼ା ଉପ ନିର୍ବାଚନ ଭୋଟ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ବୁଧବାର ଭୋଟ ଗ୍ରହଣ ହେବ। ସକାଳ ୭ଟାରୁ ଭୋଟ ଗ୍ରହଣ ହେବ। ଏହା ପୂର୍ବରୁ ସକାଳ ୫ଟା ୩୦ରୁ ୭ଟା ଯାଏ ମକ୍ ପୋଲ୍ କରାଯିବ। ମତଦାନ ସକାଶେ ୧୯୭ଟି ସ୍ଥାନରେ ୨୫୩ଟି ବୁଥ୍ କରାଯାଇଛି। ଏଥିରେ ୨ ଲକ୍ଷ ୨୧ ହଜାର ୭୧୯ ଜଣ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ମଣ୍ଡଳୀର ୧୯୭ଟି ସ୍ଥାନରେ ୨୫୩ଟି ବୁଥ୍ ରହିଛି, ଯେଉଁଥିରୁ ୧୧୬ଟି ବୁଥ୍‌କୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସମସ୍ତ ବୁଥ୍‌ରେ ୱେବକାଷ୍ଟିଂର ବ୍ୟବସ୍ଥା ହୋଇଛି। ୬୯ଟି ମାଇକ୍ରୋ ଅବଜରଭର ମୁତୟନ ହୋଇଛନ୍ତି।

# ନବୀନ-ନୀତୀଶ ଭେଟଘାଟ

- ମେଣ୍ଟ ସମ୍ପର୍କିତ ଆଲୋଚନା ହୋଇନି: ନବୀନ
- ଭେଟିବାକୁ ଇଚ୍ଛା ହେବାରୁ ଚାଲିଆସିଲି: ନୀତୀଶ



ନବୀନ ନିବାସରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ଓଡ଼ିଶାଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସଠାରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେବାପରେ ନୀତୀଶ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ, ନବୀନ ବାବୁ ମୋର ପୁରୁଣା ବନ୍ଧୁ। ତାଙ୍କୁ ଭେଟିବାକୁ ଇଚ୍ଛା ହେବାରୁ ଚାଲି ଆସିଲି। ଅନ୍ୟପକ୍ଷରେ ଉଭୟଙ୍କ ମଧ୍ୟରେ ମେଣ୍ଟ ନେଇ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ନବୀନ କହିଛନ୍ତି। ଏହି ଅବସରରେ ପୁରୀରେ 'ବିହାର ଭବନ' ନିର୍ମାଣ ପାଇଁ ଓଡ଼ିଶା ସରକାର ସେଠାକାର ସରକାରଙ୍କୁ ଦେଢ଼ ଏକର ଜମି ବିନାମୂଲ୍ୟରେ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୨

## ଜେଡିୟୁ ଟୁଇଟ୍‌କୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର, ୯।୫(ବ୍ୟୁରୋ)**




୨୦୨୪ରେ ସାଧାରଣ ନିର୍ବାଚନ। ଏହା ପୂର୍ବରୁ ଅଣଭାଜପା ଦଳଗୁଡ଼ିକ ଏକ ଶକ୍ତିଶାଳୀ ବିରୋଧୀ ମେଣ୍ଟ ଗଠନ ପାଇଁ କସରତ ଚଳାଇଛନ୍ତି। ବିରୋଧୀଙ୍କୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ବିଭିନ୍ନ ରାଜ୍ୟ ବୁଲି ଅଣଭାଜପା ନେତାମାନଙ୍କୁ ଭେଟୁଛନ୍ତି। ଏହି କ୍ରମରେ ନୀତୀଶ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିବା ଚର୍ଚ୍ଚା ହେଉଛି। ତେବେ ମେଣ୍ଟ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ଉଭୟ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ କହିଛନ୍ତି। ଏଭଳିସ୍ଥିତିରେ ସଂଯୁକ୍ତ ଜନତା ଦଳର ଅଫିସିଆଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ସୁନାକୁ ମାଟି

# ଆଦିମାନବଙ୍କଠାରୁ ପ୍ରାପ୍ତ ହୋଇଛି ଲମ୍ବା ନାକ

**ଆମଷ୍ଟରଡାମ୍, ୯।୫**



ଲମ୍ବା ନାକ ମୁଖର ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ମନୁଷ୍ୟ ଶରୀରରେ ଥିବା ବିଶେଷ ପ୍ରକାର ଜିନ୍ ବା ଗୁଣସୂତ୍ର ଉପରେ ନାକର ଆକାର ନିର୍ଭର କରେ। ତେବେ ଏହି ଜିନ୍ ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କଠାରୁ ମଣିଷକୁ ପ୍ରାପ୍ତ ହୋଇଥିବା ନିକଟରେ ବ୍ରିଟେନ୍‌ର ୟୁନିଭର୍ସିଟି କଲେଜ ଲଣ୍ଡନର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

୪୦ ହଜାର ବର୍ଷ ପୁରୁଣା ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କ ଜରିଆରେ ଏହି ଜିନ୍ ମନୁଷ୍ୟ ଶରୀରକୁ ଆସିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସାଧାରଣ ଭାବେ ବ୍ୟକ୍ତିର ଶାରୀରିକ ଗଠନ ସେମାନଙ୍କ ପୂର୍ବପୁରୁଷଙ୍କ ଭଳି ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଆଦିମାନବମାନେ ଆଫ୍ରିକା ଛାଡ଼ିବା ପରେ ଶୀତଳ ଜଳବାୟୁକୁ ଆପଣାଇଥିଲେ। ଅଧ୍ୟୟନ ଅନୁଯାୟୀ ମନୁଷ୍ୟର ପୂର୍ବପୁରୁଷଙ୍କଠାରେ ଖୁବ୍ କମ୍ ମାତ୍ରାରେ ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କ ଡିଏନ୍‌ଏ ଦେଖାଯାଇଛି। କମ୍ୟୁନିକେଶନ୍ସ ବାୟୋଲୋଜି ଜର୍ନାଲ୍‌ରେ ଅଧ୍ୟୟନର ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି।

ଲାଟିନ୍ ଆମେରିକାର ୬ ହଜାର ଭଲ୍ୟୁଣ୍ଟିଅରଙ୍କ ସମେତ ବ୍ରିଟେନ, ଚାଇନା, ଫ୍ରାନ୍ସ, ଆର୍ଜେଣ୍ଟିନା, ମେକ୍ସିକୋ, ଜର୍ମାନୀ ଏବଂ ବ୍ରାଜିଲର ଗବେଷକମାନଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ମୁହଁର ଆକାରକୁ ନେଇ ବିଶେଷଜ୍ଞମାନେ ୩୩ଟି ନୂଆ ଡିଏନ୍‌ଏ ରିଜିଅନ୍ ଠାବ କରିଛନ୍ତି। ସେଥିମଧ୍ୟରୁ ୨୬ଟି ଆଦିମାନବଙ୍କ ଡିଏନ୍‌ଏ ସହିତ ମେଳ ଖାଉଥିବା କୁହାଯାଉଛି। ଶ୍ୱାସକ୍ରିୟାରେ ବ୍ୟବହାର କରାଯାଉଥିବା ବାୟୁର ତାପମାତ୍ରା ନାକ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ନିଅନ୍‌ଡେର୍ଥାଲ୍ ଆଦିମାନଙ୍କଠାରୁ ଆସିଥିବା ଡିଏନ୍‌ଏ ବିଶେଷ ଭାବେ ଥଣ୍ଡା ଜଳବାୟୁକୁ ସହଜରେ ଆପଣାଇଥାଏ ବୋଲି ଚାଇନା ଫୁଡାନ୍ ୟୁନିଭର୍ସିଟିର ଫାର୍ଷ୍ଟ ଅଥର ଡା. କିଙ୍ଗ ଲି' କହିଛନ୍ତି।




**ଆଜିର ମନ୍ତବ୍ୟ**

"ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସର ସୋନିଆ ଗାନ୍ଧୀଙ୍କ ପରିବର୍ତ୍ତେ ଭାଜପାର ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ନିଜ ନେତା ମାନୁଛନ୍ତି। ଗେହଲଟ୍‌ଙ୍କ ସଦ୍ୟ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି।"

– ସଚିନ ପାଇଲଟ୍, ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁହାଯାଉଥାଏ ସିନା;**
**ଡୁହାଇ ଡୁହାଇ ପୁଟ ଦେଉଥିଲେ,**
**ଲୁହା କି ହୋଇବ ସୁନା।**

କହିବା କଥା ଦୂରେ ଥାଉ, ଯିଏ ଯାହା ସିଏ ସେଇଆ। ଯେତେ ଯାହା କଲେ ମଧ୍ୟ ଲୁହା ସୁନା ହୋଇପାରି ନ ଥାଏ। ଗୁଣ ଅପରିବର୍ତ୍ତିତ। ପରୋକ୍ଷରେ ମଧୁର କଥା କହି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚାହିଁଲେ ବା ପରକୁ ଆପଣାର କରିବାକୁ ଚାହିଁଲେ ତାହା କେବେ ବି ସମ୍ଭବପର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହା ମୁହଁରେ ଯୁଇ ଫୁଟେ**
**କାହା ମୁହଁରେ ମଦରଙ୍ଗା ଛୁଟେ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଂଲାଦେଶ, ମ୍ୟାନ୍‌ମାର ମୁହାଁଇବ ବାତ୍ୟା

**ଭୁବନେଶ୍ୱର,୯।୫(ବ୍ୟୁରୋ)**

**୪୦ ଡିଗ୍ରୀ ୧୮ ସହର**

ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ଓଡ଼ିଶା ଉପକୂଳରୁ ୬୦୦ କିଲୋମିଟର ଦୂରରେ ଯିବ। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣବଳୟ କ୍ରମଶଃ ଘନୀଭୂତ ହୋଇ ଦକ୍ଷିଣ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବା ପରେ ଦକ୍ଷିଣପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗର ଅଞ୍ଚଳରେ ୧୦ ତାରିଖ ବେଳକୁ ବାତ୍ୟା ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ କରିଛି। ଆସନ୍ତା ୧୨ ତାରିଖ ସକାଳ ପର୍ଯ୍ୟନ୍ତ ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତିକରି ପରବର୍ତ୍ତୀ ସମୟରେ ଗତିପଥ ପରିବର୍ତ୍ତନ କରିବ। ଉତ୍ତର-ଉତ୍ତର ପୂର୍ବ ଦିଗରେ ବାଂଲାଦେଶ କିମ୍ବା ମ୍ୟାନମାର ଆଡକୁ ବାତ୍ୟା ମୁହାଁଇବା ସମ୍ଭାବନା ରହିଛି। ଓଡ଼ିଶା ଉପକୂଳର ପ୍ରାୟ ୬ ଶହ କିଲୋମିଟର ଦୂରରେ ଗତି କରୁଥିବାରୁ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ନ ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମଙ୍ଗଳବାର ରାଜ୍ୟରେ ୧୮ଟି ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ରାଜ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଥିବା ବେଳେ ଆର୍ଦ୍ରତା ଅଧିକ ରହୁଛି। ଫଳରେ ତାପମାତ୍ରା ବୃଦ୍ଧି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୧୨ ତାରିଖ ବେଳକୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଟପିବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୪, ସମ୍ବଲପୁର ୪୧.୪, ରାଉରକେଲା ୪୧.୪, ଅନୁଗୋଳ ୪୧.୧, ସୁନ୍ଦରଗଡ଼ ୪୧.୧, ତାଳଚେର ୪୧.୬, ବଲାଙ୍ଗୀର ୪୧.୭, କେନ୍ଦ୍ରାପଡ଼ା ୪୧, ସୋନପୁର ୪୦.୯, ହୀରାକୁଦ ୪୦.୬, ଟିଟିଲାଗଡ଼ ୪୦.୫, ନୟାଗଡ଼ ୪୦.୩, ବାରିପଦା ୪୦.୨, ଚାନ୍ଦବାଲି ୪୦.୧, ଜଗତସିଂହପୁର ୪୦, କଟକ ୪୦ ଓ ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ...

ସତ୍ୟଭାମା ଭୂୟାଁ କହିଛନ୍ତି, ବ୍ୟାଙ୍କ ଜମା ଖାତାରେ ଟଙ୍କା ଆସିଲା ଦିନରୁ ବହୁତ ହଇରାଣ ହେବାକୁ ପଡୁଛି। କାରଣ ବ୍ୟାଙ୍କରେ କେତେବେଳେ ଲିଙ୍କ୍ ନାହିଁ ତ ପୁଣି କେବେ ଟିପ ଚିହ୍ନ ମେଶିନ କାମରେ ଲାଗୁ ନାହିଁ। ଘଣ୍ଟା ଘଣ୍ଟା ଧରି ଏହି ବୟସରେ ଛିଡ଼ା ହେବାକୁ ପଡୁଛି। ପୂର୍ବଭଳି ପଞ୍ଚାୟତରେ ଭତ୍ତା ଦେଲେ ସହଜରେ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପାଇବା ପାଇଁ ୪ରୁ ୫ କିମି ଚାଲିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ବ୍ୟବସ୍ଥା କରାଯାଉଛି। ସହଜରେ ଟଙ୍କା ମିଳିଲେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ଅଧିକାଂଶ ହିତାଧିକାରୀ ବହୁ ଦିନ ହେଲା ଭତ୍ତା ଟଙ୍କା ପାଇ ପାରି ନ ଥିବା ଅଭିଯୋଗରୁ ଜଣାପଡ଼ିଛି। ବ୍ୟାଙ୍କ, ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ସେମାନେ ବାରମ୍ବାର ଯାଇ ଆଧାର କାର୍ଡ, ଭତ୍ତା ବହି, ବ୍ୟାଙ୍କ ପାସ୍‌ବୁକ୍ ଫଟୋକପି ଦେଉଛନ୍ତି। ହେଲେ ଭତ୍ତା ଟଙ୍କା ପାଇପାରୁନାହାନ୍ତି। ଏହା ସରକାରୀ ବ୍ୟବସ୍ଥା ପ୍ରତି ବିତୃଷ୍ଣାଭାବ ସୃଷ୍ଟି କରିବା ସହ ଭତ୍ତା ଅର୍ଥ ବାଟମାରଣା ହେଉଥିବା ସନ୍ଦେହକୁ ଦୃଢ଼ୀଭୂତ କରୁଛି। ଭତ୍ତା ପାଉଥିବା ଅଧିକାଂଶ ହିତାଧିକାରୀ ୬୦ ବର୍ଷ ବୟସରୁ ଅଧିକ ହୋଇଥିବାରୁ ପଞ୍ଚାୟତରେ ବ୍ୟାଙ୍କ ତରଫରୁ ନିୟୋଜିତ ଥିବା ବ୍ୟବସାୟିକ ପ୍ରତିନିଧି (ବିସି)ଙ୍କ ପିଓସି ମେଶିନରେ ଫିଙ୍ଗରପ୍ରିଣ୍ଟ ସଫଳ ହେଉନାହିଁ। ଏଥିଯୋଗୁ ସେମାନଙ୍କୁ ବ୍ୟାଙ୍କକୁ ଯିବାକୁ ପଡୁଛି, ଯାହାକି ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। କିଏ ଆଶା ବାଡ଼ି ତ କିଏ ଅଟୋରେ ଯାଇ ୫୦୦ ଟଙ୍କା ଭତ୍ତା ପାଇଁ ୨୦୦ ଟଙ୍କା ଭଡ଼ା ଦେଉଛନ୍ତି। ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ସେମାନେ ନିବେଦନ କରିଛନ୍ତି। ଯାଜପୁର ଜିଲାରେ ୬୧,୨୧୧ ଜଣ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା, ୧୯,୬୪୪ ବିଧବା ଭତ୍ତା ଓ ୪୬୨୩ ଜଣ ଭିନ୍ନକ୍ଷମ ଭତ୍ତା ପାଉଥିବା ସୂଚନା ମିଳିଛି। ପୂର୍ବରୁ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ହେଉଥିବାବେଳେ କେତେଜଣ ଅପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିଥିବା ଜିଲାରେ ଅଭିଯୋଗ ହୋଇଥିଲା। ବିଞ୍ଝାରପୁର ବ୍ଲକ ସୟଦପୁର ପଞ୍ଚାୟତର ପ୍ରାୟ ୨୦ ଜଣ ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଟଙ୍କା ଉଠାଯାଇଥିବା ୨୦୨୧ ଡିସେମ୍ବରରେ ଆକ୍ୟୁଟାନ୍ସ ରିପୋର୍ଟରେ ଜଣାପଡ଼ିଥିଲା। ସେହିପରି ଜିଲାର ବଡ଼ଚଣା ବ୍ଲକ କୋଲଣଗିରି ଗ୍ରାମ ପଞ୍ଚାୟତର କେତେଜଣ ଯୁବକ ଭତ୍ତା ପାଉଥିବା ନେଇ ଅଞ୍ଚଳବାସୀ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ୧।୧୧।୨୦୨୨ରେ ଲିଖିତ ଅଭିଯୋଗ କରିଥିଲେ। ଏହିଅଭିଯୋଗ ଆଧାରରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟ ୭।୧୧।୨୦୨୨ରେ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହିସବୁ ଆର୍ଥିକ ହେରଫେର ଉପରେ କ’ଣ ପଦକ୍ଷେପ ନିଆଗଲା ତାହା କିଛି ଜଣାପଡ଼ିଲା ନାହିଁ। ଭତ୍ତା ପ୍ରଦାନରେ ଏଭଳି ଅନେକ ଅନିୟମିତତା ଦେଖାଦେବା ପରେ ଡିଜିଟାଲକୁ ମାଧ୍ୟମ କରାଗଲା। ଏହା ବି ହିତାଧିକାରୀଙ୍କ ପାଇଁ ସହଜ ହୋଇପାରୁ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଜେନାପୁର ଶାଖାର ସହକାରୀ ପରିଚାଳକ ସାଗର ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପିଓସି ମେଶିନରେ ଯେଉଁ ହିତାଧିକାରୀମାନଙ୍କ ଫିଙ୍ଗରପ୍ରିଣ୍ଟ ସଫଳ ହେଉନାହିଁ ସେମାନେ ବ୍ୟାଙ୍କ ଆସୁଛନ୍ତି। ବ୍ୟାଙ୍କରେ ଯେଉଁମାନଙ୍କ ଭତ୍ତା ଟଙ୍କା ଜମା ହୋଇସାରିଛି, ତାହା ସେମାନଙ୍କୁ ପ୍ରଦାନ କରାଯାଉଛି। ତେବେ ଯେଉଁମାନଙ୍କର ଟଙ୍କା ଜମା ହୋଇନାହିଁ, ପାସ୍‌ବୁକ୍ ଅପ୍‌ଡେଟ୍ କରି ସେମାନଙ୍କୁ ଜଣାଇ ଦିଆଯାଉଛି ବୋଲି ମହାରଣା କହିଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି ଯେ, ମେଶିନ ତ୍ରୁଟିଜନିତ ଅଭିଯୋଗ ଆସୁଛି। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଏଟିଏମ୍ କାର୍ଡ ଯୋଗାଇ ଦିଆଯାଉଛି। ଅଧିକାରୀମାନେ ହିତାଧିକାରୀଙ୍କ ଘରକୁ ଯାଇ କାର୍ଡ ସ୍ୱାଇପ୍ ମେଶିନରେ ଭତ୍ତା ଟଙ୍କା ଦେବାର ବ୍ୟବସ୍ଥା କରାଯାଉଛି ବୋଲି ରାଠୋର କହିଛନ୍ତି।

**–ରିପୋର୍ଟ: ହର୍ଷବର୍ଦ୍ଧନ ବେହେରା, ଅଶୋକ କୁମାର ଦାସ**

**ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗିରଫ**




# ପଣସ ଖାଇବାକୁ ଆସି ହାତୀ ଛଟପଟ

■ ୨ ଗଛ ମଝିରେ ଅଟକିଗଲା ଗୋଟିଏ ଗୋଡ଼
■ ୫ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ

**ଅନୁଗୋଳ ଅଫିସ, ୯।୫**

ଅନୁଗୋଳ ବନଖଣ୍ଡ ବୃତ୍ତି ଗ୍ରାମ ନିକଟକୁ ପଣସ ଖାଇବାକୁ ଆସିଥିବା ହାତୀ ପଲ ମଧ୍ୟରୁ ଗୋଟିଏ ହାତୀ ଦୀର୍ଘ ୫ ଘଣ୍ଟା ଧରି ଛଟପଟ ହୋଇଛି। ୨ ଗଛ ମଝିରେ ଗୋଟିଏ ଗୋଡ଼ ପଶିଯିବାରୁ ହାତୀଟି ବାହାରି ନ ପାରି ସେଠାରେ ପଡ଼ି ରହିଥିବା ବେଳେ ଖବରପାଇ ମଙ୍ଗଳବାର ବନ ବିଭାଗ ତାକୁ ଉଦ୍ଧାର କରିଛି। ସାମାନ୍ୟ ଚିକିତ୍ସା ପରେ ଆହତ ହାତୀଟି ଜଙ୍ଗଲକୁ ଚାଲିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ନଜର ରଖାଯାଇଛି। ଆବଶ୍ୟକସ୍ଥଳେ ଅଧିକ ଚିକିତ୍ସା କରାଯିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ରାତିରେ ବୃତ୍ତି ଗ୍ରାମ ନିକଟରେ ହାତୀ ପଲ ଥିଲେ। ବିଳମ୍ବିତ ରାତିରେ ହାତୀପଲ ଗର୍ଜନ କରିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭୋର୍ ସମୟରେ ଲୋକେ ଜଙ୍ଗଲକୁ ଯାଇ ଏକ ୧୫ରୁ ୨୦ ବର୍ଷୀୟ ମାଈହାତୀର ଆଗ ଡାହାଣ ଗୋଡ଼ ୨ ଗଛ ମଝିରେ ଫଶିଥିବା ଦେଖିବାକୁ ପାଇ ବନ ବିଭାଗକୁ ସୂଚନା ଦେଇଥିଲେ।



୨ ଗଛ ମଝିରେ ଗୋଡ଼ ଅଟକି ଯିବାରୁ ହାତୀଟି ପଡ଼ିରହିଛି।

## ଦୁର୍ନୀତି ମାମଲାରେ...

ଇମ୍ରାନ୍‌ଙ୍କ ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିବା ସହ ତାଙ୍କୁ ଗିରଫ କରିଥିବା ଦଳର ବରିଷ୍ଠ ନେତା ଶିରିନ୍ ମଜାରି କହିଛନ୍ତି। ରେଞ୍ଜରମାନେ ଇମ୍ରାନ୍‌ଙ୍କ କଲର ଧରି ତାଙ୍କୁ ଏକ ପ୍ରିଜନ୍ ଭ୍ୟାନ୍ ଭିତରକୁ ଠେଲିଦେଉଥିବା ଦୃଶ୍ୟ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଛି। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ରେଞ୍ଜର୍ସ ସେନା ଅଧିକାରୀମାନଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଆନ୍ତି। ପ୍ରପର୍ଟି ଟାଇକୁନ୍ ମଲିକ ରିଆଜ୍‌ଙ୍କୁ ଏକ ଜମି ହସ୍ତାନ୍ତର ସମ୍ପର୍କିତ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ଇମ୍ରାନ୍‌ଙ୍କୁ ଗିରଫ ପରେ ନ୍ୟାଶନାଲ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍‌ଏବି)କୁ  କରାଯାଇଛି। ଏନ୍‌ଏବି ଅଧିକାରୀମାନେ ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ପଚରାଉଚରା କରୁଛନ୍ତି। ଏନେଇ ଗତ ୧ ତାରିଖରେ ଇମ୍ରାନ୍‌ଙ୍କ ବିରୋଧରେ ଗିରଫଦାରି ୱାରେଣ୍ଟ ଜାରି କରାଯାଇଥିଲା। ଗୃହ ମନ୍ତ୍ରୀ ରାଣା ସନାଉଲ୍ଲାହ କହିଛନ୍ତି, ଅନେକ ନୋଟିସ ଜାରି ହେବା ସତ୍ତ୍ୱେ ଇମ୍ରାନ୍ କୋର୍ଟରେ ହାଜର ହୋଇ ନ ଥିଲେ। ଇମ୍ରାନ୍‌ଙ୍କ ଗିରଫଦାରି ପୂର୍ବରୁ ପିଟିଆଇ ପକ୍ଷରୁ ରେକର୍ଡ କରାଯାଇଥିବା ଏକ ଭିଡିଓରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସେ ବାର୍ତ୍ତା ଦେଇଛନ୍ତି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ କହୁଛନ୍ତି, ମୋ’ ସନ୍ଦେଶ ଆପଣମାନଙ୍କ ନିକଟକୁ ପହଞ୍ଚିବା ପୂର୍ବରୁ ମୋତେ ଏକ ଭିତ୍ତିହୀନ ମାମଲାରେ ଗିରଫ କରାଯିବ। ପାକିସ୍ତାନରେ ମୌଳିକ ଅଧିକାର ଓ ଗଣତନ୍ତ୍ରକୁ ସମାଧିଦିଆଯାଇଥିବା ଏହା ଦର୍ଶାଉଛି। ଆମ ଉପରେ ଜବରଦସ୍ତିଲଦିଦିଆଯାଇଥିବା ଦୁର୍ନୀତିଗ୍ରସ୍ତ ଓ ଆମଦାନୀ ସରକାରକୁ ଗ୍ରହଣ କରାଇବା ନିମନ୍ତେ ସେମାନେ ଏସବୁ କରାଉଛନ୍ତି। ଯଦି କାହା ପାଖରେ ମୋ ବିରୋଧରେ ଜାରି ୱାରେଣ୍ଟ ଅଛି, ତାକୁ ନେଇ ଆସନ୍ତୁ। ସେଠାରେ ମୋ ଓକିଲ ଥିବେ। ମୁଁ ନିଜ ଆଡୁ ଜେଲ ଯିବା ପାଇଁ ପ୍ରସ୍ତୁତ ବୋଲି ଇମ୍ରାନ୍ ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଜଣେ ବରିଷ୍ଠ ଅଧିକାରୀ ଇମ୍ରାନ୍‌ଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ନେଇ ସୋମବାର ସେ ଅଭିଯୋଗ ଆଣିଥିଲେ। ସେନା ଏହାକୁ ଭିତ୍ତିହୀନ ଅଭିଯୋଗ କହି ସମାଲୋଚନା କରିଥିଲା।  ପ୍ରକାଶ ଯେ, ଦେଶଦ୍ରୋହ, ଈଶ୍ୱର ନିନ୍ଦା, ହିଂସା ଉସୁକାଇବା ଓ ଆତଙ୍କବାଦ ଭଳି ସଙ୍ଗିନ ଅଭିଯୋଗରେ ଇମ୍ରାନ୍‌ଙ୍କ ବିରୋଧରେ ସାରା ଦେଶର କୋର୍ଟଗୁଡ଼ିକରେ ୧୪୦ରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି।

## ନବୀନ-ନୀତୀଶ...

ଘୋଷଣା କରିଛନ୍ତି। ଏହାପରେ ବିହାର ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୀତୀଶ କୁମାର ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧା ନବୀନ ନିବାସରେ ପହଞ୍ଚିଥିଲେ। ଦୁଇ ନେତାଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଆଲୋଚନା ହୋଇଥିଲା। ନବୀନ ବିହାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିଲେ। ଗଣମାଧ୍ୟମ ନିକଟରେ ସେ କହିଥିଲେ, ‘ନୀତୀଶ ଜୀ ଭୁବନେଶ୍ୱର ଆସିଥିବାରୁ ବହୁତ ଖୁସି। ଆମେ ଦୁହେଁ ପୁରୁଣାବନ୍ଧୁ। ଏକାଠି କାମ କରିଛୁ। ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟରେ ଦୁହେଁ ମନ୍ତ୍ରୀ ଥିଲୁ। ପୁରୀରେ ବିହାର ଭବନ ନିର୍ମାଣ ନିମନ୍ତେ ଜମି ଦେବା ବିଷୟରେ ଆମେ ଆଲୋଚନା କଲୁ। ଶ୍ରୀଜଗନ୍ନାଥ ଧାମ ପୁରୀକୁ ବିହାରରୁ ଆସୁଥିବା ଲୋକଙ୍କ ରହଣି ପାଇଁ ସେଠାରେ ବିହାର ଭବନ ନିର୍ମାଣ ସକାଶେ ନୀତୀଶ ସରକାର ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଏଥିପାଇଁ ମାଗଣାରେ ଦେଢ଼ ଏକର ଜମି ଯୋଗାଇଦେବୁ’। ଅପରପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଥିଲେ, ପୁରୀରେ ବିହାର ଭବନ ନିର୍ମାଣ ପାଇଁ ଆମେ ପୂର୍ବରୁ ଇଚ୍ଛା ପ୍ରକାଶ କରିଥିଲୁ। ଆଜି ତାହାକୁ ମଞ୍ଜୁରୀ ମିଳିଗଲା। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ପୁରୀରେ ‘ବଙ୍ଗ ଭବନ’ ନିର୍ମାଣ ପାଇଁ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଯୋଗାଇ ଦେବାନେଇ ଘୋଷଣା କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ରୁପା ତାରକସିର କାରୁକାର୍ଯ୍ୟ ଓ ଛେନାପୋଡ଼ ମଧ୍ୟ ଉପହାର ଦେବା ସହ ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଦେବା କଥା ଘୋଷଣା କରିଥିଲେ। ମମତାଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ନବୀନ କହିଥିଲେ ଯେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍‌କାର ଥିଲା। ଆମ ଭିତରେ ବହୁତ ପୁରୁଣା ବନ୍ଧୁତା ଓ ସୁନ୍ଦର ସମ୍ପର୍କ ଅଛି। କିଛି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚର୍ଚ୍ଚା ହୋଇନି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ଆତିଥ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହ ପୁରୀରେ ଜାଗା ଦେଇଥିବାରୁ ସେ ନବୀନଙ୍କୁ ଧନ୍ୟବାଦ ଦେଇଥିଲେ। ମାତ୍ର ରାଜନୀତି ସମ୍ପର୍କରେ କୌଣସି ପ୍ରକାର ଆଲୋଚନାକୁ ମମତା ଏଡ଼ାଇ ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲରେ ନୀତୀଶ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ୍ କରିଥିଲେ। ଭାଜପା ବିରୋଧରେ ବିରୋଧୀମାନଙ୍କୁ ଏକାଠି କରିବା ପାଇଁ ସେ ବିଭିନ୍ନ ରାଜ୍ୟ ଗସ୍ତ କରିବେ ବୋଲି ସେ ସମୟରେ ଘୋଷଣା କରିଥିଲେ। ଇତିମଧ୍ୟରେ ନୀତୀଶ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜାଙ୍କୁ ସାକ୍ଷାତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଉଭୟ ଭାଜପା ଓ କଂଗ୍ରେସଠାରୁ ସମ ଦୂରତା ରକ୍ଷାକରି ଆସୁଛି। ବିରୋଧୀଙ୍କୁ ନେଇ ପୂର୍ବରୁ ବହୁବାର ବୈଠକ ହୋଇଥିଲେ ମଧ୍ୟ ନବୀନ କୌଣସି ବୈଠକରେ ଯୋଗଦେଇ ନାହାନ୍ତି। ମାତ୍ର ବିଭିନ୍ନ ପ୍ରସଙ୍ଗରେ ବିଜେଡି କେନ୍ଦ୍ରର ଭାଜପା ପରିଚାଳିତ ଏନ୍‌ଡିଏକୁ ସମର୍ଥନ କରିଛି।



ନବୀନ ନିବାସରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ କରୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଜେଡିୟୁ ଟୁଇଟ୍‌କୁ...

ଏକ ଟୁଇଟ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଟୁଇଟ୍‌ରେ ଉଲ୍ଲେଖ ରହିଛି ‘ବିରୋଧୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନେଉଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବିନା କୌଣସି ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାରେ ବିପକ୍ଷଙ୍କୁ ଏକଜୁଟ୍ କରୁଛନ୍ତି ନୀତୀଶ’। ତେବେ ନୀତୀଶ ଓ ନବୀନଙ୍କ ମଧ୍ୟରେ କୌଣସି ପ୍ରକାର ରାଜନୈତିକ ଆଲୋଚନା ହୋଇ ନ ଥିବା ଉଭୟେ କହିଥିବାବେଳେ ଜେଡିୟୁ ପାର୍ଟି ଅଫିସ୍‌ର ଏଭଳି ଟୁଇଟ୍ ରାଜନୈତିକ ଆଲୋଚନାକୁ ଖୋରାକ୍ ଯୋଗାଉଛି।

ରାଜନୈତିକ ଆଲୋଚନା ସମ୍ପର୍କିତ ପ୍ରଶ୍ନରେ ନୀତୀଶ କହିଛନ୍ତି, ଆମର ସମ୍ପର୍କ ଏତେ ଭଲ ଯେ ରାଜନୀତି ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ସେହିପରି ନବୀନ କହିଛନ୍ତି ଯେ, ନୀତୀଶ କୁମାର ଭୁବନେଶ୍ୱର ଆସିଛନ୍ତି। ଆମେ ଉଭୟେ ପୁରୁଣା ବନ୍ଧୁ। ଆମ ମଧ୍ୟରେ କୌଣସି ରାଜନୈତିକ ଆଲୋଚନା ହୋଇ ନାହିଁ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୩ ତାରିଖରେ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, ପ୍ରଶାସନ ଓ କର୍ମକ୍ଷେତ୍ର ପାଇଁ ପ୍ରଶସ୍ତ ରହିବ। ଦ୍ୱିଜା ନକ୍ଷତ୍ରର ପରିବାର, ପରିବହନ, ଲୋକସମ୍ପର୍କ, ଯାନବାହନ ଦିଗରେ ଉନ୍ନତି କରାଇବେ। ନିଜ ଲୋକମାନେ  ବିରୁଦ୍ଧାଚରଣ କରିପାରନ୍ତି।  ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ,  ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ରୋହିଣୀ ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପ୍ରଶାସନ, ପ୍ରକାଶନ, ମନୋରଞ୍ଜନରୁ ସଫଳତା ହାସଲ କରିବେ।

**ମିଥୁନ** ମନ ଯେମିତି ଚାହୁଁଛି ଠିକ୍ ସେମିତି କାମଗୁଡ଼ିକ ସମ୍ପନ୍ନ ହେବାରେ  ଅସୁବିଧା ହେବ ନାହିଁ। ନିଜର ବୁଦ୍ଧିମତ୍ତାର ପ୍ରୟୋଗ କରି ପ୍ରତ୍ୟେକ କ୍ଷେତ୍ରରେ ସଫଳ ହେବେ। କିନ୍ତୁ ଆରଦ୍ରା ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଓ ଅର୍ଥାବସ୍ଥାରେ ଉନ୍ନତି ଘଟିବ।

**କର୍କଟ** ଆଜି ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ  ରଖିବେ। ତଥାପି ପୁନର୍ବସୁ ନକ୍ଷତ୍ର ସକାଶେ ଭାଇ, ବନ୍ଧୁ, ସହକର୍ମୀ କିମ୍ବା ସ୍ତ୍ରୀ, ଅଂଶୀଦାରଙ୍କ ସମ୍ପର୍କ ଉତ୍ତମ ରହିବ। ବ୍ୟବସାୟୀ ଓ ସାମୟିକ ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତି ଉପୁଜିପାରେ। ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ** କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ବୃଦ୍ଧିପାଇବ।

**କନ୍ୟା** ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ପ୍ରକାର ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, କଳା, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ହସ୍ତା ନକ୍ଷତ୍ର ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି।

**ତୁଳା** ଆଜି କୌଣସି ନୀଚ ଜାତିର ବ୍ୟକ୍ତି ସହ କଳହ ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସ୍ୱାତୀ ନକ୍ଷତ୍ର  ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇବେ।

**ବିଛା** ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ସେଥିରେ ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବେ। ଅନୁରାଧା ନକ୍ଷତ୍ରର ପାରିବାରିକ ସ୍ଥିତିରେ  ଉନ୍ନତି ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** ମନ ବୁଝିଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳିନେବେ। ସଭାସମିତିରେ ଅନ୍ୟର ମତକୁ ସମ୍ମାନ ଦେଇ କାମ କଲେ  ସଫଳତା ପାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ପ୍ରଶାସନିକ ସ୍ତରରେ କୌଣସି ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ରଚନାତ୍ମକ କାମ, କଳା, ସାହିତ୍ୟାଦିରେ  ଆତ୍ମସନ୍ତୋଷ ମିଳିବ।

**ମକର** ଯେତେ ସତର୍କତା ସହିତ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହେବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ପାରିବାରିକ ତଥା ପ୍ରଶାସନିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନୂତନ ଯୋଜନା, ଶିଳ୍ପ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ଶତଭିଷା ନକ୍ଷତ୍ର ସକାଶେ ନିଜ ଲୋକ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଶତ୍ରୁତା କରିପାରନ୍ତି।

**ମୀନ** ଆଜି ଆପଣ ସବୁ ପ୍ରକାର ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ରେବତୀ ନକ୍ଷତ୍ର ସକାଶେ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ନୀରବଦ୍ରଷ୍ଟା ସାଜିବେ। ନୂତନ ଗୃହ, ଯାନବାହନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ବୁଧବାର, ମେ’ ୧୦ ତାରିଖ, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣଶ୍ରାଦ୍ଧ, ଦିବା ଘ ୦୫।୧୭ ଗତେ, ଘ ୦୭।୦୦ ଗତେ, ଘ.୧୦।୦୬, ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୪୩ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ମେ', ୨୦୨୩



# ବସ୍ ଧକ୍କାରେ ବାପା, ୨ଝିଅ ମୃତ

## ବାଇକ୍‌କୁ ଅଧ କିଲୋମିଟର ଘୋଷାଡି ନେଲା ବସ୍

- ଆଧାର କାର୍ଡ ଅପ୍‌ଡେଟ୍ ପାଇଁ ତହସିଲ ଅଫିସ ଯାଇଥିଲେ
- ୬ ଘଣ୍ଟା ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗୀର ଅଫିସ, ୯।୫**

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଗଇଁତଲାସ୍ଥିତ ପୁଇଁତଲା ତହସିଲ ଅଫିସ ସମ୍ମୁଖରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଗଣପତି ଟ୍ରାଭେଲ୍ସ (ଓଡି୦୩ଆର୯୯୭୫) ନାମକ ଏକ ଘରୋଇ ବସ୍ ଧକ୍କାରେ ଆଧାର କାର୍ଡ ଅପଡେଟ କରି ବାଇକ୍‌ରେ ଫେରୁଥିବା ବାପା ଓ ଦୁଇଝିଅଙ୍କ ମୃତ୍ୟୁ ଘଟିଛି। ବେପରୁଆ ଗାଡି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡିଛି।

ପୁଇଁତଲା ଥାନା ବ୍ରାହ୍ମଣୀପାଲି ଗ୍ରାମର ବୀଣାପାଣି ପାଣ୍ଡେ(୫୦) ଦ୍ୱିତୀୟ ଝିଅ ଶିଖା (୧୬) ଓ ତୃତୀୟ ଝିଅ ରେଖା(୧୪)ଙ୍କ ଆଧାର କାର୍ଡ ଅପଡେଟ ପାଇଁ ପୁଇଁତଲା ତହସିଲ ଅଫିସ ଯାଇଥିଲେ। କାର୍ଡ ଅପ୍‌ଡେଟ୍ କରିବା ପରେ ବାଇକ୍‌ରେ ଗାଁକୁ ଫେରୁଥିଲେ। ଏତିକି ବେଳେ ଦ୍ରୁତଗତିରେ ସୋନପୁର ପଟୁ ବଲାଙ୍ଗୀର ସହର ଆଡକୁ ଆସୁଥିବା ଗଣପତି ବସ ପଛ ପଟରୁ ବାଇକକୁ ଧକ୍କା ଦେଇଥିଲା। ଏପରିକି ଦ୍ରୁତ ଗତିରେ ଥିବା ବସ୍ ଉକ୍ତ ବାଇକକୁ ପ୍ରାୟ ଅଧ କିଲୋମିଟର ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ରେଖାଙ୍କ ମୃତ୍ୟୁ ଘଟିଥିଲା। ଶିଖା ଏବଂ ବୀଣାପାଣି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବୀଣାପାଣି ଏବଂ ଶିଖାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଉଭୟଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତର ସମୟରେ ବାଟରେ ଶିଖା ଆଖି ବୁଜିଥିଲେ। ବୁର୍ଲାରେ ଚିକିତ୍ସାଧିନ ଅବସ୍ଥାରେ ବୀଣାପାଣିଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଗଇଁତଲାଠାରେ ରେଖାଙ୍କ ମୃତଦେହ ରଖି ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ, ଗାଡି ଚାଳକଙ୍କୁ ଗିରଫ, ଗାଡି ମାଲିକଙ୍କୁ ରାସ୍ତାରୋରୋକୋସ୍ଥଳକୁ ଡାକିବା ଏବଂ ବାରମ୍ବାର ଦୁର୍ଘଟଣା ଘଟାଉଥିବା ଗଣପତି ଟ୍ରାଭେଲ୍ସର ରୁଟ୍ ପରମିଟ୍‌କୁ ସବୁଦିନ ପାଇଁ ବାତିଲ କରିବାକୁ ଦାବି କରିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ ଓ ପୁଇଁତଲା ତହସିଲଦାର ରୋହିତ ଭୋଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପୁଇଁତଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରଙ୍କୁ ୫୦ହଜାର ଟଙ୍କା, ଘରୋଇ ବସ୍ ମାଲିକଙ୍କ ପକ୍ଷରୁ ୨୫ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଏସ୍‌ଡିପିଓ ବାଗ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ବସ୍‌କୁ ଜବତ କରାଯାଇଥିବା ସୂଚନା ଦେଇଥିଲେ। ମୃତ ବୀଣାପାଣିଙ୍କ ସ୍ତ୍ରୀ ଓ ଆଉ ଦୁଇ ଝିଅ ଅଛନ୍ତି।

# ଗୁଳି ବିନିମୟ: ୩ ମାଓବାଦୀ ମୃତ

- ଏକେ ୪୭ ଜବତ
- ଆହତ ପୋଲିସ ଡିଏସ୍‌ପିଙ୍କୁ ଏୟାରଲିଫ୍ଟ

**ଭବାନୀପାଟଣା/ଏମ୍.ରାମପୁର, ୯।୫(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସକାଳେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଗୁଳିରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତଦେହ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ସେହିପରି ପୋଲିସ ଡିଏସ୍‌ପି ଅତୁଲ କୃଷ୍ଣ ଦାଶ ଆହତ ହୋଇଛନ୍ତି। ଆହତ ଡିଏସ୍‌ପିଙ୍କୁ ପ୍ରଥମେ ଏମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗତ କିଛି ଦିନ ତଳେ ଛତିଶଗଡ଼ରେ ହୋଇଥିବା ମାଓବାଦୀ ଆକ୍ରମଣ ପରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଥିଲା। ଜୋରଦାର କୋମ୍ବିଂ ଅପରେଶନ ଯୋଗୁ ମାଓବାଦୀମାନେ ଓଡ଼ିଶାମୁହାଁ ହେବେ ବୋଲି ପୋଲିସ ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ଏପରିକି ସୀମାନ୍ତବର୍ତ୍ତୀ ଜିଲାଗୁଡିକୁ ସିଲ କରି ସ୍ୱତନ୍ତ୍ର ନଜର ରଖାଯାଇଥିଲା। ଏପରିସ୍ଥଳେ କଳାହାଣ୍ଡି ପୋଲିସ ଓ ଗୋଇନ୍ଦା ବିଭାଗର ତଥ୍ୟ ଅନୁସାରେ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଥିବାରୁ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଓ ଯବାନ ମୁହାଁମୁହିଁ ହେବାରୁ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ଘଟଣାସ୍ଥଳରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ସେହିପରି ଘଟଣାସ୍ଥଳରୁ ଏକେ ୪୭ ବନ୍ଧୁକ ଜବତ କରାଯାଇଛି। ଅନ୍ୟପଟେ ଏସ୍‌ଆଇଡବ୍ଲ୍ୟୁର ଅପରେଶନରେ ଆମକୁ ବଡ଼ ସଫଳତା ମିଳିଛି ବୋଲି ପୋଲିସ ଡିଜି ସୁନୀଲ ବଂଶଲ ପ୍ରତିକ୍ରିୟା ଦେଇଛନ୍ତି। ମାଓବାଦୀ-ପୋଲିସ ଗୁଳି ବିନିମୟରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି ଓ ସେମାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିବା ଡିଜି କହିଛନ୍ତି। ସେହିପରି ସେମାନଙ୍କଠାରୁ ଏକେ ୪୭ ବନ୍ଧୁକ ଜବତ ହୋଇଥିବାରୁ ସିନିୟର ମାଓବାଦୀ ସଙ୍ଗଠନର ସଦସ୍ୟ ବୋଲି ଅନୁମାନ କରାଯାଉଛି। ଜଣେ ପୋଲିସ ଅଧିକାରୀଙ୍କୁ ଗୁଳି ବାଜିଛି। ସେ ବିପଦମୁକ୍ତ ଥିବାବେଳେ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ବର୍ତ୍ତମାନ ବି ତାପରଙ୍ଗ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ସଙ୍ଗଠନ ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ସେମାନଙ୍କୁ ଡିଜି ଅପିଲ କରିଛନ୍ତି।






ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ

# ସୁନାକୁ ମାଟି

୧୫୦ ବର୍ଷର ଯାତ୍ରା ମଧ୍ୟରେ ବିଶ୍ୱର ଚତୁର୍ଥ ବୃହତ୍ ଭାରତୀୟ ରେଲୱେ ତା'ର ସେବା ଜାରି ରଖିଛି। କିନ୍ତୁ ଏବେସୁଦ୍ଧା ଏହା ଯାତ୍ରୀମାନଙ୍କ ଚାହିଦା ପୂରଣ କରିପାରିନାହିଁ। ଏକ ପ୍ରକାଶିତ ଆର୍‌ଟିଆଇ ବା ସୂଚନା ଅଧିକାର ବଳରେ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ୱେଟିଂ ଲିଷ୍ଟ ବା ପ୍ରତୀକ୍ଷା ତାଲିକାରେ ରହିବା ଯୋଗୁ ୨୦୨୨–୨୩ ଆର୍ଥିକ ବର୍ଷରେ ୨.୭ କୋଟିରୁ ଊର୍ଦ୍ଧ୍ୱ ଯାତ୍ରୀ ଟ୍ରେନ୍ ଟିକେଟ କରି ମଧ୍ୟ ଯାତ୍ରା କରିପାରିନାହାନ୍ତି। ମଧ୍ୟପ୍ରଦେଶର ଚନ୍ଦ୍ରଶେଖର ଗୌରଙ୍କ ଆର୍‌ଟିଆଇ ଆବେଦନ ଉପରେ ରେଲୱେ ବୋର୍ଡ ପକ୍ଷରୁ ଉକ୍ତ ତଥ୍ୟ ପ୍ରଦାନ କରାଯାଇଛି। ପାସେଞ୍ଜର ନେମ୍ ରେକର୍ଡ(ପିଏନ୍ଆର୍) ନମ୍ବର ବାତିଲ ପରେ ଯାତ୍ରୀମାନଙ୍କୁ ଟଙ୍କା ଫେରାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ୨୦୨୧–୨୨ ଆର୍ଥିକ ବର୍ଷରେ ମଧ୍ୟ ୧.୬୫ କୋଟି ଲୋକ ୱେଟିଂ ତାଲିକାରେ ରହି ଟ୍ରେନ ଯାତ୍ରାରୁ ବଞ୍ଚିତ ହୋଇଥିଲେ।

ଭାରତୀୟ ରେଲୱେ ବ୍ରିଟିଶ ଶାସକଙ୍କର ଏ ଦେଶକୁ ଅବଦାନ ଥିଲା। ଏ ପର୍ଯ୍ୟନ୍ତ ଅଧିକାଂଶ ରେଳଲାଇନ ସେହି ପୁରୁଣା ଢାଞ୍ଚାରେ ଗଡିଚାଲିଛି। ଜାପାନ ଭଳି ବୁଲେଟ୍ ଟ୍ରେନ ଚଳାଇବା ସ୍ୱପ୍ନ ଦେଖୁଛି ଭାରତ। କିନ୍ତୁ ତା'ର ସାଧାରଣ ଟ୍ରେନ ଆଧୁନିକୀକରଣ ପ୍ରକ୍ରିୟା ଅତି ମନ୍ଥର ଗତିରେ ଚାଲିଛି। ଏ ପର୍ଯ୍ୟନ୍ତ ମାନବରହିତ ଲେଭଲ କ୍ରସିଂରେ ଲୋକଙ୍କ ପ୍ରାଣହାନି ଘଟୁଛି। ରେଳ ଲାଇନ୍‌ରେ ଜୀବଜନ୍ତୁ ମୃତ୍ୟୁବରଣ କରୁଛନ୍ତି ଏବଂ ରେଳଗାଡ଼ି ଲାଇନ୍‌ଚ୍ୟୁତ ହୋଇ କ୍ଷୟକ୍ଷତି ଘଟିବା ମଧ୍ୟ ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି। ଏଥିସହ ଭାରତର ରେଳ ସମୟର ନିୟମିତତା କଥା ଭାବିଲେ ସ୍ୱପ୍ନ ଭଳି ମନେହୁଏ। ଆଧୁନିକୀକରଣ ସୀମିତ ରହିଯାଉଛି ଗୋଟିଏ କିମ୍ବା ଦୁଇଟି ଆଖିଦୃଶିଆ ରେଳ ପ୍ରୋଜେକ୍ଟ ଉପରେ, ଯାହାକୁ ସୁନ୍ଦର ଭାବେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଛି। ଏହା ସହ ବନ୍ଦେ ଭାରତ ଏକ୍ସପ୍ରେସ ଭଳି ରାଜନୈତିକ ପ୍ରଚାରରେ ବହୁ ସମୟ ନଷ୍ଟ କରାଯାଉଛି। କିନ୍ତୁ ସାମଗ୍ରିକ ଭାବେ ରେଳଲାଇନ ବଢ଼ାଇବା ଓ ରେଳଗାଡ଼ିକୁ ଆଧୁନିକୀକରଣ କରିବା ଉପରେ ଦୃଷ୍ଟି ରହୁନାହିଁ। ରେଲୱେ ଉପରୁ ସରକାରଙ୍କ ଦୃଷ୍ଟି ହଟିବା ରେଳ ବଜେଟ ଉପସ୍ଥାପନରୁ ଜଣାପଡୁଛି। ପୂର୍ବରୁ ସ୍ୱତନ୍ତ୍ର ଭାବେ ରେଳ ବଜେଟ ଉପସ୍ଥାପନ ହେଉଥିଲା ଓ ତାହାକୁ ନେଇ ଲୋକଙ୍କ ମନରେ ଅନେକ ଆଶା ଆକାଂକ୍ଷା ରହୁଥିଲା ଏବଂ ସରକାରଙ୍କ ରେଲୱେ ସମ୍ପର୍କିତ ଘୋଷଣା ଉପରେ ନଜର ଥିଲା। ଏବେ ୨୦୧୭–୧୮ ଆର୍ଥିକ ବର୍ଷଠାରୁ ସାଧାରଣ ବଜେଟ ସହ ରେଳ ବଜେଟ ମିଶିକି ଉପସ୍ଥାପନ ହେବା ପରେ ସରକାରଙ୍କ ଏଥିପ୍ରତି କେତେ ଗୁରୁତ୍ୱ ଅଛି ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ଉପରସୂଚିତ ଆର୍‌ଟିଆଇ ତଥ୍ୟ ପ୍ରକାଶ ପାଇବା ପରେ ରେଲୱେ ପକ୍ଷରୁ କୁହାଯାଇଛି ଯେ,ଯାତ୍ରୀଙ୍କ ଚାହିଦା ଅନୁଯାୟୀ ଟ୍ରେନ ଉପଲବ୍ଧ କରାଇବା ପାଇଁ ଚେଷ୍ଟା କରାଯାଉଛି। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ,କୋଭିଡ୍ ପୂର୍ବରୁ ୧୦,୧୮୬ଟି ଟ୍ରେନ ଚାଲୁଥିବାବେଳେ ଏବେ ୧୦,୬୭୮ଟି ଟ୍ରେନ ଚାଲୁଛି। ତେବେ ଯାତ୍ରୀଙ୍କ ଚାହିଦା ପୂରଣ କରିବା ଲାଗି କେତେସଂଖ୍ୟକ ଟ୍ରେନ ଆବଶ୍ୟକ ତାହା କୁହାଯାଇନାହିଁ। ଏକ ରିପୋର୍ଟରୁ ଜଣାପଡ଼ିଛି, ଭାରତର ମୋଟ ଜନସଂଖ୍ୟାର ମାତ୍ର ୨ ପ୍ରତିଶତରୁ ସାମାନ୍ୟ ଅଧିକ ଲୋକ ପ୍ରତିଦିନ ଟ୍ରେନରେ ଯାତ୍ରା କରିପାରୁଛନ୍ତି। ମନେରଖିବାକୁ ହେବ, ଭାରତ ଏବେ ଚାଇନାକୁ ଟପି ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇଗଲାଣି। ଏଠାରେ ସଡ଼କ ପରିବହନ ବ୍ୟବସ୍ଥା ଦୁର୍ବଳ ଓ ତାହା ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏଥିସହ ଗତ କିଛିବର୍ଷ ହେଲା ଅହେତୁକ ତୈଳଦର ବୃଦ୍ଧି ଯୋଗୁ ଏହା ବ୍ୟୟବହୁଳ ହୋଇଯାଇଛି। ଏଥିପାଇଁ ଲମ୍ବାଯାତ୍ରା ଲାଗି ନିମ୍ନମଧ୍ୟବିତ୍ତ ଓ ଗରିବ ଶ୍ରେଣୀ ଲୋକେ ଟ୍ରେନ୍ ଯାତ୍ରାକୁ ଅଧିକ ପସନ୍ଦ କରିଥାନ୍ତି। ଏଣୁ ଏଠାରେ ଲୋକଙ୍କ ପାଇଁ ବୁଲେଟ ଟ୍ରେନ୍ ଅପେକ୍ଷା ସାଧାରଣ ଯାତ୍ରୀବାହୀ ଟ୍ରେନର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଦରକାର। ୨୦୧୭ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପ୍ରତିପକ୍ଷ ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ମୁମ୍ବାଇ–ଅହମଦାବାଦ ମଧ୍ୟରେ ବୁଲେଟ ଟ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କମ୍ ସମୟରେ ଅଧିକ ଦୂରତା ଯିବା ଲାଗି ଉଦ୍ଦିଷ୍ଟ ଏହି ଟ୍ରେନକୁ ଭାରତର ଆଧୁନିକ ରେଲୱେର ପ୍ରତୀକ ଭାବେ ଦର୍ଶାଯାଇପାରେ। କିନ୍ତୁ ଭାରତୀୟଙ୍କ ପାଇଁ ଆବଶ୍ୟକ ଅଧିକ ପାସେଞ୍ଜର ଟ୍ରେନର ଭିତ୍ତିଭୂମି। କେବଳ ରେଲୱେର ଆଭ୍ୟନ୍ତରୀଣ ପୁନର୍ଗଠନ ଓ ହାଇସ୍ପିଡ ଟ୍ରେନର ପ୍ରଚାର କରିଚାଲିଲେ ଲୋକଙ୍କ ଆବଶ୍ୟକତା ପୂରଣ ହୋଇପାରିବ ନାହିଁ। ଏଥିପାଇଁ ଦରକାର ଦୃଢ଼ ଇଚ୍ଛାଶକ୍ତି, ଦୂରଦୃଷ୍ଟି ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବଜେଟ ପ୍ରାବଧାନ।

ସବୁଠାରୁ ବଡ଼ କଥା ହେଲା,କୌଣସି ସରକାର ଆସିଲେ ମଧ୍ୟ ଭାରତୀୟ ରେଲୱେକୁ ଆର୍ଥିକ ଦୃଷ୍ଟିକୋଣରୁ ଲାଭଜନକ କରିବାକୁ ଚେଷ୍ଟା କରିନାହାନ୍ତି। ଅର୍ଥନୀତିରେ କୁହାଯାଏ, ଯାହାର ଡିମାଣ୍ଡ ବା ଚାହିଦା ଅଧିକ ଥିବ ଏବଂ ସପ୍ଲାଏ ବା ଯୋଗାଣ କମ୍ ଥିବ ତାହା ଏକ ଲାଭଜନକ ଉତ୍ପାଦ ହୋଇପାରିବ। ରେଲୱେର ଚାହିଦା ସ୍ୱାଭାବିକ ଭାବେ ଅତ୍ୟନ୍ତ ଅଧିକ ତାହା ୱେଟିଂ ଲିଷ୍ଟରୁ ଜଣାପଡୁଛି। ଧରିନିଆଯାଉ ଆର୍‌ଟିଆଇ ତଥ୍ୟରେ ପ୍ରକାଶିତ ୱେଟିଂ ଲିଷ୍ଟରେ ଥିବା ୨.୭ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗତବର୍ଷ ରେଲୱେ ଯାତାୟାତ ସୁବିଧା ଯୋଗାଇ ପାରିଥାଆନ୍ତା। ଗୋଟିଏ ଟିକେଟ ପିଛା ମାତ୍ର ୨୦୦ ଟଙ୍କା ଲେଖାଏ ରେଟ୍ ଧରିଲେ ମଧ୍ୟ ରେଲୱେ କି ପ୍ରକାର ଆୟ କରିପାରିଥାଆନ୍ତା ତାହା ଅନୁମାନ ଲଗାଯାଇପାରେ। କିନ୍ତୁ ତାହା ନ ହୋଇଲା। ଏଠାରେ କୁହାଯାଇପାରେ ଯେ, ଭାରତୀୟ ରେଲୱେର ପ୍ରତିଦ୍ୱନ୍ଦ୍ୱୀ ମଧ୍ୟ କେହି ନାହାନ୍ତି। ସ୍ୱଚ୍ଛ ଏବଂ ସବଳ ପରିଚାଳନା ରହିଲେ କୌଣସି କାରଣ ନାହିଁ ଯେ, ଭାରତୀୟ ରେଲୱେ ଏକ ଅତ୍ୟନ୍ତ ଲାଭଜନକ ସଂସ୍ଥା ହୋଇପାରିବ ନାହିଁ। ତ୍ରୁଟିଗତ ପରିଚାଳନା, ଦୁର୍ନୀତି ଏବଂ ଅସାଧୁ କାରବାର ଯୋଗୁ ଏହି ସୁନା ମାଟିରେ ମିଶିବାକୁ ଯାଉଛି। ଅତିଶୀଘ୍ର ଏୟାର ଇଣ୍ଡିଆ ଭଳି ଭାରତୀୟ ରେଲୱେକୁ ମଧ୍ୟ କ୍ଷତି ସହୁଥିବା ସଂସ୍ଥାର ମୋହର ଲଗାଇ କୌଣସି ଏକ ବଡ଼ କର୍ପୋରେଟକୁ ବିକି ଦେବାକୁ ଭବିଷ୍ୟତରେ ଚେଷ୍ଟା କରାଯିବା ଅସମ୍ଭବ ମନେହେଉନାହିଁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | 3 |
| 7 | | 5 | | | | | 4 | |
| 2 | 4 | | | 8 | | | | |
| | | 4 | | | 1 | 3 | | |
| | 8 | | | | 3 | | | 1 |
| | | | | | | | 7 | 4 |
| | 9 | | | | | | 3 | |
| 1 | 2 | | | | | 7 | | |
| | | | | | 5 | 6 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 9 | 6 | 2 | 4 | 7 | 8 | 5 |
| 5 | 2 | 8 | 9 | 1 | 7 | 3 | 6 | 4 |
| 6 | 7 | 4 | 3 | 8 | 5 | 9 | 1 | 2 |
| 2 | 3 | 5 | 4 | 6 | 8 | 1 | 9 | 7 |
| 8 | 4 | 1 | 7 | 9 | 2 | 6 | 5 | 3 |
| 7 | 9 | 6 | 5 | 3 | 1 | 2 | 4 | 8 |
| 9 | 8 | 7 | 1 | 4 | 3 | 5 | 2 | 6 |
| 4 | 6 | 3 | 2 | 5 | 9 | 8 | 7 | 1 |
| 1 | 5 | 2 | 8 | 7 | 6 | 4 | 3 | 9 |

ଗତକାଲିର ଉତ୍ତର

# ଗଣମାଧ୍ୟମର ସ୍ୱାଧୀନତା



ଡ. ପ୍ରଫୁଲ୍ଲ କୁମାର ସାହୁ

ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାରକୁ ଅଧିକ ଶାଣିତ ଓ ମାର୍ଜିତ କରିବାର ଏକ ସଶକ୍ତ ଆଧାର ହେଉଛି ଗଣମାଧ୍ୟମ। ତେଣୁ ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ରାଷ୍ଟ୍ରର ଦାୟିତ୍ୱ। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ଭାରତ ଭଳି ସର୍ବବୃହତ୍ ଗଣତନ୍ତ୍ରରେ ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଗଣମାଧ୍ୟମର ସ୍ୱାଧୀନତା।

ଏହାକୁ ଅସ୍ୱୀକାର କରିବା ପାଇଁ ସରକାର ଯେତେ ବାହାନା କଲେ ବି ପ୍ରକୃତ ତଥ୍ୟ ଏବେ ଖୋଲିଦେଇଛି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ। ସଦ୍ୟ (ତା୩.୫.୨୦୨୩ରିଖ) ପ୍ରକାଶିତ ଏହି ସୂଚକାଙ୍କ (୨୧ତମ ସଂସ୍କରଣ) ଅନୁସାରେ ୧୮୦ଟି ଦେଶ ମଧ୍ୟରେ ଭାରତ ରହିଛି ୧୬୧ ତମ ସ୍ଥାନରେ। ୨୦୨୧ରେ ୧୪୨ ତମ ସ୍ଥାନରେ ଥିବା ଭାରତ ୨୦୨୨ରେ ୮ଟି ସ୍ଥାନ ତଳକୁ ଖସି ପହଞ୍ଚିଥିଲା ୧୫୦ ତମ ସ୍ଥାନରେ। ଏଥର ଆଉ ୧୧ଟି ସ୍ଥାନ ତଳକୁ ଖସି ପ୍ରମାଣକଲା ଯେ ସ୍ୱାଧୀନ ଭାବରେ କାମ କରିବାକୁ ଚାହୁଁଥିବା ସାମ୍ବାଦିକଙ୍କ ପାଇଁ ଭାରତ ଏବେ ପୃଥିବୀର ସବୁଠାରୁ ବିପଜ୍ଜନକ ରାଷ୍ଟ୍ର ମଧ୍ୟରେ ଅନ୍ୟତମ।

ଆଧୁନିକ ମଣିଷ ଖବରଭୋକୀ। ଖବର ତା'ର ଏକ ଜରୁରୀ ଆବଶ୍ୟକତା। ସକାଳେ ବିଛଣା ଛାଡ଼ିବା ମାତ୍ରେ ସେ ଖୋଜେ ଖବର। ଖାଦ୍ୟ,ବସ୍ତ୍ର ଓ ବାସ ପରି ଖବର ପାଲଟିଯାଇଛି ତା' ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗ। ଆବଶ୍ୟକତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଜାରି ରଖୁଛି ୨୪ ଘଣ୍ଟିଆ ଖବର ପ୍ରସାରଣ। ଆଗେ ଗଣମାଧ୍ୟମ କହିଲେ ଲୋକେ ବୁଝୁଥିଲେ ସମ୍ବାଦପତ୍ର। ଏବେ ତା'ର ସ୍ଥାନ ନେଇଛି ବୈଦ୍ୟୁତିକ ଗଣମାଧ୍ୟମ। ବିଜୁଳି ବେଗରେ ଆଜି ଖବର ଗତି କରୁଛି ଏବଂ ମୁହୂର୍ତ୍ତକେ ପରିକ୍ରମା କରୁଛି ସାରା ବିଶ୍ୱ। ଗଣମାଧ୍ୟମକୁ ଆଶ୍ରାକରି ଦେଶ ବିଦେଶରେ ବେପାର ବଣିଜ ଚାଲୁଛି ଏବଂ ଆଗପଛ ହେଉଛି ବିଶ୍ୱ ଅର୍ଥନୀତି। କେବଳ ଅର୍ଥନୀତି ନୁହେଁ, ଖବର ସାହାଯ୍ୟରେ ଶାସନ ଚାଲୁଛି ଓ ସୃଷ୍ଟି ହେଉଛି ଜନମତ। ଗଣମାଧ୍ୟମ କାହାକୁ କେତେବେଳେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଦେଉଛି ତ କାହା ଧଳା ପୋଷାକରେ ଲଗାଇ ଦେଉଛି ଅପବାଦର କଳାଛିଟା। ସତରେ ବଡ଼ ବଳବାନ୍ ଏ ଗଣମାଧ୍ୟମ। କିନ୍ତୁ ଗଣମାଧ୍ୟମ ଆହୁରି ବଳବାନ୍ ଗଣମାଧ୍ୟମକୁ ଅକ୍ତିଆରକରି ରଖିଥିବା ରାଜନେତା ବା କର୍ପୋରେଟ ସଂସ୍ଥାଗୁଡ଼ିକ। ଏମାନେ ମିଶାଣ ଫେଡ଼ାଣ କରି ଗଣତନ୍ତ୍ରର ଗଣିତ କଷନ୍ତି ଏବଂ ସରକାରଙ୍କୁ ଖୁସି କରିବା ପାଇଁ ବିନା ମେଘରେ ସୃଷ୍ଟି କରିପାରନ୍ତି ବଜ୍ରପାତ।

ଆଗେ ସତ୍ୟ ଓ ନିରପେକ୍ଷତା ଥିଲା ସାମ୍ବାଦିକତାର ଧର୍ମ। ବିଶ୍ୱସନୀୟତା ଥିଲା ତା'ର ଅସଲ ପୁଞ୍ଜି। ଏକ ବୈଚାରିକ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ଗଣମାଧ୍ୟମକୁ କୌଣସି ପରିସ୍ଥିତିରେ କକ୍ଷ୍ୟଚ୍ୟୁତ କରିପାରୁ ନ ଥିଲା ନେତୃତ୍ୱର ପ୍ରଭାବ ଓ ପ୍ରଲୋଭନ। ସେତେବେଳେ ଏଭଳି ସତ୍ୟନିଷ୍ଠ ସାମ୍ବାଦିକତାର କଣ୍ଠରୋଧ ପାଇଁ କ୍ଷମତାତନ୍ତ୍ର ପକ୍ଷରୁ ପ୍ରୟାସ ଯେ ହୋଇନାହିଁ ତା' ନୁହେଁ, ମାତ୍ର ଏଥିରେ ଦବିଯିବା ପରିବର୍ତ୍ତେ ନେତୃତ୍ୱର ଗଣବିରୋଧୀ ଆଭିମୁଖ୍ୟ ବିରୋଧରେ ଅଧିକ ଶାଣିତ ହୋଇଉଠିଥିଲା ଗଣମାଧ୍ୟମର ସ୍ୱର। ଏହି ନିର୍ଭୀକତା ଓ ସତ୍ୟଶୀଳତା ପାଇଁ ଜାତୀୟତା ଓ ସାମ୍ବାଦିକତା ଏକାର୍ଥବାଚକ ଶବ୍ଦ ପରି ଲାଗୁଥିଲା ଏବଂ ସାମ୍ବାଦିକତା ଥିଲା ଏକ ସମ୍ମାନଜନକ ବୃତ୍ତି।





ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ତଥା ପ୍ରେସ୍ କାଉନସିଲର ଅଧ୍ୟକ୍ଷ ଜଷ୍ଟିସ୍ ଚନ୍ଦ୍ରମୌଳିଙ୍କ ମତରେ ତାକୁ ହିଁ ଗଣମାଧ୍ୟମ କୁହାଯାଏ, ଯିଏ ଖବର ସଂଗ୍ରହକରେ, ପରଖେ, ପରିବେଷଣ କରେ ଏବଂ ନିଜେ ଉତ୍ତରଦାୟୀ ରହେ ତା'ର ସତ୍ୟତା ପାଖରେ। ବିଶିଷ୍ଟ ସାମ୍ବାଦିକ ପ୍ରଭୁ ଚାୱାଲଙ୍କ ମତରେ 'ଖବର ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ସେ ସତ୍ୟ ଓ ନିରପେକ୍ଷତାକୁ ଜାବୁଡ଼ିଧରେ ଶିଶୁଟିଏ ତା' ମା'ର ବକ୍ଷକୁ ଜାବୁଡ଼ି ଧରିଲା ପରି। ମାତ୍ର ଗଣମାଧ୍ୟମ ଯେଉଁଠି କ୍ଷମତା ପାଖରେ ମୁଣ୍ଡ ବିକିଦିଏ ବା ଅପରାଧୀ ହାତର ଖେଳଣା ହୋଇଯାଏ, ସେଠାରେ ସେ ଆଉ ଗଣଚେତନାର ନିୟାମକ ହୋଇ ରହେନି କି ତା' ପାଇଁ କୌଣସି ମୂଲ୍ୟ ବହନ କରେନି ସାମ୍ବାଦିକତାର ନୀତି ଓ ଆଦର୍ଶ। ଜନମତର ଅଂଶ ହେବା ପରିବର୍ତ୍ତେ ସେ ହୋଇଯାଏ କ୍ଷମତାତନ୍ତ୍ରର ଅଙ୍ଗ। ଏହି କାରଣରୁ ଦେଶର ଅଳ୍ପ କେତୋଟି ଗଣମାଧ୍ୟମକୁ ଛାଡ଼ିଦେଲେ ବାକିସବୁ ଏବେ ଆଜ୍ଞାଧୀନ। ଲାଭକ୍ଷତିର ହିସାବ ନିକାଶ ଭିତରେ ପ୍ରତି ମୁହୂର୍ତ୍ତରେ ବଳିପଡୁଛି ସତ୍ୟ ଓ ନିରପେକ୍ଷତା। ନକଲି ଖବରର ନିର୍ଲଜ ବେପାର ପାଇଁ ଆବଶ୍ୟକ ହେଉଛି ପ୍ରାୟୋଜିତ ଘଟଣା ଅର୍ଥାତ୍ ଲୋକେ କ'ଣ ଜାଣିବେ ସେକଥା ସ୍ଥିର କରାଯାଉଛି ନିର୍ଦ୍ଦିଷ୍ଟ ବିଚାରଧାରା ଆଧାରରେ। ଗଣମାଧ୍ୟମର ଏହି ଗଣବିରୋଧୀ ଆଭିମୁଖ୍ୟକୁ ଲକ୍ଷ୍ୟକରି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ଷୋଭର ସହ କହିଥିଲେ, ସାମ୍ବାଦିକତା ଜଗତ ପାଇଁ ଏବେ ଏକ ଆତଙ୍କ ହୋଇ ଉଭା ହୋଇଛି ନକଲି ଖବର। ବାସ୍ତବରେ ଲୋକଙ୍କୁ ଏଠି ଭୁଆଁ ବୁଲେଇବା ପାଇଁ ତିଆରି ହେଉଛି ଗୋଟେ ପରେ ଗୋଟେ ମନଗଢ଼ା କାହାଣୀ ଓ ପରିସଂଖ୍ୟାନ ଭେଳିକି।

ଏହି କାରଣରୁ ବେଳେବେଳେ ଭିନ୍ନ ଭିନ୍ନ ଗଣମାଧ୍ୟମ ସଂସ୍ଥା ଦ୍ୱାରା ପ୍ରକାଶିତ ଘଟଣାର ବିବରଣୀ ଓ ପରିସଂଖ୍ୟାନରେ ରହୁନି ତାଳମେଳ। ବିଚରା ସାଧାରଣ ଲୋକଟି ବୁଝି ପାରୁନାହିଁ କିଏ ସତ ଓ କିଏ ମିଛ। କେଉଁଟା ତା' ପାଇଁ ଖବର ଓ କେଉଁଟା ଅଖବର। ଆଗେ କ୍ଷମତାକୁ ବିରୋଧ କରିବା ଥିଲା ସାମ୍ବାଦିକତାର ମୌଳିକ ଧର୍ମ। ଏବେ କର୍ପୋରେଟ ପରିଚାଳିତ ଗଣମାଧ୍ୟମ ସଂସ୍ଥାରେ ସ୍ତାବକତାକୁ ମାନଦଣ୍ଡ କରି ମପାଯାଉଛି ସାମ୍ବାଦିକର ଦକ୍ଷତା। ଗଣମାଧ୍ୟମର କର୍ତ୍ତବ୍ୟ ହେଲା ସମସ୍ତଙ୍କୁ ଖବର ଦେବା ଓ ସମସ୍ତଙ୍କଠାରୁ ଖବର ନେବା। ମାତ୍ର ନିଜସ୍ୱ ବିଚାରଧାରା ସହିତ ଖବରକୁ ମିଶ୍ରଣକରି ପରିବେଷଣ କରିବା ଗଣତନ୍ତ୍ର ପାଇଁ ଖୁବ୍ ବିପଜ୍ଜନକ। ସେହି ନିନ୍ଦନୀୟ ଅଭ୍ୟାସ ପାଇଁ ଆହତ ହେଉଛି ଖବରର ସତ୍ୟତା। ବିଚରା ସାମ୍ବାଦିକ ଏଠି ନିମିତ୍ତ ମାତ୍ର। ସେ ସତ୍ୟର ପକ୍ଷ ନେଇ ଠିଆହୋଇପାରୁନି କି ଚାହିଁଲେ ଉଠେଇପାରୁନି ଆର୍ଥିକ ଅସମତା, ବେକାରି, ଆକାଶଛୁଆଁ ଦରଦାମ, ଧାର୍ମିକ ଓ ଜାତିଆଣ ହିଂସା, କୃଷି ସଙ୍କଟ, ପରିବେଶ ଦୋହନ ଓ କର୍ପୋରେଟ ଶୋଷଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରମନାଙ୍କ ମନ୍ତବ୍ୟ ଅନୁସାରେ 'ସାମ୍ବାଦିକମାନଙ୍କ ଆତ୍ମସମ୍ମାନର ଅଖଣ୍ଡତା ଆଜି ଅଗ୍ନିପରୀକ୍ଷାର ସମ୍ମୁଖୀନ'।

ସତ୍ୟନିଷ୍ଠ ସାମ୍ବାଦିକତା ସହିତ ସ୍ୱାଧୀନତାର ପ୍ରଶ୍ନ ଓତପ୍ରୋତ ଭାବେ ଜଡ଼ିତ। ମାତ୍ର ସତ୍ୟନିଷ୍ଠ ସାମ୍ବାଦିକତା ବିରୋଧରେ ଦିନକୁ ଦିନ ବଢୁଛି ରାଜନୈତିକ ଆକ୍ରୋଶ। କେନ୍ଦ୍ରର ଅଚ୍ଛେଦିନ୍‌ର ସରକାର ହେଉ କି ରାଜ୍ୟର ସ୍ଥିର ସରକାର ହେଉ ସବୁ ସରକାରଙ୍କ ଛତ୍ରଛାୟା ତଳେ ଚାଲିଛି ଗଣମାଧ୍ୟମର କଣ୍ଠରୋଧ। ଏହାଦ୍ୱାରା ବିପନ୍ନ ହେଉଛି ଗଣମାଧ୍ୟମର ସ୍ୱାଧୀନତା।

ଅନ୍ୟାୟ ଅନୀତି ବିରୋଧରେ ସ୍ୱର ଉତ୍ତୋଳନକରି ଅତୀତରେ ଜୀବନ ଦେଇଛନ୍ତି ଅନେକ ସାମ୍ବାଦିକ। ଆଜି ବି ସେମିତି ଉତ୍ସର୍ଗୀକୃତ ସାମ୍ବାଦିକ ଅଛନ୍ତି, ମାତ୍ର ସେମାନଙ୍କ ହାତରୁ କଲମ ଛଡ଼େଇନେବା ପାଇଁ ଅହରହ ତିଆରି ଚାଲିଛି କୌଶଳପୂର୍ଣ୍ଣ ଚକ୍ରାନ୍ତ। ନିକଟରେ ସେଭଳି ଚକ୍ରାନ୍ତର ଶିକାର ହୋଇ ଏନ୍‌ଡିଟିଭି ଛାଡ଼ିବାକୁ ବାଧ ହୋଇଛନ୍ତି ମାଗାସେସେ ବିଜେତା ରବିଶ କୁମାର। ଦେଶର ପ୍ରମୁଖ ଗଣମାଧ୍ୟମଗୁଡ଼ିକ ଯେତେବେଳେ ଅନ୍ଧ ଭାବରେ ସରକାରଙ୍କ ସ୍ତୁତିଗାନ କରୁଥିଲେ, ସେତେବେଳେ ସେ ସାଧାରଣ ଲୋକଙ୍କ ସ୍ୱରକୁ ପ୍ରକାଶ କରୁଥିଲେ ଖୁବ୍ ପ୍ରଭାବୀ ଢଙ୍ଗରେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ମୁକ୍ତ ଚିନ୍ତାର ବାତାବରଣ ସୃଷ୍ଟିକରେ ସ୍ୱାଧୀନଚେତା ଗଣମାଧ୍ୟମ। ଲୋକଙ୍କ ସ୍ୱାଧୀନ ମତ ନିର୍ମାଣ ପାଇଁ ଏହା ଏକାନ୍ତ ଆବଶ୍ୟକ। କ୍ଷମତାକୁ ପ୍ରଶ୍ନ ପଚାରିବା ନାଗରିକର ଏକ ମୌଳିକ ଅଧିକାର। ସେ ଅଧିକାରକୁ ଅସ୍ୱୀକାର କରିବା ଅର୍ଥ ଗଣତନ୍ତ୍ରର କଣ୍ଠରୋଧ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ–୬୩୭୧୬୪୨୪୬୪**

# ଅଧୁରା ସ୍ୱପ୍ନ



ହରିଶଙ୍କର ମିଶ୍ର

ନିଦ୍ରିତ ଅବସ୍ଥାରେ ମନୁଷ୍ୟଙ୍କଠାରୁ ପ୍ରାଣୀ ପର୍ଯ୍ୟନ୍ତ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ସ୍ୱପ୍ନରେ କେବେ ମଧୁର ତ କେବେ ଭୟଙ୍କର ଦୃଶ୍ୟ ଦେଖି ନିଦ୍ରିତ ବ୍ୟକ୍ତି ଯେଉଁ ପ୍ରତିକ୍ରିୟା ପ୍ରକାଶ କରେ ତାହାକୁ ଆମେ ବିଲିବିଲେଇବା କହିଥାଉ। ନିଦ୍ରିତ ଅବସ୍ଥାରେ ପ୍ରାଣୀଟିଏ ଚମକି ଉଠିବା, ଶିଶୁଟିଏ ହସିବା ବା କାନ୍ଦିବାର କାରଣ ହେଉଛି ସ୍ୱପ୍ନ। ଆମର ଦର୍ଶନ ଶାସ୍ତ୍ରରେ ମନର ତିନୋଟି ଅବସ୍ଥାର ବର୍ଣ୍ଣନା ରହିଛି। ଯେତେବେଳେ ଶରୀର ଚଳଚଞ୍ଚଳ ଥାଏ ସେତେବେଳେ ମନ ସଚେତନ ଅସ୍ଥାରେ ଥାଏ। ଶରୀର ଗଭୀର ନିଦ୍ରାରେ ଥିବାବେଳେ ମନ ଅଚେତନ ଅବସ୍ଥାରେ ଥାଏ। କିନ୍ତୁ ସେଇ ଅଚେତନ ମନ ଯେତେବେଳେ ଅବଚେତନ ଅବସ୍ଥାକୁ ଆସେ ସେତେବେଳେ ଆମେ ସ୍ୱପ୍ନ ଦେଖିଥାଉ। ନିଦ ଭାଙ୍ଗିଲା ପରେ କିଛି ସ୍ୱପ୍ନ ମନ ମଧ୍ୟରେ ସାମୟିକ ରହିଥିବା ବେଳେ ଅନେକ ସ୍ୱପ୍ନ ମନେ ରହି ନ ଥାଏ। ସ୍ୱପ୍ନରେ ଦେଖୁଥିବା ଘଟଣା ବିଶେଷତଃ ଦିବା ନିଦ୍ରାରେ ସ୍ୱପ୍ନ କେବେ ବି ସତ୍ୟ ହୋଇ ନ ଥାଏ ବୋଲି କୁହାଯାଏ। ସ୍ୱପ୍ନ ସାଧାରଣ ଭାବରେ ମାନସିକ ଚିନ୍ତାର ପ୍ରତିକ୍ରିୟା ବୋଲି ଅନେକେ କୁହନ୍ତି। କିନ୍ତୁ କେଉଁ ସମ୍ପର୍କିତ ସ୍ୱପ୍ନର ଫଳ କ'ଣ ହୋଇପାରେ ସେ ସମ୍ପର୍କରେ ମଧ୍ୟ କିଛି ସୂଚନା ରହିଛି। ଯେପରି ସ୍ୱପ୍ନରେ ବିବାହ ଦୃଶ୍ୟ ମୃତ୍ୟୁର ସୂଚନା ବୋଲି ସ୍ୱପ୍ନ ବିଚାର ପୁସ୍ତକରେ ଦର୍ଶାଯାଇଛି। ଏଭଳି ମଧ୍ୟ ଶୁଣାଯାଏ ଯେ ଦୁଇ ଜଣ ବ୍ୟକ୍ତି ଗୋଟିଏ ସମୟରେ ସମାନ ଘଟଣାର ସ୍ୱପ୍ନ ଦେଖିଥାନ୍ତି। ଦର୍ଶନଶାସ୍ତ୍ର ଅନ୍ତର୍ଭୁକ୍ତ ଅଧି ବିଜ୍ଞାନ ବା ସୂକ୍ଷ୍ମ ଆଲୋଚନାରେ ଏ ସମ୍ପର୍କିତ ସୂଚନା ରହିଛି। କିନ୍ତୁ ସ୍ୱପ୍ନାବସ୍ଥାରେ ନିଦ ଭାଙ୍ଗି ପୁଣି ନିଦ୍ରା ହେବା ପରେ ପୂର୍ବ ସ୍ୱପ୍ନର ଅବଶିଷ୍ଟ ଅଂଶ କେହି ଅନୁଭବ କରି ନ ଥାନ୍ତି। ତେଣୁ ସ୍ୱପ୍ନ ସବୁବେଳେ ଅପୂର୍ଣ୍ଣ ବା ଅଧୁରା ରହିଥାଏ। ଏହା ହେଉଛି ଅବଚେତନ ମନରେ ଦେଖୁଥିବା ଅଧୁରା ସ୍ୱପ୍ନ ସମ୍ପର୍କିତ ସୂଚନା। କିନ୍ତୁ ସଚେତନ ମନର ବି ସ୍ୱପ୍ନ ଅଧୁରା ରହିଥିବାର ଆତ୍ମଘୋଷଣା ଆମ ରାଜ୍ୟରେ ବିଶେଷତଃ ନିର୍ବାଚନ ବେଳେ ଶୁଣାଯାଏ।

ନିର୍ବାଚନ ରଣାଙ୍ଗନରେ ଅନେକ ପ୍ରାର୍ଥୀ ନିର୍ବାଚନମଣ୍ଡଳୀର ସାମଗ୍ରିକ ଉନ୍ନତିକୁ ନିଜର ଅଧୁରା ସ୍ୱପ୍ନ ଓ ତାହା ପୂରଣ ପାଇଁ ସୁଯୋଗର ଦ୍ୱାହି ଦେଇ ଭୋଟ ଭିକ୍ଷା କରୁଥିବାବେଳେ ଉପନିର୍ବାଚନ ବେଳେ ଦିବଂଗତ ପ୍ରତିନିଧିଙ୍କ ପତ୍ନୀ, ଝିଅ ବା ପୁଅ ଯଥାକ୍ରମେ ସ୍ୱାମୀ ବା ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ ଭୋଟ ଭିକ୍ଷା କରିବା ଗୋଟିଏ ଧାରା ହୋଇସାରିଛି। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ ଦେଶର ବିକାଶରେ ରାଜ୍ୟ ଓ ରାଜ୍ୟର ବିକାଶରେ ଆଞ୍ଚଳିକ ବିକାଶ ପରସ୍ପର ପରିପୂରକ। ଯଦି ଦେଶ ବା ରାଜ୍ୟର ସର୍ବାଙ୍ଗୀନ ଉନ୍ନତିର ଅଭିଳାଷକୁ ସ୍ୱପ୍ନ ଭାବେ ବିବେଚନା କରାଯାଏ ତେବେ ଲକ୍ଷାଧିକ ସ୍ୱାଧୀନତା ସଂଗ୍ରାମୀଙ୍କ ଅଖଣ୍ଡ ଭାରତ,



ବିବେକାନନ୍ଦଙ୍କ ପରି ଅନେକ ସାଧୁସନ୍ଥଙ୍କ ଆଧ୍ୟାତ୍ମିକ ଭାରତ, ଗାନ୍ଧିଜୀଙ୍କ ନିଶାମୁକ୍ତ ଭାରତ ବା କଳ୍ପିତ ରାମରାଜ୍ୟର ସ୍ୱପ୍ନ ଏ ପର୍ଯ୍ୟନ୍ତ ନିଶ୍ଚିତ ଅଧୁରା ରହିଯାଇଛି, ଯାହା ପୂରଣ ହେବାର ସମ୍ଭାବନା ମଧ୍ୟ ନାହିଁ। ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ସୁଭାଷ ବୋଷଙ୍କ ସ୍ୱପ୍ନ କାଳର କରାଳ ଗର୍ଭରେ ଲୀନ ହୋଇଯାଇଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇ ନିଜ ପରିବାରକୁ ଅନାଥ କରିଦେଇଥିବା ଅସଂଖ୍ୟ ଦେଶପ୍ରେମୀଙ୍କର ମଧ୍ୟ ଦୁର୍ନୀତି ମୁକ୍ତ ସ୍ୱାଧୀନ ଭାରତ ସ୍ୱପ୍ନ ଅଧୁରା ରହିଯାଇଛି।

ଆମ ରାଜ୍ୟରେ ମଧୁବାବୁଙ୍କ ଖାଣ୍ଟି ଓଡ଼ିଆ ଜାତି ପ୍ରୀତିସମ୍ପନ୍ନ କୁଟୀର ଶିଳ୍ପ ସମୃଦ୍ଧ ଓଡ଼ିଶା, ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ଓଡ଼ିଶା, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦୁର୍ନୀତିବିହୀନ ଭାଷାଭିତ୍ତିକ ରାଜ୍ୟ ଶାସନ ଏବଂ ନନ୍ଦିନୀ ଶତପଥୀଙ୍କ ଶିକ୍ଷା ସଂସ୍କାର ସ୍ୱପ୍ନ ଓ ଅନେକ ପ୍ରଜ୍ଞା ପୁରୁଷଙ୍କର ରାଜ୍ୟର ଉନ୍ନତି ପାଇଁ ବିବିଧ ସ୍ୱପ୍ନ କେବଳ ଅଧୁରା ହୋଇ ରହିନାହିଁ ବରଂ ପରିବର୍ତ୍ତିତ ରାଜନୈତିକ ତାଡ଼ନାରେ ଦିଗହରା ହୋଇ ଯାଇଛି। ଅଖଣ୍ଡ ଓ ବର୍ଦ୍ଧିତ ଭାଷାଭିତ୍ତିକ ଓଡ଼ିଶାର ସ୍ୱପ୍ନ ଦେଖିଥିବା ରାଜ୍ୟର ଅନେକ ଦିବଂଗତ ସୁଯୋଗ୍ୟ ସନ୍ତାନଙ୍କ ଇଚ୍ଛା ବାସ୍ତବ ହେବା ପରିବର୍ତ୍ତେ ରାଜ୍ୟର ସୀମା କ୍ଷୟହୋଇ ଚାଲିଛି। ନିର୍ବାଚନ ବେଳେ ସେଇ ମହାନ୍ ଦେଶ ବା ରାଜ୍ୟ ପ୍ରେମୀଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ କାହାର ପ୍ରତିବଦ୍ଧତା ପ୍ରକାଶ ପାଉନାହିଁ। କେବଳ ନିଜ ନିର୍ବାଚନ କ୍ଷେତ୍ରର ଅଧୁରା ସ୍ୱପ୍ନ ପୂରଣର ଦ୍ୱାହି ମାଧ୍ୟମରେ ଲୋକଙ୍କୁ ଭାବପ୍ରବଣ କରାଇ କ୍ଷମତା ଲାଭର ଆଶା, ପ୍ରବଞ୍ଚନାର ରୂପାନ୍ତର ହୋଇଯାଉଛି। ରାଜ୍ୟ ଓ ଦେଶର କ୍ଷମତାଲିପସୁ ବ୍ୟକ୍ତିମାନେ ନିଜର ଓ ନିଜ ଉତ୍ତରଦାୟାଦଙ୍କର ସମ୍ପତ୍ତି ବୃଦ୍ଧି ଉନ୍ନତିର ସ୍ୱପ୍ନ ଦେଖି ତାହା ସାର୍ଥକ କରିବା ପାଇଁ ସାମୂହିକ ସାର୍ଥକୁ ବଳି ଦେବାରେ କୁଣ୍ଠିତ ହେଉନାହାନ୍ତି।

ଅନେକ ମାତାପିତା ନିଜ ସନ୍ତାନମାନଙ୍କୁ ଉନ୍ନତିର ଶିଖରରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖି ନିଜ ଭବିଷ୍ୟତକୁ ନିଃସଙ୍ଗ କରାଉଥିବା ବେଳେ ସେଇ ଶିକ୍ଷିତ ଝିଅ ପୁଅମାନେ ଅସୀମ ଅର୍ଥ ଲାଭର ସ୍ୱପ୍ନ ଦେଖି ସାମାଜିକ କର୍ତ୍ତବ୍ୟରୁ ବିଚ୍ୟୁତ ହେଉଛନ୍ତି। ଦୁଇ ମହଲା କୋଠାର ମାଲିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସୁଯୋଗର ସ୍ୱପ୍ନ ଦେଖୁଥିଲାବେଳେ ସରକାରୀ ଅଧିକାରୀମାନେ ସରକାରୀ ଅର୍ଥରେ ନିଜ ସମ୍ପତ୍ତି ଓ ସାମାଜିକ ପ୍ରତିପତ୍ତି ବୃଦ୍ଧିର ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଦେଶର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଯେଉଁ ବାର୍ତ୍ତା କେବଳ ଦେଇ ନ ଥିଲେ ବରଂ ବାସ୍ତବ ଜୀବନରେ ତାକୁ ଉପଯୋଗ କରିଥିଲେ ତାହା ଥିଲା, 'ରାଷ୍ଟ୍ର ପାଇଁ ଏଭଳି ସ୍ୱପ୍ନ ଦେଖ, ଯାହାର ସଫଳତା ପାଇଁ ତୁମ ଆଖିରୁ ନିଦ ହଜି ଯିବ'। ସେଇ ଅମୂଲ୍ୟ ବାଣୀର ସଫଳତା ପାଇଁ ପ୍ରୟାସ ଆଜି ଆମ ପାଇଁ ପ୍ରକୃତ ଅଧୁରା ସ୍ୱପ୍ନ ନୁହେଁ କି ?

**୧୧୩–ଗୁଣ୍ଡିଚା ବିହାର, ପୁରୀ**
**ମୋ– ୭୯୭୮୭୮୫୪୭୮**

## ଏଇ ଭାରତରେ

ଅଦରକାରୀ ଜିନିଷରେ ନିର୍ମିତ ତଥା ସୌର ଶକ୍ତି ଚାଳିତ ଏକ ଯାନ ୨୦୦ କି.ମି. ଯିବା କଥା କେବେ ଭାବିପାରୁଛନ୍ତି କି। ହଁ, ଏହା ସମ୍ଭବ ହୋଇଛି ଉତ୍ତରପ୍ରଦେଶର ଅସଦ ଅବଦୁଲାଙ୍କ ଦ୍ୱାରା। ସେ ଅଦରକାରୀ ପାର୍ଟ ସବୁ ସଂଗ୍ରହ କରି ଏହି ଯାନଟି ନିର୍ମାଣ କରିଛନ୍ତି। ଏଥିରେ ୭ ଜଣ ବସି ଯାଇପାରୁଛନ୍ତି। ବାଇକ୍ ଡିଜାଇନରେ ନିର୍ମାଣ କରାଯାଇଥିବା ଯାନର ସିଟ୍ ଉପରେ ସୋଲାର ପ୍ୟାନେଲ ଲଗାଯାଇଛି। ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଥିବା ନୂତନ ଅବିଷ୍କାରଗୁଡ଼ିକୁ ସୋସିଆଲ ମିଡିଆ ମାଧ୍ୟମରେ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ନେଉଥିବା ହର୍ଷ ଗୋଏଙ୍କା ତାଙ୍କ ଟୁଇଟରରେ ଉକ୍ତ ଯାନକୁ ଶେୟାର କରିଛନ୍ତି। ଏଭଳି ଆବିଷ୍କାର ଭାରତ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି। ଅସଦ ଏହି ଯାନ ତିଆରି କରିବାରେ ୮ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ସୌରଶକ୍ତିକୁ ବ୍ୟାଟେରିରେ ସଞ୍ଚିତ କରି ରଖିବା ବ୍ୟବସ୍ଥା ଯାନରେ ଥିବାରୁ ଏହା ରାତିରେ ଚାଲିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୮

- ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ତଥା ବିଶିଷ୍ଟ ଗଜଲ ଗାୟକ ତଲତ ମହମ୍ମୁଦଙ୍କ ୭୫ ବର୍ଷ ବୟସରେ ପରଲୋକ।
- ଆସାମର ଦଙ୍ଗାଗ୍ରସ୍ତ କୋକ୍ରାଝର ଜିଲାର ବାରବିଲ ଗ୍ରାମ ଉପରେ ବୋଡୋ ଆଦିବାସୀ ଉଗ୍ରବାଦୀମାନେ ଅତର୍କିତ ଆକ୍ରମଣ କରିବା ଫଳରେ ସାନ୍ତାଳ ସମ୍ପ୍ରଦାୟର ୧୪ ଜଣଙ୍କ ମୃତ୍ୟୁ।
- 'ଜଣେ ବ୍ୟକ୍ତି ଗୋଟିଏ ପଦବୀ' ନୀତିରେ ଉପମୁଖ୍ୟମନ୍ତ୍ରୀ ପଦରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ହେମାନନ୍ଦ ବିଶ୍ୱାଳଙ୍କ ଇସ୍ତଫା ପ୍ରଦାନ।
- ଇଟାଲୀର ସାର୍ଣ୍ଣୋ ଅଞ୍ଚଳରେ ମାଟି ଓ କାଦୁଅ ଅତଡ଼ା ଧସିବା ଫଳରେ ୧୦୮ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶ ଦିଗହରା

ମହାଶୟ,

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶାଳୀ ରାଷ୍ଟ୍ର। ଜିଡିପି ଆଧାରରେ ଭାରତ ବିଶ୍ୱର ପ୍ରଥମ ସ୍ଥାନରେ ରହିଛି। ସମଗ୍ର ବିଶ୍ୱରେ ଅରବପତିଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଭାରତରେ ବୃଦ୍ଧି ପାଉଛି। ଭାରତ ସରକାର ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗର୍ବ ଓ ଗୌରବରେ ଅଭିଭୂତ ହୋଇ ପଡୁଛନ୍ତି। ଦେଶରେ ବିକାଶ ଶିଖର ଛୁଇଁଛି ବୋଲି ସରକାରଙ୍କ ତରଫରୁ ଦୃଢ଼ୋକ୍ତି କରାଯାଉଛି। ଏ ସବୁ ସତ୍ତ୍ୱେ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ସବୁ ନାଗରିକର ଖାଦ୍ୟ, ବସ୍ତ୍ର, ବାସଗୃହ, ପାନୀୟ ଜଳ, ପ୍ରାଥମିକ ଶିକ୍ଷା ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ପରି ମୌଳିକ ଆବଶ୍ୟକତା ପୂରଣ ହୋଇପାରିଲାନାହିଁ। ଏବେ ମଧ୍ୟ କୋଟି କୋଟି ଲୋକ ଦୁଇବେଳା ପେଟ ପୂରା ଖାଇବାକୁ ପାଉନାହାନ୍ତି। ଦୃଷ୍ଟିହୀନତାର ଶିକାର ହୋଇ ବ୍ୟାଧି ଭୋଗୁଛନ୍ତି। କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜୁଛନ୍ତି, ନଈ, ନାଳ ଓ ଗୁଆ ପାଣି ପିଉଛନ୍ତି। ଅଧାରୁ ପାଠ ଛାଡୁଛନ୍ତି। ଏଣୁ ଦେଶରେ ତଥାକଥିତ ବିକାଶ ସମ୍ପୂର୍ଣ୍ଣ ଦିଗହରା ହୋଇନାହିଁ କି ?

**–ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀର୍ଣ୍ଣ ସେ ବିଧାନ ରାଶି କରେ ଯେବେ
ଆଜି ଅସ୍ୱୀକାର
ଲଭିବାକୁ କ୍ଷମା ତବ ରହୁ ତା'ର
ନ୍ୟାୟ ଅଧିକାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଡିଜିପି କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

### ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିଆସିବା ପାଇଁ ମାଓବାଦୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୯।୫(ବ୍ୟୁରୋ)- ଭୁବନେଶ୍ୱରସ୍ଥିତ ପୋଲିସ ଡିଜି କ୍ୟାମ୍ପ ଅଫିସରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ଡିଜି ସୁନିଲ ବଂଶଲଙ୍କ ସହିତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇନ ଶୃଙ୍ଖଳା ଏଡିଜି ରାଧାକୃଷ୍ଣ ଶର୍ମା ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅନ୍ତର୍ଗତ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପୋଲିସ ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ପୋଲିସ ଡିଜି ବଂଶଲ ଗଣମାଧ୍ୟମକୁ କହିଛନ୍ତି, ମୃତ ୩ଜଣ ମାଓବାଦୀ ସଙ୍ଗଠନର ମୁଖିଆ ଥିବା ଅନୁମାନ କରାଯାଉଛି। ଆହତ ଡିଏସ୍‌ପି ଅତୁଲକ୍ରିଷ୍ଣାଙ୍କ ଚିକିତ୍ସା ଚାଲିଛି। ଏହି ଗୁଳି ବିନିମୟ ଘଟଣାରେ ଅଧିକ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ବିଚାର ରଖି ହିଂସା ଘଟାଉଥିବା ଲୋକେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଡିଜିପି ବଂଶଲ ଆହ୍ୱାନ ଦେଇଛନ୍ତି।

## ୨ ମାସର ଶିଶୁକନ୍ୟା ଉଦ୍ଧାର

ଖୋର୍ଦ୍ଧା ଅଫିସ,୯।୫
ଖୋର୍ଦ୍ଧା ଜିଲା କୁହୁଡିସ୍ଥିତ ଏକ ଘରୋଇ ଡାକ୍ତରଖାନାରୁ ଏକ ଦୁଇ ମାସର ଶିଶୁ କନ୍ୟାକୁ ଜିଲା ପ୍ରଶାସନ ଉଦ୍ଧାର କରିଛି। ପ୍ରାଥମିକ ଚିକିତ୍ସା ପରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ପାତ୍ରପଡା ସ୍ଥିତ ଆମଘର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି।

ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ କୁହୁଡିସ୍ଥିତ ଏକ ଡାକ୍ତରଖାନାର ମୁଖ୍ୟଦ୍ୱାର ନିକଟରେ କେହି ଶିଶୁଟିକୁ ଅସହାୟ ଅବସ୍ଥାରେ ଛାଡି ପଳାଇଥିଲେ। ଶିଶୁର କାନ୍ଦିବାର ଶବ୍ଦ ଶୁଣି ଡାକ୍ତରଖାନାର ସିକ୍ୟୁରିଟି ଗାର୍ଡ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲେ। ଡାକ୍ତରଖାନା ପକ୍ଷରୁ ଧ୍ୱନି ଯନ୍ତ୍ର ମାଧ୍ୟମରେ ଆଖପାଖ ଅଞ୍ଚଳରେ ଏହି ଶିଶୁଟି ବିଷୟରେ ପ୍ରଚାର ସହ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା। ତେବେ ଶିଶୁଟିର କୌଣସି ଅଭିଭାବକ କିମ୍ବା ଦାବିଦାର ନ ଆସିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଚାଇଲ୍ଡଲାଇନ ସଦସ୍ୟ ମଣିପାଲ ଓ ପ୍ରଣତି ପଟ୍ଟନାୟକ ଉକ୍ତ ଶିଶୁକୁ ଡାକ୍ତରଖାନାରୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ।

# ସଫେଇକୁ ଗୁରୁତ୍ୱ, କର୍ମଚାରୀଙ୍କୁ ଅଣଦେଖା

ଭୁବନେଶ୍ୱର, ୯।୫ (ବ୍ୟୁରୋ)



**୩ମାସର ଦରମା ନ ପାଇ ବିଏମ୍‌ସି ଜୋନ୍ ଅଫିସ ଘେରିଲେ ସଫେଇ କର୍ମଚାରୀ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ସହର ପରିମଳକୁ ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି। ବର୍ଜ୍ୟ ପୃଥକୀକରଣ ସହ ସବୁ ଘରୁ ବର୍ଜ୍ୟ ଆଦାୟ କରିବା ନେଇ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ମିଳିଛି। ମାତ୍ର ସ୍ୱଚ୍ଛତା ଦାୟିତ୍ୱ ତୁଲାଉଥିବା ସଫେଇ କର୍ମଚାରୀଙ୍କୁ ଠିକ୍ ଭାବେ ବେତନ ମିଳୁନାହିଁ। ସେମାନଙ୍କ ପ୍ରତି ବିଏମ୍‌ସି ଏବଂ ସଫେଇ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର ଉଦାସୀନତା ନଜରକୁ ଆସିଛି। ଦିନତମାମ କାମ କରି, ସଫେଇ ଗାଡ଼ି ଚଳାଇ, ଅଳିଆ ବୋହି ଟିଟିଏସ୍‌ରେ ପକାଉଥିବା ଡ୍ରାଇଭର ଓ ସଫେଇ କର୍ମଚାରୀଙ୍କୁ ଦୀର୍ଘ ୩ ମାସ ହେବ ମାସିକ ବେତନ ମିଳୁ ନ ଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଏନ୍‌ଜିଓ ୩ମାସ ହେଲା ବେତନ ଦେଇ ନ ଥିବା ଅଭିଯୋଗ କରି ସଫେଇ କର୍ମଚାରୀମାନେ ମଙ୍ଗଳବାର ବିଏମ୍‌ସି ଦକ୍ଷିଣ-ପଶ୍ଚିମ ଜୋନ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସି କିଛିଦିନ ତଳେ ଏନଜିଓ 'କୋର୍'କୁ କାମ କରିବା ଉପରେ କଟକଣା ଲଗାଇଛି। ଏହି ଏନ୍‌ଜିଓ ଦକ୍ଷିଣ-ପଶ୍ଚିମ ଜୋନ୍‌ର ଏକାଧିକ ୱାର୍ଡରେ ସଫେଇ କରୁଥିଲା। କିଛିଦିନ ତଳେ ବିଭାଗୀୟ ସଚିବଙ୍କ କ୍ଷେତ୍ରସ୍ତରୀୟ ଯାଞ୍ଚ ସମୟରେ କେତେକ ୱାର୍ଡରେ ପୂର୍ବାହ୍ନ ୧୦ଟା ଯାଏ ଅଳିଆ ଉଠି ନ ଥିବା ନଜରକୁ ଆସିଥିଲା। ଏନେଇ ସଚିବଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉକ୍ତ ଏନ୍‌ଜିଓକୁ କାମରୁ ନିବୃତ୍ତ କରିଥିଲା। ତେବେ ଉକ୍ତ ଏନ୍‌ଜିଓ ନିଜ ଅଧୀନରେ ଥିବା ସଫେଇ କର୍ମଚାରୀଙ୍କୁ ବକେୟା ବେତନ ପ୍ରଦାନ କରୁନାହିଁ, ଯାହାକୁ ନେଇ ସଫେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅପରପକ୍ଷେ ସମ୍ପୃକ୍ତ ଏନ୍‌ଜିଓକୁ ବିଏମ୍‌ସି ତା'ର ବକେୟା ଦେଇ ନ ଥିବା କଥା ସାମ୍ନାକୁ ଆସିଛି। ଯେଉଁ କାରଣରୁ କର୍ମଚାରୀଙ୍କୁ ଏନଜିଓ ଦରମା ଦେଇପାରିନାହିଁ। ତେବେ ଏନେଇ ବିଏମ୍‌ସି ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଶ୍ରମିକ ନେତା ଅଞ୍ଜନ ନାଥଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦରେ ବହୁ ସଫେଇ କର୍ମଚାରୀ ଓ ସଫେଇଗାଡ଼ି ଡ୍ରାଇଭରମାନେ ଜୋନ୍ ଅଫିସ ଘେରିଥିଲେ। ୩ମାସ ହେବ ଦରମା ମିଳି ନ ଥିବାବେଳେ ବିନା କାମରେ ଗୁଜରାଣ କିପରି ମେଣ୍ଟିବ ବୋଲି ସଫେଇ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି।

## କୁଶଭଦ୍ରାରେ ଚାପ ଖେଳିଲେ ଶ୍ରୀରାଧାମାଧବ



**ବାଲିଅନ୍ତା ଚନ୍ଦନଯାତ୍ରା ଆରମ୍ଭ**

ବାଲିଅନ୍ତା,୯।୫(ଡି.ଏନ୍.ଏ.)

ବାଲିଅନ୍ତାର ଆରାଧ୍ୟ ଠାକୁର ଶ୍ରୀନିକୁଞ୍ଜ ବିହାରୀ ଦେବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ ହଂସପାଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ରାଧାମାଧବଙ୍କ ଚଳନ୍ତି ପ୍ରତିମା ଯୋଗଦେଇ କୁଶଭଦ୍ରା ନଦୀରେ ପାରମ୍ପରିକ ରୀତିନୀତିରେ ଚାପ ଖେଳିଛନ୍ତି। ରାତି ୯ଟା ସମୟରେ ଶ୍ରୀରାଧାମାଧବ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ହଂସପାଳ ଗ୍ରାମରୁ ବାହାରି ବାଲିଅନ୍ତା ମେଳଣ ପଡ଼ିଆ ନିକଟ କୁଶଭଦ୍ରା ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ଛାକୁର ଶ୍ରୀରାଧାମାଧବଙ୍କୁ ସଂକୀର୍ତ୍ତନ କରି କୁଶଭଦ୍ରା ନଦୀ କୂଳକୁ ନିଆଯାଇଥିଲା। ଏକ ଡଙ୍ଗାରେ ଠାକୁର ଶ୍ରୀରାଧାମାଧବଙ୍କୁ ବିଜେ କରାଯାଇ ନଦୀ ପାଣିରେ ୭ ଘେରା ଚାପ ଖେଳାଯାଇଥିଲା। ପରେ ନଦୀପାଣିରେ ନିର୍ମିତ ଚନ୍ଦ୍ର ଦ୍ୱୀପଦଣ୍ଡିରେ ଠାକୁରଙ୍କ ବିଗ୍ରହ ରଖାଯାଇ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ପରେ ସେଠାରୁ ଠାକୁରଙ୍କ ଚଳନ୍ତି ବିଗ୍ରହକୁ ଦୋଳବିମାନରେ ଚନ୍ଦନ ଯାତ୍ରା ପଡ଼ିଆ ଅଭିମୁଖେ ନିଆଯାଇ ସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା। ପୂଜକ ଅଲେଖଚନ୍ଦ୍ର ପତି ଠାକୁରଙ୍କ ସମସ୍ତ ନୀତିକୁ ସମ୍ପନ୍ନ କରିଥିଲେ। ବୁଧବାରଠାରୁ ୩ ଦିନ ଧରି ପ୍ରତ୍ୟହ ରାତିରେ ଠାକୁରଙ୍କ ଦୋଳବିମାନ ସମ୍ମୁଖରେ ନାଟକ ପରିବେଷଣ କରାଯିବ।




ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ପ୍ରଗତି ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ପାଳନ ଅବସରରେ ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରାଯାଉଛି।

## କଳିଙ୍ଗ ଷ୍ଟୁଡିଓ ଛକରୁ ହଟିଲା ୨ଶହରୁ ଊର୍ଦ୍ଧ୍ୱ ଦୋକାନ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ସହରର ଅନେକ ସରକାରୀ ଜାଗା ଜବରଦଖଲରେ ଥିବାବେଳେ ଏଥିପାଇଁ ବହୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଭୁବନେଶ୍ୱରକୁ ଜବରଦଖଲମୁକ୍ତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର କଳିଙ୍ଗ ଷ୍ଟୁଡିଓ ଛକରୁ ଶାମପୁର ଗାଁ ପର୍ଯ୍ୟନ୍ତ ବଡ଼ ଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦୋକାନ ଘର ଭଙ୍ଗାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କଳିଙ୍ଗ ଷ୍ଟୁଡିଓ ଛକର ଦୁଇପାର୍ଶ୍ୱ ରାସ୍ତାରେ ଥିବା ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ୭୩ଟି ଆଜବେଷ୍ଟସ ନିର୍ମିତ ଦୋକାନ, ୭୧ଟି ବାଉଁଶ ନିର୍ମିତ ଦୋକାନ, ୨୩ଟି ଫଳ ଦୋକାନ, ୧୮ଟି ଫାଷ୍ଟଫୁଡ ଦୋକାନ, ୨୧ଟି ମାଛ, ମାଂସ ଓ ଚିକେନ ଦୋକାନ, ୧୯ଟି ସମ୍ପ୍ରସାରଣ ଅଂଶ, ୨୩ଟି କ୍ୟାବିନ ଏବଂ ଗୋଟିଏ ନର୍ସରି ଭଙ୍ଗାଯାଇଛି। ଏହାବ୍ୟତୀତ ଶାମପୁର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନଂ. ୫୪ରେ ହୋଇଥିବା ୨ଟି ବେଆଇନ ଦୋକାନକୁ ଭାଙ୍ଗିଦିଆଯାଇଛି। ଉଚ୍ଛେଦ ସମୟରେ ଯେପରି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜେ ସେଥିପାଇଁ ୧ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଯୁଗ୍ମ କମିଶନର (ପ୍ରବର୍ତ୍ତନ) ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ଦାସ, ଭରତପୁର ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଘର ନ ପାଇ ବିଲ୍ଡର ସଂସ୍ଥା ଅଫିସ ଘେରିଲେ ଗ୍ରାହକ

ଭୁବନେଶ୍ୱର,୯।୫(ବ୍ୟୁରୋ)

ଟଙ୍କା ନେଇ ପ୍ରତିଶ୍ରୁତି ଅନୁଯାୟୀ ବିଲ୍ଡର ସଂସ୍ଥା ପକ୍ଷରୁ ଠିକ୍ ସମୟରେ ଘର ଦିଆ ନ ଯିବାରୁ ଗ୍ରାହକମାନେ ଅସନ୍ତୁଷ୍ଟ ହୋଇଛନ୍ତି। ଏନେଇ ମଙ୍ଗଳବାର ଗ୍ରାହକମାନେ ଶହୀଦନଗର ଅଞ୍ଚଳର ପ୍ଲଟ ନଂ. ୫୪୦ରେ ଥିବା (ଆରିୟନ୍ ଇନ୍‌ଫ୍ରା ପ୍ରୋଜେକ୍ଟସ ଲିଃ) ସଂସ୍ଥାର ଅଫିସ ଘେରାଉ କରିଛନ୍ତି। ମଧ୍ୟାହ୍ନରେ ପ୍ରାୟ ୩୮ ଜଣ ଗ୍ରାହକ ଉକ୍ତ ଅଫିସରେ ପଶି ହୋହାଲ୍ଲା କରିବା ସହ ସଂସ୍ଥାର ଅଧିକାରୀ ଓ କର୍ମଚାରୀଙ୍କ ସହିତ ସହ ଆଲୋଚନା କରିଥିଲେ। ଏପରିକି ଉଭୟ ପକ୍ଷ ମଧ୍ୟରେ କିଛି ସମୟ ଧରି ଯୁକ୍ତିତର୍କ ମଧ୍ୟ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ସଂସ୍ଥା ପକ୍ଷରୁ ସୁନ୍ଦରପଦାରେ ପ୍ରସ୍ତାବିତ 'ଦ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ'ରେ ଗ୍ରାହକମାନଙ୍କୁ ଘର ଦିଆଯିବାକୁ କୁହାଯାଇଥିଲା। ହେଲେ ସଂସ୍ଥା ପକ୍ଷରୁ ଆପାର୍ଟମେଣ୍ଟର କାମ ବିଳମ୍ବ କରାଯାଉଛି। ଗ୍ରାହକମାନେ ଘର ପାଇବାକୁ ୨୦୧୨ରୁ ୨୦୧୪ ମସିହା ମଧ୍ୟରେ ସମସ୍ତ ଟଙ୍କା ପୈଠ କରିଥିଲେ। ଏପରିକି ୨୦୧୬ ମସିହା ସୁଦ୍ଧା ଗ୍ରାହକମାନଙ୍କୁ ଘର ଦିଆଯିବ ବୋଲି ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଘର ନ ଦିଆଯିବାରୁ ଗ୍ରାହକମାନେ ଚିନ୍ତାରେ ପଡ଼ିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସଂସ୍ଥାର ନିର୍ଦ୍ଦେଶକ ମୁକ୍ତିକାନ୍ତ ବଡୁ କହିଛନ୍ତି, କୋଭିଡ୍ ସମସ୍ୟା ପାଇଁ ଘର ନିର୍ମାଣ କାମ ବିଳମ୍ବ ହୋଇଛି। ଏହା ଗ୍ରାହକଙ୍କୁ ଅସୁବିଧାରେ ପକାଇଛି। ତେବେ ଆଗାମୀ ୪ ମାସ ଭିତରେ କାମ ସମ୍ପୂର୍ଣ୍ଣ କରାଯାଇ ଗ୍ରାହକମାନଙ୍କୁ ଘର ହସ୍ତାନ୍ତର କରାଯିବ।

## 'ଦ କେରଳ ଷ୍ଟୋରି'କୁ ସମାଜବାଦୀ ପାର୍ଟିର ବିରୋଧ

ଭୁବନେଶ୍ୱର,୯।୫(ବ୍ୟୁରୋ)

ହିନ୍ଦୀ ଚଳଚ୍ଚିତ୍ର 'ଦ କେରଳ ଷ୍ଟୋରି'କୁ କେତେକ ରାଜ୍ୟରେ ବ୍ୟାନ କରାଯାଇଛି। ଓଡ଼ିଶାରେ ଉକ୍ତ ଚଳଚ୍ଚିତ୍ର ବ୍ୟାନ କରାଯିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏନେଇ ପାର୍ଟିର ଓଡ଼ିଶା ଶାଖା ସଭାପତି ରବୀନ୍ଦ୍ରନାଥ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚଳଚ୍ଚିତ୍ର କାହାଣୀରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ନ୍ୟୂନ ଦର୍ଶାଯାଇଛି। ଏହା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସୃଷ୍ଟି କରିବ। ତେଣୁ ଓଡ଼ିଶାର ଦର୍ଶକ ଏଥିରୁ ନିବୃତ୍ତ ରହିବା ପାଇଁ ଏହି ଚଳଚ୍ଚିତ୍ରକୁ ବ୍ୟାନ କରାଯାଉ। ନଚେତ ଏହା ରାଜ୍ୟରେ ଶାନ୍ତି ଓ ଭାଇଚାରାକୁ କ୍ଷୁଣ୍ଣ କରିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି।

## ସଂସ୍ଥାର ଡ୍ରାଇଭରଙ୍କ ସମେତ ୨ ଗିରଫ

**ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି**

ବାରଙ୍ଗ, (ଡି.ଏନ୍.ଏ)/ ଭୁବନେଶ୍ୱର(ବ୍ୟୁରୋ)୯।୫

ଚନ୍ଦକା ଥାନା ଅନ୍ତର୍ଗତ ବର୍ମା ଲଜିଷ୍ଟିକ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ଏକ ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି କରିବା ମାମଲାରେ ମଙ୍ଗଳବାର ପୋଲିସ ଉକ୍ତ ସଂସ୍ଥାର ଜଣେ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ଗୋପାଳପୁରର ପ୍ରବୀର କୁମାର ହାତୀ (୨୯) ଓ ତାଙ୍କ ସହଯୋଗୀ ନନ୍ଦନକାନନ ଥାନା ଅଞ୍ଚଳର ଲକ୍ଷ୍ମୀଧର ରାଉତ ଓରଫ ଉତ୍ତମ (୨୯)। ପୋଲିସ ଉଭୟଙ୍କଠାରୁ ସମସ୍ତ ଚୋରି ବ୍ୟାଟେରି ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ସୂଚନା ଅନୁଯାୟୀ, ମେ ୩ ତାରିଖ ବିଳମ୍ବିତ ରାତିରେ ଉକ୍ତ ସଂସ୍ଥାରେ ଜଣେ ଡ୍ରାଇଭର ବ୍ୟାଟେରି ଭର୍ତ୍ତି ଗାଡ଼ିକୁ ରଖି ସୁରକ୍ଷାକର୍ମୀଙ୍କୁ ଚାବି ଦେଇଥିଲେ। ସେହି ରାତିରେ ପ୍ରବଳ ବର୍ଷାର ସୁଯୋଗ ନେଇ ସଂସ୍ଥାର ଡ୍ରାଇଭର ପ୍ରବୀର ଚୋରି କରିବାକୁ ଯୋଜନା କରିଥିଲେ। ପ୍ରବୀର ତାଙ୍କ ସହଯୋଗୀ ଉତ୍ତମଙ୍କ ସହ ଗାଡ଼ିର ଜିପିଏସ୍ କାଟି ତାହାକୁ ଚୋରି କରି ନେଇଯାଇଥିଲେ। ପରେ ବ୍ୟାଟେରିଗୁଡ଼ିକୁ ଗୋପାଳପୁରସ୍ଥିତ ଭଡ଼ାଘରେ ରଖି ଗାଡ଼ିକୁ ମଙ୍ଗୁଳିସ୍ଥିତ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଚାଲିଆସିଥିଲେ। ଏ ନେଇ ସଂସ୍ଥାର ମ୍ୟାନେଜର ରଞ୍ଜନ କୁମାର ଶତପଥୀଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଖବର ପାଇ ସେଠାରୁ ଉକ୍ତ ଗାଡ଼ିକୁ ଶନିବାର ଜବତ କରିବା ପରେ ସୋମବାର ବାରଙ୍ଗ ଅଞ୍ଚଳରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

# ଖରାଛୁଟିରେ ଘାରୁଛି ପାଠପଢ଼ା ଚିନ୍ତା

*ଭୁବନେଶ୍ୱର,୯।୫(ବ୍ୟୁରୋ)- ରାଜ୍ୟରେ କିଛିଦିନ ତଳେ ତାପମାତ୍ରାରେ ଅହେତୁକ ବୃଦ୍ଧି କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଘୋଷଣା କରାଯାଇଛି। ମେ ୫ରୁ ଜୁନ୍ ୧୭ ତାରିଖ ଯାଏ ଖରାଛୁଟି ନିର୍ଦ୍ଧାରଣ କରାଯାଇଥିଲା। ତେବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୧ ତାରିଖଠାରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ। ମାତ୍ର ସମାନ ସମୟରେ ପିଲାମାନେ ଘରୋଇ ଟ୍ୟୁଶନ୍ ଓ କୋଚିଂ ସେଣ୍ଟରକୁ ଯାଉଥିବାବେଳେ ବିଦ୍ୟାଳୟ ଖୋଲା ନ ଯିବା ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ବିଶେଷକରି ଅଷ୍ଟମ, ନବମ ଓ ଦଶମଶ୍ରେଣୀର ପିଲାଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ତେଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଖୋଲିବା ପାଇଁ ଅନେକେ ମତ ରଖିଛନ୍ତି।*

### ଅନ୍‌ଲାଇନ୍ କ୍ଲାସ୍ ବ୍ୟତୀତ ଶିକ୍ଷକଙ୍କୁ ଫୋନ୍ କରି ପାଠପଢ଼ା ବୁଝୁଛୁ

ବିଦ୍ୟାଳୟରେ ଅନଲାଇନ୍ କ୍ଲାସ କରାଯାଉଛି। ଆବଶ୍ୟକ ହେଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ପାଠପଢ଼ା ବିଷୟରେ ପଚାରି ବୁଝିପାରୁଛୁ। ତେବେ କ୍ଲାସ୍‌ରେ ବସି ପାଠପଢ଼ା ଯେମିତି ହୋଇପାରିବ ତାହା ଅନଲାଇନ୍‌ରେ ହୋଇପାରିବନାହିଁ। ଖରାଛୁଟି ସବୁ ବର୍ଷ ହୁଏ। ଏ ବର୍ଷ ମଧ୍ୟ ହୋଇଛି, ତେଣୁ ସେଥିରେ କୌଣସି ଅସୁବିଧା ନାହିଁ। କିନ୍ତୁ ପ୍ରାୟ ୧୫ଦିନ ଅଧିକ ଛୁଟି ହେଇଯାଉଛି। ତେଣୁ ଆଗକୁ ଯଦି ଖରା କମେ ତାହାଲେ ସ୍କୁଲ ଖୋଲିଦେବା ଉଚିତ୍।



**- ଶୁଭଲକ୍ଷ୍ମୀ ନନ୍ଦ, ମାଟ୍ରିକ ଛାତ୍ରୀ**

### ଛୁଟି ସରିବାର ୧୫ଦିନ ପୂର୍ବରୁ ବିଦ୍ୟାଳୟ ଖୋଲିବା ଦରକାର

ସମ୍ପ୍ରତି ଖରାଛୁଟି ଯୋଗୁ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିଛି। ଅନ୍ୟପଟେ ରାଜ୍ୟର ଘରୋଇ କୋଚିଂ ସେଣ୍ଟରେ ପାଠପଢ଼ା ଚାଲିଛି। ବିଦ୍ୟାଳୟ ଯିବା ସମୟରେ ପିଲାମାନେ କୋଚିଂ ସେଣ୍ଟରକୁ ଯାଉଛନ୍ତି। ସେହିପରି ଅନେକ ଘରୋଇ ବିଦ୍ୟାଳୟରେ ସମର କ୍ୟାମ୍ପ ଜାରି ରହିଛି। ତେଣୁ ଉକ୍ତ ସମୟରେ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ା ଜାରି ରହିବା ଦରକାର। ୧୫ଦିନ ପୂର୍ବରୁ ଛୁଟି ଘୋଷଣା କରାଯାଇଛି। ଛୁଟି ସରିବାର ୧୫ଦିନ ପୂର୍ବରୁ ବିଦ୍ୟାଳୟ ଖୋଲିବା ଦରକାର। ବିଶେଷକରି ୮ମରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଗଣିତ, ବିଜ୍ଞାନ ଓ ଇଂଲିଶରେ ଦୁର୍ବଳ ଥିବାରୁ ବିଦ୍ୟାଳୟ ଖୋଲାଯିବା ଆବଶ୍ୟକ।



**-ଅହଲ୍ୟା ନନ୍ଦ, ଅଭିଭାବକ**

### ଗ୍ରୀଷ୍ମପ୍ରବାହ ସମୟରେ ଘରୋଇ ଅନୁଷ୍ଠାନ ଖୋଲାଯିବା ଗ୍ରହଣୀୟ ନୁହେଁ

ବିଦ୍ୟାଳୟରେ ଖରାଛୁଟି ହେବା କୌଣସି ବଡ଼ କଥା ନୁହେଁ। ପ୍ରତିବର୍ଷ ହୁଏ ଏବଂ ହେବା ଦରକାର ମଧ୍ୟ। ମାତ୍ର ଗ୍ରୀଷ୍ମପ୍ରବାହ ସମୟରେ କୋଚିଂ ସେଣ୍ଟର ସହ ଅନ୍ୟାନ୍ୟ ବେସରକାରୀ ଅନୁଷ୍ଠାନ ଖୋଲାଯିବା ଗ୍ରହଣୀୟ ନୁହେଁ। ଜୁନ୍ ୧ ସୁଦ୍ଧା ବିଦ୍ୟାଳୟ ଖୋଲିଦେବା ଉଚିତ। ସେହିପରି ସ୍କୁଲ ଖୋଲିବା ପୂର୍ବରୁ ବର୍ଷାଜନିତ ସମସ୍ୟାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଜାଗ ହୋଇଯିବା ଦରକାର। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ଯେଉଁସବୁ ବଡ଼ ବଡ଼ ବେସରକାରୀ ଅନୁଷ୍ଠାନ ପିଲାଙ୍କୁ ପଢ଼ାଉଛନ୍ତି, ତାହା ବିଷୟରେ ସରକାରଙ୍କ ନିକଟରେ ତଥ୍ୟ ରହିବା ଉଚିତ୍। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେଉଁସବୁ ପଦକ୍ଷେପ ନିଆଯାଇଛି ସମ୍ପୃକ୍ତ ଅନୁଷ୍ଠାନ ଜଣାଇବା ଦରକାର।



**- ପ୍ରସନ୍ନ ବିଶୋୟୀ, ସହଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ।**

### ପିଲାଙ୍କ ପାଇଁ ଶିକ୍ଷା ଭଳି ସ୍ୱାସ୍ଥ୍ୟଗତ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ

ପିଲାଙ୍କ ପାଇଁ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ, ସ୍ୱାସ୍ଥ୍ୟଗତ ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ କିଛିଦିନ ତାପମାତ୍ରା କମିବା ପରେ ପୁଣି ପ୍ରବଳ ଖରା ହେଉଛି। ଏଭଳି ସ୍ଥିତିରେ ପିଲାମାନେ ବିଦ୍ୟାଳୟ ଯିବା ଆସିବା କରିବା ସୁରକ୍ଷିତ ନୁହେଁ। ପିଲାଙ୍କ ପାଠପଢ଼ାରେ କୌଣସି ବ୍ୟାଘାତ ନ ହେବା ପାଇଁ ଅନଲାଇନ୍ କ୍ଲାସ୍ କରାଯାଉଛି। ଯେତେବେଳେ ଯେଉଁ ବିଷୟରେ ସମସ୍ୟା ହେଉଛି, ପିଲାମାନେ ପଚାରି ବୁଝୁଛନ୍ତି। ପିଲାମାନେ ବିଦ୍ୟାଳୟକୁ ଆସିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଢ଼ିପାରନ୍ତି, କିନ୍ତୁ ଛୁଟିରେ ଯେକୌଣସି ସମୟରେ ହେଲ୍ପଲାଇନ ନମ୍ବରରେ ଫୋନ୍ କରି ପାଠ ବୁଝିପାରୁଛନ୍ତି। ତେଣୁ ଛାତ୍ରୀଛାତ୍ର ବା ଅଭିଭାବକ ବ୍ୟସ୍ତ ହେବା ଉଚିତ୍ ନୁହେଁ।



**-ସୁରେଶ କୁମାର ପଣ୍ଡା, ଶିକ୍ଷକ**

## ସଂକ୍ଷେପରେ

### ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି ଘଟଣା: ଡ୍ରାଇଭରଙ୍କ ସମେତ ୨ ଗିରଫ

ଭୁବନେଶ୍ୱର(ବ୍ୟୁରୋ)୯।୫: ଚନ୍ଦକା ଥାନା ଅନ୍ତର୍ଗତ ବର୍ମା ଲଜିଷ୍ଟିକ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ଏକ ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି କରିବା ମାମଲାରେ ମଙ୍ଗଳବାର ପୋଲିସ ଉକ୍ତ ସଂସ୍ଥାର ଜଣେ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ଗୋପାଳପୁରର ପ୍ରବୀର କୁମାର ହାତୀ (୨୯) ଓ ତାଙ୍କ ସହଯୋଗୀ ନନ୍ଦନକାନନ ଥାନା ଅଞ୍ଚଳର ଲକ୍ଷ୍ମୀଧର ରାଉତ ଓରଫ ଉତ୍ତମ (୨୯)। ପୋଲିସ ଉଭୟଙ୍କଠାରୁ ସମସ୍ତ ଚୋରି ବ୍ୟାଟେରି ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମେ ୩ ତାରିଖ ବିଳମ୍ବିତ ରାତିରେ ଉକ୍ତ ସଂସ୍ଥାରେ ଜଣେ ଡ୍ରାଇଭର ବ୍ୟାଟେରି ଭର୍ତ୍ତି ଗାଡ଼ିକୁ ରଖି ସୁରକ୍ଷାକର୍ମୀଙ୍କୁ ଚାବି ଦେଇଥିଲେ। ସେହି ରାତିରେ ପ୍ରବଳ ବର୍ଷାର ସୁଯୋଗ ନେଇ ସଂସ୍ଥାର ଡ୍ରାଇଭର ପ୍ରବୀର ଚୋରି କରିବାକୁ ଯୋଜନା କରିଥିଲେ। ପ୍ରବୀର ତାଙ୍କ ସହଯୋଗୀ ଉତ୍ତମଙ୍କ ସହ ଗାଡ଼ିର ଜିପିଏସ୍ କାଟି ତାହାକୁ ଚୋରି କରି ନେଇଯାଇଥିଲେ। ପରେ ବ୍ୟାଟେରିଗୁଡ଼ିକୁ ଗୋପାଳପୁରସ୍ଥିତ ଭଡ଼ାଘରେ ରଖି ଗାଡ଼ିକୁ ମଙ୍ଗୁଳିସ୍ଥିତ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଚାଲିଆସିଥିଲେ। ଏ ନେଇ ସଂସ୍ଥାର ମ୍ୟାନେଜର ରଞ୍ଜନ କୁମାର ଶତପଥୀଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଖବର ପାଇ ସେଠାରୁ ଉକ୍ତ ଗାଡ଼ିକୁ ଶନିବାର ଜବତ କରିବା ପରେ ସୋମବାର ବାରଙ୍ଗ ଅଞ୍ଚଳରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

### ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବିପିନଙ୍କୁ ସମ୍ବର୍ଦ୍ଧନା

ଜଟଣୀ,୯।୫(ଡି.ଏନ୍.ଏ.): ଭାଷା ସୁରକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଟଣୀ ପୌରାଞ୍ଚଳ ଅଧୀନ ବିକାଶ ନଗରସ୍ଥିତ ବିପିନ ବିହାରୀ ପାଠାଗାର ଅଧକ୍ଷ ବିପିନ ବିହାରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସରଂକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆମରି ସତ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର, ଶିକ୍ଷାବିତ୍ ଜବାହାରଲାଲା ସୁବୁଦ୍ଧି, ରୋଟାରିୟନ ଆଦିନାରୟଣ ଖଣ୍ଡୁଆଳ, ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ‘ଦ କେରଳ ଷ୍ଟୋରି’କୁ ସମାଜବାଦୀ ପାର୍ଟିର ବିରୋଧ

ଭୁବନେଶ୍ୱର,୯।୫(ବ୍ୟୁରୋ): ହିନ୍ଦୀ ଚଳଚ୍ଚିତ୍ର ‘ଦ କେରଳ ଷ୍ଟୋରି’କୁ କେତେକ ରାଜ୍ୟରେ ଟିକସ ଛାଡ଼ କରାଯାଇଥିବାବେଳେ କେତେକ ରାଜ୍ୟରେ ବ୍ୟାନ କରାଯାଇଛି। ଓଡ଼ିଶାରେ ଉକ୍ତ ଚଳଚ୍ଚିତ୍ର ବ୍ୟାନ କରାଯିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏନେଇ ପାର୍ଟିର ଓଡ଼ିଶା ଶାଖା ସଭାପତି ରବୀନ୍ଦ୍ରନାଥ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚଳଚ୍ଚିତ୍ର କାହାଣୀରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ନ୍ୟୁନ ଦର୍ଶାଯାଇଛି। ଏହା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସୃଷ୍ଟି କରିବ। ତେଣୁ ଓଡ଼ିଶାର ଦର୍ଶକମାନେ ଏଥିରୁ ନିବୃତ୍ତ ରହିବା ପାଇଁ ଏହି ଚଳଚ୍ଚିତ୍ରକୁ ବ୍ୟାନ କରାଯାଉ। ନଚେତ ଏହା ରାଜ୍ୟରେ ଶାନ୍ତି ଓ ଭାଇଚାରାକୁ କ୍ଷୁଣ୍ଣ କରିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି।

# କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠପଢ଼ିବା ପ୍ରସଙ୍ଗ**

- ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ମାଗିଲା ଏନ୍‌ସିଆଇଏସ୍‌ଏମ୍
- ୫ ଜଣ ପରିବର୍ତ୍ତେ ୭ ଲେଖାଇଛନ୍ତି ନାମ
- ଗୋଟିଏ ଚିଠିରେ ୨ଟି ଡାଏରି ନମ୍ବର

ଖୋର୍ଦ୍ଧା ଅଫିସ,୯।୫

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଏନ୍‌ଇଇଟିରେ କେତେଜଣ ଛାତ୍ରୀଛାତ୍ର ଡାକ୍ତରୀ ପାଠ ପଢୁଛନ୍ତି। ୨୦୨୦-୨୧ ବ୍ୟାଚରେ ବିନା ଏନ୍‌ଇଇଟିରେ ଦୁଇଜଣ ପାଠ ପଢୁଥିବା ବେଳେ ୨୦୧୬ରେ ଜଣେ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ୨୦୧୭ରେ ଦୁଇଜଣ ଛାତ୍ରୀଛାତ୍ର ପାଠପଢ଼ା ପରେ ହାଉସ ସର୍ଜନ ଭାବେ କାର୍ଯ୍ୟରତ ଅଛନ୍ତି। ଏନେଇ ଗତ ୧ ତାରିଖରେ ‘ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ’ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଘଟଣାକୁ ରାଜ୍ୟ ଆୟୁଷ ବିଭାଗ ଗୁରୁତ୍ୱର ସହିତ ନେଇଛନ୍ତି। ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

୨୦୨୦-୨୧ବ୍ୟାଚରେ ଦୁଇଜଣ ଛାତ୍ରୀଛାତ୍ର ବିନା ଏନ୍‌ଇଇଟିରେ ପାଠ ପଢୁଥିବା ନେଇ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ କରିଛି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ। ମନ୍ତ୍ରଣାଳୟ କମ୍ପିଟେଣ୍ଟ ଅଥୋରିଟି ପକ୍ଷରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବକ୍ରମେ ଏହି ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ଡିସେମ୍ବର ୧୪ରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ୍ ମେଡିସିନ (ଏନ୍‌ସିଆଇଏସ୍‌ଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିଆଇଏସ୍‌ଏମ୍ ଏପ୍ରିଲ ୧୩ରେ ଏ ସଂକ୍ରାନ୍ତରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଚିଠି ପାଇବାର ୨ ସପ୍ତାହ ମଧ୍ୟରେ ଏହାର ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏନ୍‌ସିଆଇଏସ୍‌ଏମ୍ ପକ୍ଷରୁ ଚିଠି ପାଇବା ପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଚିଠି ନଂ.୭୦୨୩/୨୬।୪।୨୩ ପ୍ରକାରେ ଗୋପବନ୍ଧୁ ଆୟୁର୍ବେଦ କଲେଜକୁ ଚିଠି ପାଇବାର ସପ୍ତାହକ ମଧ୍ୟରେ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ୨୦୨୦ ବ୍ୟାଚରେ ଆୟୁଷ ବିଭାଗ ପକ୍ଷରୁ ଆସିଥିବା ଏକ ଚିଠିକୁ ନକଲ କରାଯାଇ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ଟ୍ରାନ୍ସଫର କେସ୍‌ରେ ନାମଲେଖା ସୁଯୋଗ ଦିଆଯାଇଥିବା ଜଣାପଡ଼ିଛି। ତେବେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍(ଟ୍ରାନ୍ସଫର ବେସିସ୍) ନାମଲେଖା ପାଇଁ କଲେଜ ଅଧ୍ୟକ୍ଷଙ୍କ ଚିଠି ନଂ .୩୪୧୦/୧୬।୧୨।୨୦୨୧ ପ୍ରକାରେ ତତ୍କାଳୀନ ଆୟୁଷ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ନାମଲେଖା କମିଟିରେ ଆୟୁଷ ନିର୍ଦ୍ଦେଶକଙ୍କ ବ୍ୟତୀତ, ଅତିରିକ୍ତ ଆୟୁଷ ନିର୍ଦ୍ଦେଶକ ଏବଂ ପୁରୀ ସମେତ ବଲାଙ୍ଗୀର ଓ ବ୍ରହ୍ମପୁର କଲେଜ ଅଧ୍ୟକ୍ଷମାନେ ଏହାର ସଦସ୍ୟ ରହିଥିଲେ। ସେହି ସମୟରେ ଏହି କମିଟି ଆବେଦନକାରୀଙ୍କ ମଧ୍ୟରୁ ୫ଜଣଙ୍କୁ ମନୋନୀତ କରିଥିବା ଆୟୁଷ ବିଭାଗ ପକ୍ଷରୁ ଉପରୋକ୍ତ ୩କଲେଜ ଅଧ୍ୟକ୍ଷଙ୍କୁ ଜାରି କରିଥିବା ଚିଠି କ୍ରମାଙ୍କ ୬୦୧/୧୯।୦୧।୨୨ରେ ଦର୍ଶାଇଛନ୍ତି। ଆୟୁଷ ବିଭାଗ ପକ୍ଷରୁ ଆସିଥିବା ଚିଠିକୁ ଗୋପବନ୍ଧୁ ଆୟୁର୍ବେଦ କଲେଜ ଡାଏରୀ ନଂ.୨୭୨/୩।୨।୨୨ ଉଲ୍ଲେଖ କରାଯାଇଛି। ତେବେ କଲେଜ ପକ୍ଷରୁ ଆୟୁଷ ବିଭାଗର ଏକା ଚିଠି ନମ୍ବର(୬୦୧/୧୯।୧।୨୨) ଡାଏରୀ ନମ୍ବର ୨୨୧/୨୮।୧।୨୨ରେ ମନୋନୀତ ୫ଜଣ ବିଦ୍ୟାର୍ଥୀଙ୍କ ପରିବର୍ତ୍ତେ ୭ଜଣଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିବା ଉଲ୍ଲେଖ ରହିଛି। ତେବେ ଆୟୁଷ ବିଭାଗ ପକ୍ଷରୁ ଜାରି ଗୋଟିଏ ଚିଠିରେ ଦୁଇ ପ୍ରକାର ନାମଲେଖା ନୋଟିସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଆୟୁର୍ବେଦ କଲେଜ(ସିଏସି) ବଲାଙ୍ଗୀର ଅଧ୍ୟକ୍ଷ ଡା. ଅରୁଣ କୁମାର ଦାଶ ଏବଂ କେଏଟିଏସ୍ ଆୟୁର୍ବେଦ କଲେଜ ଆଣ୍ଡ ହସ୍ପିଟାଲ ଆଙ୍କୁଶପୁର, ବ୍ରହ୍ମପୁର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ ନାମଲେଖା କମିଟିରେ ସଦସ୍ୟ ରହିଥିଲେ। ତେବେ ଏମାନେ ୫ଜଣଙ୍କ ଜାଗାରେ ଆଉ ଦୁଇଜଣ ବାହାର କଲେଜ ବିଦ୍ୟାର୍ଥୀଙ୍କୁ ସୁଯୋଗ ଦିଆଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟଠାରେ ହୋଇଥିବା ବୈଠକରେ ୫ଜଣଙ୍କୁ ମନୋନୀତ କରାଯାଇଥିଲା। ଯଦି ତା’ ପରେ ଆଉ ଦୁଇଜଣଙ୍କୁ ନାମଲେଖାରେ ସୁଯୋଗ ଦିଆଯାଇଛି, ସେଥିରେ ଆମର କୌଣସି ସମ୍ପୃକ୍ତି ନାହିଁ। ଆବଶ୍ୟକ ପଡିଲେ କଲେଜକୁ ଆସିଥିବା ନୋଟିସ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରାଯିବ ବୋଲି ଉଭୟ କହିଛନ୍ତି।

ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍‌ରେ ନାମଲେଖା ଲାଗି ୧୨ଜଣ ଆବେଦନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ନାମଲେଖାର ସୁଯୋଗ ପାଇଥିବା ୨ବିଦ୍ୟାର୍ଥୀ (ବିନା ଏନ୍‌ଇଇଟି ଷ୍ଟୁଡେଣ୍ଟ) ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ ଏୱାଇ ଆଣ୍ଡ ଆର୍‌ଆଇ) ପାଇକମାଲ, ବରଗଡ ଜିଲା ଛାତ୍ରୀଛାତ୍ର ବୋଲି ଆୟୁଷ ବିଭାଗ ଚିଠିରେ ଉଲ୍ଲେଖ ରହିଛି। ଏହି ଦୁଇଜଣ ୨୦୨୦-୨୧ ବ୍ୟାଚରେ ସମ୍ପୃକ୍ତ କଲେଜର ଛାତ୍ର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷା କ୍ଷୀରାବ୍ଧି ତନୟା ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଦୁଇଜଣ ଛାତ୍ର ବିନା ଏନ୍‌ଇଇଟିରେ ପାଠ ପଢୁଥିବା ନେଇ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଆସିଛି। ୨୦୧୬ ଏବଂ ୨୦୧୭ମଧ୍ୟରେ ସମାନ ଢଙ୍ଗରେ ୩ ଜଣଙ୍କୁ ସୁଯୋଗ ଦିଆଯାଇଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଉଭୟ ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ସହ ସବିଶେଷ ତଥ୍ୟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦିଆଯାଇଛି।

## ଦୋକାନୀଙ୍କୁ ମାଡ଼ ମାରି ଯୁବକ ଗିରଫ


ଗିରଫ ଅଭିଯୁକ୍ତ

ଝାଁଳା,୯।୫(ଡି.ଏନ୍.ଏ.)

ଦୋକାନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କାଇମାଟିଆ ଗ୍ରାମର ଜିତେନ୍ଦ୍ର ପରିଡା ଓରଫ ଦିପୁ (୩୦)। ସୂଚନା ଅନୁଯାୟୀ ମେଘନନ୍ଦ ଦାସଙ୍କ ବଡ଼ରଘୁନାଥପୁରସ୍ଥିତ ଏକ ଘରୋଇ କଲେଜ ଆଗରେ ଗୋଟିଏ ଦୋକାନ ରହିଛି। ଗତ ଶୁକ୍ରବାର ମେଘନନ୍ଦ ଏବଂ ତାଙ୍କ ସ୍ତ୍ରୀ ଦୋକାନରେ ଥିବା ବେଳେ ଏହି ସମୟରେ ଦିପୁ ତାଙ୍କ ଦୋକାନରେ ପହଞ୍ଚି ବିସ୍କୁଟ ଦେବାକୁ କହିଥିଲେ। ବିସ୍କୁଟ ଉପଲବ୍ଧ ନ ଥିବାରୁ ତାଙ୍କୁ ଗୋଟିଏ ବିସ୍କୁଟ ଦେଇଥିଲେ। ଏହାକୁ ନେଇ ବଚସା ହେବା ପରେ ଦୀପୁ ହଠାତ୍ ମେଘନନ୍ଦଙ୍କୁ ଆକ୍ରମଣ କରି ଦୋକାନର ସାମଗ୍ରୀ ନଷ୍ଟ କରିଦେଇଥିଲେ। ପରେ ଏକ ଫାଉଡାରେ ମଧ୍ୟ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ମେଘନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଦିପୁଙ୍କୁ ଗିରଫ କରିଥିଲା। ଏଥିସହ ଆକ୍ରମଣରେ ବ୍ୟବହୃତ ଫାଉଡ଼ାକୁ ପୋଲିସ ଜବତ କରିଛି।


ଖୋର୍ଦ୍ଧା: ମୁକୁନ୍ଦପ୍ରସାଦଠାରେ ଆଦର୍ଶ ଥାନା ଆନୁକୂଲ୍ୟରେ ଆମ ପୋଲିସ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଏବଂ ଅନ୍ୟମାନେ।

## ୨ ମାସର ଶିଶୁକନ୍ୟା ଉଦ୍ଧାର

ଖୋର୍ଦ୍ଧା ଅଫିସ,୯।୫

ଖୋର୍ଦ୍ଧା ଜିଲା କୁହୁଡିସ୍ଥିତ ଏକ ଘରୋଇ ଡାକ୍ତରଖାନାରୁ ଏକ ଦୁଇ ମାସର ଶିଶୁ କନ୍ୟାକୁ ଜିଲା ପ୍ରଶାସନ ଉଦ୍ଧାର କରିଛି। ପ୍ରାଥମିକ ଚିକିତ୍ସା ପରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ପାତ୍ରପଡା ସ୍ଥିତ ଆମଘର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ କୁହୁଡିସ୍ଥିତ ଏକ ଡାକ୍ତରଖାନାର ମୁଖ୍ୟଦ୍ୱାର ନିକଟରେ କେହି ଶିଶୁଟିକୁ ଅସହାୟ ଅବସ୍ଥାରେ ଛାଡି ପଳାଇଥିଲେ। ଶିଶୁର କାନ୍ଦିବାର ଶବ୍ଦ ଶୁଣି ଡାକ୍ତରଖାନାର ସିକ୍ୟୁରିଟି ଗାର୍ଡ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଶିଶୁର ପ୍ରାଥମିକ ଚିକତ୍ସା କରିଥିଲେ। ଡାକ୍ତରଖାନା ପକ୍ଷରୁ ଧ୍ୱନି ଯନ୍ତ୍ର ମାଧ୍ୟମରେ ଆଖପାଖ ଅଞ୍ଚଳରେ ଏହି ଶିଶୁଟି ବିଷୟରେ ପ୍ରଚାର ସହ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା। ତେବେ ଶିଶୁଟିର କୌଣସି ଅବିଭାବକ କିମ୍ବା ଦାବିଦାର ନ ଆସିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଚାଇଲ୍ଡଲାଇନ ସଦସ୍ୟ ମଣିପାଲ ଓ ପ୍ରଣତି ପଟ୍ଟନାୟକ ଉକ୍ତ ଶିଶୁକୁ ଡାକ୍ତରଖାନାରୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ।

## ୩୨ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ଖୋର୍ଦ୍ଧା ଅଫିସ,୯।୫

ଖୋର୍ଦ୍ଧା ଆଦର୍ଶ ଥାନା ଆନୁକୂଲ୍ୟରେ ଆମ ପୋଲିସ ସମିତି ପକ୍ଷରୁ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟମାନଙ୍କୁ ନେଇ ସମାଜରେ ବରିଷ୍ଠ ନାଗରିକଙ୍କ ଦାୟିତ୍ୱ, ସୁରକ୍ଷା ଶୀର୍ଷକ ଏକ କାର୍ଯ୍ୟକ୍ରମ ମୁକୁନ୍ଦପ୍ରସାଦଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଥାନାର ଭାରପ୍ରାପ୍ତ ଅଧିକାରୀ ତାରିକ୍ ଅହମ୍ମଦ, ଅନୁଷ୍ଠାନର ସଭାପତି ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ, ଉପଦେଷ୍ଟା ଆଡ୍‌ଭୋକେଟ୍ ବିଧାନ ଚନ୍ଦ୍ର ମହାନ୍ତି, ଉପସଭାପତି ବୈକୁଣ୍ଠନାଥ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତିତ୍ୱ ଭାଷଣରେ ଏସ୍‌ଡିପିଓ ଦାସ କହିଥିଲେ, ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ସମାଜର ସମାସ୍ୟା ସମାଧାନ ପାଇଁ ଅପରିହାର୍ଯ୍ୟ। ବରିଷ୍ଠ ନାଗରିକଙ୍କୁ ସମାଜରେ ଉପଯୁକ୍ତ ସମ୍ମାନ ଏବଂ ସେମାନଙ୍କ ଆଇନଗତ ସହଯୋଗ ଲାଗି ଥାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏଥିଲାଗି ପ୍ରତି ଥାନାରେ ଜଣେ ନୋଡାଲ ଅଫିସର ଦାୟିତ୍ୱରେ ରହିଛନ୍ତି। କୌଣସି ଅସୁବିଧାରେ ପଡିଲେ ଯୋଗାଯୋଗ କରିବେ। ଗୋଟିଏ କଲରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ସେହିପରି ଥାନା ଅଧିକାରୀ ଅହମ୍ମଦ କହିଥିଲେ, ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ସୁରକ୍ଷା, ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନିଆଯାଉଛି। ବରିଷ୍ଠ ନାଗରିକମାନେ କୌଣସି ଅସୁବିଧାରେ ପଡିଲେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କଲେ ଉପଯୁକ୍ତ ସେବା ଯୋଗାଇ ଦିଆଯିବ। ଏହି ଅବସରରେ ୩୨ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକ ସେଲ୍‌ର ନୋଡାଲ ଅଫିସର ସସ୍ମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ପ୍ରବୁଦ୍ଧ ବାର୍ତ୍ତାକୁ ପୋଲିସ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏସ୍‌ଆଇ ବିନାୟକ ମନ୍ତ୍ରୀ ଓ ଫୁଲମଣି ହେମ୍ବ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ବସନ୍ତ କୁମାର ଦାଶ, କାର୍ଯ୍ୟକାରୀ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ହରିଚନ୍ଦନ, ରବୀନ୍ଦ୍ର କୁମାର ସାହୁ, ନୃସିଂହ ମହାପାତ୍ର, ରାଜକିଶୋର ପାଣିଗ୍ରାହୀ, ବିରଞ୍ଚି କୁମାର ସାହୁ, ପ୍ରଭାତ କୁମାର ମିଶ୍ର, ଯୋଗେଶ ଚନ୍ଦ୍ର ରଥ, ଭାଗୀରଥି ସାହୁ, ପ୍ରଭାତ ବଳିୟାରସିଂହ, ବିଦ୍ୟାଧର ଲେଙ୍କା, କୈଳାସ ଚନ୍ଦ୍ର ପୃଷ୍ଟି, ଦେବ ପ୍ରସାଦ ମଜୁମଦାର, ଭୀମସେନ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମହାରଣା, ମୃତ୍ୟୁଞ୍ଜୟ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦ ଦେବାଶିଷଙ୍କ ନାମରେ ବିଦ୍ୟାଳୟ ନାମକରଣ କରାଯାଉ

ଜଟଣୀ,୯।୫(ଡି.ଏନ୍.ଏ.)

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଶହୀଦ ଦେବାଶିଷ ବିଶ୍ୱାଳଙ୍କ ନାମରେ ବିଦ୍ୟାଳୟ ନାମକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧପତ୍ର ଲେଖିଛନ୍ତି। ଗତ ମାସରେ ଜମ୍ମୁରେ ଆତଙ୍କବାଦୀଙ୍କ ଆକ୍ରମଣରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଧୀନ ଖଣ୍ଡାୟତସାହି ଗ୍ରାମର ଦେବାଶିଷ ବିଶ୍ୱାଳ ଶହୀଦ ହୋଇଥିଲେ। ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିବା ସ୍ୱର୍ଗତ ଶହୀଦ ବିଶ୍ୱାଳଙ୍କ ସ୍ୱପ୍ନ ଥିଲା। ତାଙ୍କ ସ୍ୱପ୍ନ ପୂରଣ କରିବା ଓ ତାଙ୍କ ବଳିଦାନକୁ ସମ୍ମାନ ଜଣାଇ ଜଗେଶ୍ୱରୀ ବିଦ୍ୟାପୀଠ ହାଇସ୍କୁଲର ନାମ ପରିବର୍ତ୍ତନ କରି ଶହୀଦ ଦେବାଶିଷ ବିଶ୍ୱାଳଙ୍କ ନାମରେ ନାମିତ କରିବା ପାଇଁ ବିଧାୟକ ରାଉତରାୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ,୫-ଟି ସଚିବ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଚିଠି ମଧ୍ୟରେ ଅନୁରୋଧ କରିଥିବା ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ ସୂଚନା ଦେଇଛନ୍ତି।

## କଳାବ୍ୟାଜ୍ ପରିଧାନ କରି ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ



ନିରାକାରପୁର,୯।୫(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ସାରାରାଜ୍ୟରେ କଳାବ୍ୟାଜ୍ ପରିଧାନ କରି ବିଦ୍ୟୁତ୍ କର୍ମଚାରୀମାନେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସହ ପ୍ରତିବାଦ କରିଛନ୍ତି। ଏହିକ୍ରମରେ ମଳିପଡ଼ା, ଜଙ୍କିଆ ଓ ନିରାକାରପୁର ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଓଟିପିସିଏଲ୍ ମ୍ୟାନେଜମେଣ୍ଟର ଶ୍ରମିକ ମାରଣ ଏବଂ ଟାଳଟୁଳ ନୀତି ବିରୋଧରେ ଏହି ବିକ୍ଷୋଭ କରାଯାଇଥିଲା।

### ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ରାଇଜିଂ ଇଗଲ ଫାଇଟର ବିଜୟୀ

ବୋଲଗଡ଼,୯।୫(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରାଇଜିଂ ଇଗଲ ଫାଇଟର ଓ ବାବୁ ସୁପର କିଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଇଜିଂ ଇଗଲ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୩ରନ ସଂଗ୍ରହ କରିଥିଲା। ଜବାବରେ ବାବୁ ସୁପର କିଙ୍ଗ ଟିମ୍ ୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଖେଳାଳି ଶିବ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜଙ୍ଗଲି ପରିଡା ଓ ବେବି ମହରାଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ୍ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ବବୁଲ, କାଳିଆ, ଗୁରୁକୃଷ୍ଣ, ହାପି, ଗୁଡ୍ଡୁ, ଚିଲ୍ଲ, ମଣ୍ଟୁ, ଦୀପନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ବିଜୟୀ ଟିମର ଖେଳାଳିମାନେ।

## ଭାଙ୍ଗିଲା ଶ୍ରେଣୀଗୃହ, ଉପୁଡ଼ିଲା ଗଛ

### କାଳବୈଶାଖୀ ତାଣ୍ଡବ: ବୋଲଗଡ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ବୋଲଗଡ଼,୯।୫(ଡି.ଏନ୍.ଏ.)


ବିଦ୍ୟାଳୟର ଶ୍ରେଣୀଗୃହ ଭାଙ୍ଗିଯାଇଛି।

କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ପବନ ହେବାରୁ ବୋଲଗଡ ବ୍ଲକ ଅଧୀନ ୬ଟି ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଗ୍ରାମସ୍ଥିତ ମା’ ଯୋଗମାୟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ ଉଡ଼ିଯାଇଥିବା ବେଳେ ଶ୍ରେଣୀଗୃହ ଗୁଡିକ ଭାଙ୍ଗିରୁଜି ଯାଇଛି। ସେହିପରି ଶ୍ରୀଚନ୍ଦନପୁର ଗ୍ରାମର ଗଗନ ବିହାରୀ ପାଇକରାୟଙ୍କ ୪ବଖରା ସହିତ ଟିଭି, ଫ୍ରିଜ ଭାଙ୍ଗିରୁଜି ଯାଇଛି। ହରିକେଶର ଗ୍ରାମର ମହେଶ୍ୱର ବଳବନ୍ତରାୟ, ଗୁଣନିଧି ମାଝୀ, ଯୁଗଳ ମାଝୀ, ମେଘନାଦ ମାଝୀଙ୍କ ଘର ଭାଙ୍ଗିରୁଜି ଯାଇଥିବା ଜଣାପଡ଼ିଛି। ଜଗନ୍ନାଥ ଚମ୍ପତି, ଗଙ୍ଗାଧର ଚମ୍ପତି, ଓ ବଳଭଦ୍ର ବେହେରାଙ୍କ ଘର ଅଜାବେଷ୍ଟସ ଛପର ଉଡି ଭାଙ୍ଗିରୁଜି ଯାଇଛି । ତପନ କୁମାର ଦାଶ ଙ୍କର କୁକୁଡ଼ା ଫାର୍ମ ନଷ୍ଟ ହୋଇ ଶତାଧିକ କୁକୁଡ଼ା ମରିଯାଇଛନ୍ତି ବୋଲି ସୂଚନା ମିଳିଛି। ସେହିପରି ପିଟୁକୁଳି ପଞ୍ଚାୟତ କଲ୍ୟାଣୀ ମଣ୍ଡପର ସିଡିଘର ଆଜବେଷ୍ଟସ ଉଡିଯାଇଛି। ସାନପଦର ପଞ୍ଚାୟତ ରାଶୋଳ ଗ୍ରାମର ଶ୍ରୀଧର ବାରିକଙ୍କ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଅସରଳା ଦଳ ପଞ୍ଚାୟତ ପୁଆଁଣିଆ ଗ୍ରାମର ବିଜୟ କୁମାର ପଟ୍ଟନାୟକଙ୍କ ୨ ବଖରା ଆଜବେଷ୍ଟସ ଓ ପୂର୍ଣ୍ଣ ଚନ୍ଦ୍ର ନାୟକ ଦୁଇ ବଖରା ଚାଳ ଘର ଛପର ଉଡି ଭାଙ୍ଗିଯାଇଛି। ବହୁ ଘର ଭାଙ୍ଗିରୁଜିଯାଇଥିବା ବେଳେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ବଡ଼କୁମାରୀ, ବାଙ୍କୋଇଦେଶ, ଅସରଳାଦଳ, ପିଟୁକୁଳି, ସାନପଦର ଅଞ୍ଚଳ ସମେତ ଏହି ପଞ୍ଚାୟତ ସଂଲଗ୍ନ କେତେକ ଗ୍ରାମରେ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାର ଛିଡ଼ିଯିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଉଛି । ଅନ୍ୟପଟେ ବହୁ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବାଳବିକାଶ କେନ୍ଦ୍ରର ପ୍ରତିଯୋଗିତା

ପୁରୀ ଅଫିସ,୯।୫- ସତ୍ୟ ସାହି ସେବା ସମିତି ପରିସରରେ ବାଳବିକାଶ ପିଲାମାନଙ୍କର ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସହରର ବାଳ ବିକାଶ କେନ୍ଦ୍ରମାନଙ୍କରୁ ୧୦୦ଜଣ ପିଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମିତିର ଆବାହକ ପବିତ୍ର ମୋହନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସୁଜାତା, ମୀରା, ସୁନନ୍ଦା, ଉର୍ମିଳା, ସସ୍ମିତା, ଅମିତା, ପ୍ରଭାତି ଏବଂ ଶିକ୍ଷା ସଂଯୋଜିକା ନମିତା କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଡିଆ ସେଲ ଅଧକ୍ଷ ବୀରେନ୍ଦ୍ର ଭୂଷଣ ହୋତାଙ୍କ ସହ ରୂପକ, ସିଦ୍ଧୁ, ଯୋଗୀ, ଭାଗୀରଥି, ରାଜୁ, ହରି ଅୟସ, ନିଶିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦ ଦେବାଶିଷଙ୍କ ନାମରେ ବିଦ୍ୟାଳୟ ନାମକରଣ କରାଯାଉ

ଜଟଣୀ,୯।୫(ଡି.ଏନ୍.ଏ.): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଶହୀଦ ଦେବାଶିଷ ବିଶ୍ୱାଳଙ୍କ ନାମରେ ବିଦ୍ୟାଳୟ ନାମକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧପତ୍ର ଲେଖିଛନ୍ତି। ଗତ ମାସରେ ଜମ୍ମୁରେ ଆତଙ୍କବାଦୀଙ୍କ ଆକ୍ରମଣରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଧୀନ ଖଣ୍ଡାୟତସାହି ଗ୍ରାମର ଦେବାଶିଷ ବିଶ୍ୱାଳ ଶହୀଦ ହୋଇଥିଲେ। ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିବା ସ୍ୱର୍ଗତ ଶହୀଦ ବିଶ୍ୱାଳଙ୍କ ସ୍ୱପ୍ନ ଥିଲା। ତାଙ୍କ ସ୍ୱପ୍ନ ପୁରଣ କରିବା ଓ ତାଙ୍କ ବଳିଦାନକୁ ସମ୍ମାନ ଜଣାଇ ଜଗେଶ୍ୱରୀ ବିଦ୍ୟାପୀଠ ହାଇସ୍କୁଲର ନାମ ପରିବର୍ତ୍ତନ କରି ଶହୀଦ ଦେବାଶିଷ ବିଶ୍ୱାଳଙ୍କ ନାମରେ ନାମିତ କରିବା ପାଇଁ ବିଧାୟକ ରାଉତରାୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ,୫-ଟି ସଚିବ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଚିଠି ମଧ୍ୟରେ ଅନୁରୋଧ କରିଥିବା ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ ସୂଚନା ଦେଇଛନ୍ତି।

### ଘର ବିକ୍ରି ଆଳରେ ୧.୬୦ ଲକ୍ଷ ଠକେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୫(ବ୍ୟୁରୋ)- ଭୁବନେଶ୍ୱରରେ ଘର ବିକ୍ରି ଆଳରେ ୧.୬୦ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାତ୍ର ସାହି ଧିରୁକୁଟି ବସ୍ତିରେ ରହୁଥିବା ଚନ୍ଦ୍ରକାନ୍ତ ସାମଲ (୪୦)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ପାତ୍ରସାହିରେ ଥିବା ୨ଟି ଆଜବେଷ୍ଟସ ଘର ବିକ୍ରି ପାଇଁ ପ୍ରମୋଦ କୁମାର ପତିଙ୍କୁ ଫସାଇଥିଲେ। ଘର କଣିବା ପାଇଁ ଚନ୍ଦ୍ରକାନ୍ତଙ୍କୁ ପ୍ରମୋଦ ଗତ ମାର୍ଚ୍ଚ ୨ ତାରିଖରେ ୩୩ ହଜାର ଓ ୧ ଲକ୍ଷ ୨୭ ହଜାର ଟଙ୍କାର ୨ଟି ଚେକ୍ ଦେଇଥିଲେ। ଏଥିପାଇଁ ଚନ୍ଦ୍ରକାନ୍ତ ଏକ ଅଣଜୁଡିସିଆଲ୍ ଷ୍ଟାମ୍ପପେପରରେ ମଧ ଚୁକ୍ତିନାମା କରିଥିଲେ। ତେବେ ଟଙ୍କା ନେବା ପରଠୁ ଚନ୍ଦ୍ରକାନ୍ତ ଉକ୍ତ ଘରକୁ ହସ୍ତାନ୍ତର କରୁ ନ ଥିଲେ। ଏପରିକି ଟଙ୍କା ମାଗିବାରୁ ପ୍ରମୋଦଙ୍କୁ ସେ ଧମକ ଦେଇଥିଲେ। ଏନେଇ ପ୍ରମୋଦ ସୋମବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୧୯୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଗୁଣ୍ଡିଚା ମନ୍ଦିର ସ୍ଥିତି ସମୀକ୍ଷା କଲେ ଦଇତାପତି

- ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ରଥଯାତ୍ରା ପୂର୍ବରୁ ମରାମତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୯।୫


ଦଇତାପତି ନିଯୋଗର ପ୍ରତିନିଧିମାନେ ଗୁଣ୍ଡିଚା ମନ୍ଦିର ସ୍ଥିତି ଅନୁଧ୍ୟାନ କରି ଫେରୁଛନ୍ତି ।

ଜୁନ ୨୦ତାରିଖରେ ମହାପ୍ରଭୁଙ୍କ ଘୋଷ ଯାତ୍ରା। ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ସେବାୟତମାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅପରପକ୍ଷେ ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ମଧ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ଗୁଣ୍ଡିଚା ମନ୍ଦିର ସ୍ଥିତି ଯାଞ୍ଚ କରିଛନ୍ତି ଇଞ୍ଜିନିୟରଙ୍କ ସହ ଦଇତାପତି ନିଯୋଗର ସଦସ୍ୟ। ଗୁଣ୍ଡିଚା ମନ୍ଦିରର ନାଟ ମଣ୍ଡପ ବିମ୍‌ରେ ଫାଟ ମରାମତି କାର୍ଯ୍ୟ ସମୀକ୍ଷା ସହ ଆନନ୍ଦ ବଜାର ସମ୍ମୁଖ ରାସ୍ତାର ନିର୍ମାଣର ସମୀକ୍ଷା କରିଥିଲେ। କାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ସାରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ଏହି କାର୍ଯ୍ୟକୁ ସମୀକ୍ଷା କରିବା ଲାଗି ଦଇତାପତି ନିଯୋଗର ସଦସ୍ୟ ଉପସ୍ଥିତ ରହିଛନ୍ତି। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପହଣ୍ଡି ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସମସ୍ତ ବ୍ୟବସ୍ଥା ଉପରେ ସମୀକ୍ଷା ମଧ କରିଛନ୍ତି। ଭକ୍ତଙ୍କ ଟିକେଟ ଦର୍ଶନ ସହ ସର୍ବସାଧାରଣ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ବ୍ୟାରିକେଡ ବ୍ୟବସ୍ଥା କରିବା ନେଇ ପ୍ରଶାସନ ସହ ଆଲୋଚନା କରାଯାଇଛି। ଗୁଣ୍ଡିଚା ମନ୍ଦିର ଭିତରେ ଭକ୍ତଙ୍କ ଲାଗି ପାନୀୟ ଜଳ, ଫ୍ୟାନ ଆଦି ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ଦଇତାପତିମାନଙ୍କ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରର ସମୀକ୍ଷା ସମୟରେ ଦଇତାପତି ନିଯୋଗର ବରିଷ୍ଠ ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ଇଞ୍ଜିନିୟରମାନେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ମେ ମାସ ଶେଷ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ଶେଷ କରିବା ସହ ବାହୁଡା ପହଣ୍ଡି ସମୟରେ ମହାପ୍ରଭୁ ପ୍ରତ୍ୟାବର୍ତ୍ତନ କରୁଥିବା ରାସ୍ତାକୁ ସ୍ୱତନ୍ତ୍ର ଖଣ୍ଡେଲାଇଟ ପଥର ବ୍ୟବହାର କରାଯାଇଛି ସମୀକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଦଇତାପତି ସେବକ ଦୁର୍ଗାଦାଶ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରାରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ଚଳିତଥର ପରିକ୍ରମା ମାର୍ଗ କାର୍ଯ୍ୟ ମଧ ଶେଷ ହେବ। ତାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିବ। ତେଣୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଯେପରି କୌଣସି ଅସୁବିଧା ନ ହେବ, ସମସ୍ତେ ଶୃଙ୍ଖଳିତ ଭାବେ ସାହାଣ ମେଲା ଦର୍ଶନ କରିବେ, ଟିକେଟ ଦର୍ଶନ କରିପାରିବେ, ପରିମାଣିକ ଦର୍ଶନ କରିବେ ସେନେଇ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଯେପରି କୌଣସି ଅସୁବିଧା ନହୁଏ ସେଥିପ୍ରତି ଧ୍ୟାନ ଦିଆଯାଇଛି। ପହଣ୍ଡି ରାସ୍ତାକୁ ଖଣ୍ଡେଲାଇଟ ପଥର ପକାଇବା ପାଇଁ ଦୁଇବର୍ଷ ହେଲା ଦାବି ରହିଥିଲା। କେଉଁ ସ୍ଥାନରେ ପଥର ପଡିବ ତାହା ଦେଖିଲୁ। ସେହିପରି ଯାହାସବୁ ଆବଶ୍ୟକ ମରାମତି ହେବ ସେସବୁକୁ ରଥଯାତ୍ରା ପୂର୍ବରୁ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୩ ରଥର ୧୮ଚକ ନିର୍ମାଣ କାର୍ଯ୍ୟ ଶେଷ



ପୁରୀ ଅଫିସ,୯।୫

**ରଥଖଳାରୁ ...**

ଅକ୍ଷୟ ତୃତୀୟାଠାରୁ ବଡ଼ଦାଣ୍ଡ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥଯାତ୍ରା ନିମନ୍ତେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ ପରମ୍ପରା ମୁତାବକ ପବିତ୍ର ଭଉଁରୀ ଦିନ ତିନି ରଥର ଗୋଟିଏ ଲେଖାଏ ଅଖ ସହ ୨ଟି ଚକ ସଂଯୋଗ ହେବାର ବିଧି ରହିଛି। ତେବେ ଆସନ୍ତା ଶୁକ୍ରବାର ପବିତ୍ର ଭଉଁରୀ ତିଥିରେ ବିଧି ମତେ ଚକଡେରା ନୀତି ପାଳିତ ହେବ। ଏଥିପାଇଁ ରଥଖଳା ବେଶ୍ ଚଳଚଞ୍ଚଳ ହୋଇଉଠିଛି। ସୋମବାର ଅଖ ନିର୍ମାଣ ପାଇଁ ତିନିରଥର ଗୋଟିଏ ଗୋଟିଏ ୪୦ଫୁଟିଆ ଅଖ କାଠର ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ତିନିଟି ଅଖର ଦୁଇ ପାର୍ଶ୍ୱ ଗୋଳେଇ କାର୍ଯ୍ୟ ଜାରି ରହିଛି। ରଥନିର୍ମାଣର ଷୋଡ଼ଶତମ ଦିନରେ ତିନିରଥର ୧୮ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସୋମବାର ତିନିରଥର ୫ଟି ଲେଖାଏ ମୋଟ ୧୫ଗୋଟି ଚକର ନିର୍ମାଣ ଶେଷ ହେବା ସହ ତିନିରଥର ଗୋଟିଏ ଗୋଟିଏ ଅଖର ଅନୁକୂଳ ପୂଜା ହୋଇଥିଲା। ମଙ୍ଗଳବାର ତିନିରଥର ଆଉ ଗୋଟିଏ ଗୋଟିଏ ଚକ ନିର୍ମାଣ ହୋଇ ମୋଟ ସନ୍ଧ୍ୟା ସୁଦ୍ଧା ୧୮ଟି ଚକର ନିର୍ମାଣ ସରିଛି। ତିନିରଥର ଗୋଟିଏ ଗୋଟିଏ ଅଖର ଦୁଇ ମୁହଁର ଗୋଳେଇ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୭ମ ଏବଂ ୮ମ ଚକ ନିର୍ମାଣ ପାଇଁ ତୁମ୍ବ ଅରରେ ପଇ ସଂଯୋଗ ହୋଇ ପଇ ପଇର ସଂଯୋଗସ୍ଥଳ କଳଶା କାର୍ଯ୍ୟ ଜାରି ରହିଛି। ସେହିପରି ତିନିରଥର ୯ମ ଚକର ସିଙ୍ଗଡ଼ା ବାଡ଼ିଆ ପୂର୍ବରୁ ତୁମ୍ବରେ ଅର ସଂଯୋଗ କାର୍ଯ୍ୟ ଚାଲୁଛି। ତିନିରଥର ଜୋକା ନିର୍ମାଣ ପାଇଁ ତିନି ରଥ ଚାଳିକୁ ରଥ ଆମୀନ ପ୍ରଥମ ଦଫାରେ ୬ଟି ଲେଖାଁଏ ୧୨ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। ସେଗୁଡିକର ଚଉପଟ କାର୍ଯ୍ୟ ତିନିରଥ ମହାରଣାମାନେ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପନ୍ଧାରି ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି।


ପୁରୀ ଦୁର୍ଗାବାଡି ସମିତି ପରିସରରେ ଅନୁଷ୍ଠିତ ରବୀନ୍ଦ୍ର ଟାଗୋରଙ୍କ ଜନ୍ମବାର୍ଷିକୀ ଉତ୍ସବରେ ଅନୁଗାମୀମାନେ ରବୀନ୍ଦ୍ର ସଙ୍ଗୀତ ଗାନ କରୁଛନ୍ତି ।

# ରବୀନ୍ଦ୍ରନାଥଙ୍କ ସ୍ମୃତି ରକ୍ଷା ପାଇଁ ଅଭିଯାନ

ପୁରୀ ଅଫିସ,୯।୫

ପୁରୀସ୍ଥିତ ଦୁର୍ଗାବାଡ଼ୀ ପ୍ରାଙ୍ଗଣରେ କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି । ଦୁର୍ଗାବାଡ଼ୀ ସମିତିର ସଭ୍ୟମାନଙ୍କ ଦ୍ୱାରା ଆୟୋଜିତ ଏହି ସଭାକୁ ସମିତି ସଭାପତି ଡ. କୁମାର ହାଲଦାର ଉଦ୍‌ଘାଟନ କରିଥିଲେ। ସଭାରେ ପୁରୀର ସମାଜସେବୀ ସଂସ୍ଥା ଦି ବେଲର ସଭାପତି ସିଦ୍ଧାର୍ଥ ରାୟ ଯୋଗଦେଇ କିଭଳି ଭାବରେ ତାଙ୍କର ସଂସ୍ଥା ପୁରୀସ୍ଥିତ ପାଥାର ପୁରୀ ହୋଷ୍ଟେଲ୍ (ଯାହାକି ରବୀନ୍ଦ୍ରନାଥ ଟାଗୋର ଦାନ ସୂତ୍ରେ ଦେଇଥିଲେ)ର ପୁନରୁଦ୍ଧାର ଓ ରବୀନ୍ଦ୍ରନାଥଙ୍କ ସ୍ମୃତି ରକ୍ଷା ପାଇଁ ସେମାନଙ୍କର ଅଭିଯାନ ଚଳାଉଛନ୍ତି ସେ ବିଷୟରେ କହିଥିଲେ। ଅଞ୍ଜନା ବାନାର୍ଜୀ ଓ ସ୍ନିଗ୍ଧା ଚକ୍ରବର୍ତ୍ତୀଙ୍କ ପରିଚାଳନାରେ ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରାଯାଇଥିଲା। ଉଷା ମୁଖାର୍ଜୀ, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ଉମା ଗୁହା, ଦେବଲୀନା ଦାସଗୁପ୍ତ, ବନ୍ଦନା ବ୍ୟାନାର୍ଜୀ, ଇନ୍ଦ୍ରାଣୀ ଘୋଷ, ସ୍ୱାତି ମଣ୍ଡଳ, ସୁପ୍ରଭା ଅଧିକାରୀ, ପ୍ରିୟାଂଶୁ ମଣ୍ଡଳ, ପ୍ରଣବେଶ ଅଧିକାରୀ, ପବିତ୍ର ମଣ୍ଡଳ ପ୍ରମୁଖ ରବୀନ୍ଦ୍ର ସଙ୍ଗୀତ ଗାନ ବେଳେ ସାରଦା ପ୍ରସାଦ ମିଶ୍ର ତବଲା ବାଦନ କରିଥିଲେ। ହେନା ବର୍ଦ୍ଧନ, କୁମାରୀ ଦେବଶ୍ରୀ ଚାଟାର୍ଜୀ ଓ ସ୍ୱପନିଳ କର ରବୀନ୍ଦ୍ରନାଥଙ୍କ ଲିଖିତ କବିତା ଆବୃତ୍ତି କରିଥିବା ବେଳେ ଐଶ୍ୱର୍ଯ୍ୟ ଭଟ୍ଟାଚାର୍ଯ୍ୟ ନୃତ୍ୟ ପରିବେଷଣ କରି କବିଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ କିରଣ ପ୍ରକାଶ ଗୁହା, ଦିଲୀପ କୁମାର ଆଢ, ମଳୟକାନ୍ତି ଦେ ଓ ବିଷ୍ଣୁପଦ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମିତିର ସାଧାରଣ ସମ୍ପାଦକ ସୁଦୀପ କୁମାର ଚାଟାର୍ଜୀ ଧନ୍ୟବାଦ ଦେଇଥିଲେ।

**ରବୀନ୍ଦ୍ରନାଥଙ୍କ ସାହିତ୍ୟ ମାନବବାଦର ପ୍ରତିଫଳନ**

ଭାଷା ସୁରକ୍ଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ରବୀନ୍ଦ୍ରନାଥ ଟାଗୋରଙ୍କର ଜୟନ୍ତୀ ଓଡିଶା ସଙ୍ଗୀତ ପରିଷଦ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଶିବସୁନ୍ଦର ଦାଶଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ଇ ଗିରିଜା ଶଙ୍କର ପାଢୀ ଯୋଗଦେଇ କହିଥିଲେ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର ସାହିତ୍ୟ କୃତୀ ମାଧ୍ୟମରେ ଉପନିଷଦୀୟ ଚିନ୍ତାଧାରା ଏବଂ ମାନବବାଦର ପ୍ରତିଫଳନ ହୋଇଛି। ବିଶ୍ୱକବି କହୁଥିଲେ ମନୁଷ୍ୟ ପ୍ରତି ବିଶ୍ୱାସ ହରାଇବା ହେଉଛି ପାପ। ସମୟ ଆସିବ ମନୁଷ୍ୟର ଆଧ୍ୟାତ୍ମିକ ଉନ୍ମେଷ ଏବଂ ମନୁଷ୍ୟର ଚରମ ଆଶ୍ୱାସର ବାଣୀଟିର ସମଗ୍ର ମାନବଜାତିକୁ ସର୍ବକାଳ ନିମନ୍ତେ ଅନୁପ୍ରାଣିତ କରୁଥିବ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଡ.ବଳରାମ ଦାସ, ବିଜୟ ଲକ୍ଷ୍ମୀ ମିଶ୍ର, ଅଧ୍ୟାପକ ଭାରତୀ ଭୂଷଣ ମହାନ୍ତି, କବୟିତ୍ରୀ ଡ.ସୁଦୀପ୍ତା ମିଶ୍ର, ଅଧ୍ୟାପକ ଡ. ପ୍ରମୋଦ କୁମାର ଦଳାଇ ପ୍ରମୁଖ ଯୋଗଦେଇ ବିଶ୍ୱକବିଙ୍କ ଅମର କୃତି ଗୀତାଞ୍ଜଳି ଏବଂ ଅନ୍ୟାନ୍ୟ ସାରସ୍ୱତ କୃତିରୁ ପାଠୋଦ୍ଧାର ପୂର୍ବକ ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ସଭାରେ ଭାଗବତ ପଟ୍ଟନାୟକ, ଭବାନୀ ଶଙ୍କର ବଳିୟାର ସିଂହ, ସୌମ୍ୟରଞ୍ଜନ ବିଶୋଇ ସହଯୋଗ କରିଥିଲେ। ଶେଷରେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କୋର୍ଟ ନିର୍ଦ୍ଦେଶ ପାଳନରେ ବିଳମ୍ବ ନେଇ ଅସନ୍ତୋଷ

କାକଟପୁର,୯।୫(ଡି.ଏନ୍.ଏ.)

କାକଟପୁର ତହସିଲ ଅଧୀନ ସୁହାଣପୁର ପଞ୍ଚାୟତର ଗୋପିକାନ୍ତପୁର ଗ୍ରାମରେ ଥିବା ଗୋଚର, ଅନାବାଦୀ ଓ ଶ୍ମଶାନ ଯୋଗ୍ୟ ଜମିକୁ ଗ୍ରାମର କେତେଜଣ ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମର କେତେଜଣ ମହିଳା ଗୋଷ୍ଠୀ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ନ୍ୟାୟାଳୟ ଏହି ମାମଲା ଶୁଣାଣି କରି ମାର୍ଚ୍ଚ ସୁଦ୍ଧା ଉଭୟ ପକ୍ଷକୁ ନୋଟିସ କରି ମାମଲା ଶୁଣାଣି ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ବିଳମ୍ବ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଜବରଦଖଲକାରୀଙ୍କ କବଳରୁ ସରକାରୀ ଜମିକୁ ଉଦ୍ଧାର କରିବା ପାଇଁ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କାକଟପୁର ତସିଲଦାର, ପୁରୀ ଜିଲାପାଳ ଓ ରାଜସ୍ୱ ପରିଷଦଙ୍କୁ ଗ୍ରାମବାସୀ ବାରମ୍ବାର ଅନୁରୋଧ କରିଥିଲେ ମଧ କୌଣସି ସୁଫଳ ପାଇ ନ ଥିଲେ। ଶେଷରେ ଗ୍ରାମର କେତେଜଣ ମହିଳା ଗୋଷ୍ଠୀ ଏହାର ସମାଧାନ ପାଇଁ ଆଇନର ଦ୍ୱାରସ୍ଥ ହେଇଥିଲେ। ଗ୍ରାମର ବାସୁଦେବ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ସ୍ୱର୍ଣ୍ଣଲତା ସାହୁ, ମା କ୍ଷେତ୍ରପାଳ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସମେତ ଗ୍ରାମର ୫ଜଣ ବ୍ୟକ୍ତିଙ୍କୁ ପକ୍ଷ କରି ଏ ସମ୍ପର୍କରେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଡବ୍ଲୁପିସି (ପି ଆଇଏଲ)-୨୮୭୮୪/୨୦୨୨)ରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଉଚ୍ଚ ନ୍ୟାୟାଳୟ ୨୦୨୩ ମାର୍ଚ୍ଚ ସୁଦ୍ଧା ଉଭୟ ପକ୍ଷଙ୍କୁ ନୋଟିସ କରି ମାମଲା ଶୁଣାଣି କରିବାକୁ କାକଟପୁର ତହିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପ୍ରିଲ ମାସ ଅତିବାହିତ ହୋଇଯାଇଥିଲେ ମଧ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାକଟପୁର ତହସିଲଦାର ବିରଞ୍ଚି ନରାୟଣ ବେହେରା କୁହନ୍ତି, ଗତ ଫେବୃୟାରୀ ୨୪ ତାରିଖରେ ଏନେଇ ଉଭୟ ପକ୍ଷଙ୍କୁ ନୋଟିସ କରାଯାଇ ମାମଲାର ଶୁଣାଣି କରାଯାଇଛି। କଣ୍ଟାପଡ଼ା ରାଜସ୍ୱ ନିରୀକ୍ଷକଙ୍କୁ ଗୋପୀକାନ୍ତପୁରକୁ ଯାଇ ସରକାରୀ ଜମି କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ ଦେବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ସରକାରୀ ଜମିକୁ ବେଆଇନ ଜବରଦଖଲ କରିଥିବାର ପ୍ରମାଣ ମିଳେ, ତେବେ ତହସିଲ ପକ୍ଷରୁ ସେମାନଙ୍କ ନାମରେ କେସ୍ କରାଯିବ ଓ ଦରକାର ପଡିଲେ ପୋଲିସ ଲଗାଇ ଉଚ୍ଛେଦ କରାଯିବ। ଖୁବ୍‌ଶୀଘ୍ର ଏହି ମାମଲାର ସମାଧାନ କରାଯିବ ବୋଲି ତହସିଲଦାର ବେହେରା କହିଛନ୍ତି।

# କଂଗ୍ରେସ ଦଳ ବିରୋଧରେ ବଜରଙ୍ଗ ଦଳର ପ୍ରତିବାଦ ସଭା

ନିମାପଡ଼ା,୯।୫(ଡି.ଏନ୍.ଏ.)

**ସାମୂହିକ ହନୁମାନ ଚାଳିଶା ପାଠ**

ନିମାପଡ଼ା ବଜରଙ୍ଗ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଓ ସାମୂହିକ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କଂଗ୍ରେସ ଦଳ ବିରୋଧରେ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ଯୋଗଦେଇ ବଜରଙ୍ଗ ଦଳ ଭଳି ଏକ ରାଷ୍ଟ୍ରବାଦୀ ସଂଗଠନକୁ ପିଏଫଆଇ ଆତଙ୍କବାଦୀ ସଂଗଠନ ସହ ତୁଳନା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଆଚାର୍ଯ୍ୟ ମତବ୍ୟକ୍ତ କରି କଂଗ୍ରେସର ହୀନ ମନ୍ତବ୍ୟ ଓ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳର ସହ ସଂଯୋଜକ ରଞ୍ଜନ ପ୍ରଧାନ, ବିଶ୍ୱ ହିନ୍ଦୁ ପରିଷଦର ନିମାପଡ଼ା ଶାଖା ସମ୍ପାଦକ ସଞ୍ଜୟ ବାରିକ, ରଞ୍ଜନ ନାୟକ, ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ଓଝା, ବିଜୟ ବେହେରା, ସୌମ୍ୟ ବେହେରା ପ୍ରମୁଖ ଯୋଗଦେଇ କଂଗ୍ରେସର ହୀନ ମନ୍ତବ୍ୟ ଓ ତୁଳନାତ୍ମକକୁ କଟୁ ସମାଲୋଚନା କରିଥିଲେ।



ପ୍ରତିବାଦ ସଭାରେ ବଜରଙ୍ଗ ଦଳର କର୍ମକର୍ତ୍ତା ବୃନ୍ଦ।

# ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ସ୍ୱଚ୍ଛତା ପାଇଁ ଦାବିପତ୍ର

- ମଠ ପରିସରରେ ପର୍ଯ୍ୟାପ୍ତ ଶୌଚାଳୟ କରିବା
- ପୋଲିସ ପାଟ୍ରୋଲିଂ, ବେଣ୍ଟ ପୋଖରୀ ଚତୁଃପାର୍ଶ୍ୱ ବାଡ଼ କରିବା

ପୁରୀ ଅଫିସ,୯।୫


ଏକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ସ୍ୱଚ୍ଛତା ଓ ପବିତ୍ରତା ରକ୍ଷା ସମ୍ବନ୍ଧରେ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲେଖ କରାଯାଇଛି କି, ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାପ୍ରଭୁଙ୍କ ଲୀଳା ସ୍ଥଳୀ ତଥା ଚିତବିନୋଦନ ଉଦ୍ୟାନ ଅଟେ। ଶ୍ରୀଜଗନ୍ନାଥଙ୍କ ପରମବନ୍ଧୁ ସୁଗ୍ରୀବ ମହାରାଜଙ୍କର ଏହା ଆସ୍ଥାନ ମଧ୍ୟ। ପର୍ବପର୍ବାଣି ଓ ଯାନିଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏଠାରେ ବିଜେ ହୋଇ ସ୍ୱତନ୍ତ୍ର ନୀତି ସମ୍ପାଦନ କରିଥାନ୍ତି। ଏହାବ୍ୟତୀତ ମଠ ପରିସରରେ ଥିବା ବେଣ୍ଟ ପୋଖରୀ କୂଳରେ ମହାପ୍ରଭୁ ଶିକାର କରିବାକୁ ଆସନ୍ତି। ଏହି ସ୍ଥାନରୁ ମହାପ୍ରଭୁଙ୍କ ସେବା ନିମନ୍ତେ ସୁଗନ୍ଧିତ ପୁଷ୍ପ, ତୁଳସୀ ଇତ୍ୟାଦି ଶ୍ରୀମନ୍ଦିରକୁ ଯାଏ। କିନ୍ତୁ ଅତ୍ୟନ୍ତ ଦୁଃଖ ତଥା ପରିତାପର ବିଷୟ ଯେ, ଏହି ଐତିହ୍ୟ ସ୍ଥଳିଟି ଅପରିଷ୍କାର, ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ସୁବାସିତ ପୁଷ୍ପ ଓ ତୁଳସୀର ବାସ୍ନା ବଦଳରେ ପରିସ୍ରାର ଦୁର୍ଗନ୍ଧ ହେଉଛି। ଏଠାରେ ଚାରିଚକିଆ ପାର୍କିଂ ଥିବାରୁ ପ୍ରତିଦିନ ହଜାର ହଜାର ଜଗନ୍ନାଥ ପ୍ରେମୀ ଏହି ସ୍ଥାନର ମହତ୍ତ୍ୱ ତ ଜାଣିପାରୁନାହାନ୍ତି ବରଂ ଏକ ନକାରାତ୍ମକ ମନୋଭାବ ନେଇ ଫେରୁଛନ୍ତି। ତେବେ ଚନ୍ଦନ ଯାତ୍ରା ପୂର୍ବରୁ କିଛି ଅନୁଷ୍ଠାନ ଓ ସହରର ସଚେତନ ବ୍ୟକ୍ତିବିଶେଷମାନେ ନିୟମିତ ବ୍ୟବଧାନରେ ସଫେଇ ଅଭିଯାନ ଜାରି ରଖିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ କିଛି ପଦକ୍ଷେପ ନେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

ମଠ ପରିସର ମଧ୍ୟରେ ଅଧିକ ଡଷ୍ଟବିନ୍ ରଖିବା ସହ ଏହାର ବ୍ୟବହାର ନିମନ୍ତେ ସଚେତନତା କରିବା। ବେଣ୍ଟ ପୋଖରୀ ସମେତ ଅନ୍ୟ ପୋଖରୀଗୁଡ଼ିକୁ ନିୟମିତ ବ୍ୟବଧାନରେ ସଫା କରିବା। ମଠ ପରିସର ମଧ୍ୟରେ ପର୍ଯ୍ୟାପ୍ତ ଶୌଚାଳୟର ବ୍ୟବସ୍ଥା କରିବା। ମଠ ପରିସରରେ ସ୍ୱଚ୍ଛତା ରଖିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବା। ମଠ ପରିସରକୁ ଆଲୋକୀକରଣ କରିବା ସହ ସିସି କ୍ୟାମେରା ନଜରରେ ରଖିବା। ବିଶୃଙ୍ଖଳାକାରୀଙ୍କୁ ରୋକିବାକୁ ନିୟମିତ ପୋଲିସ ପାଟ୍ରୋଲିଂ ସହ ଧରାପଡୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଉ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅତିକମ୍‌ରେ ତିନିଜଣ ଜଗୁଆଳି ନିୟୋଜିତ କରାଯାଉ। ବେଣ୍ଟପୋଖରୀର ତଥା ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚତୁଃପାର୍ଶ୍ୱରେ ଏକ ବାଡ କରାଯାଉ ଏବଂ ପର୍ଯ୍ୟାପ୍ତ ପରିମାଣର ପନୀୟ ଜଳ ବ୍ୟବସ୍ଥା ଓ ତାର ରକ୍ଷଣାବେକ୍ଷଣ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବଡଦାଣ୍ଡ ସେବା, ୟୁମିଦ୍ ଫାଉଣ୍ଡେସନ, ଜଗନ୍ନାଥ ଅନୁରାଗ ଟ୍ରଷ୍ଟ, ବିବେକାନନ୍ଦ ଯୁବଶକ୍ତି ସଂଗଠନ, ବିବେକାନନ୍ଦ କେନ୍ଦ୍ର ଶ୍ରୀକ୍ଷେତ୍ର, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ତଥା ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଆର୍ଟ ଅଫ ଲିଭିଙ୍ଗ୍ ପୁରୀ ଶାଖା, ସମର୍ପଣ ଟ୍ରଷ୍ଟର ସଦସ୍ୟ ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଶ୍ରୀମନ୍ଦିର ପ୍ରଶାସନ ଓ ମଠ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।

# ଖାଣ୍ଡେଲାଇଟ୍ ପଥର, ଅଠାରେ ନିର୍ମାଣ ହେବ ଚଣ୍ଡୀମନ୍ଦିର


କଟକଚଣ୍ଡୀ ମନ୍ଦିର ନିର୍ମାଣ କାମରେ ଲାଗିଥିବା କାରିଗର।

### ଏମାନେ କୁହନ୍ତି...


"ଏହି ମନ୍ଦିର ନିର୍ମାଣରେ ସିମେଣ୍ଟ, ଗୋଡ଼ି ବ୍ୟବହାର ହେଉନି। ଏଥିପାଇଁ ଏକ ସ୍ୱତନ୍ତ୍ର ଅଠା ପ୍ରସ୍ତୁତ କରାଯିବ। ବେଲ, କେନ୍ଦୁ ଓ ଗୁଡ଼କୁ ମିଶାଇ ୧୫ ଦିନ ରଖିବା ପରେ ପୋଚ ପ୍ରସ୍ତୁତ କରାଯିବ। ଏହାପରେ ଉକ୍ତ ପୋଚକୁ ବାଲିରେ ମିଶାଇ ପଥର ଯୋଡ଼େଇରେ ବ୍ୟବହାର କରାଯିବ। ସିମେଣ୍ଟ ଖରା, ବର୍ଷା ଖାଇ ୫୦/୬୦ ବର୍ଷ ପରେ ଖରାପ ହେବା ଆରମ୍ଭ ହୋଇଯାଏ, କିନ୍ତୁ ଏହି ଅଠା ଖରାପ ହେବନି।

**କୀର୍ତ୍ତନ ମହାରଣା, ଶିଳ୍ପୀ**


"ପୁରାତନ କାଳରେ ଏହି ପ୍ରଣାଳୀରେ ମନ୍ଦିରଗୁଡିକ ନିର୍ମାଣ କରାଯାଉଥିଲା। ସେଥିପାଇଁ ଏବେ ମଧ ସେହି ମନ୍ଦିରଗୁଡିକୁ ଆମେ ଦେଖିବାକୁ ପାଉଛୁ। କଟକ ଚଣ୍ଡୀ ମନ୍ଦିର ରାଜ୍ୟର ଏକ ପ୍ରମୁଖ ଶକ୍ତିପୀଠ ହୋଇଥିବାରୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ। ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ସ୍ୱତନ୍ତ୍ର ଡିଜାଇନ କରି ପ୍ରଶାସନଠାରୁ ଅନୁମତି ମିଳିବା ପରେ କାର୍ଯ୍ୟ କରାଯାଉଛି।

**ପ୍ରଫୁଲ୍ଲ କୁମାର ବାରିକ, କାରିଗର**

**କଟକ ଅଫିସ,୯।୫**

- କାର୍ଯ୍ୟରେ ଲାଗିଛନ୍ତି ନୟାଗଡ଼ ଅଞ୍ଚଳର ଶିଳ୍ପୀ
- ମୁଖ୍ୟ ମନ୍ଦିରର ଉଚ୍ଚତା ୪୦ ଫୁଟ

ନୂଆ ରୂପ ପାଇବାକୁ ଯାଉଛି କଟକ ଚଣ୍ଡୀମନ୍ଦିର। ଏଥିପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଜାରି ରହିଛି। ମୁଖ୍ୟ ମନ୍ଦିରର ଉଚ୍ଚତା ୪୦ ଫୁଟ ଓ ମୁଖଶାଳା ୨୫ରୁ ୨୮ ଫୁଟ କରାଯିବା ପାଇଁ ସ୍ଥିର ହୋଇଛି। ବିଶେଷକରି ଖାଣ୍ଡେଲାଇଟ୍ ପଥର ଓ ଅଠାରେ ମନ୍ଦିର ନିର୍ମାଣ କରାଯିବ, ଯାହା ମନ୍ଦିରକୁ ଦୀର୍ଘସ୍ଥାୟୀ କରିବା ସହ ଅଧିକ ଆକର୍ଷଣୀୟ କରିବ। ଏହି କାର୍ଯ୍ୟ ପାଇଁ ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ଶିଳ୍ପୀଙ୍କୁ ଦାୟିତ୍ୱ ଦିଆଯାଇଛି।

କଟକ ଚଣ୍ଡୀଙ୍କ ପୀଠର ବିକାଶ ଯୋଜନାକୁ ଗତବର୍ଷ ମେ'ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିର ସମେତ ଏହାର ପରିସରର ବିକାଶ କରିବା ପାଇଁ ରାଜ୍ୟ ସରକାର ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ କର୍ପୋରେଶନ (ଓବିସିସି) ଦ୍ୱାରା ପ୍ରସ୍ତୁତ ଏହି ଯୋଜନା ଅନୁଯାୟୀ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରାଯିବ। ଏହି ଯୋଜନାରେ ମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜିକୁ ସୁରକ୍ଷା ଦିଆଯିବା ସହ ଭକ୍ତଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସହିତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯିବ। ମନ୍ଦିର ଚତୁଃପାର୍ଶ୍ୱରେ ପଥର ପାଚେରି ନିର୍ମାଣ ସହ ୪ ଦିଗରେ ଚାରି ଗୋଟି ଦ୍ୱାର ନିର୍ମାଣ କରାଯିବ। ଏହାସହିତ ମନ୍ଦିର ପରିସରରେ ନୂଆ ଜଗମୋହନ, ଯଜ୍ଞ ମଣ୍ଡପ, ଚଣ୍ଡୀପାଠ ମଣ୍ଡପ, ମୁଣ୍ଡନ ମଣ୍ଡପ, ହନୁମାନ ମନ୍ଦିର, ନୂଆ ରୋଷଘର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଓଡଗାଁ ଅଞ୍ଚଳର କୀର୍ତ୍ତନ ମହାରଣା ଏବଂ ତାଙ୍କ ତିନି ପୁଅ ନୃସିଂହନାଥ ମହାରଣା, ଦ୍ୱାରିକାନାଥ ମହାରଣା, ଉମାକାନ୍ତ ମହାରଣା। ସେମାନଙ୍କ ସହ ୧୦ ଜଣିଆ ଟିମ୍ ମଧ ଏହି କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ଖୋର୍ଦ୍ଧା ଜିଲା ନରଣଗଡ ଅଞ୍ଚଳରୁ ଅଣାଯାଇଥିବା ଖାଣ୍ଡେଲାଇଟ୍ ପଥର ବ୍ୟବହାର କରାଯାଇଛି। ଏଥିସହ ବେଲ, କେନ୍ଦୁ, ଗୁଡ଼ ମିଶାଇ ଏକ ଅଠା ପ୍ରସ୍ତୁତ କରାଯିବ। ସିମେଣ୍ଟ ବଦଳରେ ଏହାକୁ ପଥର ଯୋଡ଼େଇ ପାଇଁ ବ୍ୟବହାର କରାଯିବ। ବର୍ତ୍ତମାନ ୩ଫୁଟ ଉଚ୍ଚତାର କାନ୍ଥ ପାଇଁ ପଥର କଟା କାମ ଜାରି ରହିଛି। ଏବେ ରହିଥିବା ମନ୍ଦିର ଭଙ୍ଗାଯିବା ପରେ ଉକ୍ତ ପଥର ବ୍ୟବହାର କରାଯାଇ ୩ ଫୁଟ ଉଚ୍ଚତାରେ ମନ୍ଦିର ତଳପାର୍ଶ୍ୱ କାମ କରାଯିବ। ଏହାପରେ ମନ୍ଦିରର ଉପର ପାର୍ଶ୍ୱ କାମ ହେବ। ସୂଚନାଯୋଗ୍ୟ, କୀର୍ତ୍ତନ ମହାରଣା ଏହାପୂର୍ବରୁ ସୁଆଣ୍ଡୋରେ ରାଧାକୃଷ୍ଣ ମନ୍ଦିର, ସାତପଡାର ଏକ ଶିବ ମନ୍ଦିର ଓ ଖୋର୍ଦ୍ଧାରେ ଚଣ୍ଡେଶ୍ୱର ମନ୍ଦିର ନିର୍ମାଣ କାର୍ଯ୍ୟ କରିଛନ୍ତି।


ପ୍ରବଳ ଖରାହେତୁ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ କଟକ ମଧୁପାଟଣା ଅଞ୍ଚଳ ରାସ୍ତା ଖାଁ ଖାଁ।

# ୨ ଯୁବକଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

**କଟକ ଅଫିସ,୯।୫**

### ଗଞ୍ଜେଇ ଚାଲାଣ ମାମଲା

ଗଞ୍ଜେଇ ଚାଲାଣ ମାମଲାରେ କଟକ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ୨ ଜଣଙ୍କୁ ୧୦ ବର୍ଷ ଲେଖାଏ ଜେଲ ଏବଂ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ବିହାର ରାଜ୍ୟର ରାଜକୁମାର ପଣ୍ଡିତ(୩୪) ଓ ଚନ୍ଦନ କୁମାର(୨୮)। ଜରିମାନା ଅନାଦାୟ ଉଭୟଙ୍କୁ ଆଉ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୧ ଏପ୍ରିଲ ୬ରେ ଏକ ଟାଟା ସୁମୋ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ କଟକ ଜୁଡିସିଆଲ ଏକାଡେମୀ ନିକଟ ରିଂରୋଡ୍‌ରେ ଅବକାରୀ ବିଭାଗ ଅଧିକାରୀମାନେ ଚଢାଉ କରି ଉକ୍ତ ଗାଡ଼ିକୁ ଅଟକାଇ ଥିଲେ। ଯାଞ୍ଚବେଳେ ସେଥିରୁ ୧୨୫ କିଲୋ ଗଞ୍ଜେଇ ଜବତ କରିଥିଲେ। ଏହି କାରବାରରେ ସମ୍ପୃକ୍ତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତରେ ମାମଲାର ବିଚାର ଚାଲିଥିଲା। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପିପି) ବେଣୁଧର ବସ୍ତିଆ ମାମଲା ପରିଚାଳନା କରୁଥିବାବେଳେ ଅତିରିକ୍ତ ପିପି ଦେବାଶିଷ ମହାକୁଡ଼ ଏବଂ ଆସୋସିଏଟ ଲୟର ପ୍ରଦୀପ୍ତ ଶତପଥୀ ସହାୟତା କରିଥିଲେ।

# କଟକ କଲେକ୍ଟୋରେଟ ଅଣଗେଜେଟେଡ୍ ଷ୍ଟାଫ କମିଟି କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ


ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

**କଟକ ଅଫିସ, ୯।୫**

କଟକ କଲେକ୍ଟୋରେଟ୍ ଅଣଗେଜେଟେଡ୍ ଷ୍ଟାଫ୍ କମିଟିର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଷ୍ଟାଫ୍ କମିଟିର କାର୍ଯ୍ୟଧାରା ଅନ୍ୟମାନଙ୍କ ଦ୍ୱାରା ଅନୁକରଣୀୟ ହେଉ ବୋଲି କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ଅଧିକାରୀ ମାନସ କୁମାର ପରିଜା ନୂତନ କର୍ମକର୍ତ୍ତାମାନଙ୍କୁ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ ନିମନ୍ତେ ଶପଥ ପାଠ କରାଇଥିଲେ। ସୂଚନାଯୋଗ୍ୟ, କଟକ କଲେକ୍ଟୋରେଟ ଅଣଗେଜେଟେଡ୍ ଷ୍ଟାଫ କମିଟି ନିର୍ବାଚନ ଗତ ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବ୍ରତ କୁମାର ମିଶ୍ର ସଭାପତି, ଗୁରୁ ଗୋବିନ୍ଦ ଦଳାଇ ସାଧାରଣ ସମ୍ପାଦକ, ସ୍ୱାଗତିକା ମହାନ୍ତି ଉପସଭାପତି, ସୁବ୍ରତ କୁମାର ସାହୁ ସଙ୍ଗଠନ ସମ୍ପାଦକ, ଜଗନ୍ନାଥ ଦଳାଇ ଅର୍ଥ ସମ୍ପାଦକ, ଉଦୟଭାନୁ ଜେନା କ୍ରୀଡ଼ା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ସାଂସ୍କୃତିକ ସମ୍ପାଦକ ଭାବେ ମିଳନ କୁମାର ମଲ୍ଲିକ, ସମ୍ପାଦକ ସୁରଜ ଶେଖର ଦାସ ଓ କ୍ଷେତ୍ର ସମ୍ପାଦକ ଭାବେ ନିଖିଲେସ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମନୋଜ କୁମାର ପରିଜା ନିର୍ବାଚନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା, ଡେପୁଟି କଲେକ୍ଟର ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ଶଶାଙ୍କ ଶେଖର ମିଶ୍ର, ଅଭୀପ୍ସା ପଟ୍ଟନାୟକ, ଅଳକାରାଣୀ ଦେବତା ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଟିଏମ୍‌ରୁ ୧୬ ଲକ୍ଷ ଚୋରି

**କଟକ ସଦର,୯।୫(ଡି.ଏନ୍.ଏ.):** କିଶନ ନଗର ଥାନା ଅନ୍ତର୍ଗତ ଗଡମା ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ୧୬ ଲକ୍ଷ ଟଙ୍କା ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଉକ୍ତ ଏଟିଏମ୍‌କୁ କାଟିବା ପରେ ଟଙ୍କା ନେଇ ପଳାଇ ଯାଇଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ଏଟିଏମ୍ ଓ ପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ଏହି ଘଟଣାରେ ପୋଲିସ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୮୦/୨୩) ରୁଜୁ ହୋଇଛି।

### ସାମୂହିକ ହନୁମାନ ଚାଳିଶା ପାଠ

**କଟକ ଅଫିସ, ୯।୫:** କର୍ଣାଟକ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ଉକ୍ତ ଇସ୍ତାହାରରେ ବଜରଙ୍ଗ ଦଳକୁ ପିଏଫ୍‌ଆଇ ସହ ତୁଳନା କରାଯାଇଛି। ଏଥିସହ ବଜରଙ୍ଗ ଦଳ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଇସ୍ତାହାରରେ ଦର୍ଶାଯାଇଛି। ଏହାର ପ୍ରତିବାଦରେ ବଜରଙ୍ଗ ଦଳ ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଛି। ଏନେଇ ବଜରଙ୍ଗ ଦଳ କଟକ ପକ୍ଷରୁ ମଧ ଜଗତପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଜଗତପୁର ହନୁମାନ ମନ୍ଦିରରେ ପହଞ୍ଚିବା ପରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ମାନସ ମହାନ୍ତି କହିଛନ୍ତି, ବଜରଙ୍ଗ ଦଳ ରାଷ୍ଟ୍ରପ୍ରେମୀ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ ଯଥା- ସାମୂହିକ ରକ୍ତଦାନ, ପ୍ରକୃତି ସୁରକ୍ଷା, ନିଶା ନିବାରଣ ଅଭିଯାନ, ପ୍ରାକୃତିକ ଦୁର୍ବିପାକ ସମୟରେ ପୀଡ଼ିତଙ୍କୁ ସହାୟତା ପ୍ରଦାନ କରାଯାଉଛି। ହେଲେ ରାଜନୈତିକ ସ୍ୱାର୍ଥ ପାଇଁ ସଙ୍ଗଠନକୁ ନେଇ ବିବାଦ ସୃଷ୍ଟି କରାଯାଇଛି। ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ଅମ୍ବିକା ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ବିପିନ ପଣ୍ଡା, ପ୍ରଭାତ ତ୍ରିପାଠୀ, ଶ୍ୟାମସୁନ୍ଦର ସାହୁ, ସଞ୍ଜୟ ସିଂହ, ବିକାଶ ନାୟକ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



କଟକ ଯୋବ୍ରା ଅଞ୍ଚଳରେ ଲିଚୁ ଫଳକୁ ସତେଜ ରଖିବା ପାଇଁ ଜଣେ ବ୍ୟବସାୟୀ ପାଣି ସିଞ୍ଚନ କରୁଛନ୍ତି।

# 'ଭାରତ ଶାନ୍ତି, ପ୍ରଗତିର ଦେଶ'


ପ୍ଲାଟିନମ୍ ଜୁବିଲି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ନିଆଳି,୯।୫(ଡି.ଏନ୍.ଏ.)**

### ଲକ୍ଷ୍ମୀନୃସିଂହ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବ

ନିଆଳି ବ୍ଲକ ଅନ୍ତର୍ଗତ ଦେବୀକନ୍ଦଳ ଦ୍ୱୀପାଞ୍ଚଳର ଏରଞ୍ଚସ୍ଥିତ ଲକ୍ଷ୍ମୀନୃସିଂହ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଭାରତ ହେଉଛି ଶାନ୍ତି ଓ ପ୍ରଗତିର ଦେଶ। ଭାରତ ବିଶ୍ୱକୁ ଭାଇଚାରାର ବାର୍ତ୍ତା ଦେଇଛି। ପିଲାମାନଙ୍କୁ ଭଲ ମଣିଷ କରି ଗଢି ତୋଳିବାରେ ଅଭିଭାବକ ଓ ଶିକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଓ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧକ୍ଷ ହୃଷୀକେଶ ସେନାପତି ସ୍ୱାଗତ ଭାଷଣ ଓ ସମ୍ପାଦକ ବିଭୁକଲ୍ୟାଣ କାନୁନ୍‌ଗୋ ସଭା ପରିଚାଳନା କରିଥିଲେ। ସେହିପରି ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ମୁଖ୍ୟବକ୍ତା ପାରାଦ୍ୱୀପ ଫସ୍‌ଫେଟ୍‌ସ ଲିମିଟେଡ୍‌ର ପୂର୍ବତନ ମହାପ୍ରବନ୍ଧକ ଡ.ପୀତବାସ ରାଉତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଲକ୍ଷ୍ମୀନୃସିଂହ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମିଶ୍ର, ସୁରଥ ବିଶ୍ୱାଳ, ବିଭୂତି ଭୂଷଣ ସାହୁ, ପ୍ରିୟମୋହନ ଆଚାର୍ଯ୍ୟ, ବେଣୁଧର ବେହେରା, ସମୀର ସେନାପତି ଯୋଗଦେଇଥିଲେ। ଦୂରଦର୍ଶନର ସ୍ମୃତିତନ୍ମୟା ମିଶ୍ର ଉପସ୍ଥାପିକା ଭାବେ ଯୋଗଦେଇଥିଲେ।

# ୧୫ ଦିନରେ ୭ ନର୍ସିଂହୋମରେ ଚଢ଼ାଉ

**କଟକ ଅଫିସ,୯।୫**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କିଛିଦିନ ହେବ ସହରର ବିଭିନ୍ନ ସ୍ଥାନରେ ଥିବା ନର୍ସିଂହୋମ୍‌ରେ ଚଢାଉ କରାଯାଉଛି। ଟ୍ରେଡ୍ ଲାଇସେନ୍ସ, ୟୁଜର୍ସ ଫି, ଫାୟାର ସେଫ୍ଟି ଓ ଆପତ୍ତିବିହୀନ ପ୍ରମାଣପତ୍ର(ଏନ୍‌ଓସି) ନଥିବା ଅଭିଯୋଗ ଅଧାରରେ ଚଢାଉ କରାଯାଇଥିବା ସୂଚନା ମିଳିଛି। ଗତ ୧୫ ଦିନ ମଧ୍ୟରେ ୭ଟି ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି।

ସହରର ଅଧିକାଂଶ ଗଳିରେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଖୋଲିଛି। ତେବେ ଉକ୍ତ ସଂସ୍ଥା ପାଖରେ ଏନ୍‌ଓସି, ରେଜିଷ୍ଟ୍ରେସନ ସାର୍ଟିଫିକେଟ୍, ଲ୍ୟାଣ୍ଡ ଏଗ୍ରିମେଣ୍ଟ, ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟିକସ ରସିଦ୍ ଆଦି ଅଛି ନା ନାହିଁ ସେନେଇ ସିଏମ୍‌ସି ନିକଟରେ ସୂଚନା ନାହିଁ। ତେବେ ଏସବୁ ଯାଞ୍ଚ ପାଇଁ ସିଏମ୍‌ସି ପକ୍ଷରୁ କିଛିଦିନ ହେବ ଚଢ଼ାଉ କରାଯାଉଛି। ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଅନେକ ନର୍ସିଂହୋମ୍ ଯାଇ କାଗଜପତ୍ର ଯାଞ୍ଚ କରୁଛି। ଯାହାର କାଗଜପତ୍ର ଠିକ୍ ନାହିଁ ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କିଛିଦିନ ତଳେ ମଙ୍ଗଳାବାଗସ୍ଥିତ ସାଇଜୀବନ ନର୍ସିଂହୋମ୍ ଓ ଉର୍ମିଳା ନର୍ସିଂହୋମ, ମହାନଦୀ ବିହାର ଅଞ୍ଚଳରେ ଥିବା ସାବରମତି ନର୍ସିଂହୋମ, ନୂଆବଜାର ଅଞ୍ଚଳରେ ଥିବା ସାଇ ସଞ୍ଜୀବନି ହସ୍ପିଟାଲରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଚଢ଼ାଉ କରିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ନର୍ସିଂହୋମ୍‌ଗୁଡିକ ଉପରେ ପ୍ରାୟ ୧୫ ଲକ୍ଷ ଟଙ୍କା ସିଏମ୍‌ସି ପକ୍ଷରୁ ଜରିମାନା କରାଯାଇଛି। ଶନିବାର ୩ଟି ଘରୋଇ ହସ୍ପିଟାଲରେ ଚଢ଼ାଉ କରାଯାଇଥିଲା। ସେଥିମଧ୍ୟରୁ ୨ଟି ହସ୍ପିଟାଲରୁ ସର୍ବାଧିକ ୧୧ ଲକ୍ଷ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଅନ୍ୟଟି ସିଲ୍ କରାଯାଇଥିଲା। ସେହିପରି ଗତ ୩ ତାରିଖରେ ମଙ୍ଗଳାବାଗ ଅଞ୍ଚଳରେ ଥିବା ଦୁଇଟି ନର୍ସିଂହୋମ ଓ ଗୋଟିଏ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢାଉ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରରୁ ୭୦ ହଜାର ଜରିମାନା ଆଦାୟ କରାଯାଇଥିବାବେଳେ ଅନ୍ୟ ନର୍ସିଂହୋମକୁ ସିଲ୍ କରାଯାଇଥିଲା। ଏଥିସହ ଗତମାସ ୨୭ ତାରିଖରେ ଶଙ୍କରପୁରସ୍ଥିତ ସାଇ ସୋନାଲୀ ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ କର୍ତ୍ତୃପକ୍ଷ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ଉକ୍ତ ନର୍ସିଂହୋମ୍ ସିଲ୍ କରିଦିଆଯାଇଥିଲା। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ଚଢାଉବେଳେ ବହୁ ନର୍ସିଂହୋମ୍‌ର କାଗଜପତ୍ର ଠିକ୍ ନ ଥିବା ଜଣାପଡିଛି। ଆଗାମୀ ଦିନରେ ଏଭଳି ଭାବେ ଚଢାଉ ଜାରି ରହିବ।

### ୨ ନର୍ସିଂହୋମ୍‌ରୁ ୭୦ ହଜାର ଜରିମାନା ଆଦାୟ


ନର୍ସିଂହୋମରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇ କାଗଜପତ୍ର ଯାଞ୍ଚ କରାଯାଉଛି।

ଜଗତ୍‌ପୁର ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ଓମ୍ ସାଇ ତ୍ରିମୂର୍ତ୍ତୀ ହେଲ୍‌ଥ କେୟାର ନାମକ ନର୍ସିଂହୋମ୍ ଓ ଅଲଟ୍ରା ହସ୍ପିଟାଲ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ମଙ୍ଗଳବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ ଚଢ଼ାଉ କରିଥିଲା। ନିୟମ ଉଲ୍ଲଂଘନ କରି ବ୍ୟବସାୟ କରିବା, କାଗଜପତ୍ର, ଫାୟାର ସେଫ୍ଟି ଓ ପାର୍କିଂ ସ୍ଥାନ ନ ଥିବାରୁ ଅଲଟ୍ରା ହସ୍ପିଟାଲ ଆଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟରରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ୨୪ ଘଣ୍ଟା ମଧ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନର ସମସ୍ତ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ତାହାକୁ ସିଲ୍ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସେହିପରି ଓମ୍ ସାଇ ତ୍ରିମୂର୍ତ୍ତୀ ହେଲ୍‌ଥ କେୟାର ନର୍ସିଂହୋମ୍‌ରେ ଚଢ଼ାଉବେଳେ କର୍ତ୍ତୃପକ୍ଷ କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଏଥିପାଇଁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ନର୍ସିଂହୋମ୍‌କୁ ସିଲ୍ କରାଯାଇଥିଲା। ଏହି ଚଢାଉରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡର ଇନ୍‌ଚାର୍ଜ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲଙ୍କ ସମେତ ଲାଇସେନ୍ସ ବିଭାଗ ଟିମ୍ ସାମିଲ ହୋଇଥିଲା।

# ହାତୀମୃତ୍ୟୁ ଘଟଣାରେ ହାଇକୋର୍ଟଙ୍କ ଉଦ୍‌ବେଗ

## ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ

- ସୌରବାଡ଼ ଉପରେ ଗୁରୁତ୍ୱାରୋପ
- ବିଦ୍ୟୁତ୍ ବିତରଣ କମ୍ପାନୀକୁ ନେଇ ବସିବ ବୈଠକ
- ଗ୍ରାମବାସୀଙ୍କୁ ସଚେତନ କରାଯିବ
- ଜୁଲାଇ ୧୯ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୯।୫

ରାଜ୍ୟରେ କ୍ରମାଗତ ହାତୀମୃତ୍ୟୁକୁ ନେଇ ହାଇକୋର୍ଟ ମଙ୍ଗଳବାର ଶୁଣାଣିରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ହାତୀ ଆକ୍ରମଣରେ ମୃତକଙ୍କ ନିମନ୍ତେ ଅନୁକମ୍ପାମୂଳକ କ୍ଷତିପୂରଣ ରାଶି ବୃଦ୍ଧି କରାଯାଇଥିବା ନେଇ ଉଲ୍ଲେଖ କରାଯାଇଥିଲା। ଏହା ଉପରେ ଶୁଣାଣି କରି ହାତୀମୃତ୍ୟୁ ରୋକିବାକୁ ଜଙ୍ଗଲ ମଧ୍ୟରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୌର ଶକ୍ତି ବ୍ୟବହାର କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହ ହାତୀମୃତ୍ୟୁ ଘଟଣା ପାଇଁ ଗଠିତ ଜଏଣ୍ଟ ଟାସ୍କ ଫୋର୍ସର ମୁଖ୍ୟ ମନୋଜ ଭି. ନାୟାର ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ ମିଳିତ ବୈଠକ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୨ମାସ ଭିତରେ ଜଙ୍ଗଲ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ହାଇକୋର୍ଟ ତାଗିଦା କରିଛନ୍ତି। ଏଥିସହିତ ଲୋକମାନେ ମଧ୍ୟ ହାତୀ ଆକ୍ରମଣରୁ ଶସ୍ୟ ଓ ଜନଜୀବନକୁ ରକ୍ଷା କରିବା ନିମନ୍ତେ ସୌରବାଡ଼ ନିର୍ମାଣ କରିବାକୁ ଅଦାଲତ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ଜୁଲାଇ ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଜଏଣ୍ଟ ଟାସ୍କ ଫୋର୍ସ ମୁଖ୍ୟନାୟାର ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ, ଗତ ଦୁଇ ମାସରେ ୧୪ ହାତୀ ଆକ୍ରମଣରେ ୨୦ ଜଣ ମନୁଷ୍ୟଙ୍କ ମୃତ୍ୟୁ ଘଟିଛି। ସେହିପରି ବିଦ୍ୟୁତ୍ ଆଘାତରେ ୪ ହାତୀଙ୍କ ମୃତ୍ୟୁ ହୋଇଛି। ହାତୀ ସମେତ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ରୋକିବାକୁ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ବେଆଇନ ହୁକିଂ ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କୁ ସଚେତନ କରାଇ ସେମାନେ ବନ୍ୟପ୍ରାଣୀଙ୍କ ଜୀବନ ରକ୍ଷା ସହ ମଣିଷଙ୍କ ଜୀବନ ରକ୍ଷା ପ୍ରତି ଯତ୍ନବାନ ହେବାକୁ କୁହାଯାଇଛି। ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକୁ ବାଡ଼ ଘେରାଇ ଆବଦ୍ଧ କରାଯିବା ଓ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ମଧ୍ୟରେ ଆଉ ଗୋଟିଏ ଲେଖାଏ ଖୁଣ୍ଟ ପୋତିବାକୁ ନିର୍ଦ୍ଦେଶ ରହିଛି। ଏହାଦ୍ୱାରା ବିଦ୍ୟୁତ୍ ତାର ଝୁଲି ତଳକୁ ଖସିପଡ଼ିବାର ଆଶଙ୍କା ହ୍ରାସ ପାଇବ ବୋଲି ଅଦାଲତ କହିଛନ୍ତି। ଏଥିପାଇଁ ଏକ ସପ୍ତାହ ଭିତରେ ୪ ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ବୈଠକ କରିବେ। ଜଏଣ୍ଟ ଟାସ୍କ ଫୋର୍ସ ମୁଖ୍ୟ ଏହି ବୈଠକରେ ଅଧ୍ୟକ୍ଷତା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ସମୟ ମଧ୍ୟରେ ସମସ୍ତ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି। ଜଏଣ୍ଟ ଟାସ୍କଫୋର୍ସ ଦ୍ୱାରା ହୋଇଥିବା ଆକ୍ସନ ପ୍ଲାନର ଅଗ୍ରଗତି ସମ୍ପର୍କରେ ଅଧ୍ୟକ୍ଷ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଂଗ୍ରେସ ପକ୍ଷରୁ ୧୨ ଘଣ୍ଟା କୋରାପୁଟ ଜିଲା ବନ୍ଦ

ଜୟପୁର/ କୋରାପୁଟ (ନି.ପ୍ର./ସ୍ୱ.ପ୍ର.)

ଜିଲା କଂଗ୍ରେସ ମଙ୍ଗଳବାର କୋରାପୁଟ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲାବାସୀ ଓ ସିପିଆଇ ସମର୍ଥନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ଏହି ସମୟରେ ଦୋକାନ, ବଜାର, ଚକଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ରାସ୍ତା ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିବା ଦେଖାଯାଇଥିଲା। ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଜ ଜିଲାରେ ନିଯୁକ୍ତି ଦେବା, ଜିଲାର ସି.ଟି., ବି.ଏଡ୍. ଏବଂ ଡିଆଇଇଟି ତାଲିମପ୍ରାପ୍ତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ କୋରାପୁଟ ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକ ରୂପେ ନିଯୁକ୍ତି ଦେବା, ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀଗୁଡ଼ିକରେ ସ୍ଥାନୀୟ ନିଯୁକ୍ତି ଦେବା, ଜିଲାର ତାଲିମପ୍ରାପ୍ତ ଏଏନ୍ଏମ୍ ଏବଂ ବିଏସ୍‌ସି ନର୍ସିଂ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, କୋରାପୁଟ ବି.ଏଡ୍. କଲେଜରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ, ବନ୍ଦ ଥିବା ବି.ଏଡ୍. କଲେଜକୁ ଶହେ ସିଟ୍ ବିଶିଷ୍ଟ କରି ଖୋଲିବା ସହ ଅନ୍ୟାନ୍ୟ ଦାବି ନେଇ ଏହି ବନ୍ଦ ପାଳନ କରାଯାଇଥିବା ଜଣାପଡିଛି। ସେହିପରି ସେମିଳିଗୁଡା,ସୁନାବେଡା, ପଟ୍ଟାଙ୍ଗି, କୁନ୍ଦୁରା, ବୈପାରିଗୁଡା, ଦଶମନ୍ତପୁର, ନନ୍ଦପୁର ଅଞ୍ଚଳରେ ମଧ୍ୟ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରିଛନ୍ତି।

# ୩ ବର୍ଷରେ ସରିବ ବିଜୁ ଏକ୍ସପ୍ରେସ ୱେ

## ୫-ଟି ସଚିବଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୯।୫ (ଡି.ଏନ୍.ଏ.)


୫-ଟି ସଚିବ ଭି.କେ ପାଣ୍ଡିଆନ ମୋହନାଠାରେ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଦୁଇ ଦିନିଆ ଗଜପତି ଜିଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ ବିଜୁ ଏକ୍ସପ୍ରେସ ୱେ-୨ର ନିର୍ମାଣ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ବିଜୁ ଏକ୍ସପ୍ରେସ ୱେ -୧ ର ନିର୍ମାଣ କାମ ସଫଳତାର ସହ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାର ଏବେ ବିଜୁ ଏକ୍ସପ୍ରେସ ୱେ-୨ କାମ ଆରମ୍ଭ କରିବାକୁ ଯାଉଛନ୍ତି। ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ ଦୃଷ୍ଟିରୁ ଏହା ଖୁବ ଗରୁତ୍ୱ ବହନ କରେ। ୩୦୫ କି.ମି. ଏହି ରାସ୍ତା ବ୍ରହ୍ମପୁରରୁ ଜୟପୁର ସହରକୁ ଯୋଡିବ ଏବଂ ଏହି ପ୍ରକଳ୍ପ ପାଇଁ ପ୍ରାୟ ୭୦୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ସମ୍ପୂର୍ଣ୍ଣ ଭାବେ ଏକ ନୂଆ ପ୍ରକଳ୍ପ (ଗ୍ରୀନ୍ ଫିଲ୍ଡ ପ୍ରୋଜେକ୍ଟ)। ଏହା ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲାର ୧୫ ବ୍ଲକ ଦେଇ ନିର୍ମାଣ ହେବ। ଗଞ୍ଜାମରେ ୪୩ କି.ମି., ଗଜପତିରେ ୪୭ କି.ମି., ରାୟଗଡ଼ାରେ ୧୫୮ କି.ମି. ଓ କୋରାପୁଟରେ ୫୭ କି.ମି. ରାସ୍ତା ତିଆରି କରାଯିବ। ଏହାଦ୍ୱାରା ବ୍ରହ୍ମପୁରରୁ ଜୟପୁରକୁ ଗସ୍ତ ସମୟ ୮ ଘଣ୍ଟାରୁ ୫ ଘଣ୍ଟାକୁ କମିଯିବ। ବ୍ରହ୍ମପୁରରୁ ମୋହନା ମାତ୍ର ୪୫ ମିନିଟ ଲାଗିବ ଏବଂ ରାୟଗଡ଼ାରୁ ମୋହନା ମାତ୍ର ଦେଢ ଘଣ୍ଟା ଲାଗିବ, ଯାହାକି ବର୍ତ୍ତମାନ ପ୍ରାୟ ୪ ଘଣ୍ଟା ଲାଗୁଛି। ଏହି ସଡ଼କରେ ପ୍ରଥମ ଥର ପାଇଁ ପାହାଡ଼ ଖୋଳାଯାଇ ରାସ୍ତା ନିର୍ମାଣ କରାଯିବ, ଯାହାଦ୍ୱାରା ସଡ଼କର ଦୈର୍ଘ୍ୟ ପ୍ରାୟ ୨୫ ରୁ ୩୦ କି.ମି. କମିଯିବ ଏବଂ ଯିବାଆସିବା ସମୟ ମଧ୍ୟ ୨ ଘଣ୍ଟା କମ ରହିବ । ଏହାଦ୍ୱାରା ଦକ୍ଷିଣ ଓଡ଼ିଶାରେ ଏକ ନୂଆ ଇକୋନୋମିକ କରିଡର ସୃଷ୍ଟି ହୋଇପାରିବ। ଏହି କାମ ୩ ବର୍ଷ ମଧ୍ୟରେ ଶେଷ ହେବ ବୋଲି ୫-ଟି ସଚିବ ପାଣ୍ଡିଆନ ସୂଚନା ଦେଇଛନ୍ତି। ପରେ ପାଣ୍ଡିଆନ ଜିରାଙ୍ଗର ବୁଦ୍ଧ ମନ୍ଦିର ପରିଦର୍ଶନ କରିବା ସହିତ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଡିସେମ୍ବର ସୁଦ୍ଧା ସ୍ମାର୍ଟ କ୍ଲାସ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ଚାଲାଣ ବେଳେ ୬୨ କଇଁଛ ଜବତ

- ଗିରଫକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ଝରିଗାଁ ବନ ବିଭାଗ

ଝରିଗାଁ,୯।୫(ସ୍ୱ.ପ୍ର.)



ପାଟ୍ରୋଲିଂ ବେଳେ ସୋମବାର ରାତିରେ କଇଁଛ ଚୋରା ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଝରିଗାଁ ବନ ବିଭାଗ ଧରିଛି। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ ଝରିଗାଁ ବନ ବିଭାଗର ଡେପୁଟି ରେଞ୍ଜର ଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ଗୁପ୍ତପ୍ରସାଦ ମହାନ୍ତି,ଗାର୍ଡ ଅନନ୍ତ କୁମାର ଝଙ୍କାର ଏକ ଟିମ୍ ସହ କଂଗ୍ରା ସେକ୍ସନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେମାନେ ଜୋଡ଼ାଆମ୍ବ ଛକରେ କିଛି ସମୟ ପାଇଁ ରହିଥିଲେ। ତେବେ ସେହି ସମୟରେ ଭିତରକରମାରୀଠାରୁ ଏକ ବାଇକ (ସିଜି-୦୪ସିଜେଡ୍-୩୮୩୫)ରେ କୋଦଭଟ୍ଟା ଗ୍ରାମର ଧୀରଜ ମିସ୍ତ୍ରି ଉକ୍ତ ରାସ୍ତାଦେଇ ଯାଉଥିଲେ। ସେ ବସ୍ତାରେ କିଛି ନେଇ ଯାଉଥିବା ଦେଖି ବନ ବିଭାଗର କର୍ମଚାରୀମାନେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ବସ୍ତାରେ ୬୨ଟି ଜୀବନ୍ତ କଇଁଛ ବନ କର୍ମଚାରୀ ଜବତ କରି ଧୀରଜଙ୍କୁ ଗିରଫ କରିଛନ୍ତି। କଇଁଛ ଓ ଗିରଫ ଅଭିଯୁକ୍ତଙ୍କୁ ଝରିଗାଁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅଭିଯୁକ୍ତ କଳାହାଣ୍ଡିରୁ କଇଁଛ ଚୋରା ଚାଲାଣ କରି କଦଭଟ୍ଟା ଗ୍ରାମରେ ବିକ୍ରି କରିବା ପାଇଁ ନେଉଥିବା ଜଣାପଡ଼ିଥିଲା। କଇଁଛମାନଙ୍କୁ ଝରିଗାଁ ନର୍ସରିରେ ସୁରକ୍ଷିତ ଭାବେ ରଖିବା ସହ ଅଭିଯୁକ୍ତଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ପୁରୁଷୋତ୍ତମପୁର,୯।୫(ଡି.ଏନ.ଏ.)

ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଶ୍ରମିକମାନଙ୍କ ମଜୁରି କରାଇଦେବାକୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଜଗଦୀଶ ସାହୁ। ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରାଜ୍ୟପାଳଙ୍କ ରହଣି ବ୍ୟବସ୍ଥାରେ ହୋଇଥିଲା ତ୍ରୁଟି

## ଡାକବଙ୍ଗଳା ଛାଡ଼ି ପ୍ୟାଲେସରେ ରାତ୍ରଯାପନ

ବାରିପଦା ଅଫିସ,୯।୫

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ ବିଦ୍ୟୁତ୍ ବିଭ୍ରାଟ ଘଟଣା ଭଳି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ରହଣି ବ୍ୟବସ୍ଥାରେ ମଧ୍ୟ ତ୍ରୁଟି ହୋଇଛି। ଏନେଇ ଭାଜପା ଜିଲା ସଭାପତି କାନ୍ଦରା ସୋରେନ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବା ରାଜ୍ୟପାଳଙ୍କ ନିମନ୍ତେ ବାରିପଦା ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡାକବଙ୍ଗଳାରେ ରହଣି ବ୍ୟବସ୍ଥା କରାଯାଇଥିଲା। ୫ତାରିଖ ଅପରାହ୍ନ ୧ଟା୩୦ରେ ରାଜ୍ୟପାଳ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବା ନିମନ୍ତେ କୌଣସି ଜିଲାସ୍ତରୀୟ ଅଧିକାରୀ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପସ୍ଥିତ ନ ଥିଲେ। ରାଜ୍ୟପାଳଙ୍କ ସହିତ ଆସିଥିବା ଅଧିକାରୀମାନେ ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଅବଗତ କରିବା ପରେ ବିଳମ୍ବରେ ଅଧିକାରୀମାନେ ପହଞ୍ଚିଥିଲେ। ରାଜ୍ୟପାଳଙ୍କ ନିମନ୍ତେ ଡାକବଙ୍ଗଳାର ଉପର ମହଲାରେ ବ୍ୟବସ୍ଥା କରାଯାଇଥିବାରୁ ଆଣ୍ଠୁ ଯନ୍ତ୍ରଣା ପାଇଁ ସେଠାକୁ ଯିବାକୁ ସେ ଅନିଚ୍ଛା ପ୍ରକାଶ କରିଥିଲେ। ତଳ ମହଲାରେ ରହିବାକୁ ଇଚ୍ଛା କରିଥିଲେ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସେଠାରେ ବ୍ୟବସ୍ଥା କରାଯାଇଥିବା ଜାଣିବାକୁ ପାଇଥିଲେ। ପରେ ଅନ୍ୟର ସହାୟତା ନେଇ ବହୁ କଷ୍ଟରେ ପାହାଚ ଚଢ଼ି ଉପର ମହଲାକୁ ଯାଇଥିଲେ। ସେଠାରେ ପହଞ୍ଚି ନିର୍ଦ୍ଧାରିତ ସମୟରେ ଭୋଜନ କରିବାକୁ କହିବା ପରେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅପରାହ୍ନ ୩ଟା୩୦ରେ ରାଜ୍ୟପାଳଙ୍କୁ ମଧ୍ୟାହ୍ନଭୋଜନ କରିବାକୁ ଦିଆଯାଇଥିଲା। ଏପରି ଅବ୍ୟବସ୍ଥା ଦେଖି ରାଜ୍ୟପାଳଙ୍କ ନିମନ୍ତେ ଅନ୍ୟତ୍ର ବ୍ୟବସ୍ଥା କରିବାକୁ ତାଙ୍କ କାର୍ଯ୍ୟାଳୟର ଅଧିକାରୀମାନେ କହିଥିଲେ। ମାତ୍ର କୌଣସି ସରକାରୀ ଡାକବଙ୍ଗଳାରେ ରାଜ୍ୟପାଳଙ୍କ ନିମନ୍ତେ ରହଣି ବ୍ୟବସ୍ଥା ହୋଇ ନ ପାରିବାରୁ ସେ ନିଜେ ବିକଳ୍ପ ବ୍ୟବସ୍ଥା କରିଥିଲେ। ନିଜ ଆତ୍ମୀୟଙ୍କ ଦ୍ୱାରା ବେଲଗଡ଼ିଆ ପ୍ୟାଲେସରେ ରାତ୍ରଯାପନ କରିଥିଲେ। ପ୍ୟାଲେସର ଗୋଟିଏ ଭାଗରେ ରାଜବଂଶର ଦାୟାଦ ତଥା ପ୍ରାକ୍ତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପରିବାର ସହିତ ରହୁଥିବା ବେଳେ ଅନ୍ୟ ଅଂଶରେ ବେସରକାରୀ ହୋଟେଲ ବ୍ୟବସ୍ଥା ରହିଥିଲା। ଉକ୍ତ ହୋଟେଲରେ ରାଜ୍ୟପାଳ ରାତ୍ରଯାପନ କରିଥିଲେ। ନିୟୋଜିତ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସେ ଜିଲା ବ୍ୟବସ୍ଥାଠାରୁ ଦୂରେଇ ଯାଇ ଅନ୍ୟତ୍ର ରହିବା ଘଟଣା ବ୍ୟଥିତ କରିଛି। ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପ୍ରତି ଜିଲା ପ୍ରଶାସନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏପରି ଅବ୍ୟବସ୍ଥାକୁ ନେଇ ବିବାଦ ବଢ଼ିଚାଲିଛି । ଏହି ଘଟଣାକୁ ଭାଜପା ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ତ୍ରୁଟି କରିଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଜିଲା ସଭାପତି ସୋରେନ ଦାବି କରିଛନ୍ତି।

# ଭିନ୍ନକ୍ଷମ ପିଲାଙ୍କ ପାଇଁ ଅଧିକ କାର୍ଯ୍ୟ କରିବା ଆବଶ୍ୟକତା ଅଛି: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ଭିନ୍ନକ୍ଷମଙ୍କ ଅଧିକାର, ସେମାନଙ୍କୁ ସଶକ୍ତ ଓ ଶୃଙ୍ଖଳିତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟନେଇ କାର୍ଯ୍ୟ କରୁଥିବା ଅନୁଷ୍ଠାନର ଏକ କର୍ମଶାଳା ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ୨୧ ପ୍ରକାର ଭିନ୍ନକ୍ଷମଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ସମେତ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୨୦୩୦ ସୁଦ୍ଧା ଭିନ୍ନକ୍ଷମମାନଙ୍କ ଅନ୍ତର୍ଭୁକ୍ତୀକରଣ ସାମଗ୍ରିକ ବିକାଶ ଏବଂ ଏଥିପାଇଁ ଆବଶ୍ୟକ ରହୁଥିବା ବିଭିନ୍ନ ତଥ୍ୟ ସଂଗ୍ରହ ସମ୍ପର୍କରେ ସେ ବ୍ୟାପକ ଆଲୋଚନା କରିଛନ୍ତି। ଭିନ୍ନକ୍ଷମ ପିଲାଙ୍କ ମା,ବାପାମାନେ ସେମାନଙ୍କ ଦାୟିତ୍ୱ ନେଉଥିବା ବେଳେ ଏଥିସହ ସରକାରଙ୍କୁ ତାଙ୍କ ପାଇଁ ଅଧିକ କାର୍ଯ୍ୟ କରିବାର ଅଛି। ଭିନ୍ନକ୍ଷମମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଯେପରି ସ୍ୱାଭିମାନର ସହ ବଞ୍ଚିବେ ସେଥିପାଇଁ ଆହ୍ୱାନ ରହିଛି। ଓଡ଼ିଶା ସରକାର ଏଥିପାଇଁ ସର୍ବଦା ସଚେତନ ଓ ସମ୍ବେଦନଶୀଳତାର ସହ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି) ଜରିଆରେ ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ୩୦ଟି ଜିଲାରେ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିକ ବ୍ୟୟବରାଦ ସହ ୧୦ଟି ଜିଲା ପାଇଁ କାର୍ଯ୍ୟ ଆରମ୍ଭ କରିଥିବା ସେ କହିଛନ୍ତି।

# ବ୍ରହ୍ମପୁର ମଣ୍ଡଳ କାରାଗାର: ମାଓବାଦୀ ନେତା ସବ୍ୟସାଚୀଙ୍କ ସହ ଅନ୍ୟ କଏଦୀଙ୍କ ଝଗଡ଼ା

ବ୍ରହ୍ମପୁର ଅଫିସ,୯।୫

ବ୍ରହ୍ମପୁର ମଣ୍ଡଳ କାରାଗାରରେ କଏଦୀ ଭାବେ ଥିବା ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଏବଂ ଖଲ୍ଲିକୋଟ ଅଞ୍ଚଳର ଏକ ହତ୍ୟା ମାମଲାରେ ବିଚାରାଧୀନ କଏଦୀ ପ୍ରଦୀପ ପରିଡ଼ାଙ୍କ ମଧ୍ୟରେ ଖାଇବାକୁ ନେଇ ଝଗଡ଼ା ହୋଇଛି। ସବ୍ୟସାଚୀ କୁଆଡ଼େ ପ୍ରଦୀପଙ୍କୁ ଖାଦ୍ୟରେ ବିଷ ଦେଇ ମାରିଦେବାକୁ ଧମକ ଦେଇଥିବାରୁ ସେ ଗତ ରବିବାରଠାରୁ କୌଣସି ଖାଦ୍ୟ ନ ଖାଇ ଅନଶନ କରିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏ ସମ୍ପର୍କରେ ଜେଲର୍ ସତ୍ୟ ନାରାୟଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସୋମବାର ସନ୍ଧ୍ୟାରେ ସବ୍ୟସାଚୀ ଏବଂ ପ୍ରଦୀପଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ତେଣୁ ପ୍ରଦୀପ ରାତ୍ରି ଭୋଜନ କରିବାକୁ ଅମଙ୍ଗ ହୋଇଥିଲେ। ଜେଲର ବେହେରା ଉକ୍ତ ଦୁଇଜଣଙ୍କୁ ଡକାଇ ବୁଝାଶୁଝା କରିବା ପରେ ପ୍ରଦୀପ ରାତିରେ ଭୋଜନ କରିଥିଲେ। ସେହିଭଳି ମଙ୍ଗଳବାର ଦିନବେଳେ ମଧ୍ୟ ସବ୍ୟସାଚୀ ଖାଦ୍ୟ ପରଶିଥିବା ବେଳେ ପ୍ରଦୀପ ଖାଇଥିଲେ ବୋଲି ଜେଲର କହିଛନ୍ତି। ସବ୍ୟସାଚୀ କାହିଁକି ଖାଦ୍ୟ ପରଶୁଛନ୍ତି ବୋଲି ପଚାରିବାରୁ ଜେଲ୍ ପଞ୍ଚାୟତ କାଉନସିଲରେ ଏବେ ସବ୍ୟସାଚୀ ସଦସ୍ୟ ଅଛନ୍ତି। କଏଦୀଙ୍କ ଖାଦ୍ୟ ପରିଚାଳନା ଦାୟିତ୍ୱରେ ଏବେ ସେ ଅଛନ୍ତି। ତେଣୁ ଖାଦ୍ୟ ପ୍ରସ୍ତୁତଠାରୁ ପରଶିବା ପର୍ଯ୍ୟନ୍ତ ସବୁ ସେ ବୁଝୁଛନ୍ତି ବୋଲି ଜେଲର କହିଛନ୍ତି।


**ZILLA SWASTHYA SAMITI (ZSS), KANDHAMAL**
**OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL**
Notice No. 5707/NHM/HR-Out House/2022/20 Date: 09.05.2023
**NOTICE**
No. E-93: Recruitment process as per this office Advt. No. 10608 dated 02.09.2022 is hereby held up due to administrative ground.
Sd./- Dr. M.K. Upadhayaya
CDM & PHO-cum-District Mission Director
Kandhamal
OIPR-10015/11/0004/2324

**OFFICE OF THE NOTIFIED AREA COUNCIL, BOUDHGARH** No. C-274
**"e" Procurement Notice**
Tender Call Notice No. 1847/NACBDH/01/2023-24 Dtd. 02.05.2023
1. Name of work: Civil works as mentioned in website.
2. No. of works: 1 No. of Civil Works
3. Bid Value: Rs.184.55 Lakhs
4. Date and time of availability, received of the bid documents in the portal: From 10.00 A.M. of Dt. 06.05.2023 to Dt. 21.05.2023 upto 5.00 P.M. only.
5. Bids received online shall be opened on Dt. 22.05.2023 at 11.00 A.M.
6. Submission of original documents: on or before 10.30 A.M. of Dt. 22.05.2023.
7. Name & address of the Officer Inviting Bid: Executive Officer, Boudhgarh NAC.

For further details can be seen from the procurement portal: www.tendersorissa.gov.in.
Sd./- Executive Officer, Boudhgarh NAC
OIPR-13155/11/0001/2324

GOVERNMENT OF ODISHA
**Office of the Executive Engineer Bhanjanagar (R&B) Division, Bhanjanagar**
(Phone/Fax: (06821) 241133 / E -mail: eernbbngr@yahoo.in
Ltr.No.5117//Dtd. 06.05.2023
No.B-177: **INVITATIONS FOR BIDS (IFB)**
E-Procurement Bid Identification No.E.E-BNJ-R&B-04/2023-24.
1.Name of work : Renovation, Construction and interior furnishing of Sub-Divisional Hospital at Bhanjanagar AMA Hospital under 5T Transformation in the District of Ganjam, Odisha.
2. No. of works : 01 No. Building work
3. No. of Covers : Double Cover
4. Estimated cost : Rs.370.114 Lakhs
5. Period of Completion : Six Calendar Months.
6. Date of time of availability of bid document in the portal : From 12.00 Noon of dated 11.05.2023 to 5.00 PM of dated 17.05.2023.
7. Last date/time for receipt of bids in the portal : Up to 5.00 PM. of dated 17.05.2023.
8. Date of opening of bid documents: At 11.00 A.M. of 18.05.2023.
9. Class of Contractor : "A" Class Contractor
10. Name and address of Officer Inviting Bid : Executive Engineer Bhanjanagar (R&B) Division Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
Sd./- Executive Engineer
Bhanjanagar (R&B) Division
OIPR-34015/11/0003/2324

**OFFICE OF THE COLLECTOR & DISTRICT MAGISTRATE, BHADRAK**
**(SOCIAL SECURITY & EMPOWERMENT OF PWDS SECTION)**
No.1016/ Dt.09.05.2023
**ADVERTISEMENT**
**No.gg-4:**Applications are invited from the eligible candidates for the post of (1) Female Attendant (one) in the Special School for the Blind, At-Betara, Post-R.N. Betara, Dist-Bhadrak, Pin-756112. The last date for receipt of application is 31.05.2023 by 2 P.M. Details of the advertisement along with the application can be downloaded from the www.bhadrak.nic.in web portal.
Sd./- District Social Security Officer, Bhadrak
OIPR-46008/11/0001/2324

GOVERNMENT OF ODISHA No. n-38
**DISTRICT PROJECT OFFICE SAMAGRA SIKSHYA, KEONJHAR**
Email ID: dpckeonjhar@gmail.com
Ph.: 06766-254103 (Office)
**"e" - PROCUREMENT NOTICE**
Bid Identification No. DPC/SS-KEONJHAR/02 of 2022-23
Letter No. 1386/CIVIL Date: 08.05.2023 (File No. 210)

| | | | |
|---|---|---|---|
| 1 | District Project Co-ordinator, Samagra Sikshya, Keonjhar on behalf of Governor of Odisha invites **Percentage Rate** bids in **Double Cover System** only in **"ONLINE"** mode for the work as detailed in the table from the class of eligible contractors registered with the State Governments having validity of Civil Licence and Contractors of equivalent Grades/Class Registered with Central Government/MES/ Railways and other State Government having validity of Civil Licence for executive of **Construction of (09 Nos. of) KGBV Hostel Building Works. Including Electrical and PH Work.** | | |
| 2 | Nature of Work | : | Construction of (09 Nos. of) KGBV Hostel Buildings with Electrical and PH |
| 3 | No. of Work | : | 09 (Nine) |
| 4 | Tender Paper Cost (Non refundable) | : | 10,000/- |
| 5 | Class of Contractor | : | "B" and "A" Class Contractor |
| 6 | Availability of Bid document in the website | : | From 10.00 A.M. of Date: 11.05.2023 to 05.00 P.M. of Date: 29.05.2023 |
| 7 | Date of Opening of Online Bid | : | 11.00 A.M. on Date: 30.05.2023 |
| 8 | The bidders have to participate online bidding only. Further the details can be seen from the website **(https://tendersodisha.gov.in) (www.kendujhar.nic.in / www.http://osepa.odisha.gov.in).** Any addendum/corrigendum/cancellation/ of tender can also be seen in the website said only. | | |

Sd./- District Project Co-ordinator
Samagra Sikshya, Keonjhar
OIPR-27063/11/0002/2324

**PANCHAYAT SAMITI OFFICE LAHUNIPARA, SUNDARGARH**
Letter No:-950, Dated:-08.05.2023
**TENDER CALL NOTICE No-01/2023-24**
**No.i-115:**Sealed Tenders are invited from the interested bidder for the civil work under BDO, Lahunipara of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website www.sundergarh.nic.in. The bidder should be C or B class contractor. They have to submit the bid document to the undersign in the address of office of the B.D.O., Lahunipara, At/P.O. Lahunipara, Pin-770040, Dist- Sundargarh (Odisha) through Registered Post / Speed Post only on or before 24.05.2023 (upto 01.00 P.M.). The sale of tender paper will be from dated 09/05/2023 to 22/05/2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 26.05.2023 at 10.00 A.M in the office of the undersigned in the presence of the bidders or his/her representatives.
Sd./- Block Development Officer
Lahunipara
OIPR-19346/11/0001/2324

**OFFICE OF THE EXECUTIVE ENGINEER (AGRIL.), KANDHAMAL DIVISION, PHULBANI**
Email Id: eeagrilkandhamal@gmail.com
**Govt. of Odisha "e" Procurement Notice**
Bid Identification No.: E.E (A)- KANDHAMAL Division -01/2023-24
**No.L-26:**The Executive Engineer (Agril.), Kandhamal Division,Phulbani, Odisha on behalf of Governor of Odisha invites **Percentage** Rate bids in **Single cover** system for the works in **ONLINE MODE** only
1. Estimated cost: Ranging from Rs. 18,08,860/- to Rs. 20,83,690/-(Excluding GST)
2. Bid Cost: **Rs.6000/Mentioned in Column - 04**
3. Period of completion: **Mentioned against each work. (Column - 06)**
4. No. of works (Tender) :**3 nos**
5. Class of Contractor: **C & D Mentioned in Column - 05**
6. Date & Time of availability of bid document in the portal:**Dt.15.05.2023 at 10.30 AM upto 5.30 PM of Dt.26.05.2023**
7. Last date /Time for receipt of bids in the portal: **26.05.2023 upto 5.30 PM**
8. Date of submission of original documents **(Regd post only): Dt.16.05.2023 at 8.00 AM to Dt.30.05.2023 upto 1.00 PM.** (working days only)
9. Date & time of opening of online bids :**31.05.2023 at 10.00 AM.** onwards
10. Name and address of the officer inviting bid : **The Executive Engineer (Agril.), Kandhamal Division,Phulbani, Odisha**

Further details can be seen from the e-procurement portal **http://tendersodisha.gov.in**
A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum / corrigendum / cancellation of tender can also be seen in the said website.

Sd./- Executive Engineer (Agril)
Kandhamal Division, Phulbani
OIPR-01468/11/0001/2324

**୧୯ରେ ହେବ 'ମହାନଦୀ ସତ୍ୟାଗ୍ରହ'**

**ଭୁବନେଶ୍ୱର,(ବ୍ୟୁରୋ):** ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମେ' ୧୦ରେ ହେବାକୁ ଥିବା 'ମହାନଦୀ ସତ୍ୟାଗ୍ରହ'କୁ ବାତିଲ କରାଯାଇଛି। ଏକ ପ୍ରେସ ବିଜ୍ଞପ୍ତି ଦ୍ୱାରା ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓ ପ୍ରବକ୍ତା ପ୍ରସନ୍ନ ବିଶୋଇ ଏ ନେଇ ସୂଚନା ଦେଇଛନ୍ତି। ମହାନଦୀ ଟ୍ରିବୁନାଲ୍‌ର ପ୍ରତିନିଧି ଦଳ ମେ' ୧୦ରେ ଓଡ଼ିଶା ଗସ୍ତ କରିବାର ଯୋଜନା ଥିଲା। ମାତ୍ର ଟ୍ରିବ୍ୟୁନାଲ୍‌ର ଏହି ଗସ୍ତ ବାତିଲ ହୋଇ ୧୯ ତାରିଖରେ ଆୟୋଜନ ହେବ ବୋଲି ସୂଚନା ମିଳିଛି। ତେଣୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରସ୍ତାବିତ ସତ୍ୟାଗ୍ରହକୁ ବାତିଲ କରାଯାଇଛି। ତେବେ ସତ୍ୟାଗ୍ରହ ୧୯ ତାରିଖରେ ଆୟୋଜିତ ହେବା ନେଇ ସୂଚନା ଦିଆଯାଇଛି।






୦୯।୦୫।୨୦୨୩

| ୩,୨୦, ୮୦୫ ଟଙ୍କା | |
|---|---|
| ସୁନା | ୬୫୦ ମିଲି ଗ୍ରାମ |
| ରୁପା | ୯.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପାନାସିଏ ଚାରିଟେବୁଲ ଟ୍ରଷ୍ଟର ୧୩ତମ ପ୍ରତିଷ୍ଠା ଦିବସ 'ସହସ୍ର', ସୂଚନା ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଚନ୍ଦନ ଯାତ୍ରା ମହୋତ୍ସବ ଉପଲକ୍ଷେ ମାଗଣାରେ ଅପେରା ପରିବେଷଣ, ବାଲିଅନ୍ତା ମେଳଣ ପଡ଼ିଆ, ରାତି ୧୧ଟା।

କଟକ
- ୱାନ ଇୟର ଅଫ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ସ ଉତ୍ସବ ପାଳନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ଅପରାହ୍ନ ୫ଟା।

# ଓଡ଼ିଶାର ୪୩% ଜଙ୍ଗଲ ଅତ୍ୟଧିକ ଅଗ୍ନିପ୍ରବଣ

ଭୁବନେଶ୍ୱର, ୯।୫(ବ୍ୟୁରୋ)



ଇଣ୍ଟରନ୍ୟାଶନାଲ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ ସଷ୍ଟେନ୍ସିବିଲିଟି ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଆୟୋଜିତ ଆଲୋଚନଚକ୍ର।

- ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧରେ ୨୨,୧୪ଟି ଜଙ୍ଗଲ ନିଆଁ ଘଟଣା ଘଟିଛି
- ପ୍ରାକୃତିକ ଘଟଣା ସହ ମାନବୀୟ କାର୍ଯ୍ୟକଳାପ ଦାୟୀ

ଗତ କିଛିବର୍ଷ ଧରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସର୍ବାଧିକ ଜଙ୍ଗଲ ନିଆଁ ସୃଷ୍ଟି ହୋଇଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ତଥ୍ୟ ଅନୁଯାୟୀ, ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧରେ ୨୨ହଜାର ୧୪ଟି ଜଙ୍ଗଲ ନିଆଁ ଘଟଣା ଘଟିଛି। ଯାହାକି ସମଗ୍ର ଦେଶରେ ୪ର୍ଥ ସର୍ବଧିକ ଘଟଣା। ସେହିପରି ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ୫୧ହଜାର ୯୬୮ଟି ଘଟଣା ଘଟିଥିଲା, ଯାହାକି ଦେଶରେ ସର୍ବାଧିକ ଥିଲା। ତେଣୁ ଚଳିତ ବର୍ଷ ମଧ୍ୟ ସମାନ ଧରଣ ଘଟଣା ଘଟିବାର ଯଥେଷ୍ଟ ଆଶଙ୍କା ଥିବା ଏହି ତଥ୍ୟରୁ ଜଣାପଡୁଥିବା ମତ ପ୍ରକାଶ ପାଇଛି।

ମଙ୍ଗଳବାର ଇଣ୍ଟରନ୍ୟାଶନାଲ୍ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ, ସଷ୍ଟେନେବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ 'ଜଙ୍ଗଲ ନିଆଁ, ଜଳବାୟୁ ପରିବର୍ତ୍ତନ ଏବଂ ଏନ୍‌ଟିଏଫ୍‌ପି କଲେକ୍‌ସନ ଇନ୍ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ତଥା ଆଇଫରେଷ୍ଟର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଚନ୍ଦ୍ର ଭୂଷଣ ଯୋଗଦେଇ କହିଲେ, ଓଡ଼ିଶାର ୪୩% ଜଙ୍ଗଲକୁ ଅତ୍ୟଧିକ ଅଗ୍ନିପ୍ରବଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଉପରେ ବ୍ୟାପକ ମାତ୍ରାରେ ପ୍ରଭାବ ପକାଉଛି। ଏଥିସହ ଓଡ଼ିଶାର ସମୃଦ୍ଧ ଜୈବ ବିବିଧତା ଏବଂ ଜଙ୍ଗଲ ସମ୍ପଦ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ଚନ୍ଦ୍ରଭୂଷଣ କହିଥିଲେ। ୱାଇଲ୍ଡ ଲାଇଫ୍ ସୋସାଇଟି ସମ୍ପାଦକ ଡ. ବିଶ୍ୱଜିତ୍ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ, ଜଙ୍ଗଲ ନିଆଁ ବାବଦରେ ଠିକ୍ ଭାବେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ଅନେକ ସମୟରେ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ତେବେ ଏଥିପାଇଁ ଲୋକଙ୍କ କାର୍ଯ୍ୟକଳାପକୁ ଅଣଦେଖା କରାଯାଇ ପାରିବ ନାହିଁ। ଅନେକ ସମୟରେ ଜଙ୍ଗଲକୁ ଯାଉଥିବା ଲୋକେ ବିଡ଼ି, ସିଗାରେଟ ଭଳି ଧୂମ୍ରପାନ ବ୍ୟବହାର କରିଥାନ୍ତି। ଏହାକୁ ବ୍ୟବହାର କରିବା ପରେ ସେହିଠାରେ ଫୋପାଡ଼ି ଦିଅନ୍ତି। କେତେକ ସମୟରେ ବିଡ଼ି, ସିଗାରେଟରେ ଥିବା ନିଆଁ ସଂସ୍ପର୍ଶରେ ଶୁଖିଲା ପତ୍ର ଆସିବା ପରେ ସେଥିରେ ନିଆଁ ଧରିଥାଏ ଏବଂ ଜଙ୍ଗଲରେ ନିଆଁ ଲାଗେ। ରାଜ୍ୟ ସରକାର ଏଭଳି ଘଟଣା ଉପରେ ଧ୍ୟାନ ଦେଉନାହାନ୍ତି ବା କୌଣସି ରୋକ୍ ଲଗାଉ ନାହାନ୍ତି। ସେହିପରି ଜଙ୍ଗଲ ଅଗ୍ନି ନିୟନ୍ତ୍ରଣ ଦିଗରେ ଜଡିତ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଜରୁରୀ ଆବଶ୍ୟକତା ଥିବା ଡ. ମହାନ୍ତି ମତ ଦେଇଥିଲେ। ହର୍ପେଟୋଲୋଜିଷ୍ଟ ଡ. ସୁଶିଲ କୁମାର ଦତ୍ତା ଯୋଗଦେଇ କହିଲେ, ଜଙ୍ଗଲ ନିଆଁର ପ୍ରଭାବ ପରିବେଶ ସହିତ ଜଙ୍ଗଲରେ ରହୁଥିବା ଛୋଟ ପ୍ରାଣୀ ଏବଂ ସରୀସୃପଙ୍କ ଉପରେ ପଡ଼ିଥାଏ। ମାତ୍ର ସମସ୍ତଙ୍କର ଧ୍ୟାନ କେବଳ ବାଘ ଏବଂ ଅନ୍ୟ ବଡ଼ ପଶୁଙ୍କ ଉପରେ ଥାଏ। ଅଗ୍ନିକାଣ୍ଡ କେବଳ ଜୀବନ ନିଏନାହିଁ ବରଂ ଏହା ଖାଦ୍ୟ ପ୍ରଣାଳୀ ଉପରେ ଗୁରୁତର ପ୍ରଭାବ ପକାଏ। ସରକାରଙ୍କ ପକ୍ଷରୁ ଟ୍ରାକିଂ ଏବଂ ଆଲର୍ଟ ସିଷ୍ଟମ ଉପରେ ଗୁରୁତ୍ୱ ଦିଆଯାଉଥିଲେ ବି ଏହା ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ପର୍ଯ୍ୟାପ୍ତ ନୁହେଁ ବୋଲି ଡ. ଦତ୍ତା କହିଥିଲେ। ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ବସୁନ୍ଧରାର ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶକ ଗିରି ରାଓ, ଆଇଫରେଷ୍ଟ ପ୍ରୋଗ୍ରାମ ନିର୍ଦ୍ଦେଶକ ମାଣ୍ଡଭି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁନର୍ବିନ୍ୟାସ ହେବ

### କନିଷ୍ଠ ଅଧ୍ୟାପକଙ୍କ ପାଇଁ ୫ଦିନିଆ ତାଲିମ ଶିବିର ଆରମ୍ଭ

**ଭୁବନେଶ୍ୱର,୯।୫(ବ୍ୟୁରୋ):** ରାଜ୍ୟର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର କନିଷ୍ଠ ଅଧ୍ୟାପକଙ୍କ ପାଇଁ ପାଞ୍ଚଦିନିଆ ତାଲିମ ଶିବିର ଉଦଘାଟିତ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ରେ ଆୟୋଜିତ ଏହି ଶିବିରକୁ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଜାତୀୟ କୌଶଳ, ଯୋଗ୍ୟତା ଆଧାରରେ ରାଜ୍ୟରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପୁନର୍ବିନ୍ୟାସ କରିବା ଏହି ତାଲିମର ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଦାଶ କହିଥିଲେ। ଶିକ୍ଷକମାନେ ନିଜ ଅଞ୍ଚଳର ଚାହିଦା ଅନୁଯାୟୀ ଶିକ୍ଷାଦାନ ପାଇଁ ବିଷୟ ଚୟନ କରି ସରକାରଙ୍କୁ ପ୍ରସ୍ତାବ ଦେବାକୁ ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍ ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ଆଇଇର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଉପସ୍ଥିତ ଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷ ଅଶ୍ୱିନୀ କୁମାର ମିଶ୍ର ଧନ୍ଦାମୂଳକ ଶିକ୍ଷା ପୁନର୍ବିନ୍ୟାସ ଅନ୍ତର୍ଗତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ରାଜ୍ୟରେ ଥିବା ୨୩୧ଟି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୃଷି, ସ୍ୱାସ୍ଥ୍ୟ ଓ ପାରାମେଡିକାଲ ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି, ବ୍ୟବସାୟ ଓ ବାଣିଜ୍ୟ, ଗୃହ ବିଜ୍ଞାନ ଓ ହ୍ୟୁମାନିଟିଜ ଆଦି ୬ଟି ବିଷୟରେ ୧୯ଟି ଟ୍ରେଡ୍‌ରେ କଳା, ବାଣିଜ୍ୟ ଓ ବିଜ୍ଞାନ ଆଦିରେ ଧନ୍ଦାମୂଳକ ଶିକ୍ଷା ଦିଆଯାଉଛି। ଏହି ଅବସରରେ ତାଲିମଦାତା ପ୍ରଫେସର ବି.ଏସ୍.ମେହେରୋତ୍ରା, ପ୍ରଫେସର ଅଭିଜିତ ନାୟକ ଏବଂ ଡ. ଜୟଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରଫେସର ତିଳୋତ୍ତମା ସେନାପତି ଧନ୍ୟବାଦ ଦେଇଥିଲେ। ଡ. ବିଜୟା କୁମାରୀ ପାତ୍ର ମଞ୍ଚ ପରିଚାଳନା ଏବଂ ଆର୍‌ଆଇଇର ଆସୋସିଏଟ ପ୍ରଫେସର ରଶ୍ମିରେଖା ସେଠୀ ତାଲିମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଚନ୍ଦନ ଯାତ୍ରା ଅବସରରେ ପୁରୀ ଚନ୍ଦନ ଚକଡ଼ା ପରିସରରେ ମଙ୍ଗଳବାର ମୟୂର ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ୧୫ରେ ପୁରୀରୁ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍



ଭୁବନେଶ୍ୱର, ୯।୫(ବ୍ୟୁରୋ)

ଓଡ଼ିଶାରେ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ। ଆସନ୍ତା ୧୫ତାରିଖରୁ ପୁରୀରୁ ହାଓଡ଼ାକୁ ଏହି ଟ୍ରେନ୍ ଚାଲିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି। ତେବେ ଟ୍ରେନ୍ ଯାତ୍ରା ସାରଣୀ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଆସନ୍ତା ଦିନେ କିମ୍ବା ୨ଦିନ ମଧ୍ୟରେ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯିବ ବୋଲି ରେଳ ବିଭାଗର ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ବିଭାଗ -ଏଚ୍‌ଏସ୍‌ଟିପି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୯।୫(ବ୍ୟୁରୋ)



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀମାନେ।

ସ୍ୱାସ୍ଥ୍ୟସେବାରେ ରୂପାନ୍ତରୀକରଣ ପ୍ରକ୍ରିୟାକୁ ମଜଭୁତ ତଥା ଆଗକୁ ବଢ଼ାଇବା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ହେଲ୍‌ଥ ସିଷ୍ଟମ ଟ୍ରାନ୍ସଫରମେଶନ୍ ପ୍ଲାଟଫର୍ମ (ଏଚ୍‌ଏସ୍‌ଟିପି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଯୋଗଦେଇ କହିଲେ, ରାଜ୍ୟବାସୀଙ୍କୁ ୟୁନିଭର୍ସାଲ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଓଡ଼ିଶା ଦ୍ରୁତ ଅଗ୍ରଗତି କରୁଛି। ଏଚ୍‌ଏସ୍‌ଟିପି ଏକ ଭାରତୀୟ ଅଣଲାଭକାରୀ ସଂସ୍ଥା, ଯାହାକି ଭାରତୀୟ ସ୍ୱାସ୍ଥ୍ୟକ୍ଷେତ୍ରରେ ବ୍ୟବସ୍ଥାର ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ଏହି ସଂସ୍ଥା ଓଡ଼ିଶାର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଫଳାଫଳ ବୃଦ୍ଧି ପାଇଁ ବିଭାଗ ସହ ସହଯୋଗ କରିବ ବୋଲି ସଚିବ କହିଥିଲେ।

ଏହି ବୁଝାମଣାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା, ଜନସ୍ୱାସ୍ଥ୍ୟ ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ପ୍ରାଥମିକ ସୁବିଧାରେ ଔଷଧର ବ୍ୟବସ୍ଥା, ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ଦୀର୍ଘକାଳୀନ ବିନିଯୋଗ ଯୋଜନା ପ୍ରସ୍ତୁତ କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିସହ ଏହି ସହଭାଗିତାର ଫଳାଫଳରୁ ଓଡ଼ିଶା ଏବଂ ଅନ୍ୟ ରାଜ୍ୟ ପାଇଁ ସ୍ଥାୟୀ ମଡେଲ ସୃଷ୍ଟି ହୋଇପାରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଦୀର୍ଘମିଆଦୀ ଯୋଜନା କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ସଂସ୍ଥା ସହାୟତା କରିବ। ଏଥିସହ ଏକ ନୂଆ ମଡେଲ ବିକଶିତ କରିବାରେ ସାହାଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏବଂ ଏଚ୍‌ଏସ୍‌ଟିପି ପକ୍ଷରୁ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଡ. ରାଜୀବ ସଦାନନ୍ଦନ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିଲେ।




ଶ୍ରମିକ ମାରଣ ଓ ଟାଳଟୁଳ ନୀତି ବିରୋଧରେ ମଙ୍ଗଳବାର ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ କଳାବ୍ୟାଜ୍ ପରିଧାନ ସହ ଭୁବନେଶ୍ୱର ବାଣୀବିହାରସ୍ଥିତ ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ପୁରୀ ରଥଖଳାରେ ମଙ୍ଗଳବାର ରୂପକାର ସେବକଙ୍କ ସମେତ କୁନି ସେବକମାନେ ରଥର ନୃସିଂହ ଗୁଜ ଆଙ୍କୁଛନ୍ତି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୁଦ୍ରନାରାୟଣ



@ ଲୋକନାଥ



@ ପ୍ରେମାଂଶୁ



@ ପିଣ୍ଟୁ



@ ସୁରଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟଙ୍କା ପାଲଟିଲା କାଗଜ ବିଡ଼ା

### ବ୍ୟାଙ୍କ ଏଜେଣ୍ଟ ଥାନାରେ ଅଟକ

ଆଠଗଡ଼,୯।୫(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ବୀରକିଶୋରପୁର ଠାରେ ଥିବା ଏକ ଘରୋଇ ବ୍ୟାଙ୍କରୁ ମଙ୍ଗଳବାର ୨ ଲକ୍ଷ ଟଙ୍କା ଉଠାଇବା ପରେ କାଗଜ ବିଡ଼ା ପାଲଟିଯାଇଛି। ଏଭଳି ଅଜବ ଅଭିଯୋଗ କରିଥିବା ସମ୍ପୃକ୍ତ ବ୍ୟାଙ୍କ ଏଜେଣ୍ଟଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚୁରା କରୁଛି। ଉକ୍ତ ଏଜେଣ୍ଟଙ୍କ କହିବାନୁଯାୟୀ, ସେ ବ୍ୟାଙ୍କରୁ ଟଙ୍କା ଉଠାଇ ନୂଆପାଟଣାସ୍ଥିତ ଏକ ଘରୋଇ ସ୍ୱର୍ଣ୍ଣ ଋଣ କାର୍ଯ୍ୟାଳୟକୁ ଯାଉଥିଲେ। ଯିବା ସମୟରେ ବୀରକିଶୋରପୁର ଛକରେ ଦହିବରା ଖାଇଥିଲେ। ଏହାପରେ ବ୍ୟାଗ ଭିତରେ ଦେଖିବାବେଳକୁ ସେଥିରେ ଟଙ୍କା ନ ଥାଇ କାଗଜ ବିଡ଼ା ଦେଖିବାକୁ ପାଇଥିଲେ। ଏନେଇ ସମ୍ପୃକ୍ତ ଏଜେଣ୍ଟ ପୁନର୍ବାର ବ୍ୟାଙ୍କକୁ ଫେରି ପାଟିତୁଣ୍ଡ କରିଥିଲେ। ବ୍ୟାଙ୍କ ପକ୍ଷରୁ ପୋଲିସ ହେଲପ୍ ଲାଇନ ୧୧୨ରେ ଅଭିଯୋଗ କରାଯାଇଥିଲା। ଖବରପାଇ ଆଠଗଡ଼ ପୋଲିସ ବ୍ୟାଙ୍କରେ ପହଞ୍ଚି ସମ୍ପୃକ୍ତ ଏଜେଣ୍ଟଙ୍କୁ ନେଇ ଥାନାରେ ଅଟକ ରଖିଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଘରୋଇ ବ୍ୟାଙ୍କ ପରିଚାଳକଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେବେ ସମ୍ପୃକ୍ତ ଏଜେଣ୍ଟ ବ୍ୟାଙ୍କରେ କମିଶନ କିମ୍ବା ବେତନ ଭୋଗୀ ଥିଲେ ସେନେଇ ପୋଲିସ ପଚରାଉଚରା ଜାରି ରଖିଛି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

**ଅଂଶୁଘାତରେ ବାରାଶିଙ୍ଗା ଅସୁସ୍ଥ**

ବାରଙ୍ଗ,(ଡି.ଏନ୍.ଏ.): ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ଏକ ୧୨ବର୍ଷର ମାଈ ବାରାଶିଙ୍ଗା ଅଂଶୁଘାତରେ ଅସୁସ୍ଥ ହୋଇଛି। ପ୍ରାଣୀ ଉଦ୍ୟାନର ୪୮ନମ୍ବର ଏନକ୍ଲୋଜରରେ ରହୁଥିବା ଏହି ମାଈ ବାରାଶିଙ୍ଗା ମଧ୍ୟାହ୍ନ ସମୟରେ ଚଲାବୁଲା କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀମାନେ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ସେଠାରେ ପହଞ୍ଚି ଅସୁସ୍ଥ ବାରାଶିଙ୍ଗାକୁ ଏନକ୍ଲୋଜରର ଏକ ସ୍ୱତନ୍ତ୍ର ସ୍ଥାନରେ ରଖି ଜରୁରିକାଳୀନ ଚିକିତ୍ସା ଆରମ୍ଭ କରିଥିବା ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ଏବେ ପ୍ରାଣୀ ଉଦ୍ୟାନରେ ୧୯ଟି ବାରାଶିଙ୍ଗା ଅଛନ୍ତି।

## ସଂକ୍ଷେପରେ

### ଘର ବିକ୍ରି ଆଳରେ ୧.୬୦ ଲକ୍ଷ ଠକେଇ

ଭୁବନେଶ୍ୱର,୯।୫(ବ୍ୟୁରୋ)



ଗିରଫ ଅଭିଯୁକ୍ତ

ଭୁବନେଶ୍ୱରରେ ଘର ବିକ୍ରି ଆଳରେ ୧.୬୦ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାତ୍ର ସାହି ଧୃରୁକୁଟି ବସ୍ତିରେ ରହୁଥିବା ଚନ୍ଦ୍ରକାନ୍ତ ସାମଲ (୪୦)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ପାତ୍ରସାହିରେ ଥିବା ୨ଟି ଆଜବେଷ୍ଟସ ଘର ବିକ୍ରି ପାଇଁ ପ୍ରମୋଦ କୁମାର ପତିଙ୍କୁ ଫସାଇଥିଲେ। ଘର କଣିବା ପାଇଁ ଚନ୍ଦ୍ରକାନ୍ତଙ୍କୁ ପ୍ରମୋଦ ଗତ ମାର୍ଚ୍ଚ ୨ ତାରିଖରେ ୩୩ ହଜାର ଓ ୧ ଲକ୍ଷ ୨୭ ହଜାର ଟଙ୍କାର ୨ଟି ଚେକ୍ ଦେଇଥିଲେ। ଏଥିପାଇଁ ଚନ୍ଦ୍ରକାନ୍ତ ଏକ ଅଣଜୁଡିସିଆଲ୍ ଷ୍ଟାମ୍ପପେପରରେ ମଧ୍ୟ ଚୁକ୍ତିନାମା କରିଥିଲେ। ତେବେ ଟଙ୍କା ନେବା ପରଠୁ ଚନ୍ଦ୍ରକାନ୍ତ ଉକ୍ତ ଘରକୁ ହସ୍ତାନ୍ତର କରୁ ନ ଥିଲେ। ଏପରିକି ଟଙ୍କା ମାଗିବାରୁ ପ୍ରମୋଦଙ୍କୁ ସେ ଧମକ ଦେଇଥିଲେ। ଏନେଇ ପ୍ରମୋଦ ସୋମବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୧୯୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଏଟିଏମ୍‌ରୁ ୧୬ ଲକ୍ଷ ଚୋରି

କଟକ ସଦର,୯।୫(ଡି.ଏନ୍.ଏ.)- କିଶନ ନଗର ଥାନା ଅନ୍ତର୍ଗତ ଗଡମା ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ୧୬ ଲକ୍ଷ ଟଙ୍କା ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଉକ୍ତ ଏଟିଏମ୍‌କୁ କାଟିବା ପରେ ଟଙ୍କା ନେଇ ପଳାଇ ଯାଇଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ କରିଥିଲା। ଏଥିସହ ଏଟିଏମ୍ ଓ ପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ଏହି ଘଟଣାରେ ପୋଲିସ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୮୦/୨୩) ରୁଜୁ ହୋଇଛି।

### ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୫(ବ୍ୟୁରୋ)
ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍)ର ସେମିନାର ଗୃହରେ ମଙ୍ଗଳବାର ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ଉଦ୍‌ଘାଟନ କରିଥିଲେ। ୬ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୬ଜଣ ନିପୁଣ ଶିଳ୍ପୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ସିଡାକ୍‌ର ସଦସ୍ୟ ସଚିବ ଶିଶିର କୁମାର ରଥ ସ୍ୱାଗତ ଭାଷଣ ଏବଂ ସିଡାକ୍‌ର ସହନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଡ୍ରେନ୍, ରାସ୍ତା ସମସ୍ୟା ଉଠାଇଲେ ୱାର୍ଡ ବାସିନ୍ଦା

ଭୁବନେଶ୍ୱର, ୯।୫ (ବ୍ୟୁରୋ)

**ୱାର୍ଡ ନଂ ୬୨ରେ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ**

ପୋଖରୀପୁଟ, କାର୍ଗିଲ ବସ୍ତି, କାଳୁନନ୍ଦ ନଗର, କୋକିଳା ବିହାର, ବିଡିଏ କଲୋନୀ ଆଦି ଅଞ୍ଚଳକୁ ନେଇ ଗଠିତ ହୋଇଛି ୱାର୍ଡ ନଂ. ୬୨। ୱାର୍ଡରେ ଦୀର୍ଘଦିନ ଧରି ବିପର୍ଯ୍ୟସ୍ତ ସ୍ୱେରେଜ ବ୍ୟବସ୍ଥା, ଅଧାପନ୍ତରିଆ ରାସ୍ତା, ଡ୍ରେନ୍ ସମସ୍ୟା ଆଦି ଲାଗି ରହିଥିବାବେଳେ ବିଏମ୍‌ସି ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ବିଏମ୍‌ସି ପକ୍ଷରୁ ଆୟୋଜିତ ହେଉଥିବା 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନ୍ତର୍ଗତ ମଙ୍ଗଳବାର ୱାର୍ଡ ନଂ ୬୨ରେ ମେୟର ସୁଲୋଚନା ଦାସଙ୍କ ସମେତ ବିଏମ୍‌ସି ଅଧିକାରୀଙ୍କ ଟିମ୍ ପହଞ୍ଚିଥିଲା। ମେୟରଙ୍କୁ ପାଖରେ ପାଇ ସ୍ଥାନୀୟ ବାସିନ୍ଦା ନିଜର ଦାବି ଓ ଅଭିଯୋଗ ଜଣାଇଥିଲେ। ବିଶେଷକରି ଲିଙ୍ଗରାଜ ବିହାରରେ ଥିବା ଜଳାଶୟ, ପାର୍କ, ରାସ୍ତା ଓ ଡ୍ରେନ୍‌ର ଉନ୍ନତୀକରଣ ଏବଂ ପୋଖରୀ ଓ ପାର୍କର ପରିଚାଳନା ଭାର ସ୍ଥାନୀୟ ସାମାଜିକ ସଙ୍ଗଠନକୁ ଦେବା, ରାସ୍ତା ଅବରୋଧ ଉଚ୍ଛେଦ କରିବା ଏବଂ ଏହାର ପ୍ରଶସ୍ତୀକରଣ କରିବା, ଅନନ୍ତ ବିହାର ଏଲ୍‌ଆଇସି ଅଫିସ ସମ୍ମୁଖ ଡ୍ରେନ ମରାମତି କରିବା, ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲ୍ ନିର୍ମାଣ, କାର୍ଗିଲ ବସ୍ତି ରାସ୍ତା ନିର୍ମାଣ, ମିଶନ ଶକ୍ତି ଭବନ ନିର୍ମାଣ ଓ ଡ୍ରେନ ଉପରେ ସ୍ଲାବ ପକାଇବାକୁ ପ୍ରସ୍ତାବ ଦେଇଥିଲେ। ଏ ସବୁ ଅଭିଯୋଗ ଶୁଣିବା ପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମେୟର ପ୍ରତିଶ୍ରୁତି ଦେଇଥିଲେ। ସେହିପର ନୂତନ କର୍ପୋରେଶନ ଆସିବା ପରେ ବର୍ଷକ ମଧ୍ୟରେ କେଉଁ କେଉଁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି ମେୟର ତାହାର ହିସାବ ଲୋକଙ୍କୁ ଦେଇଥିଲେ। ନ୍ୟୁ ତାରିଣୀ ବସ୍ତିରେ ୨ଟି ପେଭର ବ୍ଲକ ରାସ୍ତା ଓ ୩ଟି ଡ୍ରେନ୍ ନିର୍ମାଣ, ପରିଷ୍ଟିନ ଗ୍ରୀନ୍ ରାସ୍ତା ଓ ଡ୍ରେନ ନିର୍ମାଣ, ଖାରପୋଖରୀ, ବୈଷ୍ଣବ ବିହାର ରାସ୍ତା ନିର୍ମାଣ, ମୁକ୍ତା ଯୋଜନାରେ ପୋଖରୀପୁଟ ପେଟ୍ରୋଲ ପମ୍ପ ନିକଟରେ ଥିବା ଭେଣ୍ଡିଂ ଜୋନ୍ ପାଖ, କାର୍ଗିଲ ବସ୍ତି ରାସ୍ତା ପାର୍ଶ୍ୱ, ଲିଙ୍ଗରାଜ ବିହାରରେ ମୁକ୍ତାକାଶ ଜିମ୍ନାସିୟମ ନିର୍ମାଣ, ଲିଙ୍ଗରାଜ ବିହାର ଭଲିବଲ୍ ଖେଳପଡ଼ିଆର ଉନ୍ନତୀକରଣ, ପୋଖରୀପୁଟ ଫେଜ୍-୧ ଓ ଫେଜ୍-୨ରେ ଥିବା ଖେଳପଡ଼ିଆର ଉନ୍ନତୀକରଣ ଆଦି ବିଭିନ୍ନ କାର୍ଯ୍ୟ କରାଯାଇଥିବା ମେୟର ସୂଚନା ଦେଇଥିଲେ। ସଭାପରେ ମେୟରଙ୍କ ସମେତ ଅନ୍ୟ ଅଧିକାରୀମାନେ ନିକଟସ୍ଥ ପୋଖରୀ ପରିଦର୍ଶନ କରି ଏହାର ଉନ୍ନତି ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଚାରୁଲତା ସାମନ୍ତରାୟ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ଆସିଷ୍ଟାଣ୍ଟ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ସୂଚନା ଭବନରେ ମଙ୍ଗଳବାର ମାସିକ ମହିଳା ପତ୍ରିକା 'ସୁଧନ୍ୟା'ର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସୁଧନ୍ୟାର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଦୋକାନୀଙ୍କୁ ଫାଉଡ଼ାରେ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୫(ବ୍ୟୁରୋ)



ଇନ୍ଫୋସିଟି ଥାନା ଅନ୍ତର୍ଗତ ମଦନପୁର ପଞ୍ଚାୟତ ବଡ଼ରଘୁନାଥପୁର ବଜାରରେ ଜଣେ ଦୋକାନୀଙ୍କୁ ଫାଉଡ଼ାରେ ଆକ୍ରମଣ କରିବା ମାମଲାରେ ମଙ୍ଗଳବାର ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ କାଇମାଟିଆ ଅଞ୍ଚଳର ଜିତେନ୍ଦ୍ର ପରିଡ଼ା ଓରଫ ଦୀପୁ (୩୦)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ହୋଇଥିବା ଫାଉଡ଼ାକୁ ପୋଲିସ ଜବତ କରିଛି। ଦୀପୁଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ରହୁଥିବା ମେଘନାଦ ଦାସଙ୍କର ଜିଇସି କଲେଜ ସାମ୍ନାରେ ଏକ ତେଜରାତି ଦୋକାନ ରହିଛି। ଶୁକ୍ରବାର ଅପରାହ୍ନରେ ମେଘନାଦଙ୍କ ସହ ତାଙ୍କ ସ୍ତ୍ରୀ ଉକ୍ତ ଦୋକାନରେ ଥିଲେ। ଏହି ସମୟରେ ଅଭିଯୁକ୍ତ ଦୀପୁ ସେଠାକୁ ଆସି କେତୋଟି ବିସ୍କୁଟ୍ ପ୍ୟାକେଟ୍ ମାଗିଥିଲେ। ତେବେ ମେଘନାଦ ତାଙ୍କୁ ଗୋଟିଏ ବିସ୍କୁଟ ପ୍ୟାକେଟ ଦେବାରୁ ଦୀପୁ ରାଗିଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଦୀପୁ ପାଖରେ ଥୁଆ ହୋଇଥିବା ଏକ ଫାଉଡ଼ା ଦ୍ୱାରା ମେଘନାଦଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମେଘନାଦଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ପରେ ଗୁରୁତର ଅବସ୍ଥାରେ ମେଘନାଦ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୧୩୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଭାଙ୍ଗିଲା ଶ୍ରେଣୀଗୃହ, ଉପୁଡ଼ିଲା ଗଛ

ବୋଲଗଡ଼,୯।୫(ଡି.ଏନ୍.ଏ.)

**କାଳବୈଶାଖୀ ତାଣ୍ଡବ: ବୋଲଗଡ଼ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି**

କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହ ପବନ ହେବାରୁ ବୋଲଗଡ ବ୍ଲକ ଅଧୀନ ୬ଟି ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଗ୍ରାମସ୍ଥିତ ମା' ଯୋଗମାୟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ ଉଡ଼ିଯାଇଥିବା ବେଳେ ଶ୍ରେଣୀଗୃହ ଗୁଡିକ ଭାଙ୍ଗିରୁଜି ଯାଇଛି। ସେହିପରି ଶ୍ରୀଚନ୍ଦନପୁର ଗ୍ରାମର ଗଗନ ବିହାରୀ ପାଇକରାୟଙ୍କ ୪ବଖରା ସହିତ ଟିଭି, ଫ୍ରିଜ ଭାଙ୍ଗିରୁଜି ଯାଇଛି। ହରିକେଶର ଗ୍ରାମର ମହେଶ୍ୱର ବଳବନ୍ତରାୟ, ଗୁଣନିଧି ମାଝୀ, ଯୁଗଳ ମାଝୀ, ମେଘନାଦ ମାଝୀଙ୍କ ଘର ଭାଙ୍ଗିରୁଜି ଯାଇଥିବା ଜଣାପଡ଼ିଛି। ଜଗନ୍ନାଥ ଚମ୍ପତି, ଗଙ୍ଗାଧର ଚମ୍ପତି, ଓ ବଳଭଦ୍ର ବେହେରାଙ୍କ ଘର ଅଜାବେଷ୍ଟସ ଛପର ଉଡି ଭାଙ୍ଗିରୁଜି ଯାଇଛି । ତପନ କୁମାର ଦାଶ ଙ୍କର କୁକୁଡ଼ା ଫାର୍ମ ନଷ୍ଟ ହୋଇ ଶତାଧିକ କୁକୁଡ଼ା ମରିଯାଇଛନ୍ତି ବୋଲି ସୂଚନା ମିଳିଛି। ସେହିପରି ପିଚୁକୁଳି ପଞ୍ଚାୟତ କଲ୍ୟାଣୀ ମଣ୍ଡପର ସିଡିଘର ଆଜବେଷ୍ଟସ ଉଡିଯାଇଛି। ସାନପଦର ପଞ୍ଚାୟତ ରାଶୋଳ ଗ୍ରାମର ଶ୍ରୀଧର ବାରିକଙ୍କ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଅସରଳା ଦଳ ପଞ୍ଚାୟତ ପୁଆଣିଆ ଗ୍ରାମର ବିଜୟ କୁମାର ପଟ୍ଟନାୟକଙ୍କ ୨ ବଖରା ଆଜବେଷ୍ଟସ ଓ ପୂର୍ଣ୍ଣ ଚନ୍ଦ୍ର ନାୟକ ଦୁଇ ବଖରା ଚାଳ ଘର ଛପର ଉଡି ଭାଙ୍ଗିଯାଇଛି। ବହୁ ଘର ଭାଙ୍ଗିରୁଜି ଯାଇଥିବା ବେଳେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ବଡ଼କୁମାରୀ, ବାଙ୍କୋଇଦେଶ, ଅସରଳାଦଳ, ପିଚୁକୁଳି, ସାନପଦର ଅଞ୍ଚଳ ସମେତ ଏହି ପଞ୍ଚାୟତ ସଂଲଗ୍ନ କେତେକ ଗ୍ରାମରେ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାର ଛିଡ଼ିଯିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଉଛି । ଅନ୍ୟପଟେ ବହୁ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।



ବିଦ୍ୟାଳୟର ଶ୍ରେଣୀଗୃହ ଭାଙ୍ଗିଯାଇଛି।

## ଗୁଣ୍ଡିଚା ମନ୍ଦିର ସ୍ଥିତି ସମୀକ୍ଷା କଲେ ଦଇତାପତି

ପୁରୀ ଅଫିସ,୯।୫

ଜୁନ ୨୦ରେ ଘୋଷଯାତ୍ରା। ତେଣୁ ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ଗୁଣ୍ଡିଚା ମନ୍ଦିର ସ୍ଥିତି ଯାଞ୍ଚ କରିଛନ୍ତି ଶ୍ରୀମନ୍ଦିରର ଇଞ୍ଜିନିୟରଙ୍କ ସହ ଦଇତାପତି ନିଯୋଗର ସଦସ୍ୟ। ଗୁଣ୍ଡିଚା ମନ୍ଦିରର ନାଟମଣ୍ଡପ ବିମ୍‌ରେ ଫାଟ ମରାମତି କାର୍ଯ୍ୟ ଓ ଆନନ୍ଦ ବଜାର ସମ୍ମୁଖ ରାସ୍ତାର ନିର୍ମାଣର ସମୀକ୍ଷା କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ସାରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପହଣ୍ଡି ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ମଧ୍ୟ ସମୀକ୍ଷା କରାଯାଇଛି। ଭକ୍ତଙ୍କ ଟିକେଟ ଦର୍ଶନ ସହ ସର୍ବସାଧାରଣ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ବ୍ୟାରିକେଡ ବ୍ୟବସ୍ଥା କରିବା ନେଇ ପ୍ରଶାସନ ସହ ଆଲୋଚନା କରାଯାଇଛି। ଭକ୍ତଙ୍କ ଲାଗି ପାନୀୟଜଳ, ଫ୍ୟାନ ଆଦି ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ମେ ମାସ ଶେଷ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସାରିବା ସହ ବାହୁଡ଼ା ପହଣ୍ଡି ସମୟରେ ମହାପ୍ରଭୁ ପ୍ରତ୍ୟାବର୍ତ୍ତନ କରୁଥିବା ରାସ୍ତାକୁ ସ୍ୱତନ୍ତ୍ର ଖଣ୍ଡୋଲାଇଟ ପଥର ବ୍ୟବହାର କରାଯାଇଛି ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଦଇତାପତି ସେବକ ଦୁର୍ଗାଦାଶ ମହାପାତ୍ର କହିଛନ୍ତି। ଚଳିତଥର ପରିକ୍ରମା ମାର୍ଗ କାର୍ଯ୍ୟ ମଧ୍ୟ ଶେଷ ହେବ। ଆବଶ୍ୟକ ମରାମତି ସବୁ ରଥଯାତ୍ରା ପୂର୍ବରୁ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଐତିହ୍ୟ ରାଜନଅର ନିଶ୍ଚିହ୍ନ

ପୁରୁଣା ଭୁବନେଶ୍ୱର,୯।୫(ଡି.ଏନ୍.ଏ.)

ରାଜ୍ୟ ସରକାର ବିଭିନ୍ନ ମନ୍ଦିର, ମଠର ପୁନରୁଦ୍ଧାର ଓ ଉନ୍ନତୀକରଣ ଲାଗି ବହୁ ପଦକ୍ଷେପ ନେଉଛନ୍ତି। ତେବେ ଏକାମ୍ର କ୍ଷେତ୍ରର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଦକ୍ଷିଣ ଦ୍ୱାରାଠାରୁ ଶହେ ମିଟର ଦୂରରେ ଥିବା ଐତିହ୍ୟ ରାଜନଅର ନିଶ୍ଚିହ୍ନ ହୋଇଯାଇଛି। ଯାହାକୁ ନଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ମନ୍ଦିର ନିର୍ମାଣର ପରବର୍ତ୍ତୀ ସମୟରେ ଏଠାରେ କୌଣସି ରାଜା ପ୍ରାୟ ଅଧ ଏକରରୁ ଉର୍ଦ୍ଧ୍ୱ ପରିମିତ ଜାଗାରେ କାରୁକାର୍ଯ୍ୟ ଖଚିତ ଏହି ରାଜନଅର ନିର୍ମାଣ କରାଇଥିଲେ। ଭୁବନେଶ୍ୱର ମୌଜା ୫୧୦ନମ୍ବର ପ୍ଲଟରେ ଏହି ରାଜନଅର ଅବସ୍ଥିତ ଥିଲା। ଏକଦା ଏହା ରାଜ୍ୟ ପର୍ଯ୍ୟଟନ ବିଭାଗର ଐତିହ ମାନଚିତ୍ରର ୧୬୩ ତାଲିକାରେ ମଧ୍ୟ ଅର୍ନ୍ତଭୁକ୍ତ ଥିଲା। ତେବେ ସେବା ପୂଜା ପାଇଁ ଯୋଗାଇ ଦିଆଯାଇଥିବା କେତେଜଣ ସେବାୟତ ଏହାକୁ ପ୍ରଶାସନକୁ ହାତ କରି ବିକ୍ରି କରି ନିଶ୍ଚିନ୍ନ କରିଦେଇଛନ୍ତି। ସେହିପରି ଏକାମ୍ର କ୍ଷେତ୍ରରେ ଅନେକ ମଠ, ମନ୍ଦିର ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି। ବିଭନ୍ନ ସ୍ଥାନରେ ମନ୍ଦିର ଥାଇ ମଧ୍ୟ ସରକାରୀ ରାଜସ୍ୱ ବିଭାଗ ରେକର୍ଡରେ ସ୍ଥିତିବାନ ଦର୍ଶାଇ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମରେ ମାଲିକାନା ସତ୍ୱ କରାଇଛନ୍ତି। ୫୦୦ବର୍ଷ ପୁରାତନ ଗୋପାଳତୀର୍ଥ ମଠ ଅର୍ଦ୍ଧାଧିକ ଅଂଶ ଉଚ୍ଛେଦ କରାଯିବା ଦ୍ୱାରା ମୁଖ୍ୟ ମନ୍ଦିର ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଏକାମ୍ର କ୍ଷେତ୍ରରେ ବିକାଶ ପାଇଁ ସରକାର ଯେଉଁ ଯୋଜନା କରିଛନ୍ତି ଜବରଦଖଲ ଉଚ୍ଛେଦ ନ ହେଲେ ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି। ଏନେଇ ଇନଟାକ୍‌ର ଭୁବନେଶ୍ୱର ମୁଖ୍ୟ ଅନୀଲ କୁମାର ଧୀର କୁହନ୍ତି, ରାଜନଅର ଭଳି କୀର୍ତ୍ତିରାଜୀ ନିଶ୍ଚିହ୍ନ ହେବା ଦୁଃଖର କଥା। ରାଜନଅର କାରୁ କାର୍ଯ୍ୟ ଖଚିତ ବଡ଼ ବଡ଼ ପଥର ଖଣ୍ଡମାନ ମଧ୍ୟ ଉଭାନ ହୋଇଯାଇଛି। ଜବରଦଖଲକାରୀଙ୍କ ଅପେକ୍ଷା ପ୍ରଶାସନ ଏଥିପାଇଁ ପ୍ରଥମେ ଦାୟୀ ବୋଲି ସେ କହିଛନ୍ତି।



ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ରେଳବିହାରରେ ଶିଶୁଙ୍କୁ ପାଇଁ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଶିବିର।

# ନିଯୁକ୍ତି, ପଦୋନ୍ନତି ନିର୍ଦ୍ଦେଶନାମାକୁ ପିଷ୍ଟାର ବିରୋଧ

ଭୁବନେଶ୍ୱର,୯।୫(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପ୍ରାଥମିକ ଶିକ୍ଷକମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ନିର୍ଦ୍ଦେଶନାମାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ବିରୋଧ କରାଯାଇଛି। ସଂଘର ଅଭିଯୋଗ ଅନୁସାରେ ଶିକ୍ଷକଙ୍କ ନିଯୁକ୍ତି ପାଇଁ ୨୦୧୯ ମସିହାରେ କ୍ୟାଡର ରୁଲ୍‌କୁ ସଂଶୋଧନ କରାଯାଇଥିଲା। ଏହି କ୍ରମରେ ୨୦୧୯ ମସିହା ଠାରୁ ପ୍ରତ୍ୟେକ ଜିଲାରେ ପର୍ଯ୍ୟାୟ କ୍ରମେ ୨ରୁ ୩ଥର ଲେଖାଏ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି କରାଯାଇଛି। ଏହି କ୍ୟାଡର ରୁଲ୍‌ରେ ରେସିଡେନ୍ସି ପିରିୟଡ୍ ଅଧିକ ଥିବାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ବିଜ୍ଞାନ ଓ କଳାବିଷୟଭିତ୍ତିକ ଶିକ୍ଷକ ପଦବୀ ଖାଲି ପଡୁଥିଲା। ତେବେ ଗତ ଜାନୁୟାରୀରେ ଲେଭୁଲ-୩ ପଦବୀ ପାଇଁ ରେସିଡେନ୍ସି ପିରିୟଡ଼କୁ ୨ବର୍ଷରୁ ୧ ବର୍ଷ, ଲେଭୁଲ୍ ୪ ଏବଂ ବିଷୟଭିତ୍ତିକ ଶିକ୍ଷକ ୨ବର୍ଷରୁ ୧ବର୍ଷ, ଲେଭୁଲ-ଭିକୁ ୧ ବର୍ଷ କରାଯାଇଥିଲା। ମାତ୍ର ଗତ ୬ ତାରିଖରେ ବିଭାଗ ପକ୍ଷରୁ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲେଖାଯାଇଥିବା ପତ୍ରରେ ଦର୍ଶାଯାଇଛି ଯେ, ଯେଉଁମାନେ ନିଯୁକ୍ତି ପରେ ଉଚ୍ଚ ଶିକ୍ଷା କରି ନ ଥିବେ ସେମାନଙ୍କୁ ଓଟିଇଟି-୨ ପାସ୍ କରିବାକୁ ପଡ଼ିବ। ଏହାକୁ ନେଇ ପ୍ରାଥମିକ ଶିକ୍ଷକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାରେ ଲାଗିଛି। ଉକ୍ତ ନିର୍ଦ୍ଦେଶନାମା ପ୍ରତ୍ୟାହାର ସହ ଶିକ୍ଷକମାନଙ୍କୁ ପଦୋନ୍ନତି ଦେବା ପାଇଁ ସଂଘ ଦାବି କରିଛି। ଏନେଇ ପିଷ୍ଟାର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ଗଣଶିକ୍ଷା ସଚିବ, ଅନୁଶାସନ ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।




ମହିଳା ମୁଷ୍ଟିଯୋଦ୍ଧାଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୁକ୍ତ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂହଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ଏଆଇଟିୟୁସି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ଦୀନନାଥ ପାଠୀ ଚିତ୍ରଶିଳ୍ପ କ୍ଷେତ୍ରରେ ଉଜ୍ଜ୍ୱଳ ଜ୍ୟୋତିଷ୍କ'

ଭୁବନେଶ୍ୱର,୯।୫(ବ୍ୟୁରୋ)

ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ, କେନ୍ଦ୍ର ଲଳିତକଳା ଏକାଡେମୀର ପୂର୍ବତନ ସଭାପତି ତଥା ବିଭୂତି କାନୁନ୍‌ଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦୀନନାଥ ପାଠୀଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭୂତି କାନୁନ୍‌ଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅତିଥିମାନେ ଦୀନନାଥ ପାଠୀଙ୍କୁ ରାଜ୍ୟ ଚିତ୍ରଶିଳ୍ପ କ୍ଷେତ୍ରରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢୀ ସ୍ୱାଗତ ଜଣାଇଥିବା ବେଳେ ଚୌଧୁରୀ ଆଶିଷ ଶରଣ ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ରାଜ୍ୟର ସମସ୍ତ ଚାରୁକଳା ମହାବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ବିକାଶ କରିବା ସହିତ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭବିଷ୍ୟତରେ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଅଧ୍ୟାପକ ମଣ୍ଡଳୀ ଦୃଷ୍ଟି ଦେବାକୁ ସେ ଆହ୍ୱାନ ଦେଇଥିଲେ। ବିଦ୍ୟାର୍ଥୀମାନେ ଡ. ପାଠୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମର୍ପିତ ଭାବେ ଶିକ୍ଷାଲାଭ କରି ନିଜକୁ ସଫଳ ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ପ୍ରତିଷ୍ଠିତ ହେବାକୁ ସେ ବୋଲି ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତା ଦଳ ସାଂସ୍କୃତିକ ସେଲ୍‌ର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ରାମହରି ଜେନା, ରାଜକୁମାର ସୁବୁଦ୍ଧି, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ, ମୀନକେତନ ପାଢୀ, ଗିରିଜା ଶଙ୍କର ମହାପାତ୍ର ଏବଂ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ବିଭୂତି କାନୁନ୍‌ଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ଦୀନନାଥ ପାଠୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ମେ, ୨୦୨୩



## ସଂକ୍ଷେପରେ

### ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି : ୨ ଗିରଫ

ବାରଙ୍ଗ, (ଡି.ଏନ୍.ଏ)/ ଭୁବନେଶ୍ୱର (ବ୍ୟୁରୋ)୯।୫: ଚନ୍ଦକା ଥାନା ଅନ୍ତର୍ଗତ ବର୍ମା ଲଜିଷ୍ଟିକ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ଏକ ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି କରିବା ମାମଲାରେ ମଙ୍ଗଳବାର ପୋଲିସ ଉକ୍ତ ସଂସ୍ଥାର ଜଣେ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ଗୋପାଳପୁରର ପ୍ରବୀର କୁମାର ହାତୀ (୨୯) ଓ ତାଙ୍କ ସହଯୋଗୀ ନନ୍ଦନକାନନ ଥାନା ଅଞ୍ଚଳର ଲକ୍ଷ୍ମୀଧର ରାଉତ ଓରଫ ଉତ୍ତମ (୨୯)। ପୋଲିସ ଉଭୟଙ୍କଠାରୁ ସମସ୍ତ ଚୋରି ବ୍ୟାଟେରି ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମେ ୩ ତାରିଖ ବିଳମ୍ବିତ ରାତିରେ ଉକ୍ତ ସଂସ୍ଥାରେ ଜଣେ ଡ୍ରାଇଭର ବ୍ୟାଟେରି ଭର୍ତ୍ତି ଗାଡ଼ିକୁ ରଖି ସୁରକ୍ଷାକର୍ମୀଙ୍କୁ ଚାବି ଦେଇଥିଲେ। ସେହି ରାତିରେ ପ୍ରବଳ ବର୍ଷାର ସୁଯୋଗ ନେଇ ସଂସ୍ଥାର ଡ୍ରାଇଭର ପ୍ରବୀର ଚୋରି କରିବାକୁ ଯୋଜନା କରିଥିଲେ। ପ୍ରବୀର ତାଙ୍କ ସହଯୋଗୀ ଉତ୍ତମଙ୍କ ସହ ଗାଡ଼ିର ଜିବିଏସ୍ କାଟି ତାହାକୁ ଚୋରି କରି ନେଇଯାଇଥିଲେ। ପରେ ବ୍ୟାଟେରିଗୁଡ଼ିକୁ ଗୋପାଳପୁରସ୍ଥିତ ଭଡ଼ାଘରେ ରଖି ଗାଡ଼ିକୁ ମଙ୍ଗୁଳିସ୍ଥିତ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଚାଲିଆସିଥିଲେ। ଏ ନେଇ ସଂସ୍ଥାର ମ୍ୟାନେଜର ରଞ୍ଜନ କୁମାର ଶତପଥୀଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଖବର ପାଇ ସେଠାରୁ ଉକ୍ତ ଗାଡ଼ିକୁ ଶନିବାର ଜବତ କରିବା ପରେ ସୋମବାର ବାରଙ୍ଗ ଅଞ୍ଚଳରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

### ଜବତ ଅବକାରୀ ସାମଗ୍ରୀ ନଷ୍ଟ କରାଗଲା

କଟକ ଅଫିସ,୯।୫: ଡ୍ରଗ୍ସ ଡିସ୍‌ପୋଜାଲ କମିଟି ଅଫ୍ କଟକ ପକ୍ଷରୁ ଜବତ ହୋଇଥିବା ଅବକାରୀ ସାମଗ୍ରୀଗୁଡ଼ିକୁ ମଙ୍ଗଳବାର ନଷ୍ଟ କରାଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗିଆପଡ଼ାସ୍ଥିତ ସାନି କ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଚୁଲାରେ ଅବକାରୀ ସାମଗ୍ରୀଗୁଡ଼ିକୁ ଜାଳି ଦିଆଯାଇଛି। ନଷ୍ଟ ସାମଗ୍ରୀଗୁଡ଼ିକ ହେଲା ୧୭୮୫ କେଜି ୫୯୦ ଗ୍ରାମ ଗଞ୍ଜେଇ ଓ ୨ କେଜି ୩୯ ଗ୍ରାମ ବ୍ରାଉନ୍ ସୁଗାର। କଟକ ସହରାଞ୍ଚଳର ମୋଟ ୬୧ଟି ମାମଲାରେ ଏହି ସାମଗ୍ରୀଗୁଡ଼ିକ ଜବତ ହୋଇଥିଲା। ଅବକାରୀ ଏସ୍‌ପି ଦେବାଶିଷ ପଟେଲ, ଡେପୁଟି କଲେକ୍ଟର ଶୁଭାଶିଷ ପାଲଟା, ଏସିପି ଆଶୁତୋଷ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି ଆର. କେ. ମିଶ୍ର, ବୈଜ୍ଞାନିକ ସ୍ୱୟଂକଳ୍ପ ଏମ୍ ସାମନ୍ତଙ୍କ ଉପସ୍ଥିତିରେ ଏହି ନଷ୍ଟ କାର୍ଯ୍ୟ କରାଯାଇଥିଲା। ଜବତ ସାମଗ୍ରୀଗୁଡ଼ିକୁ ଜିଲା ସେସନ୍ସ ଜଜ୍ କୋର୍ଟ ପରିସରରୁ ଖୋର୍ଦ୍ଧାକୁ ପୋଲିସ ଓ ଅବକାରୀ କର୍ମଚାରୀମାନଙ୍କ ଦ୍ୱାରା ନିଆଯାଇଥିଲା। ସେଠାରେ ସେଗୁଡ଼ିକୁ ଓଜନ ଓ ମାପ କରାଯିବା ପରେ ବାୟୁ ପ୍ରଦୂଷଣ ନହେବା ନିମନ୍ତେ ୧୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରରେ ପୋଡ଼ି ଦିଆଯାଇଥିଲା।

# ‘ସଂସ୍କୃତି,ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ମହୋତ୍ସବ ଏକ ମାଧ୍ୟମ’

ନିଶ୍ଚିନ୍ତକୋଇଲି,୯।୫(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରସ୍ଥିତ ଶ୍ରୀ ବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ମାହାଙ୍ଗା ମହୋତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କଟକ ଜିଲାପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, କଟକ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଉପଜିଲାପାଳ କମଳଜିତ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ପ୍ରମୁଖ ଯୋଗଦେଇ ଚନ୍ଦନ ଯାତ୍ରା ଏକ ଐତିହାସିକ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ବ୍ରହ୍ମକ୍ଷେତ୍ର ଭାବେ ପରିଚିତ ନିଶ୍ଚିନ୍ତକୋଇଲି ଜିଗ୍ନିପୁରସ୍ଥିତ ବଳଦେବ ଜୀଉ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ଏନେଇ ବଳଦେବ ଜୀଉ ରଥ ଦାଣ୍ଡକୁ ମିଶନ ଶକ୍ତି ମା’ମାନଙ୍କ ଦ୍ୱାରା ମୁରୁଜ ଓ ଦୀପରେ ସଜା ଯାଇଥିଲା। ଅତିଥିମାନେ ପ୍ରଥମେ ମନ୍ଦିରକୁ ଆସି ଶ୍ରୀଜୀଉମାନଙ୍କ ଦର୍ଶନ କରିଥିଲେ। ପରେ ଶୋଭାଯାତ୍ରା ମହୋତ୍ସବ ପଡ଼ିଆକୁ ଯାଇ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏଠାରେ ଓଡ଼ମାସ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ସେହିପରି କୃଷି ବିଭାଗ, ଉଦ୍ୟାନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ମିଶନ ଶକ୍ତି ମା’ମାନଙ୍କ ପକ୍ଷରୁ ଅନେକ ଷ୍ଟଲ ଖୋଲାଯାଇଛି।



ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।



ମିଶନ ଶକ୍ତି ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌କୁ ମହିଳାମାନେ ବୁଲି ଦେଖୁଛନ୍ତି।

## ଅଂଶୁଘାତରେ ବାରଶିଙ୍ଘା ଅସୁସ୍ଥ

ବାରଙ୍ଗ,୯।୫(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ଏକ ୧୨ବର୍ଷର ମାଈ ବାରଶିଙ୍ଘା ଅଂଶୁଘାତରେ ଅସୁସ୍ଥ ହୋଇଛି। ପ୍ରାଣୀ ଉଦ୍ୟାନର ୪୮ନମ୍ବର ଏନକ୍ଲୋଜରରେ ରହୁଥିବା ଏହି ମାଈ ବାରାଶିଙ୍ଘା ମଧ୍ୟାହ୍ନ ସମୟରେ ଚଲାବୁଲା କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀମାନେ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ସେଠାରେ ପହଞ୍ଚି ଅସୁସ୍ଥ ବାରଶିଙ୍ଘାକୁ ଏନକ୍ଲୋଜରର ଏକ ସ୍ୱତନ୍ତ୍ର ସ୍ଥାନରେ ରଖି ଜରୁରିକାଳୀନ ଚିକିତ୍ସା ଆରମ୍ଭ କରିଥିବା ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ଏବେ ପ୍ରାଣୀ ଉଦ୍ୟାନରେ ୧୫ଟି ବାରଶିଙ୍ଘା ଅଛନ୍ତି।

# ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ

ବଡ଼ମ୍ବା,୯।୫(ଡି.ଏନ୍.ଏ.)

ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ତଥା ଭଉଁରୀ ଯାତ୍ରା ଉପଲକ୍ଷେ ମଙ୍ଗଳବାର ବଡ଼ମ୍ବା ଚନ୍ଦନ ମହୋତ୍ସବ ସ୍ଥାନୀୟ ଟେନିସ ପଡ଼ିଆରେ ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଡ.ପ୍ରତିଭା ମହାରଥୀ ଯୋଗଦେଇ ଚନ୍ଦନ ମହୋତ୍ସବର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ । ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବିଡିଓ ରମେଶ କୁମାର ଜେନା, ମହୋତ୍ସବ କମିଟି ଉପ ସଭାପତି ମହେନ୍ଦ୍ର କୁମାର ପଢ଼ିହାରୀ ପ୍ରମୁଖ ଯୋଗ ଦେଇଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରବୀନ୍ଦ୍ର କୁମାର ବାରିକ ଓ କୋଷାଧ୍ୟକ୍ଷ ଦିବାକର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଚନ୍ଦନ ମହୋତ୍ସବ ସ୍ମରଣିକା-୨୦୨୩ ଉନ୍ମୋଚନ ହୋଇଥିଲା । ଅନୁଷ୍ଠାନ ବିଚିତ୍ର ବର୍ଣ୍ଣାଳୀ ଦ୍ୱାରା ପଶୁ ନୃତ୍ୟ, ଦୁଃଖିରାମ ସ୍ୱାଇଁ କଳା ପରିଷଦ ତରଫରୁ ସମ୍ବଲପୁରୀ ଲୋକନୃତ୍ୟ ସହିତ ସ୍ଥାନୀୟ କଳାତୀର୍ଥ ଅନୁଷ୍ଠାନ କଳାକାରଙ୍କ ନୃତ୍ୟ ଓ ଗୀତ ଦର୍ଶକଙ୍କ ମନ ମୋହିଥିଲା। ଉକ୍ତ ମହୋତ୍ସବ ୫ ଦିନ ବ୍ୟାପୀ ଚାଲିବ ବୋଲି କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଶ୍ରୀଗୋପୀନାଥ ଦେବଙ୍କ ସମେତ ଅନ୍ୟାନ୍ୟ ଦେବଦେବୀଙ୍କ ଚାପଖେଳ ୧୭ ଦିନରେ ପହଞ୍ଚିଛି। ମଙ୍ଗଳବାର ଠାକୁର ଚାପ ଢ଼ଙ୍ଗା ଯୋଗେ ୧୭ ଭେରା ଚାପ ଖେଳିଥିଲେ ।





ଚନ୍ଦନ ମହୋତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ରୁଦ୍ରେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ

ରଘୁନାଥପୁର,୯।୫(ଡି.ଏନ୍.ଏ.):

ରଘୁନାଥପୁର ବ୍ଲକ କୋରକୋରାସ୍ଥିତ ସର୍ବପୁରାତନ ଶୈବପୀଠ ଶ୍ରୀଶ୍ରୀ ରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ୨୧ ଦିନ ବ୍ୟାପୀ ଚାଲିଥିବା ରୁଦ୍ରାଭିଷେକ ଓ ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞ ସମ୍ପନ୍ନ ହୋଇଛି। ଗତ ଏପ୍ରିଲ ୧୮ରୁ ରୁଦ୍ରାଭିଷେକ ଆରମ୍ଭ ହୋଇଥିଲା। ଶୁକ୍ରବାର ବୈଶାଖ ପୂର୍ଣ୍ଣିମାରେ ଯଜ୍ଞ ଆରମ୍ଭ ହୋଇଥିଲା। ଏନେଇ ସ୍ଥାନୀୟ ମହାନଦୀ ଘାଟରୁ ଶତାଧିକ ଭକ୍ତ ଘଣ୍ଟବାଦ୍ୟ ସହ କଳସ ଶୋଭାଯାତ୍ରାରେ ଆସି ଘଟ ସ୍ଥାପନ କରାଯାଇଥିଲା। ଏହାପରେ ଅଙ୍କୁରରୋପଣ, ମଣ୍ଡଳାଧୀକରଣ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଧିପୂଜା ଆଦି କରାଯାଇ ଅଗ୍ନିସ୍ଥାପନ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା। ସୋମବାର ରାତିରେ ଯଥାବିଧି ଅନୁସାରେ ମନ୍ତ୍ରପାଠ ଧ୍ୱନିରେ ପୂର୍ଣ୍ଣାହୁତି ସମାପନ ହୋଇଛି। ଯଜ୍ଞାଚାର୍ଯ୍ୟ ପଣ୍ଡିତ ମଧୁସୂଦନ ପଣ୍ଡା, ମନୋରଞ୍ଜନ ଷଡ଼ଙ୍ଗୀ, ରାଜକିଶୋର ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ତ୍ରିପାଠୀ, ଦେବାଚାର୍ଯ୍ୟ ଶଶିକାନ୍ତ ମହାପାତ୍ର, ଶରତ କୁମାର ଦାଶ ଯଜ୍ଞକାର୍ଯ୍ୟରେ ନିୟୋଜିତ ହୋଇଥିଲେ।

## ଡିଜିପି କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୯।୫(ବ୍ୟୁରୋ)

**ମାଓବାଦୀ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିଆସିବାକୁ ଆହ୍ୱାନ**

ଭୁବନେଶ୍ୱରସ୍ଥିତ ପୋଲିସ ଡିଜି କ୍ୟାମ୍ପ ଅଫିସରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ଡିଜି ସୁନିଲ ବଂଶଲଙ୍କ ସହିତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇନ ଶୃଙ୍ଖଳା ଏଡିଜି ରାଧାକୃଷ୍ଣ ଶର୍ମା ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅନ୍ତର୍ଗତ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପୋଲିସ ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ପୋଲିସ ଡିଜି ବଂଶଲ ଗଣମାଧ୍ୟମକୁ କହିଛନ୍ତି, ମୃତ ୩ଜଣ ମାଓବାଦୀ ସଙ୍ଗଠନର ମୁଖିଆ ଥିବା ଅନୁମାନ କରାଯାଉଛି। ଆହତ ଡିଏସ୍‌ପି ଅତୁଲକ୍ରିଷ୍ଣାଙ୍କ ଚିକିତ୍ସା ଚାଲିଛି। ଏହି ଗୁଳି ବିନିମୟ ଘଟଣାରେ ଅଧିକ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ବିଚାର ରଖି ହିଂସା ଘଟାଉଥିବା ଲୋକେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଡିଜିପି ବଂଶଲ ଆହ୍ୱାନ ଦେଇଛନ୍ତି।

## ଗଛ ଉପୁଡ଼ି ଯାତାୟାତ ବାଧାପ୍ରାପ୍ତ



ମାହାଙ୍ଗା,୯।୫(ସ୍ୱ.ପ୍ର.)

**ବାଜପୁରା ପଞ୍ଚାୟତରେ କାଳବୈଶାଖୀର ତାଣ୍ଡବ**

ମାହାଙ୍ଗା ବ୍ଲକ ବାଜପୁରା ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ବହୁ କ୍ଷୟକ୍ଷତି ହୋଇଛି। ପ୍ରବଳ ବର୍ଷା ସାଙ୍ଗକୁ ପବନ, ଘଡ଼ଘଡି ହୋଇଛି। ଏହାଦ୍ୱାରା ବଡ଼ ବଡ଼ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଫଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି । ପ୍ରବଳ ପବନ ବହିବା ଦ୍ୱାରା ବହୁ ଚାଳ ଛପର ଉଡ଼ିଯାଇଛି। ଏହି ପଞ୍ଚାୟତର ବାଜପୁରା, ଗୋପାଳପୁର, ଇଚ୍ଛାପୁର, ଚକମଧୁପୁର ଆଦି ଗ୍ରାମଗୁଡ଼ିକ ପ୍ରଭାବିତ ହୋଇଛି । କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ ମେଶିନ ଲଗାଇ ହଟାଇବା କାର୍ଯ୍ୟ ଜାରି ରଖିଛି। ଏହି କାଳବୈଶାଖୀ ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ନ କଲେ ଆତ୍ମହତ୍ୟା ଚେତାବନୀ

ସାଲେପୁର,୯।୫(ଡି.ଏନ୍.ଏ.)

**ପୂରଣ ଗ୍ରାମରେ ହୋଇଥିବା ଚକବନ୍ଦୀକୁ ନେଇ ବିବାଦ**

- ୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିବାକୁ ବ୍ଲକ ପ୍ରଶାସନର ନିବେଦନ

ସାଲେପୁର ବ୍ଲକ ଅନ୍ତର୍ଗତ ମହଣ ପଞ୍ଚାୟତର ପୂରଣ ଗ୍ରାମରେ ଚକବନ୍ଦୀକୁ ନେଇ ବିବାଦ ଦେଖାଦେଇଛି। ଏନେଇ ଗଣ୍ଡଗୋଳ ହେବାର ଆଶଙ୍କା ଥିବାରୁ ସାଲେପୁର ଆଇଆଇସି ଏବଂ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ତହସିଲଦାର ଶିବମଲ୍ଲିକ ଏବଂ କଟକ ସଦର ଉପଜିଲାପାଳ କମଳଜିତ ଦାଶ ଚିଠି ଲେଖିଛନ୍ତି। ପୂରଣ ଗ୍ରାମରେ ୨ପ୍ଲାଟୁନ୍ ପୋଲିସ ଫୋର୍ସ ସହ ମହିଳା ପୋଲିସ କର୍ମୀଙ୍କୁ ଅବସ୍ଥାପିତ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଚିଠି ପାଇଲାପରେ ଘଟଣାସ୍ଥଳରେ ଅଧିକ ପୋଲିସ ଫୋର୍ସ ମୁତୟନ କରିବାକୁ ସ୍ଥିର କରାଯାଇଛି ବୋଲି ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ କହିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ ନ କଲେ ବହୁ ଗ୍ରାମବାସୀ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଗ୍ରାମର ବହୁ ଚାଷୀ ପୂର୍ବରୁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଦୀର୍ଘ ୩୫ବର୍ଷ ତଳେ ଚକବନ୍ଦୀ କାର୍ଯ୍ୟ କରାଯାଇଥିବାବେଳେ ତାହା ସମ୍ପୂର୍ଣ୍ଣ ଚାଷୀ ବିରୋଧୀ ବୋଲି ସେଥିରେ ଦର୍ଶାଯାଇଥିଲା। ଚାଷୀମାନେ ଅଦ୍ୟାବଧି ସେହି ଜମିରେ ଦଖଲରେ ଅଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଏହାର ପୁନର୍ବିଚାର ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯିବାପରେ କୋର୍ଟ ପକ୍ଷରୁ ଚକବନ୍ଦୀ କାର୍ଯ୍ୟ କରାଯିବାକୁ ସାଲେପୁର ତହସିଲଦାରଙ୍କୁ ଗତ ୨୧.୧୧.୨୦୨୨ରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟ ନିର୍ଦ୍ଦେଶ ମୁତାବକ ବହୁ ଚାଷୀ ତହସିଲଦାରଙ୍କ କାର୍ଯ୍ୟାଳୟରେ ସେମାନଙ୍କର ଅଭିଯୋଗ ଦାଖଲ କରିଥିଲେ। ପୁନର୍ବାର ଚକବନ୍ଦୀ କରାଗଲେ ଏହାର ସମାଧାନ ହୋଇଯିବ ବୋଲି ତତ୍କାଳୀନ ତହସିଲଦାର ସେତେବେଳେ କହିଥିଲେ। କିନ୍ତୁ ଏବେ କଟକ ଆରଡିସି ଏବଂ ଉପଜିଲାପାଳ ଚକବନ୍ଦୀ ପାଇଁ ନିର୍ଦ୍ଦେଶ ଦେବାପରେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହାଦ୍ୱାରା ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେମାନେ କହିଛନ୍ତି। ଏନେଇ ସ୍ଥାନୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ନୂତନ ମୃତ୍ତିକା ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**୩ ବର୍ଷ ଯାଏ ନିଃଶୁଳ୍କ ସେବା ଉପଲବ୍ଧ**

ରଘୁନାଥପୁର,୯।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତଅଁାରାରେ ରାଜ୍ୟ ସରକାରଙ୍କ ସହାୟତାରେ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଘ ପକ୍ଷରୁ ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ରକୁ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ଭାରତ ସରକାରଙ୍କ କ୍ଷୁଦ୍ର ଚାଷୀ କୃଷି ବେପାର ସଙ୍ଗଠନ ନିର୍ଦ୍ଦେଶକ ନଟବର ପାଲ ଏହାର ଉଦ୍‌ଘାଟନ କରିଥିଲେ। ବିନା ମୃତ୍ତିକା ପରୀକ୍ଷାରେ ଚାଷୀମାନେ ଖରିଫ ଓ ରବି ଋତୁରେ ଧାନ, ଡାଲି ଜାତୀୟ ଓ ପନିପରିବା ଚାଷ କରି ଅଧିକ ଅମଳକ୍ଷମ ହୋଇପାରୁନାହାନ୍ତି। ମୃତ୍ତିକାରେ ବିଭିନ୍ନ ପ୍ରକାର ଖାଦ୍ୟସାରର ଅଭାବ ରହୁଥିବାରୁ ଫସଲ ଅମଳ ପାଇଁ ଅନୁପଯୁକ୍ତ ହେଉଛି। ଏଣୁ ମୃତ୍ତିକା ପରୀକ୍ଷା କରି ଅଭାବ ରହିଥିବା ଖାଦ୍ୟସାର ପୂରଣ ପାଇଁ ଆବଶ୍ୟକ ଜୈବିକ ଖତ ଓ ଅନ୍ୟାନ୍ୟ ଉପଚାର କରିବାକୁ ଅଧିକାରୀ ପାଲ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ବାଣୀକ୍ଷେତ୍ର ସଙ୍ଗଠନର ନିର୍ଦ୍ଦେଶିକା କୃଷ୍ଣପ୍ରିୟା ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ କୃଷି ଅଧିକାରୀ ମନସିନୀ ଲେଙ୍କା, କୃଷିଭିତ୍ତିକ ସଂସ୍ଥା ଲାଲର ସମ୍ପାଦକ କ୍ଷେତ୍ରମୋହନ ବେହେରା, ପ୍ରକଳ୍ପ ଅଧିକାରୀ ରଞ୍ଜନ କୁମାର ରାଉତ ଓ ସହ ଅଧିକାରୀ ସଞ୍ଜୀବ ରାୟ ଏବଂ ଉପଦେଷ୍ଟା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଯୋଗ ଦେଇ ଏହାର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ନିର୍ଦ୍ଦେଶିକା କାଦମ୍ବିନୀ ବେହେରା ଅତିଥି ପରିଚୟ ପ୍ରଦାନ କରି ଆସନ୍ତା ୩ବର୍ଷ ପର୍ଯ୍ୟନ୍ତ ଅଞ୍ଚଳର ଚାଷୀମାନେ ମାଗଣାରେ ମୃତ୍ତିକା ପରୀକ୍ଷା କରାଇନେବା ପାଇଁ ପ୍ରକାଶ କରିଥିଲେ। ଏହାଛଡା ପରୀକ୍ଷଣ କେନ୍ଦ୍ରଟି ବ୍ଲକର ମଧ୍ୟବର୍ତ୍ତୀ ସ୍ଥାନରେ ଥିବାରୁ ଆଖପାଖ ୧୫ ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ନିର୍ଦ୍ଦେଶିକା ବେହେରା ସୂଚନା ଦେଇଥିଲେ। ଲାଲ ସମ୍ପାଦକ ବେହେରା ଜମିରୁ ମାଟି କିଭଳି ଭାବେ ଅଣାଯିବ ଏବଂ କେତୋଟି ସ୍ଥାନରୁ ସଂଗ୍ରହ କରିବାକୁ ହେବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ନିର୍ଦ୍ଦେଶିକା ଶାନ୍ତିଲତା ଦ୍ୱିବେଦୀ ଧନ୍ୟବାଦ ଦେଇଥିବାବେଳେ ସବିତା ଶତପଥୀ, ସ୍ମିତାରାଣୀ ଖଟୁଆ, ଗୀତାଞ୍ଜଳି ଲେଙ୍କା, ରିନିକା ଜେନା, ଲକ୍ଷ୍ମୀପ୍ରିୟା ଦାଶ, ଶର୍ମିଷ୍ଠା ସ୍ୱାଇଁ ଓ ରଞ୍ଜିତା ନାୟକଙ୍କ ସହ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପିତା ବରାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ସଚେତନତା ସଭାରେ ଯୋଗଦେଇଥିବା ଅତିଥିମାନେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା, ପ୍ରତିବାଦ ସଭା

**ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣା**

ସାଲେପୁର,୯।୫(ଡି.ଏନ୍.ଏ.)

ସାଲେପୁର ବ୍ଲକର ଉନ୍ନୟନ କାର୍ଯ୍ୟରେ ଶିଥିଳତା ଓ ଠିକ୍ ସମୟରେ କର୍ମଚାରୀ ଅଫିସ ଆସୁ ନ ଥିବା ଅଭିଯୋଗ କରି ସୋମବାର କଟକ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବହୁ ଦଳୀୟ ସମର୍ଥକ ଓ ଲୋକପ୍ରତିନିଧିମାନେ ପ୍ରତିବାଦ କରିଥିଲେ। ସେମାନେ ଏହି ସମୟରେ ବ୍ଲକ୍ କାର୍ଯ୍ୟାଳୟର ବିଭିନ୍ନ ପ୍ରକୋଷ୍ଠରେ ତାଲା ପକାଇଦେଇଥିଲେ। ପରେ ସମସ୍ୟା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଯାଇଥିଲେ। ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରଯାଇଛି। ଏନେଇ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ବହୁ ସାମାଜିକ କର୍ମୀ କାର୍ଯ୍ୟାନୁଷ୍ଠାନ ଦାବି କରି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ ସଭା କରି ଥିଲେ। ଏହି ଅବସରରେ ଭୋଇ କହିଛନ୍ତି, ସାଲେପୁରର ପୂର୍ବତନ ବିଧାୟକ ବେହେରା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ପ୍ରକୋଷ୍ଠରେ ତାଲା ପକାଇବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ବ୍ଲକ କାର୍ଯ୍ୟାଳୟର ଅଧିକାରୀମାନେ ଲୋକମାନଙ୍କ ବିଭିନ୍ନ କାର୍ଯ୍ୟ ଠିକ୍ ସମୟରେ କରୁଥିବାବେଳେ ତାଲା ପଡ଼ିବା ଦ୍ୱାରା କର୍ମଚାରୀମାନେ ଭୟଭୀତ ହୋଇଛନ୍ତି। ଫଳରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ଧାରଣାରେ ବ୍ଲକ ବିଜେଡି ଯୁବ ସଭାପତି ସଞ୍ଜିତ୍ ଦାଶ ଯୋଗଦେଇ ପୂର୍ବତନ ବିଧାୟକ ବେହେରା ସାଲେପୁର ବ୍ଲକ ଅଞ୍ଚଳର ବିକାଶକୁ ସହିପାରୁନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଧାରଣା ଓ ପ୍ରତିବାଦ ସଭାରେ ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ଆତ୍ମା କମିଟି ସଭାପତି ଦିଲୀପ କୁମାର ଦାଶ, କଟକ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିରଞ୍ଜନ ପୁହାଣ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ସଂଖ୍ୟାଲଘୁ ସେଲ୍ ସଭାପତି ସମିମ୍ ଅଖତର, ଜିଲାପରିଷଦ ସଭ୍ୟା ନମିତା ସେଠୀ, ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକଙ୍କ ସମେତ ବହୁ ବିଜେଡି ନେତା ଓ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ଧାରଣାରେ ସାମିଲ ହୋଇ ଏହି ଘଟଣାରେ ତୁରନ୍ତ ପୋଲିସ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଏନେଇ ସାଲେପୁର ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।





ବିଜେଡି କର୍ମୀମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଡିଜିପି କ୍ୟାମ୍ପ ଅଫିସରେ ବୈଠକ

ଭୁବନେଶ୍ୱର,୯।୫(ବ୍ୟୁରୋ): ପୋଲିସ ଡିଜି କ୍ୟାମ୍ପ ଅଫିସରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ଡିଜି ସୁନୀଲ ବଂଶଲଙ୍କ ସହିତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇନ ଶୃଙ୍ଖଳା ଏଡିଜି ରାଧାକୃଷ୍ଣ ଶର୍ମା ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅନ୍ତର୍ଗତ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପୋଲିସ ବ୍ୟବସ୍ଥା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ବଂଶଲ ଗଣମାଧ୍ୟମକୁ କହିଛନ୍ତି, ମୃତ ୩ଜଣ ମାଓବାଦୀ ସଙ୍ଗଠନର ମୁଖିଆ ଥିବା ଅନୁମାନ କରାଯାଉଛି। ଆହତ ଡିଏସ୍‌ପି ଅତୁଲକ୍ରିଷ୍ଣାଙ୍କ ଚିକିତ୍ସା ଚାଲିଛି। ଗୁଳି ବିନିମୟ ଘଟଣା ପରେ ଅଧିକ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ବିଚାର ରଖି ହିଂସା ଘଟାଉଥିବା ଲୋକେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

### ବାଳବିକାଶ କେନ୍ଦ୍ରର ପ୍ରତିଯୋଗିତା

ପୁରୀ ଅଫିସ,୯।୫: ସତ୍ୟ ସାହି ସେବା ସମିତି ପରିସରରେ ବାଳବିକାଶ ପିଲାମାନଙ୍କର ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସହରର ବାଳ ବିକାଶ କେନ୍ଦ୍ରମାନଙ୍କରୁ ୧୦୦ଜଣ ପିଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମିତିର ଆବାହକ ପବିତ୍ର ମୋହନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସୁଜାତା, ମୀରା, ସୁନନ୍ଦା, ଉର୍ମିଳା, ସସ୍ମିତା, ଅମିତା, ପ୍ରଭାତି ଏବଂ ଶିକ୍ଷା ସଂଯୋଜିକା ନମିତା କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଡିଆ ସେଲ ଅଧ୍ୟକ୍ଷ ବୀରେନ୍ଦ୍ର ଭୂଷଣ ହୋତାଙ୍କ ସହ ରୂପକ, ସିନ୍ତୁ, ଯୋଗୀ, ଭାଗୀରଥି, ରାଜୁ, ହରି ଅୟସ, ନିଶିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ ଚାଲିଶା ପାଠ

ନିମାପଡ଼ା,୯।୫(ଡି.ଏନ୍.ଏ.): ନିମାପଡ଼ା ବଜରଙ୍ଗ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଓ ସାମୂହିକ ହନୁମାନ ଚାଲିଶା ପାଠ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କଂଗ୍ରେସ ଦଳ ବିରୋଧରେ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ଯୋଗଦେଇ ବଜରଙ୍ଗ ଦଳ ଭଳି ଏକ ରାଷ୍ଟ୍ରବାଦୀ ସଂଗଠନକୁ ପିଏଫଆଇ ଆତଙ୍କବାଦୀ ସଂଗଠନ ସହ ତୁଳନା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଆଚାର୍ଯ୍ୟ ମତବ୍ୟକ୍ତ କରି କଂଗ୍ରେସର ହୀନ ମନ୍ତବ୍ୟ ଓ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳର ସହ ସଂଯୋଜକ ରଞ୍ଜନ ପ୍ରଧାନ, ବିଶ୍ୱ ହିନ୍ଦୁ ପରିଷଦର ନିମାପଡ଼ା ଶାଖା ସମ୍ପାଦକ ସଞ୍ଜୟ ବାରିକ, ରଞ୍ଜନ ନାୟକ, ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ଓଝା, ବିଜୟ ବେହେରା, ସୌମ୍ୟ ବେହେରା ଯୋଗଦେଇ କଂଗ୍ରେସର ହୀନ ମନ୍ତବ୍ୟ ଓ ତୁଳନାତ୍ମକକୁ କଟୁ ସମାଲୋଚନା କରିଥିଲେ।

# ଗୁଣ୍ଡିଚା ମନ୍ଦିର ସମୀକ୍ଷା କଲେ ଦଇତାପତି

ପୁରୀ ଅଫିସ,୯।୫


ଦଇତାପତି ନିଯୋଗର ପ୍ରତିନିଧିମାନେ ଗୁଣ୍ଡିଚା ମନ୍ଦିର ସ୍ଥିତି ଅନୁଧ୍ୟାନ କରି ଫେରୁଛନ୍ତି ।

- ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ରଥଯାତ୍ରା ପୂର୍ବରୁ ମରାମତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଜୁନ ୨୦ତାରିଖରେ ମହାପ୍ରଭୁଙ୍କ ଘୋଷ ଯାତ୍ରା। ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ସେବାୟତମାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅପରପକ୍ଷେ ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ଗୁଣ୍ଡିଚା ମନ୍ଦିର ସ୍ଥିତି ଯାଞ୍ଚ କରିଛନ୍ତି ଇଞ୍ଜିନିୟରଙ୍କ ସହ ଦଇତାପତି ନିଯୋଗର ସଦସ୍ୟ। ଗୁଣ୍ଡିଚା ମନ୍ଦିରର ନାଟ ମଣ୍ଡପ ବିମ୍‌ରେ ଫାଟ ମରାମତି କାର୍ଯ୍ୟ ସମୀକ୍ଷା ସହ ଆନନ୍ଦ ବଜାର ସମ୍ମୁଖ ରାସ୍ତାର ନିର୍ମାଣର ସମୀକ୍ଷା କରିଥିଲେ। କାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ସାରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ଏହି କାର୍ଯ୍ୟକୁ ସମୀକ୍ଷା କରିବା ଲାଗି ଦଇତାପତି ନିଯୋଗର ସଦସ୍ୟ ଉପସ୍ଥିତ ରହିଛନ୍ତି। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପହଣ୍ଡି ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସମସ୍ତ ବ୍ୟବସ୍ଥା ଉପରେ ସମୀକ୍ଷା ମଧ୍ୟ କରିଛନ୍ତି। ଭକ୍ତଙ୍କ ଟିକେଟ ଦର୍ଶନ ସହ ସର୍ବସାଧାରଣ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ବ୍ୟାରିକେଡ ବ୍ୟବସ୍ଥା କରିବା ନେଇ ପ୍ରଶାସନ ସହ ଆଲୋଚନା କରାଯାଇଛି। ଗୁଣ୍ଡିଚା ମନ୍ଦିର ଭିତରେ ଭକ୍ତଙ୍କ ଲାଗି ପାନୀୟ ଜଳ, ଫ୍ୟାନ ଆଦି ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ଦଇତାପତିମାନଙ୍କ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରର ସମୀକ୍ଷା ସମୟରେ ଦଇତାପତି ନିଯୋଗର ବରିଷ୍ଠ ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ଇଞ୍ଜିନିୟରମାନେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ମେ ମାସ ଶେଷ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ଶେଷ କରିବା ସହ ବାହୁଡ଼ା ପହଣ୍ଡି ସମୟରେ ମହାପ୍ରଭୁ ପ୍ରତ୍ୟାବର୍ତ୍ତନ କରୁଥିବା ରାସ୍ତାକୁ ସ୍ୱତନ୍ତ୍ର ଖଣ୍ଡେଲାଇଟ ପଥର ବ୍ୟବହାର କରାଯାଇଛି ସମୀକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଦଇତାପତି ସେବକ ଦୁର୍ଗାଦାଶ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରାରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ଚଳିତଥର ପରିକ୍ରମା ମାର୍ଗ କାର୍ଯ୍ୟ ମଧ୍ୟ ଶେଷ ହେବ। ତାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିବ। ତେଣୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଯେପରି କୌଣସି ଅସୁବିଧା ନ ହେବ, ସମସ୍ତେ ଶୃଙ୍ଖଳିତ ଭାବେ ସାହାଣ ମେଲା ଦର୍ଶନ କରିବେ, ଟିକେଟ ଦର୍ଶନ କରିପାରିବେ, ପରିମାଣିକ ଦର୍ଶନ କରିବେ ସେନେଇ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଯେପରି କୌଣସି ଅସୁବିଧା ନହୁଏ ସେଥିପ୍ରତି ଧ୍ୟାନ ଦିଆଯାଇଛି। ପହଣ୍ଡି ରାସ୍ତାକୁ ଖଣ୍ଡେଲାଇଟ ପଥର ପକାଇବା ପାଇଁ ଦୁଇବର୍ଷ ହେଲା ଦାବି ରହିଥିଲା। କେଉଁ ସ୍ଥାନରେ ପଥର ପଡିବ ତାହା ଦେଖିଲୁ। ସେହିପରି ଯାହାସବୁ ଆବଶ୍ୟକ ମରାମତି ହେବ ସେସବୁକୁ ରଥଯାତ୍ରା ପୂର୍ବରୁ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ପ୍ରଗତି ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ପାଳନ ଅବସରରେ ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରାଯାଉଛି।

# ଘର ନ ପାଇ ବିଲ୍ଡର ସଂସ୍ଥା ଅଫିସ ଘେରିଲେ ଗ୍ରାହକ

ଭୁବନେଶ୍ୱର,୯।୫(ବ୍ୟୁରୋ)

ଟଙ୍କା ନେଇ ପ୍ରତିଶ୍ରୁତି ଅନୁଯାୟୀ ବିଲ୍ଡର ସଂସ୍ଥା ପକ୍ଷରୁ ଠିକ୍ ସମୟରେ ଘର ଦିଆ ନ ଯିବାରୁ ଗ୍ରାହକମାନେ ଅସନ୍ତୁଷ୍ଟ ହୋଇଛନ୍ତି। ଏନେଇ ମଙ୍ଗଳବାର ଗ୍ରାହକମାନେ ଶହୀଦନଗର ଅଞ୍ଚଳର ପ୍ଲଟ ନଂ. ୫୪୦ରେ ଥିବା (ଆରିୟନ୍ ଇନ୍‌ଫ୍ରା ପ୍ରୋଜେକ୍ଟସ ଲିଃ) ସଂସ୍ଥାର ଅଫିସ ଘେରାଉ କରିଛନ୍ତି। ମଧ୍ୟାହ୍ନରେ ପ୍ରାୟ ୩୮ ଜଣ ଗ୍ରାହକ ଉକ୍ତ ଅଫିସରେ ପଶି ହୋହାଲ୍ଲା କରିବା ସହ ସଂସ୍ଥାର ଅଧିକାରୀ ଓ କର୍ମଚାରୀଙ୍କ ସହିତ ସହ ଆଲୋଚନା କରିଥିଲେ। ଏପରିକି ଉଭୟ ପକ୍ଷ ମଧ୍ୟରେ କିଛି ସମୟ ଧରି ଯୁକ୍ତିତର୍କ ମଧ୍ୟ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ସଂସ୍ଥା ପକ୍ଷରୁ ସୁନ୍ଦରପଦାରେ ପ୍ରସ୍ତାବିତ 'ଦ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ'ରେ ଗ୍ରାହକମାନଙ୍କୁ ଘର ଦିଆଯିବାକୁ କୁହାଯାଇଥିଲା। ହେଲେ ସଂସ୍ଥା ପକ୍ଷରୁ ଆପାର୍ଟମେଣ୍ଟର କାମ ବିଳମ୍ବ କରାଯାଉଛି। ଗ୍ରାହକମାନେ ଘର ପାଇବାକୁ ୨୦୧୨ରୁ ୨୦୧୪ ମସିହା ମଧ୍ୟରେ ସମସ୍ତ ଟଙ୍କା ପୈଠ କରିଥିଲେ। ଏପରିକି ୨୦୧୬ ମସିହା ସୁଦ୍ଧା ଗ୍ରାହକମାନଙ୍କୁ ଘର ଦିଆଯିବ ବୋଲି ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଘର ନ ଦିଆଯିବାରୁ ଗ୍ରାହକମାନେ ଚିନ୍ତାରେ ପଡ଼ିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସଂସ୍ଥାର ନିର୍ଦ୍ଦେଶକ ମୁକ୍ତିକାନ୍ତ ବଡୁ କହିଛନ୍ତି, କୋଭିଡ୍ ସମସ୍ୟା ପାଇଁ ଘର ନିର୍ମାଣ କାମ ବିଳମ୍ବ ହୋଇଛି। ଏହା ଗ୍ରାହକଙ୍କୁ ଅସୁବିଧାରେ ପକାଇଛି। ତେବେ ଆଗାମୀ ୪ ମାସ ଭିତରେ କାମ ସମ୍ପୂର୍ଣ୍ଣ କରାଯାଇ ଗ୍ରାହକମାନଙ୍କୁ ଘର ହସ୍ତାନ୍ତର କରାଯିବ।

### ଏଟିଏମ୍‌ରୁ ୧୬ ଲକ୍ଷ ଚୋରି

କଟକ ସଦର,୯।୫(ଡି.ଏନ୍.ଏ.)

କିଶନ ନଗର ଥାନା ଅନ୍ତର୍ଗତ ଗଡମା ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ୧୬ ଲକ୍ଷ ଟଙ୍କା ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଉକ୍ତ ଏଟିଏମ୍‌କୁ କାଟିବା ପରେ ଟଙ୍କା ନେଇ ପଳାଇ ଯାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। ପୋଲିସ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ତିନି ରଥର ୧୮ ଚକ ନିର୍ମାଣ କାର୍ଯ୍ୟ ଶେଷ



### ରଥଖଳାରୁ ...

ପୁରୀ ଅଫିସ,୯।୫: ଅକ୍ଷୟ ତୃତୀୟାଠାରୁ ବଡ଼ଦାଣ୍ଡ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥଯାତ୍ରା ନିମନ୍ତେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ ପରମ୍ପରା ମୁତାବକ ପବିତ୍ର ଭଉଁରୀ ଦିନ ତିନି ରଥର ଗୋଟିଏ ଲେଖାଏ ଅଖ ସହ ୨ଟି ଚକ ସଂଯୋଗ ହେବାର ବିଧି ରହିଛି। ତେବେ ଆସନ୍ତା ଶୁକ୍ରବାର ପବିତ୍ର ଭଉଁରୀ ତିଥିରେ ବିଧି ମତେ ଚକଡେରା ନୀତି ପାଳିତ ହେବ। ଏଥିପାଇଁ ରଥଖଳା ବେଶ୍ ଚଳଚଞ୍ଚଳ ହୋଇଉଠିଛି। ସୋମବାର ଅଖ ନିର୍ମାଣ ପାଇଁ ତିନିରଥର ଗୋଟିଏ ଗୋଟିଏ ୪୦ଫୁଟିଆ ଅଖ କାଠର ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ତିନିଟି ଅଖର ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରହିଛି। ରଥନିର୍ମାଣର ଷୋଡ଼ଶତମ ଦିନରେ ତିନିରଥର ୧୮ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସୋମବାର ତିନିରଥର ୫ଟି ଲେଖାଏ ମୋଟ ୧୫ଗୋଟି ଚକର ନିର୍ମାଣ ଶେଷ ହେବା ସହ ତିନିରଥର ଗୋଟିଏ ଗୋଟିଏ ଅଖର ଅନୁକୂଳ ପୂଜା ହୋଇଥିଲା। ମଙ୍ଗଳବାର ତିନିରଥର ଆଉ ଗୋଟିଏ ଗୋଟିଏ ଚକ ନିର୍ମାଣ ହୋଇ ମୋଟ ସନ୍ଧ୍ୟା ସୁଦ୍ଧା ୧୮ଟି ଚକର ନିର୍ମାଣ ସରିଛି। ତିନିରଥର ଗୋଟିଏ ଗୋଟିଏ ଅଖର ଦୁଇ ମୁହଁର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୭ମ ଏବଂ ୮ମ ଚକ ନିର୍ମାଣ ପାଇଁ ତୁମ୍ବ ଅରରେ ପଇ ସଂଯୋଗ ହୋଇ ପଇ ପଇର ସଂଯୋଗସ୍ଥଳ କଳଶା କାର୍ଯ୍ୟ ଜାରି ରହିଛି। ସେହିପରି ତିନିରଥର ୯ମ ଚକର ସିଙ୍ଗଡ଼ା ବାଡ଼ିଆ ପୂର୍ବରୁ ତୁମ୍ବରେ ଅର ସଂଯୋଗ କାର୍ଯ୍ୟ ଚାଲୁଛି। ତିନିରଥର ଜୋକା ନିର୍ମାଣ ପାଇଁ ତିନି ରଥ ଚାଳିକୁ ରଥ ଆମୀନ ପ୍ରଥମ ଦଫାରେ ୬ଟି ଲେଖାଁଏ ୧୨ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। ସେଗୁଡ଼ିକର ଚଉପଟ କାର୍ଯ୍ୟ ତିନିରଥ ମହାରଣାମାନେ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପନ୍ଦାରି ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି।

# ୨ଶହରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ସହରର ଅନେକ ସରକାରୀ ଜାଗା ଜବରଦଖଲରେ ଥିବାବେଳେ ଏଥିପାଇଁ ବହୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଭୁବନେଶ୍ୱରକୁ ଜବରଦଖଲମୁକ୍ତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର କଳିଙ୍ଗ ଷ୍ଟୁଡିଓ ଛକରୁ ଶାମପୁର ଗାଁ ପର୍ଯ୍ୟନ୍ତ ବଡ଼ ଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦୋକାନ ଘର ଭଙ୍ଗାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କଳିଙ୍ଗ ଷ୍ଟୁଡିଓ ଛକର ଦୁଇପାର୍ଶ୍ୱ ରାସ୍ତାରେ ଥିବା ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ୭୩ଟି ଆଜବେଷ୍ଟସ ନିର୍ମିତ ଦୋକାନ, ୭୧ଟି ବାଉଁଶ ନିର୍ମିତ ଦୋକାନ, ୨୩ଟି ଫଳ ଦୋକାନ, ୧୮ଟି ଫାଷ୍ଟଫୁଡ ଦୋକାନ, ୨୧ଟି ମାଛ, ମାଂସ ଓ ଚିକେନ ଦୋକାନ, ୧୯ଟି ସମ୍ପ୍ରସାରଣ ଅଂଶ, ୨୩ଟି କ୍ୟାବିନ ଏବଂ ଗୋଟିଏ ନର୍ସରି ଭଙ୍ଗାଯାଇଛି। ଏହାବ୍ୟତୀତ ଶାମପୁର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନଂ. ୫୪ରେ ହୋଇଥିବା ୨ଟି ବେଆଇନ ଦୋକାନକୁ ଭାଙ୍ଗିଦିଆଯାଇଛି। ଉଚ୍ଛେଦ ସମୟରେ ଯେପରି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜେ ସେଥିପାଇଁ ୧ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଯୁଗ୍ମ କମିଶନର (ପ୍ରବର୍ତ୍ତନ) ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ଦାସ, ଭରତପୁର ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




# କୁଶଭଦ୍ରାରେ ଚାପ ଖେଳିଲେ ଶ୍ରୀରାଧାମାଧବ



### ବାଲିଅନ୍ତା ଚନ୍ଦନ ଯାତ୍ରା ଆରମ୍ଭ

ବାଲିଅନ୍ତା,୯।୫(ଡି.ଏନ୍.ଏ.)

ବାଲିଅନ୍ତାର ଆରାଧ୍ୟ ଠାକୁର ଶ୍ରୀନିକୁଞ୍ଜ ବିହାରୀ ଦେବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ ହଂସପାଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ରାଧାମାଧବଙ୍କ ଚଳନ୍ତି ପ୍ରତିମା ଯୋଗଦେଇ କୁଶଭଦ୍ରା ନଦୀରେ ପାରମ୍ପରିକ ରୀତିନୀତିରେ ଚାପ ଖେଳିଛନ୍ତି। ରାତି ୯ଟା ସମୟରେ ଶ୍ରୀରାଧାମାଧବ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ହଂସପାଳ ଗ୍ରାମରୁ ବାହାରି ବାଲିଅନ୍ତା ମେଳଣ ପଡ଼ିଆ ନିକଟ କୁଶଭଦ୍ରା ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ଛାକୁର ଶ୍ରୀରାଧାମାଧବଙ୍କୁ ସଂକୀର୍ତ୍ତନ କରି କୁଶଭଦ୍ରା ନଦୀ କୂଳକୁ ନିଆଯାଇଥିଲା। ଏକ ଡଙ୍ଗାରେ ଠାକୁର ଶ୍ରୀରାଧାମାଧବଙ୍କୁ ବିଜେ କରାଯାଇ ନଦୀ ପାଣିରେ ୭ ଘେରା ଚାପ ଖେଳାଯାଇଥିଲା। ପରେ ନଦୀରେ ନିର୍ମିତ ଚନ୍ଦ ଦ୍ୱୀପଦଣ୍ଡିରେ ଠାକୁରଙ୍କ ବିଗ୍ରହ ରଖାଯାଇ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ପରେ ସେଠାରୁ ଠାକୁରଙ୍କ ଚଳନ୍ତି ବିଗ୍ରହକୁ ଦୋଳବିମାନରେ ଚନ୍ଦନ ଯାତ୍ରା ପଡ଼ିଆ ଅଭିମୁଖେ ନିଆଯାଇ ସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା। ପୂଜକ ଅଲେଖଚନ୍ଦ୍ର ପତି ଠାକୁରଙ୍କ ସମସ୍ତ ନୀତିକୁ ସମ୍ପନ୍ନ କରିଥିଲେ।

# ଖରାଛୁଟିରେ ଘାରୁଛି ପାଠପଢ଼ା ଚିନ୍ତା

ଭୁବନେଶ୍ୱର,୯।୫(ବ୍ୟୁରୋ)– ରାଜ୍ୟରେ କିଛିଦିନ ତଳେ ତାପମାତ୍ରାରେ ଅହେତୁକ ବୃଦ୍ଧି କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଘୋଷଣା କରାଯାଇଛି। ମେ ୫ରୁ ଜୁନ୍ ୧୭ ତାରିଖ ଯାଏ ଖରାଛୁଟି ନିର୍ଦ୍ଧାରଣ କରାଯାଇଥିଲା। ତେବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୧ ତାରିଖଠାରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ। ମାତ୍ର ସମାନ ସମୟରେ ପିଲାମାନେ ଘରୋଇ ଟ୍ୟୁଶନ୍ ଓ କୋଚିଂ ସେଣ୍ଟରକୁ ଯାଉଥିବାବେଳେ ବିଦ୍ୟାଳୟ ଖୋଲା ନ ଯିବା ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ବିଶେଷକରି ଅଷ୍ଟମ, ନବମ ଓ ଦଶମଶ୍ରେଣୀର ପିଲାଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ତେଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଖୋଲିବା ପାଇଁ ଅନେକେ ମତ ରଖିଛନ୍ତି।

### ଅନ୍‌ଲାଇନ୍ କ୍ଲାସ୍ ବ୍ୟତୀତ ଶିକ୍ଷକଙ୍କୁ ଫୋନ୍ କରି ପାଠପଢ଼ା ବୁଝୁଛୁ



ବିଦ୍ୟାଳୟରେ ଅନଲାଇନ୍ କ୍ଲାସ କରାଯାଉଛି। ଆବଶ୍ୟକ ହେଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ପାଠପଢ଼ା ବିଷୟରେ ପଚାରି ବୁଝିପାରୁଛୁ। ତେବେ କ୍ଲାସ୍‌ରେ ବସି ପାଠପଢ଼ା ଯେମିତି ହୋଇପାରିବ ତାହା ଅନଲାଇନ୍‌ରେ ହୋଇପାରିବନାହିଁ। ଖରାଛୁଟି ସବୁ ବର୍ଷ ହୁଏ। ଏ ବର୍ଷ ମଧ୍ୟ ହୋଇଛି, ତେଣୁ ସେଥିରେ କୌଣସି ଅସୁବିଧା ନାହିଁ। କିନ୍ତୁ ପ୍ରାୟ ୧୫ଦିନ ଅଧିକ ଛୁଟି ହେଇଯାଉଛି। ତେଣୁ ଆଗକୁ ଯଦି ଖରା କମେ ତାହାଲେ ସ୍କୁଲ ଖୋଲିଦେବା ଉଚିତ୍।

**– ଶୁଭଲକ୍ଷ୍ମୀ ନନ୍ଦ, ମାଟ୍ରିକ ଛାତ୍ରୀ**

### ଛୁଟି ସରିବାର ୧୫ଦିନ ପୂର୍ବରୁ ବିଦ୍ୟାଳୟ ଖୋଲିବା ଦରକାର

ସମ୍ପ୍ରତି ଖରାଛୁଟି ଯୋଗୁ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିଛି। ଅନ୍ୟପଟେ ରାଜ୍ୟର ଘରୋଇ କୋଚିଂ ସେଣ୍ଟରେ ପାଠପଢ଼ା ଚାଲିଛି। ବିଦ୍ୟାଳୟ ଯିବା ସମୟରେ ପିଲାମାନେ କୋଚିଂ ସେଣ୍ଟରକୁ ଯାଉଛନ୍ତି। ସେହିପରି ଅନେକ ଘରୋଇ ବିଦ୍ୟାଳୟରେ ସମର କ୍ୟାମ୍ପ୍ ଜାରି ରହିଛି। ତେଣୁ ଉକ୍ତ ସମୟରେ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ା ଜାରି ରହିବା ଦରକାର। ୧୫ଦିନ ପୂର୍ବରୁ ଛୁଟି ଘୋଷଣା କରାଯାଇଛି। ଛୁଟି ସରିବାର ୧୫ଦିନ ପୂର୍ବରୁ ବିଦ୍ୟାଳୟ ଖୋଲିବା ଦରକାର। ବିଶେଷକରି ୮ମରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଗଣିତ, ବିଜ୍ଞାନ ଓ ଇଂଲିଶରେ ଦୁର୍ବଳ ଥିବାରୁ ବିଦ୍ୟାଳୟ ଖୋଲାଯିବା ଆବଶ୍ୟକ।



**–ଅହଲ୍ୟା ନନ୍ଦ, ଅଭିଭାବକ**

### ଗ୍ରୀଷ୍ମପ୍ରବାହ ସମୟରେ ଘରୋଇ ଅନୁଷ୍ଠାନ ଖୋଲାଯିବା ଗ୍ରହଣୀୟ ନୁହେଁ

ବିଦ୍ୟାଳୟରେ ଖରାଛୁଟି ହେବା କୌଣସି ବଡ଼ କଥା ନୁହେଁ। ପ୍ରତିବର୍ଷ ହୁଏ ଏବଂ ହେବା ଦରକାର ମଧ୍ୟ। ମାତ୍ର ଗ୍ରୀଷ୍ମପ୍ରବାହ ସମୟରେ କୋଚିଂ ସେଣ୍ଟର ସହ ଅନ୍ୟାନ୍ୟ ବେସରକାରୀ ଅନୁଷ୍ଠାନ ଖୋଲାଯିବା ଗ୍ରହଣୀୟ ନୁହେଁ। ଜୁନ୍ ୧ ସୁଦ୍ଧା ବିଦ୍ୟାଳୟ ଖୋଲିଦେବା ଉଚିତ। ସେହିପରି ସ୍କୁଲ ଖୋଲିବା ପୂର୍ବରୁ ବର୍ଷାଜନିତ ସମସ୍ୟାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଜାଗ ହୋଇଯିବା ଦରକାର। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ସମୟରେ ଯେଉଁସବୁ ବଡ଼ ବଡ଼ ବେସରକାରୀ ଅନୁଷ୍ଠାନ ପିଲାଙ୍କୁ ପଢ଼ାଉଛନ୍ତି, ତାହା ବିଷୟରେ ସରକାରଙ୍କ ନିକଟରେ ତଥ୍ୟ ରହିବା ଉଚିତ୍। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେଉଁସବୁ ପଦକ୍ଷେପ ନିଆଯାଇଛି ସମ୍ପୃକ୍ତ ଅନୁଷ୍ଠାନ ଜଣାଇବା ଦରକାର।



**– ପ୍ରସନ୍ନ ବିଶୋୟୀ, ସହଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ।**

### ପିଲାଙ୍କ ପାଇଁ ଶିକ୍ଷା ଭଳି ସ୍ୱାସ୍ଥ୍ୟଗତ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ



ପିଲାଙ୍କ ପାଇଁ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ, ସ୍ୱାସ୍ଥ୍ୟଗତ ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ କିଛିଦିନ ତାପମାତ୍ରା କମିବା ପରେ ପୁଣି ପ୍ରବଳ ଖରା ହେଉଛି। ଏଭଳି ସ୍ଥିତିରେ ପିଲାମାନେ ବିଦ୍ୟାଳୟ ଯିବା ଆସିବା କରିବା ସୁରକ୍ଷିତ ନୁହେଁ। ପିଲାଙ୍କ ପାଠପଢ଼ାରେ କୌଣସି ବ୍ୟାଘାତ ନ ହେବା ପାଇଁ ଅନଲାଇନ୍ କ୍ଲାସ୍ କରାଯାଉଛି। ଯେତେବେଳେ ଯେଉଁ ବିଷୟରେ ସମସ୍ୟା ହେଉଛି, ପିଲାମାନେ ପଚାରି ବୁଝୁଛନ୍ତି। ପିଲାମାନେ ବିଦ୍ୟାଳୟକୁ ଆସିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଢ଼ିପାରନ୍ତି, କିନ୍ତୁ ଛୁଟିରେ ଯେକୌଣସି ସମୟରେ ହେଲ୍ପଲାଇନ ନମ୍ବରରେ ଫୋନ୍ କରି ପାଠ ବୁଝିପାରୁଛନ୍ତି। ତେଣୁ ଛାତ୍ରୀଛାତ୍ର ବା ଅଭିଭାବକ ବ୍ୟସ୍ତ ହେବା ଉଚିତ୍ ନୁହେଁ।

**–ସୁରେଶ କୁମାର ପଣ୍ଡା, ଶିକ୍ଷକ**

# କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠପଢ଼ିବା ପ୍ରସଙ୍ଗ**

- ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ମାଗିଲା ଏନ୍‌ସିଆଇଏସ୍‌ଏମ୍
- ୫ ଜଣ ପରିବର୍ତ୍ତେ ୭ ଲେଖାଇଛନ୍ତି ନାମ
- ଗୋଟିଏ ଚିଠିରେ ୨ଟି ଡାଏରି ନମ୍ବର

**ଖୋର୍ଦ୍ଧା ଅଫିସ,୯।୫**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଏନ୍‌ଇଇଟିରେ କେତେଜଣ ଛାତ୍ରୀଛାତ୍ର ଡାକ୍ତରୀ ପାଠ ପଢୁଛନ୍ତି। ୨୦୨୦-୨୧ ବ୍ୟାଚରେ ବିନା ଏନ୍‌ଇଇଟିରେ ଦୁଇଜଣ ପାଠ ପଢୁଥିବା ବେଳେ ୨୦୧୬ରେ ଜଣେ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ୨୦୧୭ରେ ଦୁଇଜଣ ଛାତ୍ରୀଛାତ୍ର ପାଠପଢ଼ା ପରେ ହାଉସ ସର୍ଜନ ଭାବେ କାର୍ଯ୍ୟରତ ଅଛନ୍ତି। ଏନେଇ ଗତ ୧ ତାରିଖରେ 'ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଘଟଣାକୁ ରାଜ୍ୟ ଆୟୁଷ ବିଭାଗ ଗୁରୁତ୍ୱର ସହିତ ନେଇଛନ୍ତି। ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

୨୦୨୦-୨୧ବ୍ୟାଚରେ ଦୁଇଜଣ ଛାତ୍ରୀଛାତ୍ର ବିନା ଏନ୍‌ଇଇଟିରେ ପାଠ ପଢୁଥିବା ନେଇ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ କରିଛି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ। ମନ୍ତ୍ରଣାଳୟ କମ୍ପିଟେଣ୍ଟ ଅଥୋରିଟି ପକ୍ଷରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବକ୍ରମେ ଏହି ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ଡିସେମ୍ବର ୧୪ରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ୍ ମେଡିସିନ (ଏନ୍‌ସିଆଇଏସ୍‌ଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିଆଇଏସ୍‌ଏମ୍ ଏପ୍ରିଲ ୧୩ରେ ଏ ସଂକ୍ରାନ୍ତରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଚିଠି ପାଇବାର ୨ ସପ୍ତାହ ମଧ୍ୟରେ ଏହାର ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏନ୍‌ସିଆଇଏସ୍‌ଏମ୍ ପକ୍ଷରୁ ଚିଠି ପାଇବା ପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଚିଠି ନଂ.୭୦୨୩/୨୬।୪।୨୩ ପ୍ରକାରେ ଗୋପବନ୍ଧୁ ଆୟୁର୍ବେଦ କଲେଜକୁ ଚିଠି ପାଇବାର ସପ୍ତାହକ ମଧ୍ୟରେ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ୨୦୨୦ ବ୍ୟାଚରେ ଆୟୁଷ ବିଭାଗ ପକ୍ଷରୁ ଆସିଥିବା ଏକ ଚିଠିକୁ ନକଲ କରାଯାଇ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ଟ୍ରାନ୍ସଫର କେସ୍‌ରେ ନାମଲେଖା ସୁଯୋଗ ଦିଆଯାଇଥିବା ଜଣାପଡ଼ିଛି। ତେବେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍(ଟ୍ରାନ୍ସଫର ବେସିସ୍) ନାମଲେଖା ପାଇଁ କଲେଜ ଅଧ୍ୟକ୍ଷଙ୍କ ଚିଠି ନଂ .୩୪୧୦/୧୭।୧୨।୨୦୨୧ ପ୍ରକାରେ ତତ୍କାଳୀନ ଆୟୁଷ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ନାମଲେଖା କମିଟିରେ ଆୟୁଷ ନିର୍ଦ୍ଦେଶକଙ୍କ ବ୍ୟତୀତ, ଅତିରିକ୍ତ ଆୟୁଷ ନିର୍ଦ୍ଦେଶକ ଏବଂ ପୁରୀ ସମେତ ବଲାଙ୍ଗୀର ଓ ବ୍ରହ୍ମପୁର କଲେଜ ଅଧ୍ୟକ୍ଷମାନେ ଏହାର ସଦସ୍ୟ ରହିଥିଲେ। ସେହି ସମୟରେ ଏହି କମିଟି ଆବେଦନକାରୀଙ୍କ ମଧ୍ୟରୁ ୫ଜଣଙ୍କୁ ମନୋନୀତ କରିଥିବା ଆୟୁଷ ବିଭାଗ ପକ୍ଷରୁ ଉପରୋକ୍ତ ୩କଲେଜ ଅଧ୍ୟକ୍ଷଙ୍କୁ ଜାରି କରିଥିବା ଚିଠି କ୍ରମାଙ୍କ ୬୦୧/୧୯।୦୧।୨୨ରେ ଦର୍ଶାଇଛନ୍ତି। ଆୟୁଷ ବିଭାଗ ପକ୍ଷରୁ ଆସିଥିବା ଚିଠିକୁ ଗୋପବନ୍ଧୁ ଆୟୁର୍ବେଦ କଲେଜ ଡାଏରୀ ନଂ.୨୭୨/୩।୨।୨୨ ଉଲ୍ଲେଖ କରାଯାଇଛି। ତେବେ କଲେଜ ପକ୍ଷରୁ ଆୟୁଷ ବିଭାଗର ଏକା ଚିଠି ନମ୍ବର(୬୦୧/୧୯।୧।୨୨) ଡାଏରୀ ନମ୍ବର ୨୨୧/୨୮।୧।୨୨ରେ ମନୋନୀତ ୫ଜଣ ବିଦ୍ୟାର୍ଥୀଙ୍କ ପରିବର୍ତ୍ତେ ୭ଜଣଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିବା ଉଲ୍ଲେଖ ରହିଛି। ତେବେ ଆୟୁଷ ବିଭାଗ ପକ୍ଷରୁ ଜାରି ଗୋଟିଏ ଚିଠିରେ ଦୁଇ ପ୍ରକାର ନାମଲେଖା ନୋଟିସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଆୟୁର୍ବେଦ କଲେଜ(ସିଏସି) ବଲାଙ୍ଗୀର ଅଧ୍ୟକ୍ଷ ଡା. ଅରୁଣ କୁମାର ଦାଶ ଏବଂ କେଏଟିଏସ୍ ଆୟୁର୍ବେଦ କଲେଜ ଆଣ୍ଡ ହସ୍ପିଟାଲ ଆଙ୍କୁଶପୁର, ବ୍ରହ୍ମପୁର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ ନାମଲେଖା କମିଟିରେ ସଦସ୍ୟ ରହିଥିଲେ। ତେବେ ଏମାନେ ୫ଜଣଙ୍କ ଜାଗାରେ ଆଉ ଦୁଇଜଣ ବାହାର କଲେଜ ବିଦ୍ୟାର୍ଥୀଙ୍କୁ ସୁଯୋଗ ଦିଆଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟଠାରେ ହୋଇଥିବା ବୈଠକରେ ୫ଜଣଙ୍କୁ ମନୋନୀତ କରାଯାଇଥିଲା। ଯଦି ତା' ପରେ ଆଉ ଦୁଇଜଣଙ୍କୁ ନାମଲେଖାରେ ସୁଯୋଗ ଦିଆଯାଇଛି, ସେଥିରେ ଆମର କୌଣସି ସମ୍ପୃକ୍ତି ନାହିଁ। ଆବଶ୍ୟକ ପଡିଲେ କଲେଜକୁ ଆସିଥିବା ନୋଟିସ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରାଯିବ ବୋଲି ଉଭୟ କହିଛନ୍ତି।

ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍‌ରେ ନାମଲେଖା ଲାଗି ୧୨ଜଣ ଆବେଦନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ନାମଲେଖାର ସୁଯୋଗ ପାଇଥିବା ୨ବିଦ୍ୟାର୍ଥୀ (ବିନା ଏନ୍‌ଇଇଟି ଷ୍ଟୁଡେଣ୍ଟ) ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ ଏଓ୍ୱାଇ ଆଣ୍ଡ ଆର୍‌ଆଇ) ପାଇକମାଲ, ବରଗଡ ଜିଲା ଛାତ୍ରୀଛାତ୍ର ବୋଲି ଆୟୁଷ ବିଭାଗ ଚିଠିରେ ଉଲ୍ଲେଖ ରହିଛି। ଏହି ଦୁଇଜଣ ୨୦୨୦-୨୧ ବ୍ୟାଚରେ ସମ୍ପୃକ୍ତ କଲେଜର ଛାତ୍ର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷା କ୍ଷୀରାବ୍ଧି ତନୟା ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ କୁହନ୍ତି, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଦୁଇଜଣ ଛାତ୍ର ବିନା ଏନ୍‌ଇଇଟିରେ ପାଠ ପଢୁଥିବା ନେଇ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଆସିଛି। ୨୦୧୬ ଏବଂ ୨୦୧୭ମଧ୍ୟରେ ସମାନ ଢଙ୍ଗରେ ୩ ଜଣଙ୍କୁ ସୁଯୋଗ ଦିଆଯାଇଥିବା ନେଇ ଅଭିଯୋଗ ହସ୍ତଗତ ହୋଇଛି। ଉଭୟ ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ସହ ସବିଶେଷ ତଥ୍ୟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦିଆଯାଇଛି।

**ସଂକ୍ଷେପରେ**

## ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି ଘଟଣା: ଡ୍ରାଇଭରଙ୍କ ସମେତ ୨ ଗିରଫ

ଭୁବନେଶ୍ୱର(ବ୍ୟୁରୋ)୯।୫: ଚନ୍ଦକା ଥାନା ଅନ୍ତର୍ଗତ ବର୍ମା ଲଜିଷ୍ଟିକ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ଏକ ବ୍ୟାଟେରି ଭର୍ତ୍ତି ଗାଡ଼ି ଚୋରି କରିବା ମାମଲାରେ ମଙ୍ଗଳବାର ପୋଲିସ ଉକ୍ତ ସଂସ୍ଥାର ଜଣେ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ଗୋପାଳପୁରର ପ୍ରବୀର କୁମାର ହାତୀ (୨୯) ଓ ତାଙ୍କ ସହଯୋଗୀ ନନ୍ଦନକାନନ ଥାନା ଅଞ୍ଚଳର ଲକ୍ଷ୍ମୀଧର ରାଉତ ଓରଫ ଉତ୍ତମ (୨୯)। ପୋଲିସ ଉଭୟଙ୍କଠାରୁ ସମସ୍ତ ଚୋରି ବ୍ୟାଟେରି ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମେ ୩ ତାରିଖ ବିଳମ୍ବିତ ରାତିରେ ଉକ୍ତ ସଂସ୍ଥାରେ ଜଣେ ଡ୍ରାଇଭର ବ୍ୟାଟେରି ଭର୍ତ୍ତି ଗାଡ଼ିକୁ ରଖି ସୁରକ୍ଷାକର୍ମୀଙ୍କୁ ଚାବି ଦେଇଥିଲେ। ସେହି ରାତିରେ ପ୍ରବଳ ବର୍ଷାର ସୁଯୋଗ ନେଇ ସଂସ୍ଥାର ଡ୍ରାଇଭର ପ୍ରବୀର ଚୋରି କରିବାକୁ ଯୋଜନା କରିଥିଲେ। ପ୍ରବୀର ତାଙ୍କ ସହଯୋଗୀ ଉତ୍ତମଙ୍କ ସହ ଗାଡ଼ିର ଜିବିଏସ୍ କାଟି ତାହାକୁ ଚୋରି କରି ନେଇଯାଇଥିଲେ। ପରେ ବ୍ୟାଟେରିଗୁଡ଼ିକୁ ଗୋପାଳପୁରସ୍ଥିତ ଭଡ଼ାଘରେ ରଖି ଗାଡ଼ିକୁ ମଙ୍ଗୁଳିସ୍ଥିତ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଚାଲିଆସିଥିଲେ। ଏ ନେଇ ସଂସ୍ଥାର ମ୍ୟାନେଜର ରଞ୍ଜନ କୁମାର ଶତପଥୀଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଖବର ପାଇ ସେଠାରୁ ଉକ୍ତ ଗାଡ଼ିକୁ ଶନିବାର ଜବତ କରିବା ପରେ ସୋମବାର ବାରଙ୍ଗ ଅଞ୍ଚଳରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

## 'ଦ କେରଳ ଷ୍ଟୋରି'କୁ ସମାଜବାଦୀ ପାର୍ଟିର ବିରୋଧ

ଭୁବନେଶ୍ୱର,୯।୫(ବ୍ୟୁରୋ): ହିନ୍ଦୀ ଚଳଚ୍ଚିତ୍ର 'ଦ କେରଳ ଷ୍ଟୋରି'କୁ କେତେକ ରାଜ୍ୟରେ ଟିକସ ଛାଡ଼ କରାଯାଇଥିବାବେଳେ କେତେକ ରାଜ୍ୟରେ ବ୍ୟାନ କରାଯାଇଛି। ଓଡ଼ିଶାରେ ଉକ୍ତ ଚଳଚ୍ଚିତ୍ର ବ୍ୟାନ କରାଯିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏନେଇ ପାର୍ଟିର ଓଡ଼ିଶା ଶାଖା ସଭାପତି ରବୀନ୍ଦ୍ରନାଥ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚଳଚ୍ଚିତ୍ର କାହାଣୀରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ନ୍ୟୁନ ଦର୍ଶାଯାଇଛି। ଏହା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସୃଷ୍ଟି କରିବ। ତେଣୁ ଓଡ଼ିଶାର ଦର୍ଶକମାନେ ଏଥିରୁ ନିବୃତ୍ତ ରହିବା ପାଇଁ ଏହି ଚଳଚ୍ଚିତ୍ରକୁ ବ୍ୟାନ କରାଯାଉ। ନଚେତ ଏହା ରାଜ୍ୟରେ ଶାନ୍ତି ଓ ଭାଇଚାରାକୁ କ୍ଷୁଣ୍ଣ କରିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି।

## ଡିଜିପି କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

### ମାଓବାଦୀ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିଆସିବାକୁ ଆହ୍ୱାନ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ପୋଲିସ ଡିଜି କ୍ୟାମ୍ପ ଅଫିସରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ଡିଜି ସୁନିଲ ବଂଶଲଙ୍କ ସହିତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇନ ଶୃଙ୍ଖଳା ଏଡିଜି ରାଧାକୃଷ୍ଣ ଶର୍ମା ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଏମ୍.ରାମପୁର ଥାନା ଅନ୍ତର୍ଗତ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପୋଲିସ ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ପୋଲିସ ଡିଜି ବଂଶଲ ଗଣମାଧ୍ୟମକୁ କହିଛନ୍ତି, ମୃତ ୩ଜଣ ମାଓବାଦୀ ସଙ୍ଗଠନର ମୁଖିଆ ଥିବା ଅନୁମାନ କରାଯାଉଛି। ଆହତ ଡିଏସ୍‌ପି ଅତୁଲକ୍ରିଷ୍ଣାଙ୍କ ଚିକିତ୍ସା ଚାଲିଛି। ଏହି ଗୁଳି ବିନିମୟ ଘଟଣାରେ ଅଧିକ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ବିଚାର ରଖି ହିଂସା ଘଟାଉଥିବା ଲୋକେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଡିଜିପି ବଂଶଲ ଆହ୍ୱାନ ଦେଇଛନ୍ତି।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ମଙ୍ଗଳବାର ପ୍ରଥମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଟାଏକୋଣ୍ଡୋ ଛାତ୍ରୀଛାତ୍ର ।

## ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ବାର୍ଷିକୋତ୍ସବ

**ପୁରୀ ଅଫିସ,୯।୫**

ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳ ସମୟରେ ଘୋଡ଼ା ବଜାର ଷ୍ଟେଶନ ରୋଡସ୍ଥିତ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରୁ ଟାଏକୋଣ୍ଡୋ କ୍ରୀଡା ପ୍ରତି ନିଷ୍ଠାପର ହେବା ସହ କ୍ରୀଡା ଜଗତରେ ସୁନାମ ଅର୍ଜନ କରିବାର ଏକ ବାର୍ତ୍ତା ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାଟି ବୁଦ୍ଧ ମନ୍ଦିରଠାରୁ ଟାଏକୋଣ୍ଡୋ ଟ୍ରେନିଂ ହଲ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରେ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚଠାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉତ୍ସବରେ ରାଜ୍ୟ ଆଥଲେଟିକ୍ ସଂଘର କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ବକ୍ସିଂ ଏକାଡେମୀର ସାଧାରଣ ସମ୍ପାଦକ ସୁଦର୍ଶନ ସାହୁ, ରାଜ୍ୟ ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ରାଜ୍ୟ ଟାଏକୋଣ୍ଡୋ ସଂଘ କୋଷାଧ୍ୟକ୍ଷ ବ୍ୟୋମକେଶ ଅଭିଲାଷ ପ୍ରସାଦ, ପୁରୀ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଧବଳେଶ ମହାପାତ୍ର ଓ କ୍ରୀଡା ପ୍ରେମୀ ସନ୍ତୋଷ ଚନ୍ଦୁକା ତଥା ଭାରତୀ ନାୟକ ପ୍ରମୁଖ ସମ୍ମାନ ଅତିଥି ରୂପେ ଉତ୍ସବରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ଷଡଙ୍ଗୀ ଏହି କ୍ରୀଡାକୁ ପ୍ରସାର ଓ ବିକାଶ କରିବା ମାର୍ଗରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ଜିଲାର ବିଭିନ୍ନ ଗଣମାଧ୍ୟମର ଖବରଦାତା, ଜିଲାର ସମସ୍ତ ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ, ଜିଲାର ଜାତୀୟ ରେଫରି, ପୁରୀ ଜିଲାର ଟାଏକୋଣ୍ଡୋ କ୍ରୀଡ଼ାରେ ଜାତୀୟ ସ୍ତରରେ ପଦକ ବିଜେତା ଓ ବହୁ ମାନ୍ୟଗଣ୍ୟ ଓ କ୍ରୀଡା ପ୍ରେମୀମାନଙ୍କୁ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଅଂଶୁଘାତରେ ବାରଶିଘାଂ ଅସୁସ୍ଥ

**ବାରଙ୍ଗ,୯।୫(ଡି.ଏନ୍.ଏ.)**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ଏକ ୧୨ବର୍ଷର ମାଇ ବାରଶିଘାଂ ଅଂଶୁଘାତରେ ଅସୁସ୍ଥ ହୋଇଛି। ପ୍ରାଣୀ ଉଦ୍ୟାନର ୪୮ ନମ୍ବର ଏନକ୍ଲୋଜରରେ ରହୁଥିବା ଏହି ମାଇ ବାରାଶିଘାଂ ମଧ୍ୟାହ୍ନ ସମୟରେ ଚଲାବୁଲା କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀମାନେ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ସେଠାରେ ପହଞ୍ଚି ଅସୁସ୍ଥ ବାରଶିଘାଂକୁ ଏନକ୍ଲୋଜରର ଏକ ସ୍ୱତନ୍ତ୍ର ସ୍ଥାନରେ ରଖି ଜରୁରିକାଳୀନ ଚିକିତ୍ସା ଆରମ୍ଭ କରିଥିବା ନନ୍ଦନକାନନର ଅଧିକାରୀ କହିଛନ୍ତି। ଏବେ ନନ୍ଦନକାନନରେ ୧୫ଟି ବାରଶିଘାଂ ଅଛନ୍ତି।

## ଜିଲାସ୍ତରୀୟ ଯୁବ ଉତ୍ସବ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୯।୫**

ପୁରୀ ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଯୁବ ବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ ଉନ୍ମେଷ ପାଇଁ ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଅଧିକରୁ ଅଧିକ ଯୁବବର୍ଗଙ୍କୁ ଏଥିରେ ସାମିଲ ପାଇଁ ପରାମର୍ଶ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଷୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ମାସ ୩୦ ତାରିଖରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେକ ୧୫ରୁ ୨୯ ବର୍ଷ ବୟସର ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ଫଟୋଗ୍ରାଫି, ବକ୍ତୃତା ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଅପରାହ୍ନରେ ଯୁବ ଉତ୍ସବ ଭାରତ ୨୦୪୭ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରତିଯୋଗିତା ସମ୍ପର୍କରେ ନେହେରୁ ଯୁବ କେନ୍ଦ୍ର ସଂଯୋଜକଙ୍କୁ ୭୦୦୮୭୩୫୫୬୩ ରେ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି। ଏହି ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସଦସ୍ୟ ବିଶ୍ୱନାଥ ମିଶ୍ର, ତ୍ରିଲୋଚନ ମହାନ୍ତି, ବିଦ୍ୟାଧର ମିଶ୍ର, ଅରୁଣ ଭଟ୍ଟାଚାର୍ଯ୍ୟ, ପ୍ରତ୍ୟୁଷ ସାମଲ ପ୍ରମୁଖ ସାମିଲଥିଲେ।

## ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବିପିନଙ୍କୁ ସମ୍ବର୍ଦ୍ଧନା

**ଜଟଣୀ,୯।୫(ଡି.ଏନ୍.ଏ.):**

ଭାଷା ସୁରକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଟଣୀ ପୌରାଞ୍ଚଳ ଅଧୀନ ବିକାଶ ନଗରସ୍ଥିତ ବିପିନ ବିହାରୀ ପାଠାଗାର ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆମରି ସତ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର, ଶିକ୍ଷାବିତ୍ ଜବାହାରଲାଲା ସୁବୁଦ୍ଧି, ରୋଟାରିଆନ ଆଦିନାରାୟଣ ଖଣ୍ଡୁଆଳ, ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଶିକ୍ଷା ମଣିଷର ତୃତୀୟ ନୟନ

**କଣାସ ଉଚ୍ଚ ବିଦ୍ୟାଳୟର ଜୁବ୍‌ଲି ଉତ୍ସବ ଉଦ୍‌ଯାପନ**

**କଣାସ,୯।୫(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକର ସର୍ବପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନ ଧରି ଚାଲିଥିବା ଜୁବ୍‌ଲି ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଶିକ୍ଷା ହେଉଛି ମଣିଷର ତୃତୀୟ ନୟନ ଓ ପ୍ରତ୍ୟେକ ମାତାପିତା ନିଜ ପିଲାଙ୍କୁ ଶିକ୍ଷାଦାନ ଦିଗରେ ଅଧିକ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ସଭାରେ ଆଲୁମ୍‌ନି ଟ୍ରଷ୍ଟର ସଭାପତି ମହେଶ୍ୱର ମାର୍ଥା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶଶାଙ୍କ ଚୂଡ଼ାମଣି, ପୁରୀ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ, କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ଆଲୁମ୍‌ନି ଟ୍ରଷ୍ଟ ସମ୍ପାଦକ ମହେନ୍ଦ୍ର ରଣସିଂ ଅତିଥି ଭାବେ ଯୋଗଦେଇ କଣାସରେ ଶିକ୍ଷାର ପ୍ରଗତି ଦିଗରେ ଆଲୁମ୍‌ନି ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ଅତିଥିମାନେ କହିଥିଲେ। ମହନ୍ତ ଦାସ ମହାରାଜ ଶିକ୍ଷାର ବିକାଶ ଦିଗରେ ମଠର ସମସ୍ତ ସମ୍ପତ୍ତି ଦାନ କରିଦେବେ ବୋଲି ଡ. ସାମନ୍ତଙ୍କୁ କହିଥିଲେ। ବିଦ୍ୟାଳୟରେ ଅଭାବ ଥିବା ଶ୍ରେଣୀଗୃହ, ପାଠାଗାର ଓ ଅନ୍ୟାନ୍ୟ କାର୍ଯ୍ୟ ପୂରଣ ଦିଗରେ ଜିଲା ଶିକ୍ଷାଧିକାରୀ ଘୋଷ ପୂର୍ଣ୍ଣ ସହଯୋଗ କରିବେ ବୋଲି ସଭାରେ କହିଥିଲେ। କଣାସ ଅଞ୍ଚଳର ପୂର୍ବ ଐତିହ୍ୟ ପରମ୍ପରା ସମ୍ପର୍କରେ ପ୍ରଫେସର ଚୂଡ଼ାମଣି ସୂଚନା ଦେଇଥିବାବେଳେ ପୌରାଣିକ କାଳରେ ଚାଲିଥିବା ଗୁରୁକୁଳ ଆଶ୍ରମ ଶିକ୍ଷାଦାନ ବର୍ତ୍ତମାନ ସମୟରେ ନ ଥିବା ନେଇ ମହନ୍ତ ଦାସ ମହାରାଜ ଉଦ୍‌ବେଗ ପ୍ରକାଶ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବାବେଳେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଣାସ ଉଚ୍ଚ ବିଦ୍ୟାଳୟ ଜୁବ୍‌ଲିର ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ୧୦୦ ବର୍ଷ ତଳରୁ ଆରମ୍ଭ ହୋଇଥିଲା ଟାହିଆ ସେବା

**ଶ୍ରୀମଦନମୋହନଙ୍କ ଦର୍ଶନରେ ବିମୋହିତ ହୋଇ ଟାହିଆ ପ୍ରସ୍ତୁତି କରିଥିଲେ କେନ୍ଦୁଝର ରାଣୀ**

**ପୁରୀ ଅଫିସ,୯।୫**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ମାସରେ ତେରଯାତ୍ରା ଓ ଅନେକ ଉପଯାତ୍ରା ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଏହି ଯାତ୍ରାଗୁଡ଼ିକ ମଧ୍ୟରେ ଅନେକ ଆଭୂଷଣ ପରିଧାନ କରିଥାନ୍ତି। ସେହି ଆଭୂଷଣ ମଧ୍ୟରେ ଟାହିଆ ଅନ୍ୟତମ। ମହାପ୍ରଭୁ ସ୍ନାନଯାତ୍ରା ଏବଂ ଘୋଷଯାତ୍ରାରେ ଟାହିଆ ଲାଗିହୋଇ ପହଣ୍ଡି ହୋଇଥାନ୍ତି। ସେହଭଳି ଚନ୍ଦନଯାତ୍ରା ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଧ୍ୟ ସୁସଜ୍ଜିତ ଟାହିଆ ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ୨୧ ଦିନ ଧରି ଅନୁଷ୍ଠିତ ହେଉଥିବା ବହାର ଚନ୍ଦନଯାତ୍ରାରେ ଅନୁରୂପ ଭାବେ ଟାହିଆ ଲଗାଇଥାନ୍ତି। ପଣସପତ୍ର ବାଉଁଶ କାଠି, ବିଭିନ୍ନ ସୁଗନ୍ଧିତ ଫୁଲରେ ଏହି ଟାହିଆ ତିଆରି ହୋଇଥାଏ। ଏହି ଟାହିଆ ସେବା ଶ୍ରୀମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇ ନ ଥାଏ। ବରଂ କେତେଜଣ ଭକ୍ତ ଏହି ଟାହିଆକୁ ନିର୍ମାଣ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି।

ଲୋକକଥା ଅନୁଯାୟୀ, ଏହି ଟାହିଆ ସେବା ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି ଜଣାପଡେ। ଏହି ସେବାକୁ କେନ୍ଦୁଝର ରାଣୀ ପୁରୀରେ ରହୁଥିବା ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ଦର୍ଶନରେ ବିମୋହିତ ହୋଇ ତାଙ୍କୁ ସୁବାସିତ ଟାହିଆ ପ୍ରଦାନ ଲାଗି କରିବା ପାଇଁ ଆଗ୍ରହୀ ହୋଇଥିଲେ। ପରେ ତତ୍କାଳୀନ ଗଜପତିଙ୍କ ଅନୁମତିକ୍ରମେ କେତେଜଣ ମାତାଙ୍କୁ ପାଖରେ ରଖି ଶ୍ରୀମଦନ ମୋହନଙ୍କ ନିମନ୍ତେ ଟାହିଆ ପ୍ରସ୍ତୁତ କରିଥିଲେ। କାଳକ୍ରମେ ରାଣୀଙ୍କ ଦେହାନ୍ତ ପରେ ଯେଉଁମାନେ ଏହି ସେବା କରୁଥିଲେ, ସେମାନଙ୍କ ମଧ୍ୟରୁ ବଙ୍ଗୀୟ ସନ୍ଥ ଶ୍ରୀଜଗନ୍ନାଥ ବଲ୍ଲଭ ନିବାସୀ ଆଦିନନ୍ଦ ଦାସଜୀ ମହାରାଜ ଏହି ସେବାକୁ ଜାରି ରଖିବା ପାଇଁ ଚେଷ୍ଟା କରି ଦଇତାପଡା ସାହିର ନବକିଶୋର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରି ଟାହିଆ ତିଆରି ହେଉଥିବା ଛାଞ୍ଚକୁ ଆଣି ଟାହିଆ ପ୍ରସ୍ତୁତ କରିଥିଲେ। ସନ୍ଥଙ୍କ ଦେହାନ୍ତ ପରେ ନବକିଶୋରଙ୍କ ପରିବାର ଟାହିଆ ନିର୍ମାଣ କରିଆସୁଥିଲେ। ପରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଅବଧୂତ ପଟ୍ଟନାୟକ ଟାହିଆ ସେବା କରିଥିଲେ। ତେବେ ତାଙ୍କ ଦେହ ଅସୁସ୍ଥ ହେବା ପରେ ଗତ କିଛି ବର୍ଷଠାରୁ ଦଇତା ପଡାସାହି ସ୍ଥିତ ସାନମଠ ପରିସରରେ ଟାହିଆ କାର୍ଯ୍ୟ ହେଉଛି।

ମଠର ମହନ୍ତ ଡ. ବୈଷ୍ଣବ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାହିଆ ନିର୍ମାଣ ହେଉଛି। ଏହି ଟାହିଆ ସେବାରେ ପ୍ରାୟ ୨୦ରୁ ୨୫ଜଣ ଶ୍ରୀ ଜଗନ୍ନାଥ ପ୍ରେମୀ ସେବା କରୁଛନ୍ତି। ଟାହିଆ ନିର୍ମାଣ କରିବାକୁ ପ୍ରାୟ ୭ ଘଣ୍ଟା ସମୟ ଲାଗିଥାଏ। ପ୍ରତ୍ୟହ ସକାଳୁ ଟାହିଆ ନିର୍ମାଣରେ ନିୟୋଜିତ ଥିବା ଭକ୍ତମାନେ ଯାଇ ଜୁଇଳ ଯାଇ, ହେନା, ମଲ୍ଲୀ, ବଉଳଫୁଲ, ରଙ୍ଗଣୀ, ଦୟଣା, ମରୁଆ ହେନା, ପଣସପତ୍ର, ବାଉଁଶ, ଚମ୍ପା ଏବଂ ଟଗର ସମେତ ସୁଗନ୍ଧିତ ଫୁଲ ସଂଗ୍ରହ କରିଥାନ୍ତି। ପରେ ଶୁଦ୍ଧପୁତ ଭାବେ ଭକ୍ତମାନେ ଟାହିଆ ନିର୍ମାଣ କରିଥାନ୍ତି। ଶ୍ରୀ ମଦନ ମୋହନଙ୍କ ନିମନ୍ତେ ଟାହିଆ ନିର୍ମାଣ ହେଉଥିବା ବେଳେ ଶ୍ରୀଦେବୀ ଓ ଭୂଦେବୀଙ୍କ ପାଇଁ ମଥା ମଣି, ରାମ କୃଷ୍ଣଙ୍କ ପାଇଁ ମୁକୁଟ ଏବଂ ପଞ୍ଚ ମହାଦେବଙ୍କ ନିମନ୍ତେ ୫ଟି ମାଳ ପ୍ରଦାନ କରାଯାଉଛି। ସେହିପରି ରୁକ୍ମଣୀ ବିବାହ ଅବସରରେ ଶ୍ରୀମଦନ ମୋହନ ଏବଂ ରୁକ୍ମଣୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଟାହିଆ ନିର୍ମାଣ କାରାଯାଏ ବୋଲି ମହନ୍ତ ଡ.ଦାସ ସୂଚନା ଦେଇଛନ୍ତି। ଦ୍ ଟାହିଆ ନିର୍ମାଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଖୋରାକି ମିଳି ନଥାଏ। ବାହାର ଚନ୍ଦନ ଯାତ୍ରା ସମୟରେ ଶ୍ରୀମଦନମୋହନ ଲଗାଉଥିବା ଟାହିଆ ମହାପ୍ରଭୁଙ୍କ ସ୍ୱତ୍ୱଲିପି ବା ନୈତ୍ୟ ସେବାରେ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ନିତ୍ୟ ସେବାରେ ଲିପିବଦ୍ଧ କରିବା ପାଇଁ ମହାନ୍ତ ମହାରାଜ ଅନୁରୋଧ କରିଛନ୍ତି।



ଦଇତାପଡାସାହି ସାନମଠ ପକ୍ଷରୁ ଟାହିଆ ପ୍ରସ୍ତୁତ କରାଯାଉଛି ।

# ଗେହଲଟ୍‌ଙ୍କ ନେତା ସୋନିଆ ନା ବସୁନ୍ଧରା ରାଜେ

## ପ୍ରଶ୍ନ ଉଠାଇଲେ ସଚିନ ପାଇଲଟ୍



ସଚିନ ପାଇଲଟ୍ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍।

ଜୟପୁର,୯।୫

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଅଭିଯୋଗର କଡ଼ା ଜବାବ ଦେଇଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍। ନିକଟରେ ଢୋଲପୁରରେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଦେଇଥିବା ଭାଷଣରୁ ଲାଗୁଛି ଯେ ତାଙ୍କ ନେତା ସୋନିଆ ଗାନ୍ଧୀ ନୁହନ୍ତି ବରଂ ବସୁନ୍ଧରା ରାଜେ। ଗୋଟିଏ ପଟେ ଭାଜପା ଆମ ସରକାରକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା କୁହାଯାଉଥିବା ବେଳେ ଅନ୍ୟପଟେ ସରକାରକୁ ବସୁନ୍ଧରା ରାଜେ ବଞ୍ଚାଇଥିଲେ ବୋଲି କୁହାଯାଇଛି। ଗେହଲଟ୍ କ'ଣ କହିବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ କରିବା ଉଚିତ। ନିଜର ବିଧାୟକଙ୍କୁ ବିକ୍ରୟ କରିଥିବା ଅଭିଯୋଗ ସେମାନଙ୍କ ପ୍ରତି ଅପମାନ। ଗେହଲଟ୍ ଯେଉଁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ସେହିମାନଙ୍କୁ ବଦନାମ କରୁଛନ୍ତି ବୋଲି ପାଇଲଟ୍ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଢୋଲପୁରରେ ଏକ ସଭାକୁ ସମ୍ବୋଧନ କରି କହିଥିଲେ, ୨୦୨୦ରେ ୩ ଭାଜପା ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ପୂର୍ବତନ ବାଚସ୍ପତି କୈଳାସ ମେଘୱାଲ ଓ ବିଧାୟକ ଶୋଭାରାଣୀ କୁଶୱାହଙ୍କ ଯୋଗୁ ତାଙ୍କ ସରକାର ପତନ ମୁଖରୁ ବର୍ତ୍ତିଯାଇଥିଲା। ବିଦ୍ରୋହୀ କଂଗ୍ରେସ ବିଧାୟକମାନେ ସରକାର ଭାଙ୍ଗିବା ପାଇଁ ସେତେବେଳେ ଭାଜପାଠାରୁ ଟଙ୍କା ନେଇଥିବା ଗେହଲଟ୍ କହିଥିଲେ।

ରାଜ୍ୟରେ ବ୍ୟାପିଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଚିନ କିଛିଦିନ ପୂର୍ବରୁ ଧାରଣାରେ ବସିଥିଲେ। ଏହା ସତ୍ତ୍ୱେ ସରକାର ଦୁର୍ନୀତି ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। ଦୁର୍ନୀତି ଏବଂ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ୧୧ ତାରିଖରୁ ସଚିନ ୫ ଦିନିଆ ଜନସଂଘର୍ଷ ଯାତ୍ରା ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଯାତ୍ରା ୧୨୫ କିଲୋମିଟର ଅତିକ୍ରମ କରିବ। ଆଗକୁ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ ଗେହଲଟ୍ ଓ ଦଳର କେନ୍ଦ୍ରୀୟ ନେତୃତ୍ୱ ଉପରେ ଚାପ ପକାଇବା ଲାଗି ସଚିନ ଏଭଳି ପଦଯାତ୍ରା କରିବାକୁ ଯାଉଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ଚେଷ୍ଟା କରିଥିଲେ ବୋଲି ସଚିନ କହିଛନ୍ତି। ଯଦି ସେ ଏବଂ କଂଗ୍ରେସର କେତେଜଣ ବିଧାୟକ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବାର ପ୍ରମାଣ ଅଛି ତେବେ ମୁଖ୍ୟମନ୍ତ୍ରୀ ତାହାକୁ ସାର୍ବଜନୀନ କରନ୍ତୁ ବୋଲି ସଚିନ ଆହ୍ୱାନ ଦେଇଛନ୍ତି।

# ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ରିପୋର୍ଟ ଦେଲେ କେନ୍ଦ୍ରୀୟ ଟିମ୍

## ସମ୍ବଲପୁର ହିଂସା ଘଟଣା



ଭାଜପା କେନ୍ଦ୍ରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପକ୍ଷରୁ ସମ୍ବଲପୁର ହିଂସା ଘଟଣାର ରିପୋର୍ଟ ନୂଆଦିଲ୍ଲୀଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୯।୫(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସମ୍ବଲପୁର ହିଂସା ସମ୍ପର୍କିତ ନିଜ ରିପୋର୍ଟ ପ୍ରଦାନ କଲା ଦଳ ପକ୍ଷରୁ ଗଠନ କରାଯାଇଥିବା କେନ୍ଦ୍ରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ଭାଜପାର ୩ ଜଣିଆ ଟିମ୍ ମଙ୍ଗଳବାର ନୂଆଦିଲ୍ଲୀଠାରେ ନଡ୍ଡାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିଛନ୍ତି। ଏନେଇ ଟୁଇଟ୍ ଯୋଗେ ଏକ ଭିଡିଓ ଜାରି କରାଯିବା ସହିତ ସୂଚନା ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ପୋଲିସ ଡିଜି ବ୍ରିଜଲାଲଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗତ ମେ ୨ ତାରିଖରେ ସମ୍ବଲପୁର ଗସ୍ତରେ ଯାଇଥିଲେ। ସେମାନେ ହିଂସାଗ୍ରସ୍ତ ସ୍ଥାନ ବୁଲିବା ସହ ମୃତକ ଚନ୍ଦ୍ରମଣି ମିର୍ଦ୍ଧାଙ୍କ ପରିବାରକୁ ଭେଟିବା ପାଇଁ ତାଙ୍କ ଗାଁ ଝାରମୁଣ୍ଡା ଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କ ଘର ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ସେମାନେ ଝୁଝୁମୁରା ବ୍ଲକ୍ ଭବାନୀପାଲି ଗାଁର ଆହତ କାଳିଆ ଶିଖାଙ୍କ ଘରକୁ ଯାଇ କଥା ହୋଇଥିଲେ। ଏହାପରେ ସମ୍ବଲପୁରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଏହି ପ୍ରତିନିଧି ଟିମ୍ ଭେଟିବା ସହିତ ପୋଲିସ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସମ୍ବଲପୁର ହିଂସା ପୂର୍ବ ପ୍ରାୟୋଜିତ ଥିଲା ବୋଲି ବ୍ରିଜଲାଲ ଗଣମାଧ୍ୟମକୁ କହିଥିଲେ। ତେବେ ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଏଥିରେ ଜଣେ ପ୍ରାଣ ହରାଇବା ସହିତ ଅନେକେ ଆହତ ମଧ୍ୟ ହୋଇଥିଲେ। ଏହାପରେ ସମ୍ବଲପୁର ସହରରେ କର୍ଫ୍ୟୁ ଜାରି କରାଯାଇଥିଲା। ଭାଜପା ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଦୋଷ ଦେଇଥିବା ବେଳେ ଭାଜପାର ବହୁ ବରିଷ୍ଠ ନେତା ଆହତଙ୍କୁ ଭେଟିବାକୁ ଯିବାବେଳେ ସେମାନଙ୍କୁ ରାସ୍ତାରେ ପୋଲିସ ଅଟକାଇ ଥାନାକୁ ନେଇଯାଇଥିଲା। ବିଜେଡି କିନ୍ତୁ ଏହି ଘଟଣାରେ ଭାଜପାକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଥିଲା।

# ଝାରସୁଗୁଡ଼ା ଉପନିର୍ବାଚନ: ଜବତ ଶାଢ଼ିକୁ ନେଇ ଚର୍ଚ୍ଚା



ଝାରସୁଗୁଡା କୋଲାବିରାରେ ଜବତ ହୋଇଥିବା ଶାଢ଼ି।

ସମ୍ବଲପୁର,୯।୫(ବ୍ୟୁରୋ): ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ତେବେ ପ୍ରଚାର ଲାଗି କଟକଣା ରହିଥିବା ବେଳେ ମଙ୍ଗଳବାର ସ୍ଥାନୀୟ ନେତାମାନେ ଭିତିରିଆ ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କୋଲାବିରା ବ୍ଲକ ଜମିଦାରପଡାର ଜଣଙ୍କ ଘରୁ ଫ୍ଲାଇଂ ସ୍କ୍ୱାଡ୍ ୪୦୦ ଖଣ୍ଡ ଶାଢ଼ି ଜବତ କରିଛି। ସ୍କ୍ୱାଡ୍‌ର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ କିଣାଯାଇଥିବା ଶାଢ଼ିର ଜିଏସ୍‌ଟି ବିଲ୍ ମେସର୍ସ ସ୍ନେହା ମଲ୍ଟିମିଡ଼ିଆ ନାମରେ ରହିଛି। ଅପରପକ୍ଷେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାଢ଼ି ବାଣ୍ଟିବାକୁ ଅଣାଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ଶାଢ଼ି କିଣିଥିବା ବ୍ୟକ୍ତି ଦୋକାନରେ ବିକ୍ରି କରିବା ପାଇଁ କିଣା ହୋଇଥିବା କହିଛନ୍ତି। ନିର୍ବାଚନ ପରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ଜଣକ କହିଥିଲେ।

ଅନ୍ୟପଟେ ଉପନିର୍ବାଚନ ଲାଗି ଜିଲା ପ୍ରବେଶ ପଥ ଓ ସହରର ବିଭିନ୍ନ ସ୍ଥାନରେ ଯାନବାହନ ଅଟକାଇ କଡ଼ା ଯାଞ୍ଚ କରାଯାଇଥିଲା। ଜିଲା ପୋଲିସ ମୁଖ୍ୟାଳୟରେ ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏସ୍‌ପି ପରମାର ସ୍ମିଥ୍ ସୂଚନା ଦେଇ କହିଛନ୍ତି, ଭୋଟରଙ୍କୁ ସୁରକ୍ଷା ଦେବା ଓ ନିରପେକ୍ଷ ନିର୍ବାଚନ କରାଇବା ଆମର ଲକ୍ଷ୍ୟ।

# ଭଗବାନଙ୍କୁ ଅପମାନିତ କରୁଛି ବଜରଙ୍ଗଦଳ: କଂଗ୍ରେସ

ଭୋପାଳ,୯।୫

ମଧ୍ୟପ୍ରଦେଶ ଝାବୁଆର କଂଗ୍ରେସ ବିଧାୟକ ତଥା ପୂର୍ବତନ ଏମ୍‌ପି ଓ କେନ୍ଦ୍ର ମନ୍ତ୍ରୀ କାନ୍ତିଲାଲ ଭୁରିଆ ମଙ୍ଗଳବାର ବଜରଙ୍ଗ ଦଳକୁ ଟାର୍ଗେଟ କରିଛନ୍ତି। ପୂର୍ବରୁ କଂଗ୍ରେସର ଅନେକ ନେତା ଏହି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇବା ଲାଗି ଦାବି କରିଛନ୍ତି। ତେବେ ଏହିମର୍ମରେ କାନ୍ତିଲାଲ କହିଛନ୍ତି ବଜରଙ୍ଗ ଦଳ ଭଗବାନଙ୍କୁ ବଦନାମ କରୁଛି। ଭଗବାନଙ୍କ ନାମରେ ଏକ ସଂଗଠନ କରି ଦଳ ରାମଙ୍କ ନାମ ଜପ କରିବା ସହିତ ଅନ୍ୟ ଲୋକଙ୍କ ଧନ ଚୋରି କରୁଛି। ଦଳ ନିଜ ପକେଟ ଭରିବା ପାଇଁ କାମ କରୁଛି। ଯେଉଁମାନେ ନକଲି ସେମାନେ ହନୁମାନ ଜୀ ନାମରେ ପେଟ ଭରିବା ପାଇଁ କାମ କରନ୍ତି ଆଉ ସେମାନେ ଦେଶଦ୍ରୋହୀ। ଏଭଳି ନକଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। କଂଗ୍ରେସ ସରକାର ରାଜ୍ୟରେ କ୍ଷମତାକୁ ଆସିଲେ, ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଯଦି କୌଣସି ସଂସ୍ଥା ସ୍ୱଚ୍ଛ ମନରେ କାମ କରନ୍ତି ତାହା ଉତ୍ତମ, କିନ୍ତୁ ବଜରଙ୍ଗ ଦଳର ସଦସ୍ୟମାନେ ଭଗବାନଙ୍କୁ ବଦନାମ କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ଭୁରିଆ କହିଛନ୍ତି।

# '୫ ବର୍ଷ ହେଲା ବସିନି ବୈଠକ'

## ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର,୯।୫(ବ୍ୟୁରୋ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଓଡ଼ିଶା ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ। ଏହି ଘଟଣା ୨୦୧୮ରେ ସରକାରଙ୍କ ନଜରକୁ ଆସିଥିଲା। ସେବେଠାରୁ ଜନସାଧାରଣଙ୍କ ଏକ ବଡ଼ ଦାବି ହେଉଛି, ସରକାର ରତ୍ନଭଣ୍ଡାର ଖୋଲନ୍ତୁ ଏବଂ ଭିତରେ ଥିବା ଅଳଙ୍କାର ସୁରକ୍ଷିତ ଅଛି ନା ନାହିଁ ତାହା ସ୍ପଷ୍ଟ କରନ୍ତୁ। ଏବେ ସୂଚନା ଅଧିକାର ଆଇନ ବଳରେ ରତ୍ନଭଣ୍ଡାର ସମ୍ପର୍କରେ ଯେଉଁ ତଥ୍ୟ ଆସିଛି ତାହା ଯେତିକି ଚିନ୍ତାଜନକ ତା'ଠାରୁ ଅଧିକ ଭୟଙ୍କର। ସୂଚନା ଅଧିକାର ଆଇନ ଆଧାରରେ ଆଇନ ବିଭାଗକୁ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସରକାର କହୁଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ଓ ଖୋଲିବା ନେଇ ଆଇନ ବିଭାଗ ୨୦୧୮ରୁ ଆଜି ପର୍ଯ୍ୟନ୍ତ ସେପରି କୌଣସି ବୈଠକ କରିନାହିଁ। ସରକାର ୫ ବର୍ଷରେ ଗୋଟିଏ ହେଲେ ବୈଠକ ନ କରିପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ଜଗନ୍ନାଥ ବିରୋଧୀ ମାନସିକତାର ପ୍ରତିଫଳନ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୬୦ର ଧାରା ୬ର ଉପଧାରା ୧ ଅନୁସାରେ ରତ୍ନଭଣ୍ଡାରର ଭିତର ଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ହେଉଛନ୍ତି କ୍ଷମତାପ୍ରାପ୍ତ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆଇନ ବିଭାଗ ଅଧୀନରେ ଆସୁଛି। ଶ୍ରୀମନ୍ଦିର ପରିଚାଳନାର ସବୁକିଛି ପାଇଁ ରାଜ୍ୟ କ୍ୟାବିନେଟ, ବିଧାନସଭା, ନ୍ୟାୟାଳୟ ସବୁଠି ଆଇନ ବିଭାଗ ଉତ୍ତରଦାୟୀ। ରତ୍ନଭଣ୍ଡାର ଚାବି ହଜିବା ଘଟଣା ୨୦୧୮ରୁ ଆଜି ପର୍ଯ୍ୟନ୍ତ ଚର୍ଚ୍ଚାରେ ରହି ଆସିଛି ବୋଲି ସେ କହିଛନ୍ତି।

ଫୁର୍‌ସତ୍

# ଅଷ୍ଟ୍ରିଚ୍‌ର ପଞ୍ଝା ଭଳି ଭାଡୋମାଙ୍କ ପାଦ



ଡୋଡୋମା: ବିଶ୍ୱରେ ବିଭିନ୍ନ ପ୍ରକାର ଜନଜାତି ବସବାସ କରିଥାନ୍ତି। ବହୁ ଜନଜାତି ଆମମାନଙ୍କଠାରୁ ଦୂରରେ ରୁହନ୍ତି, ସେଥିପାଇଁ ସେମାନେ ଆମମାନଙ୍କଠାରୁ ସବୁ କ୍ଷେତ୍ରରେ ବହୁତ ପଛରେ ଅଛନ୍ତି। ସେମାନଙ୍କ ଜୀବନଶୈଳୀ ଆମମାନଙ୍କଠାରୁ ବହୁତ ଭିନ୍ନ। ବାହାର ଦୁନିଆରେ କ'ଣ ହେଉଛି, ସେଥିରେ ସେମାନଙ୍କୁ କିଛି ଫରକ ପଡ଼ି ନ ଥାଏ। ଏମିତି ବି ଜନଜାତି ଅଛନ୍ତି, ଯେଉଁମାନେ ତାଙ୍କ ଅଞ୍ଚଳରେ ବାହାର ଲୋକଙ୍କୁ ପ୍ରବେଶ କରିବାକୁ ଦିଅନ୍ତିନି। ଆଉ କିଛି ଅଛନ୍ତି, ଯେଉଁମାନେ ବହୁତ ମେଳାପି। ସେହିପରି ଏକ ଜନଜାତି ହେଉଛନ୍ତି, ଭାଡୋମା ଜନଜାତି। ତାଞ୍ଜାନିଆର ଉତ୍ତରରେ ରହୁଥିବା ଏହି ଜନଜାତି ତାଙ୍କ ପାଦ ପାଇଁ ଚର୍ଚ୍ଚାରେ ରୁହନ୍ତି। ସେମାନଙ୍କ ପାଦ ଦେଖିବାକୁ ଟିକେ ଅଜବ। ଯାହାକୁ ଦେଖିଲେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ। ସେମାନଙ୍କ ପାଦ ଅଷ୍ଟ୍ରିଚ୍‌ର ପଞ୍ଝା ଭଳି ଦେଖାଯାଏ। କେବଳ ଏହି ଜନଜାତିଙ୍କ ପାଦ ଦେଖିବାକୁ ଲୋକ ବହୁ ଦୂରରୁ ଏଠାକୁ ଆସିଥାନ୍ତି। ଆମ ପାଦରେ ୫ଟି ଆଙ୍ଗୁଠି ଥିବାବେଳେ ସେମାନଙ୍କ ପାଦ ଦୁଇ ଭାଗ ହୋଇ ଆଙ୍ଗୁଠି ମୋଡ଼ି ହୋଇଯାଇଛି। ଏଠାରେ ରହୁଥିବା ଲୋକଙ୍କୁ ଅଧିକ ସମୟ ଠିଆ ହୋଇ ରହିବାକୁ ପଡ଼ିଥାଏ। ଏଥିସହ ଏଠାର ଅଞ୍ଚଳ ପାହାଡ଼ରେ ଭର୍ତ୍ତି, ଫଳରେ ସେମାନଙ୍କୁ ଅଧିକାଂଶ ସମୟ ପାହାଡ଼ ଚଢିବାକୁ ପଡ଼ିଥାଏ। ଯେଉଁଥିରେ ତାଙ୍କର ଏପରି ପାଦ ତାଙ୍କୁ ସାହାଯ୍ୟ କରିଥାଏ। କିନ୍ତୁ ଏହି ପାଦ ପାଇଁ ସେମାନଙ୍କୁ କୌଣସି ଅସୁବିଧା ହୋଇ ନ ଥାଏ। ଏଥିସହ ଏମାନଙ୍କ ପରମ୍ପରା ମଧ୍ୟ ବହୁତ ସୁନ୍ଦର। କିଛି ବି କାର୍ଯ୍ୟକ୍ରମ ହେଲେ ସମସ୍ତେ ଏକାଠି ମିଶି ବହୁତ ଖୁସି ବାଣ୍ଟିଥାନ୍ତି।

# ୭.୮ କୋଟି ଟଙ୍କାର ଘର କିଣିଲେ ସାମନ୍ଥା



ମୁମ୍ବାଇ

ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଫେମସ ଅଭିନେତ୍ରୀ ଭାବେ ସାମନ୍ଥା ରୁଥ୍ ପ୍ରଭୁ ବେଶ୍ ଜଣାଶୁଣା। ସେ ତାଙ୍କ ଫିଲ୍ମ କ୍ୟାରିୟର ମଧ୍ୟରେ ବହୁ ବ୍ଲକବୁଷ୍ଟର ମୁଭି ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ ସେ ସ୍ୱାମୀ ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ସହ ଛାଡ଼ପତ୍ର ନେଇଥିବା ଖବରକୁ ନେଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନ ସମୟରେ ମଙ୍ଗଳବାର ସେ ହାଇଦ୍ରାବାଦର ଜୟାଭେରି ଅରେଞ୍ଜ କଣ୍ଟ୍ରି ଅଞ୍ଚଳରେ ଏକ ୩ ବିଏଚ୍‌କେ ଡୁପ୍ଲେକ୍ସ ଆପାର୍ଟମେଣ୍ଟ କିଣି ଚର୍ଚ୍ଚାକୁ ଆସିଛନ୍ତି, ଯାହାର ମୂଲ୍ୟ ୭.୮ କୋଟି ଟଙ୍କା। ରିୟଲ ଇଷ୍ଟେଟ ଡାଟା ଅନୁସାରେ, ସେଠାରେ ସିଆର୍‌ଇ ମାଟ୍ରିକ୍ସ ସହ ୬ ପାର୍କିଂ ସ୍ଲଟ୍ ରହିଛି। ସେହି ଘରଟି ୭୯୪୪ ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ। ଏଥିସହ ଜୁବିଲି ହିଲ୍‌ରେ ଥିବା ଲେଭିସ୍ ହାଉସର ସେ ହେଉଛନ୍ତି ମାଲିକାଣି। ଯେଉଁଠାରେ ସେ ନାଗାଙ୍କ ସହିତ ରହୁଥିଲେ। ବିବାହ ବିଚ୍ଛେଦ ପରେ ଦୁହେଁ ଅଲଗା ରହିବାକୁ ଲାଗିଲେ। ଏହା ପୂର୍ବରୁ ସାମନ୍ଥାଙ୍କ ହାଇଦ୍ରାବାଦରେ ଅନ୍ୟ ଏକ ଘର ରହିଛି, ଯାହାକୁ ସେ ୧୫ କୋଟି ଟଙ୍କାରେ କିଣିଥିଲେ। ଏଥିସହ ତାଙ୍କ ପାଖରେ ବିଏମ୍‌ଡବ୍ଲ୍ୟୁ ୭ ସିରିଜ୍, ଲ୍ୟାଣ୍ଡ ରୋଭର, ରେଞ୍ଜ ରୋଭର, ଭୋଗ ଭଳି ଦାମୀ କାର୍ ରହିଛି।

# ବିନା ପାସ୍‌ପୋର୍ଟରେ ବିଦେଶରେ ପହଞ୍ଚିଲେ



ୱାଶିଂଟନ: ବିଦେଶକୁ ଯାତ୍ରା ସମୟରେ ପାସ୍‌ପୋର୍ଟର ଆବଶ୍ୟକତା ପଡ଼ିଥାଏ। ହେଲେ ନିକଟରେ ଜଣେ ମହିଳା ବିନା ପାସ୍‌ପୋର୍ଟରେ ୧୫୦୦ କି.ମି. ଦୂର ବିଦେଶରେ ପହଞ୍ଚିଯାଇଛନ୍ତି। ଆମେରିକାର ବେଭେର୍ଲି ଏଲିସ ହେବର୍ଡ ନାମକ ମହିଳା ପେନ୍‌ସିଲଭାନିଆର ଫିଲାଡେଲଫିଆ ଏବଂ ଫ୍ଲୋରିଡ଼ାର ଜାକ୍ସନଭିଲେରେ ଥିବା ନିଜର ୨ ଘରକୁ ଯିବାଆସିବା କରିଥାନ୍ତି। ଏହି ୨ ସହରକୁ ଯାଆସ ପାଇଁ କୌଣସି ପାସ୍‌ପୋର୍ଟର ଆବଶ୍ୟକତା ପଡ଼ି ନ ଥାଏ। କିନ୍ତୁ ବେଭେର୍ଲି ଭୁଲ ଫ୍ଲାଇଟରେ ବସିଯିବାରୁ ସେ ଜାମାଇକାରେ ପହଞ୍ଚିଯାଇଥିଲେ। ରିପୋର୍ଟ ମୁତାବକ, ଫିଲାଡେଲଫିଆରୁ ଜାକ୍ସନଭିଲେ ଯିବା ପାଇଁ ବେଭେର୍ଲି ବୋର୍ଡିଂ ଗେଟ୍ ପାଖରେ ପହଞ୍ଚିଥିଲେ। ନିକଟରେ ତାଙ୍କର ପିଠିରେ ସର୍ଜରୀ ହୋଇଥିବାରୁ ତାଙ୍କ ଗତି ମନ୍ଥର ଥିଲା। ସେଠାରେ ସେ ଜଣେ ଷ୍ଟାଫଙ୍କୁ ଫ୍ଲାଇଟ ଟେକ୍‌ଅପ ହେବା ଭିତରେ ସେ ବାଥ୍‌ରୁମ ଯାଇ ଆସିପାରିବେ କି ନାହିଁ ପଚାରିଲେ। ସେଥିପାଇଁ ୨୦ ମିନିଟ୍ ସମୟ ଥିବା ସେ କହିଥିଲେ। ବେଭେର୍ଲି ବାଥ୍‌ରୁମ୍‌ରୁ ଆସି ତୁରନ୍ତ ଫ୍ଲାଇଟ ପାଇଁ ତାଙ୍କ ବୋର୍ଡିଂ ପାସ ଦେଖାଇଲେ। ସେଠାରେ ଚେକ୍ କରୁଥିବା ଏଜେଣ୍ଟ ମଧ୍ୟ ତରବରରେ ତାଙ୍କ ପାସ୍‌କୁ ନ ଦେଖି ତାଙ୍କୁ ଛାଡ଼ି ଦେଇଥିଲେ। ଫ୍ଲାଇଟର ସଦସ୍ୟ ବେଭେର୍ଲିଙ୍କୁ ଖୁବ୍‌ଶୀଘ୍ର ଆମେ ଜମାଇକାରେ ପହଞ୍ଚିବା ବୋଲି କହିଥିଲେ। ଏଥିରେ ବେଭେର୍ଲି ହସିକରି କହିଲେ, ସେ ଜମାଇକା ଯିବାକୁ ଚାହାନ୍ତି, ହେଲେ ତାଙ୍କୁ ବର୍ତ୍ତମାନ ତାଙ୍କ ଘରକୁ ଯିବାକୁ ଅଛି ବୋଲି କହିଥିଲେ। ସେଥିରେ ବେଭେର୍ଲି ଏବଂ ସଦସ୍ୟ ଜଣକ ଜାଣିପାରିଲେ ଯେ ସେ ଭୁଲ ଫ୍ଲାଇଟରେ ବସିଛନ୍ତି। ପ୍ରକୃତରେ ବେଭେର୍ଲି ବାଥରୁମ୍ ଯିବା ସମୟରେ ବୋର୍ଡିଂ ଗେଟ୍ ବଦଳାଯାଇଥିଲା, ଯାହା ଫଳରେ ବେଭେର୍ଲି ଭୁଲ ଫ୍ଲାଇଟ୍‌ରେ ଚଢ଼ିଯାଇଥିଲେ। ପରେ ବେଭେର୍ଲିଙ୍କ ସହିତ ଜଣେ ସଦସ୍ୟ ରହିଲେ। କିଛି ଘଣ୍ଟା ପରେ ତାଙ୍କୁ ନିଜ ଦେଶକୁ ଫେରିବାକୁ ଫ୍ଲାଇଟ ମିଳିଗଲା। ତେବେ ଏୟାରଲାଇନ ପକ୍ଷରୁ ଏପରି ଭୁଲ ସୁଧାରିବାକୁ ଯାଇ ମହିଳାଙ୍କୁ ତାଙ୍କ ଟିକେଟ ଟଙ୍କା ଫେରାଇ ଦିଆଗଲା। ଏଥିସହ ତାଙ୍କୁ ୬୦୦ ଡଲାର ଅର୍ଥାତ୍ ୪୯ ହଜାର ୨୪୫ ଟଙ୍କାର ଫ୍ଲାଇଟ ଭାଉଚର ମଧ୍ୟ ଦିଆଗଲା।

# ୨୭ ବର୍ଷରେ ଦିନେ ହେଲେ ବି ନେଇନାହାନ୍ତି ଛୁଟି



ୱାଶିଂଟନ: ପ୍ରତ୍ୟେକ ମଣିଷକୁ ତା' କାମରୁ ବିରତି ଦରକାର ହୋଇଥାଏ। ଯାହାଫଳରେ ସେ ଛୁଟିଦିନରେ ପରିବାର ସହ ସମୟ ବିତାଇପାରିବେ, ନଚେତ୍ କେଉଁଠାକୁ ବୁଲିବାକୁ ଯାଇପାରିବେ। ହେଲେ ଏଠାରେ ଜଣେ ବ୍ୟକ୍ତି ୨୭ ବର୍ଷ କାମ କରିବା ଭିତରେ ଦିନେ ହେଲେ ବି ଛୁଟି ନେଇ ନ ଥିବା ଜଣାପଡ଼ିଛି। ଫଳରେ ଚାକିରିରୁ ଅବସର ନେବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଏକ ବଡ଼ ପୁରସ୍କାର ଦେଇଛି। ରିପୋର୍ଟ ମୁତାବକ, ବର୍ଗର କିଙ୍ଗ୍ ଶପ୍‌ରେ କାମ କରୁଥିବା ୫୪ ବର୍ଷୀୟ କେଭିନ ଫୋର୍ଡ ଆମେରିକାର ଲସ୍ ଭେଗାସ୍‌ର ବାସିନ୍ଦା। ସେ ତାଙ୍କ ଚାକିରି ଜୀବନର ୨୭ ବର୍ଷ ମଧ୍ୟରେ ଦିନେ ହେଲେ ବି ଛୁଟି ନେଇ ନ ଥିଲେ। ସେଥିପାଇଁ ତାଙ୍କୁ ଲୋକେ ସରପ୍ରାଇଜ୍ ଦେବାକୁ ପ୍ଲାନ୍ କରିଥିଲେ। ଏଥିପାଇଁ ଗୋ ଫଣ୍ଡ ମି ଜରିଆରେ କ୍ୟାମ୍ପେନ କରି କେଭିନ୍‌ଙ୍କ ପାଇଁ ଟଙ୍କା ଯୋଗାଡ଼ କରାଗଲା। କ୍ୟାମ୍ପେନରେ ୩ କୋଟି ୨୬ ଲକ୍ଷରୁ ଅଧିକ ଟଙ୍କା ଯୋଗାଡ଼ ହୋଇପାରିଥିଲା। ଏହି କ୍ୟାମ୍ପେନ ଗତବର୍ଷ ଏକ ଭିଡିଓରୁ ଆରମ୍ଭ ହୋଇଥିଲା, ଯାହା କେଭିନଙ୍କ ଅବସର ସମୟର ଭିଡିଓ ଥିଲା। ସେ ସମୟରେ ସାଥୀମାନେ ତାଙ୍କ ପାଇଁ ଷ୍ଟାରବକ୍ସ ଡ୍ରିଙ୍କ୍ସ, ସ୍ନାକ୍ସ, ମୁଭି ଟିକେଟ, ପେନ୍, ଲାଇଟର ଏପରି କିଛି ଛୋଟ ଛୋଟ ଜିନିଷ ଗିଫ୍ଟ ଆକାରରେ ଦେଇଥିଲେ। ଏହା ଦେଖି ଲୋକେ ତାଙ୍କ ପାଇଁ କିଛି ବଡ଼ ସରପ୍ରାଇଜ୍ ଦେବାକୁ ଚିନ୍ତାକରି ଫଣ୍ଡ ମାଧ୍ୟମରେ ଟଙ୍କା ଯୋଗାଡ଼ କରିବାକୁ ନିଷ୍ପତ୍ତି ନେଲେ। ଫଣ୍ଡ ଜମା କରିବା ଅଭିଯାନ କେଭିନ୍‌ଙ୍କ ପୁଅଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଫଣ୍ଡ ମାଧ୍ୟମରେ ଅବସରପ୍ରାପ୍ତ ଲୋକମାନେ ନିଜ ପରିବାର ସହ ଖୁସିରେ ରହିପାରିବେ। ଫଳରେ ଲୋକେ ଏଥିରେ ଟଙ୍କା ଦେବାକୁ ଲାଗିଲେ। ତେବେ କେଭିନ୍‌ଙ୍କ ପାଇଁ ଏହା ଏକ ବଡ଼ ସ୍ୱପ୍ନ ବୋଲି ସେ କହିଛନ୍ତି।

## ନୀତୀଶ ରାଣାଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା



**ନୂଆଦିଲ୍ଲୀ, ୯।୫ (ପି.ଟି.):** ଇଡେନ୍‌ଗାର୍ଡେନ୍ସରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ନୀତୀଶ ରାଣାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଲିଗ୍ ତରଫରୁ ଏକ ବୟାନରେ କୁହାଯାଇଛି ଯେ, ଆଇପିଏଲର ଆଚାର ସଂହିତା ଅନୁଯାୟୀ ସିଜନରେ କେକେଆରର ପ୍ରଥମ ଅପରାଧ ହୋଇଥିବାରୁ ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ରାଣାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଥିଲା। ସୋମବାର ରାତିରେ କେକେଆର ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ କେକେଆର ୫ ଉଇକେଟରେ ବିଜୟ ଲାଭ କରି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିଛି।

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

## ଦୀପକ, ନିଶାନ୍ତ କ୍ୱାର୍ଟରଫାଇନାଲରେ

**ତାଶକେଣ୍ଟ, ୯।୫ (ପି.ଟି.):** ଭାରତୀୟ ବକ୍ସର ଦୀପକ ଭୋରିଆ (୫୧କେଜି) ଓ ନିଶାନ୍ତ ଦେବ୍ (୭୧କେଜି) ଏଠାରେ ଚାଲିଥିବା ପୁରୁଷ ବିଶ୍ୱବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖି ଦୀପକ ୫୧କେଜି ଶ୍ରେଣୀର ପ୍ରି-କ୍ୱାର୍ଟରରେ ଚାଇନାର ଝାଙ୍ଗ୍ ଜିଆମାଓଙ୍କୁ ୫-୦ରେ ସର୍ବସମ୍ମତି ନିଷ୍ପତ୍ତିରେ ପରାଜିତ କରିଥିଲେ। ନିଶାନ୍ତ ସହଜ ବିଜୟ ହାସଲ କରିଛନ୍ତି। ୭୧କେଜି ଶ୍ରେଣୀ ପ୍ରି-କ୍ୱାର୍ଟର ମୁକାବିଲାରେ ସେ ପାଲେଷ୍ଟାଇନ୍‌ର ଫୋକ୍ୱାହା ନିଦାଲଙ୍କୁ ପ୍ରଥମ ରାଉଣ୍ଡରେ ହିଁ ହରାଇ ଦେଇଥିଲେ। ଏହି ଏକତରଫା ଲଢେଇକୁ ରେଫରି ବନ୍ଦ ରଖିବାକୁ ବାଧ୍ୟ ହୋଇଥିଲେ। ଲଢେଇରେ ନିଶାନ୍ତ ଏଭଳି ପ୍ରାଧାନ୍ୟ ବିସ୍ତାର କରିଥିଲେ ଯେ, ମାତ୍ର ୨ ମିନିଟରେ ସେ ବିଜୟ ଲାଭ କରିନେଇଥିଲେ। ସଚିନ ସିୱାଚ (୫୪କେଜି) ଓ ଆକାଶ ସାଙ୍ଗୱାନ (୬୭କେଜି) ସେମାନଙ୍କ ପ୍ରି-କ୍ୱାର୍ଟର ମୁକାବିଲା ହାରିଯାଇଛନ୍ତି।



# ଗିରୋ ଡି' ଇଟାଲିଆ

ଟୁର୍ ଡି' ଫ୍ରାନ୍ସ ପରେ ଗିରୋ ଡି' ଇଟାଲିଆ ବିଶ୍ୱର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସାଇକେଲ ରେସ୍‌ର ମାନ୍ୟତା ଲାଭ କରିଛି। ୧୯୦୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଇତିମଧ୍ୟରେ ୧୦୬ତମ ସଂସ୍କରଣରେ ପହଞ୍ଚିଛି।

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୦୬ତମ ସଂସ୍କରଣ ଇତିମଧ୍ୟରେ ଆରମ୍ଭ ହୋଇଛି। ତିନି ସପ୍ତାହ ବିଶିଷ୍ଟ ଏହି ଗ୍ରାଣ୍ଡ ଟୁର୍ ସାଇକେଲ ରେସ୍ ଗତ ୬ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ଶୁଭାରମ୍ଭ ଓର୍ଟୋନାଠାରେ ଆରମ୍ଭ ହୋଇଥିଲା। ରୋମ୍‌ଠାରେ ଶେଷ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୧ଟି ଷ୍ଟେଜ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୩ଟି ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ୍ ରହିବ। ଏହାର ୬ଟି ଷ୍ଟେଜ୍ ୨୦୦ କିମିରୁ ଉର୍ଦ୍ଧ୍ୱ ଦୂରତା ବିଶିଷ୍ଟ। ରେସ୍‌ର ଓଭରଅଲ୍ ଦୂରତ୍ୱ ୩,୪୪୮ କିଲୋମିଟର (୨,୧୪୨ ମାଇଲ)। ଏଥର ରେସ୍‌ରେ ୨୨ଟି ଟିମ୍‌ର ମୋଟ ୨୧୮ ସାଇକ୍ଲିଷ୍ଟ ଭାଗ ନେଇଛନ୍ତି।

ପ୍ରତିଯୋଗିତାର ପ୍ରଥମ ଷ୍ଟେଜ୍ ଫୋସାସେସିଆଠାରୁ ଓର୍ଟୋନା ପର୍ଯ୍ୟନ୍ତ ହୋଇଥିଲା। ୧୮.୪ କିଲୋମିଟର ବିଶିଷ୍ଟ ଏହି ରେସ୍ ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ ଅନ୍ତର୍ଗତ ଥିଲା। ଏଥିରେ ବେଲ୍‌ଜିଆନ ସାଇକ୍ଲିଷ୍ଟ ରେମ୍‌କୋ ଇଭେନ ପୋଏଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଇଟାଲୀର ଫିଲିପୋ ଗାନା ଦ୍ୱିତୀୟ ଓ ପର୍ତ୍ତୁଗାଲର ଜୋଆଓ ଆଲ୍‌ମେଡା ତୃତୀୟ ହୋଇଥିଲେ। ଦ୍ୱିତୀୟ ଷ୍ଟେଜ ଟେରାମୋଠାରୁ ଆରମ୍ଭ ହୋଇ ସାନ୍ ସାଲ୍‌ଭୋଠାରେ ଶେଷ ହୋଇଥିଲା। ଏହା ୨୦୪ କିଲୋମିଟର ବିଶିଷ୍ଟ ଏବଂ ଫ୍ଲାଟ୍ ଷ୍ଟେଜ୍ ଥିଲା। ଇଟାଲୀର ଜୋନାଥନ ମିଲାନ ଏହି ଷ୍ଟେଜ୍‌ରେ ପ୍ରଥମ ହୋଇଥିଲେ। ସେ ୪ ଘଣ୍ଟା ୫୫.୧୧ ସେକେଣ୍ଡ ସମୟ ନେଇଥିଲେ। ନେଦରଲାଣ୍ଡସର ଡେଭିଡ ଡେକର ଓ ଅଷ୍ଟ୍ରେଲିଆର କାଡେନ ଗ୍ରୋଭ୍ସ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ଭାଷ୍ଟୋଠାରୁ ମେଲଫି ପର୍ଯ୍ୟନ୍ତ ତୃତୀୟ ଷ୍ଟେଜ ୨୧୦ କିଲୋମିଟର ବିଶିଷ୍ଟ ଥିଲା। ଏହି ଇଣ୍ଟରମିଡିଏଟ୍ ଷ୍ଟେଜ୍‌ରେ ଅଷ୍ଟ୍ରେଲିଆର ମାଇକେଲ ମାଥ୍ୟୁସ ୫ ଘଣ୍ଟା ୧.୪୧ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡେନ୍‌ମାର୍କର ମାଡ୍ସ ପେଡେରେସନ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର କାଡେନ ଗ୍ରୋଭ୍ସ ତୃତୀୟ ସ୍ଥାନରେ ରହିଥିଲେ। ତୃତୀୟ ରାଉଣ୍ଡ ଶେଷସୁଦ୍ଧା ବେଲଜିୟମର ରେମ୍‌କୋ ଇଭେଲପୋଏଲ୍ ଓଭରଅଲ୍ ଅଗ୍ରଣୀ ହାସଲ କରିଛନ୍ତି।



ମାଇକେଲ ମାଥ୍ୟୁସ

## ଇତିହାସ

ଗିରୋ ଡି' ଇଟାଲିଆ ସାଧାରଣତଃ ଟୁର୍ ଡି' ଇଟାଲୀ ଭାବେ ପରିଚିତ। କେବଳ 'ଗିରୋ' ନାମରେ ମଧ୍ୟ ଏହା ବେଶ୍ ଜଣାଶୁଣା। ଟୁର୍ ଡି' ଫ୍ରାନ୍ସ ପରେ ବିଶ୍ୱର ଏହା ଦ୍ୱିତୀୟ ଶ୍ରେଷ୍ଠ ସାଇକ୍ଲିଂ ରେସ୍‌ର ମାନ୍ୟତା ଲାଭ କରୁଛି। ଏହି ରେସ୍ ପ୍ରତିବର୍ଷ ଇଟାଲୀ ଏବଂ ଏହାର ପଡ଼ୋଶୀ ଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଲା ଗେଜେଟା ଡେଲୋ ସ୍ପୋର୍ଟ ଖବରକାଗଜର ବିକ୍ରି ବୃଦ୍ଧି ଲକ୍ଷ୍ୟରେ ୧୯୦୯ରେ ଏହା ପ୍ରଥମଥର ପାଇଁ ଆରମ୍ଭ ହୋଇଥିଲା। ଏବେ ମଧ୍ୟ ରେସ୍‌ରେ ଏହି ଖବରକାଗଜ ମାଲିକଙ୍କ ସହାୟତା ସାମିଲ ରହୁଛି। କେବଳ ଦୁଇଟି ବିଶ୍ୱଯୁଦ୍ଧକୁ ଛାଡ଼ିଦେଲେ ୧୯୦୯ରୁ ପ୍ରତିବର୍ଷ ଏହି ରେସ୍ ଅନୁଷ୍ଠିତ ହୋଇ ଆସୁଛି। ଗିରୋ ହେଉଛି ଏକ ୟୁସିଆଇ (ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ) ୱାର୍ଲ୍ଡ ଟୁର୍ ଇଭେଣ୍ଟ। ତେଣୁ ୟୁସିଆଇ ୱାର୍ଲ୍ଡର ଟିମ୍‌ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଅନ୍ୟ କେତେକ ଦଳକୁ ୱାଇଲ୍ଡ କାର୍ଡ ମାଧ୍ୟମରେ ଏଣ୍ଟ୍ରି ଦିଆଯାଇଥାଏ। ପ୍ରତିଯୋଗିତାର ପ୍ରଥମ ୪୭ଟି ସଂସ୍କରଣ ଇଟାଲୀ ମାଟିରେ ହିଁ ଆରମ୍ଭ ହୋଇଥିଲା। ୧୯୬୫ରେ ଏହା ପ୍ରଥମଥରପାଇଁ ବିଦେଶ ମାଟିରେ ସାନ୍ ମାରିନୋରେ ଆରମ୍ଭ ହୋଇଥିଲା। ଏହାପରେ ମୋଟ ୧୨ଟି ବିଦେଶ ମାଟିରେ ଏହା ଆରମ୍ଭ ହୋଇଛି। ୨୦୨୦ରେ ରେସ୍ ହଙ୍ଗେରୀରେ ଆରମ୍ଭ ହେବାର ଥିଲା। ମାତ୍ର କୋଭିଡ୍-୧୯ ମହାମାରୀ ପାଇଁ ତାହାକୁ ବାତିଲ କରାଯାଇଥିଲା। ଗତବର୍ଷ ଏହା ହଙ୍ଗେରୀରେ ଆରମ୍ଭ ହୋଇଥିଲା। ଏହାର ଅନ୍ତିମ ଷ୍ଟେଜ ଇଟାଲୀର ଭେରୋନାଠାରେ ଅନୁଷ୍ଠିତ ହୋଇଥିଲା। ଜୟ ହିଣ୍ଡଲେ ୨୦୨୨ରେ ଚାମ୍ପିୟନ ହୋଇ ମାଗ୍ଲିଆ ରୋସା (ପିଙ୍କ ଜର୍ସି) ପରିଧାନ କରିଥିଲେ।



୨୦୨୨ ଚାମ୍ପିୟନ ଜୟ ହିଣ୍ଡଲେ

# ପଞ୍ଜାବ ୧୦-୧ରେ ବିଜୟୀ

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ପଞ୍ଜାବ, ଆନ୍ଧ୍ର ପ୍ରଦେଶ, ଚଣ୍ଡିଗଡ଼ ଓ ତେଲଙ୍ଗାନା ଦଳ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ପଞ୍ଜାବ ୧୦-୧ ଗୋଲରେ ମଣିପୁରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ତନୁ ରାଣୀ ୧୬, ୪୩ ଓ ୫୮ତମ ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ହରଜୋତ କୌର ୪ ଓ ୫୩, ମସ୍କିନପ୍ରୀତ କୌର ୧୪ ଓ ୬୦ ଏବଂ ଶରନଜିତ କୌର ୧୯ ଓ ୫୦ତମ ମିନିଟରେ ୨ଟି ଲେଖାଏ ଏବଂ ସାନ୍ନା ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ମଣିପୁର ଅଧିନାୟିକା ମୁତୁମ ପ୍ରୀୟା ଦେବୀ ୧୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଆନ୍ଧ୍ର ପ୍ରଦେଶ ୫-୦ ଗୋଲରେ ଗୁଜରାଟକୁ ହରାଇଛି। ଆନ୍ଧ୍ର ପ୍ରଦେଶ ପକ୍ଷରୁ କୁପ୍ପା ତୁଲସୀ ୧୨ ଓ ୫୮ ଏବଂ ଅଧିନାୟିକା ବୋମ୍ମୁ ଅଙ୍କିତା ୫୩ ଓ ୫୮ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ରଗୁଲା ନାଗମଣୀ ୪୩ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

ତୃତୀୟ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ଚଣ୍ଡିଗଡ଼ ୩-୨ ଗୋଲରେ ବିହାରକୁ ପରାସ୍ତ କରିଥିଲା। ଚଣ୍ଡିଗଡ଼ ପକ୍ଷରୁ ତମନ୍ନା ୮ ଓ ୨୦ତମ ମିନିଟରେ ୨ଟି, ପୂଜା ୧୩ତମ ମିନିଟରେ ଗୋଟିଏ ଏବଂ ବିହାରର ଶାନ୍ତି କୁମାର ୧୧ ଓ ୩୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ୪ର୍ଥ ମ୍ୟାଚରେ ତେଲଙ୍ଗାନା ୨-୦ରେ ଗୋଆକୁ ପରାସ୍ତ କରିଛି। ବିଜୟୀ ଦଳର କାଞ୍ଚାର୍ଲା ଅକ୍ଷୟା ୪୨ ଓ ଅଧିନାୟିକା କେଥବଥ ଅନିତା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।



ପଞ୍ଜାବ-ମଣିପୁର ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଜଣେ ସଦସ୍ୟଙ୍କୁ ନେଇ କାର୍ଯ୍ୟକରୁଛି ଆଡ୍‌ହକ୍ ପ୍ୟାନେଲ

**ନୂଆଦିଲ୍ଲୀ, ୯।୫ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର କର୍ମକର୍ତ୍ତା ନିର୍ବାଚନ କରିବା ଲାଗି ୩ ଜଣ ସଦସ୍ୟ ବିଶିଷ୍ଟ ଆଡ୍‌ହକ୍ କମିଟି ଗଠନ କରାଯାଇଛି। ତେବେ ବର୍ତ୍ତମାନ ଅତି କମ୍‌ରେ ଆଉ ଏକ ସପ୍ତାହ ପର୍ଯ୍ୟନ୍ତ କେବଳ ଜଣେ ସଦସ୍ୟ ପରିଚାଳନା ଦାୟିତ୍ୱରେ ରହିବେ। ସେ ହେଉଛନ୍ତି ଭାରତୀୟ ଉଶୁ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ବାଜୱା। ପ୍ୟାନେଲର ଜଣେ ପ୍ରତିନିଧି ସୁମା ଶିରୁର ବର୍ତ୍ତମାନ ଜାତୀୟ ଶୁଟିଂ ଟିମ୍ ସହିତ ଆଜରବୈଜାନ ରାଜଧାନୀ ବାକୁ ଯାଇଛନ୍ତି। କମିଟିରେ ଅନ୍ୟତମ ସଦସ୍ୟ ଭାବେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇନାହିଁ। ସୋମବାର ଆଡହକ୍ ପ୍ୟାନେଲର ପ୍ରଥମ ବୈଠକରେ ଶିରୁର ଯୋଗ ଦେଇ ନ ଥିଲେ। କାରଣ ସେ ରାଇଫଲ ଶୁଟିଂ ଜାତୀୟ କୋଚ୍ ଅଛନ୍ତି। ବର୍ତ୍ତମାନ ସେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାଗ ନେଇଥିବା ୩୪ ଜଣିଆ ଭାରତୀୟ ଦଳ ସହ ସେ ଆଜରବୈଜାନ ରାଜଧାନୀରେ ଅଛନ୍ତି। ବିଶ୍ୱକପ୍ ମେ ୧୫ ତାରିଖରେ ଶେଷ ହେବ। ଏହାପରେ ହିଁ ସେ ଉପଲବ୍ଧ ହେବେ। ଶିରୁରଙ୍କ ଫେରିବା ପର୍ଯ୍ୟନ୍ତ ବାଜୱାଙ୍କୁ ଆଗକୁ ହେବାକୁ ଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିବାକୁ ପଡ଼ିବ।

# ଫଖର, ଚାଇୱାଇ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୯।୫ (ପି.ଟି.)

ପାକିସ୍ତାନର ଫଖର ଜମାନ ଏପ୍ରିଲ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଏହି ପୁରସ୍କାର ଥାଇଲାଣ୍ଡ ଅଧିନାୟିକା ନାରୁଏମଲ ଚାଇୱାଇ ପାଇଛନ୍ତି। ଉଭୟ ଖେଳାଳି ଏପ୍ରିଲରେ ସେମାନଙ୍କ ଦେଶ ତରଫରୁ ଅନ୍ତର୍ଜାତୀୟ ଦିନିକିଆରେ ମ୍ୟାଚ ବିଜୟୀ ପ୍ରଦର୍ଶନ କରିଥିଲେ। ପୁରସ୍କାର ପାଇଁ ସମ୍ଭାବ୍ୟ ତାଲିକା ଗତ ସପ୍ତାହରେ ପ୍ରକାଶ ପାଇଥିଲା। ଆଇସିସି ହଲ୍ ଅଫ୍ ଫେମ୍ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ଗଣମାଧ୍ୟମ ପ୍ରତିନିଧି ଏବଂ ଆଇସିସି ଡଟକମ୍‌ରେ ପଞ୍ଜୀକୃତ ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀମାନେ ଭୋଟ୍ ଜରିଆରେ ବିଜେତା ବାଛିଥିଲେ। ୨୦୨୨ ନଭେମ୍ବରରେ ସିଦ୍ରା ଅମିନଙ୍କ ପରେ ଫଖର ପାକିସ୍ତାନର ପ୍ରଥମ ଖେଳାଳି ଭାବେ ପ୍ରତି ମାସରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଦିଆଯାଉଥିବା ଏହି ପୁରସ୍କାର ଲାଭ କରିଛନ୍ତି। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପାକିସ୍ତାନର ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସିରିଜରେ ସେ ଦୁଇଟି ମ୍ୟାଚ ବିଜୟୀ ଶତକ ହାସଲ କରିଥିଲେ। ରାୱଲପିଣ୍ଡିରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସେ ୧୧୪ ବଲ୍‌ରେ ୧୧୭ ରନ ସଂଗ୍ରହ କରିଥିଲେ। ଇମାମ ଉଲ ହକ୍ ଓ ତାଙ୍କ ମଧ୍ୟରେ ଓପନିଂ ପାର୍ଟନରଶିପ୍‌ରେ ୧୨୪ ରନ ସଂଗୃହୀତ ହୋଇଥିଲା। ଏହି ମ୍ୟାଚରେ ପାକିସ୍ତାନ ୫ ଉଇକେଟରେ ବିଜୟ ଲାଭ କରିଥିଲା। ସମାନ ଭେନ୍ୟୁରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଫଖର ୧୪୪ ବଲରୁ ୧୮୦ ରନ କରି ଅପରାଜିତ ରହିଥିଲେ। ଫଳରେ ପାକିସ୍ତାନ ୩୩୭ ରନର ବିଶାଳ ଟାର୍ଗେଟକୁ ହାସଲ କରିପାରିଥିଲା। ଅନ୍ତର୍ଜାତୀୟ ଦିନିକିଆରେ ଦଳର ଏହା ହେଉଛି ଦ୍ୱିତୀୟ ସର୍ବବୃହତ୍ ରନ୍ ଚେଜ୍। ପୁରସ୍କାର ପାଇଁ ଫଖରଙ୍କ ପ୍ରତିଦ୍ୱନ୍ଦୀ ରହିଥିବା ଖେଳାଳିମାନେ ହେଲେ ମାର୍କ ଚାପମ୍ୟାନ (ନ୍ୟୁଜିଲାଣ୍ଡ) ଓ ପ୍ରବାଥ ଜୟସୂରିୟା (ଶ୍ରୀଲଙ୍କା)। ଅନ୍ୟପକ୍ଷରେ ଚାଇୱାଇ ସ୍ଥିର ପ୍ରଦର୍ଶନ ଯୋଗୁ ଜିମ୍ବାୱେ ବିପକ୍ଷ ସିରିଜରେ ଥାଇଲାଣ୍ଡ ଐତିହାସିକ ୩-୦ରେ ବିଜୟ ଲାଭ କରିଥିଲା। ଦୁଇଟି ଅପରାଜିତ ଅର୍ଦ୍ଧଶତକ ଯୋଗୁ ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ସାହାଣୀ କପ୍: ଝାରସୁଗୁଡ଼ା ୩, ବୌଦ୍ଧ ୨

ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୨ଟି କ୍ୱାର୍ଟର ଫାଇନାଲ ଲିଗ୍ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଜୟୀ ହୋଇଥିବାବେଳେ ସୁନ୍ଦରଗଡ଼ ଓ ବରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡ଼ା ୩-୨ ଗୋଲରେ ବୌଦ୍ଧକୁ ପରାସ୍ତ କରିଛି। ଝାରସୁଗୁଡ଼ା ପକ୍ଷରୁ ରୋମି ଓରାମ ୪୫+୧ ଓ ୮୬ତମ ମିନିଟରେ ୨ଟି ଏବଂ ଘାସିରାମ ମାଝି ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବରଗଡ଼ ପକ୍ଷରୁ ଜୀତେନ୍ଦ୍ର ଦେହୁରୀ ୫୨ ଓ ସମୀର ପ୍ରଧାନ ୮୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ସୁନ୍ଦରଗଡ଼-ବରଗଡ଼ ମ୍ୟାଚ କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା।



ଝାରସୁଗୁଡ଼ା ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଡାଲି ଜାତୀୟ ବିହନ ବୁଣୁଥିଲେ...

ଡାଲିଜାତୀୟ ବିହନ ବୁଣିବା ପୂର୍ବରୁ ସେଗୁଡ଼ିକୁ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ



ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ । ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ ।

## ଅଧିକ ଅମଳକ୍ଷମ ମକା

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ଉଦ୍ଦିଷ୍ଟ ମକା ଫସଲ ଲଗାଯାଇପାରିବ। ଏହାର ଅଧିକ ଅମଳକ୍ଷମ ମକା ବିହନ ମଧ୍ୟରେ ରହିଛି–ନଭଜୋତ୍, ଶକ୍ତି,ଡେକାନ୍–୧୦୭,ଡେକାନ୍–୧୦୯ ଆଦି କିସମ। ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ଏଗୁଡିକୁ ସଂଗ୍ରହ କରନ୍ତୁ। ଏକ ଏକର ଜମି ପାଇଁ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬କି.ଗ୍ରା. ଫସ୍‌ଫରସ ଓ ୧୬କି.ଗ୍ରା. ପଟାସ୍‌ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।



## ସଘନ କପା

ସଘନ କପା ଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ। କପାଚାଷ ପାଇଁ ଜମିକୁ ୮–୧୦ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟିକୁ ଭଲଭାବେ ଗୁଣ୍ଡ କରି ଦିଅନ୍ତୁ । ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ–୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ, ବିହନ) ୨.୦–୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪–୫ ସେ.ମି. ଗଭୀରରେ ଦୁଇଟି ଲେଖାଏ ମଞ୍ଜି ପୋତନ୍ତୁ ।





ଡା. ବୀରକିଶୋର ପରିଡ଼ା

# ଖରାଦିନେ ପ୍ରାଣୀଙ୍କ ଯତ୍ନ

କୃଷି ସହ ପ୍ରାଣୀ ପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ କରିବା ଆବଶ୍ୟକ। ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିୟାଣା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି।



**ଖରାଦିନେ ପ୍ରଜନନ ଶକ୍ତିହୀନତା ବା ବନ୍ଧ୍ୟାତ୍ୱର କାରଣ :** ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପରୋକ୍ଷ ପ୍ରଭାବ :** ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜ ଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ ।

**ରୌଦ୍ରତାପରୁ ସୁରକ୍ଷା:** ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗାଈ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା – ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବାପାଇଁ ପଦକ୍ଷେପ ନେବା ଉଚିତ।

**ଉପଯୁକ୍ତ ବାସସ୍ଥାନ :** ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ। ଖରାଦିନେ ଦେଶୀ ଗୋରୁଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ। ସଙ୍କର ଜାତୀୟ ଗାଈ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଈଙ୍କୁ ଗାଧୋଇ ଦେବା ଆବଶ୍ୟକ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ । ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଜରୁରୀ। ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଭରଣପୋଷଣ ଏବଂ ୨ ଲିଟର ପାଣି ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି । ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳ, ନର୍ଦ୍ଦମାପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ।

**ଗୁହାଳକୁ ଥଣ୍ଡା ରଖିବା କୌଶଳ :** ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରରେ ଟାଙ୍ଗିବା ଆବଶ୍ୟକ। ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତା’ହେଲେ ପ୍ରାତଃ ସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଫଳରେ ଶରୀରରେ ଧାତବଲବଣ ବା ଭିଟାମିନ୍‌ର ଅଭାବ ପରିଲକ୍ଷିତ ହୁଏ । ତେଣୁ ଧାତବ ଲବଣ ବା ମିନେରାଲ ମିକସ୍ଚର ୪ରୁ ୬ ଚାମଚ ଗୋରୁଙ୍କ ଖୁଆଇବା ଆବଶ୍ୟକ। ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ । ସବୁଜ ଘାସ ୬–୮କେଜି ଏବଂ ନଡ଼ା ବା କୁଟା ୨କେଜି ପ୍ରତି ୧୦୦କେଜି ଶରୀରର ଓଜନ ହିସାବରେ ଖୁଆଯିବା ଆବଶ୍ୟକ। ଫାମଗୁଡ଼ିକରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ୍ୟ ଖାଇବାକୁ ଦିଆଯାଇଥାଏ ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ ପ୍ରଜନନକ୍ଷମ ଷଣ୍ଢଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଆବଶ । ନିକଟରୁ ପର୍ଯ୍ୟବେକ୍ଷଣ କରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହିତ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା । ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତ୍ରର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ । ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇ ନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇଦେବା ଦରକାର। ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ। (କ୍ରମଶଃ..)

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

### ପ୍ରଜନନ ଶକ୍ତି ଉପରେ ଉତ୍ତାପର ପ୍ରଭାବ

ଉତ୍ତାପ ପ୍ରାଣୀଙ୍କର ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ। ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରି ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ । ଗ୍ରୀଷ୍ମଋତୁରେ ଏଫ୍‌ଏସ୍‌ଏଚ୍ ଓ ଏଲ୍‌ଏଚ୍ ହରମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ। ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି ।

## ମାଛଚାଷ ପ୍ରସ୍ତୁତି

ମାଛଚାଷ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇମାନେ ପୋଖରୀକୁ ମେ’ ମାସ ଶେଷସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଜୁନ୍ ମାସ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାର କରି ଶୁଖାଇ ଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ। ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ। ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।



## ଜାଣିରଖନ୍ତୁ

- ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ।
- ଧାନ ବଦଳରେ ଅଣଧାନ ଫସଲ ଯଥା ମକା–ବରଗୁଡି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ।
- ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।
- ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ।
- ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## କୁଜିସାରୁ

ଜଳସେଚନର ସୁବିଧା ଥିଲେ ମେ’ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ, ୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



## ଲୋଟଣୀ ଜାତୀୟ ଚିନାବାଦାମ ଚାଷ



ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ପ୍ରଥମେ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।

## ସଅଳ କିସମ ଧାନ ବୁଣିବା ସମୟରେ...

ସହଳ କିସମ ଧାନ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଧାନ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ



# ଷଷ୍ଠ ବିଜୟ ସହ ତୃତୀୟରେ ମୁମ୍ବାଇ

**ମୁମ୍ବାଇ, ୯।୫**

ଜାସନ ବେହେରନଡର୍ଫଙ୍କ ଚମତ୍କାର ବୋଲିଂ ଏବଂ ସୂର୍ଯ୍ୟକୁମାର ଯାଦବ ଓ ନେହାଲ ୱାଧେରାଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୬ ଉଇକେଟରେ ହରାଇ ଦେଇଛି। ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୯୯ ରନ କରିଥିଲା। ଜବାବରେ ମୁମ୍ବାଇ ୧୬.୩ ଓଭରରେ ୪ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ଷଷ୍ଠ ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଟପ୍ ଅର୍ଡରରେ ଅଧିନାୟକ ରୋହିତ ଶର୍ମା ବିଫଳ ହୋଇଥିଲେ ହେଁ ଇଶାନ କିଶନ ଆକ୍ରମଣାତ୍ମକ ବ୍ୟାଟିଂ କରି ବଢ଼ିଆ ଆରମ୍ଭ କରିଥିଲେ। ସେ ୨୧ ବଲ୍‌ରୁ ୪୨ (୪ ଚୌକା, ୪ ଛକା) ରନ ସଂଗ୍ରହ କରିଥିଲେ। ୫ମ ଓଭରରେ ୱାନିନ୍ଦୁ ହସରଙ୍ଗା ଉଭୟ କିଶନ ଓ ରୋହିତ ଶର୍ମାଙ୍କୁ ଆଉଟ କରି ଆରସିବି ପାଇଁ ଆଶା ସଞ୍ଚାର କରିଥିଲେ। ମାତ୍ର ଅନ୍ୟ ବୋଲରଙ୍କ ବିଫଳତା ଦଳପାଇଁ ମହଙ୍ଗା ପଡ଼ିଥିଲା। ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରୁ ୮୩ (୭ ଚୌକା, ୬ ଛକା) ଓ ନେହାଲ ୱାଧେରା ୩୪ ବଲ୍‌ରୁ ୫୨*(୪ ଚୌକା, ୩ ଛକା) ରନ ସ୍କୋର କରି ଆରସିବି ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ଦୁହେଁ ତୃତୀୟ ଉଇକେଟରେ ୬୬ ବଲ୍‌ରୁ ୧୪୦ ରନ ସଂଗ୍ରହ କରିଥିଲେ। ୧୬ତମ ଓଭରରେ ବିଜୟ କୁମାର ବ୍ୟଶକ ୨ଟି ଉଇକେଟ ନେଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ବିଜୟ ଫଳରେ ମୁମ୍ବାଇର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ହୋଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପ୍ରଥମ ଓଭରର ୫ମ ବଲ୍‌ରେ ବିରାଟ କୋହଲିଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତୃତୀୟ ଓଭରରେ ଅନୁଜ ରାୱତ ଆଉଟ ହୋଇଯିବାରୁ ୧୬ ରନରେ ଦଳର ଦ୍ୱିତୀୟ ଉଇକେଟର ପତନ ଘଟିଥିଲା। ତେବେ ଅଧିନାୟକ ଫାଫ୍ ଡୁପ୍ଲେସି ଓ ଗ୍ଲେନ ମ୍ୟାକ୍ସୱେଲ ତୃତୀୟ ଉଇକେଟରେ ୬୨ ବଲ୍‌ରୁ ୧୨୦ ରନ ସଂଗ୍ରହ କରି କେବଳ ଯେ ଇନିଂସ ସମ୍ଭାଳିଥିଲେ ତା' ନୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଆରସିବିର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଜାସନ ବେହରେନ ଡର୍ଫ ୧୩ତମ ଓଭରର ତୃତୀୟ ବଲ୍‌ରେ ମ୍ୟାକ୍ସୱେଲଙ୍କୁ ଆଉଟ କରି ମୁମ୍ବାଇକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ୩୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମ୍ୟାକ୍ସୱେଲ ୮ ଚୌକା ଓ ୪ ଛକା ସହାୟତାରେ ୬୮ ରନ ସ୍କୋର କରିଥିଲେ। ଏକାଗ୍ରତା ହରାଇ ଡୁପ୍ଲେସି ମଧ୍ୟ ୬୫ ରନ କରିଥିବାବେଳେ କାମେରନ ଗ୍ରୀନ୍‌ଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ସେ ୪୧ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୫ ରନ କରିଥିଲେ। ଛୋଟ ଇନିଂସ ଖେଳିଥିଲେ ହେଁ ଦୀର୍ଘଦିନପରେ ପ୍ରଭାବୀ ବ୍ୟାଟିଂ କରିଥିଲେ ଦୀନେଶ କାର୍ତ୍ତିକ। ସେ ୧୮ ବଲ୍‌ରୁ ୩୦ (୪ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସିଥିବା କେଦାର ଯାଦବ ବିଶେଷ ପ୍ରଭାବ ପକାଇପାରି ନ ଥିଲେ। ସେ ୧୦ ବଲ୍‌ରୁ ମାତ୍ର ୧୨ ଏବଂ ୱାନିନ୍ଦୁ ହସରଙ୍ଗା ୮ ବଲ୍‌ରୁ ୧୨ ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୧୯୯ରେ ସୀମିତ ରହିଥିଲା। ଶେଷ ଓଭରରୁ ମାତ୍ର ୬ ରନ ସଂଗ୍ରହ କରି ପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୯/୬ (ଗ୍ଲେନ ମ୍ୟାକ୍ସୱେଲ-୬୮, ଫାଫ୍ ଡୁପ୍ଲେସି-୬୫, ଦୀନେଶ କାର୍ତ୍ତିକ-୩୦, ଜାସନ ବେହେରେନଡର୍ଫ-୩/୩୬, କାମେରନ ଗ୍ରୀନ୍-୧/୧୫, କ୍ରିସ୍ ଜୋର୍ଡାନ-୧/୪୮, କୁମାର କାର୍ତ୍ତିକେୟ-୧/୩୫)। ମୁମ୍ବାଇ ଇଣ୍ଡିଆନ୍ସ ୧୬.୩ ଓଭରରେ ୨୦୦/୪ (ସୂର୍ଯ୍ୟକୁମାର ଯାଦବ-୮୩, ନେହାଲ ୱାଧେରା-୫୨, ଇଶାନ କିଶନ-୪୨, ୱାନିନ୍ଦୁ ହସରଙ୍ଗା-୨/୫୩, ବିଜୟକୁମାର ବ୍ୟଶକ-୨/୩୭)।




ଉଇକେଟ ନେବାପରେ ଜାସନ ବେହରେନଡର୍ଫ। ଶତକୀୟ ଭାଗୀଦାରି ଅବସରରେ ଫାଫ୍ ଡୁପ୍ଲେସି ଓ ଗ୍ଲେନ ମ୍ୟାକ୍ସୱେଲ।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ:ଚେନ୍ନାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୬ | ୫ | ୧୨ | -୦.୨୫୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | -୦.୦୭୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ସ୍ପୋର୍ଟ୍ସ ଓଡ଼ିଶାର ଚତୁର୍ଥ ବିଜୟ

**ଅହମଦାବାଦ, ୯।୫**

## ଇଣ୍ଡିଆନ ଓମେନ୍ସ ଲିଗ୍

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ସ୍ପୋର୍ଟ୍ସ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୨-୧ ଗୋଲରେ ଇଷ୍ଟବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। କଡ଼ା ଟକ୍କର ସତ୍ତ୍ୱେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ମ୍ୟାଚର ୬୦ତମ ମିନିଟରେ ଏକ ଗୋଲ ଦେଇ ରେଖା ପୌଦେଲ ସ୍ପୋର୍ଟ୍ସ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ଇଷ୍ଟ ବେଙ୍ଗଲ୍‌ର ମୌସମୀ ମୁର୍ମୁ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚଟି ଡ୍ର' ଆଡ଼କୁ ମୁହାଁଉଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୪ ମିନିଟରେ ରିତୁ ଦେବୀ ଏକ ଗୋଲ ସ୍କୋର କରି ସ୍ପୋର୍ଟ୍ସ ଓଡ଼ିଶାକୁ ବିଜୟୀ କରିଥିଲେ। ୬ ମ୍ୟାଚରୁ ୪ର୍ଥ ବିଜୟ ସହ ଓଡ଼ିଶା ଏଫ୍‌ସି ୧୨ ପଏଣ୍ଟ ପାଇଛି। ଫଳରେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଗୋକୁଲମ୍ କେରଳ ଏଫ୍‌ସି ୧୬ ଓ ହୋପ୍ସ ଫୁଟବଲ କ୍ଲବ ୧୨ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ମିସାକା ୟୁନାଇଟେଡ ଏଫ୍‌ସି ୬-୦ ଗୋଲରେ କାହାନି ଫୁଟବଲ କ୍ଲବ୍‌କୁ ହରାଇଥିବାବେଳେ ଗୋକୁଲମ୍ କେରଳ ୯-୦ରେ ମାତା ରୁକ୍ମଣୀ ଫୁଟବଲ କ୍ଲବକୁ ଏବଂ ହୋପ୍ସ ଫୁଟବଲ କ୍ଲବ ୨-୦ରେ ମୁମ୍ବାଇ ନାଇଟ୍ସ ଏଫ୍‌ସିକୁ ପରାସ୍ତ କରିଛି।






# ପ୍ଲେ-ଅଫ୍ ଲକ୍ଷ୍ୟରେ ସୁପର କିଙ୍ଗ୍ସ

**ଚେନ୍ନାଇ, ୯।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ଚେପକ୍ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଖେଳିବାକୁ ଥିବାରୁ ଏହି ମ୍ୟାଚରେ ଦିଲ୍ଲୀକୁ ହରାଇ ଚେନ୍ନାଇ ପ୍ଲେ-ଅଫ୍‌ର ନିକଟତର ହେବା ଲକ୍ଷ୍ୟରେ ରହିଛି। କ୍ରମାଗତ ୫ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଲିଗ୍‌ର ଅଧିକାଂଶ ଭାଗରେ ସଂଘର୍ଷ କରିଛି। ତେବେ କ୍ରମାଗତ ୨ ବିଜୟ ସହ ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି। ତେଣୁ ମୋମେଣ୍ଟମ ବଜାୟ ରଖିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ। ଅନ୍ୟପକ୍ଷରେ ଚେନ୍ନାଇ ଗତ ୪ ମ୍ୟାଚରୁ ୨ଟିରେ ପରାଜିତ ହୋଇଥିବାବେଳେ ଗୋଟିଏରୁ ଫଳାଫଳ ମିଳିନାହିଁ। ତେବେ ପୂର୍ବ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦଳ ବିଜୟ ପଥକୁ ଫେରିଛି। ମ୍ୟାଚଟି ଲୋ-ସ୍କୋରିଂ ହୋଇଥିଲେ ମଧ୍ୟ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଚେନ୍ନାଇକୁ ବିଜୟ ସ୍ୱାଦ ଚଖାଇଥିଲେ। ତେଣୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଚେନ୍ନାଇର ଟପ୍ ଅର୍ଡର ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରି ଆସିଛି। ଡେଭନ୍ କନ୍‌ୱେ ୪୫୭, ଋତୁରାଜ ଗାଏକ୍ୱାଡ୍ ୨୯୨, ଶିବମ୍ ଦୁବେ ୨୯୦ ଓ ଅଜିଙ୍କ୍ୟ ରାହାନେ ୨୪୫ ରନ ସଂଗ୍ରହ କରି ସାରିଛନ୍ତି। ମିଡିଲ ଅର୍ଡର ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ତେଣୁ ଆଗାମୀ ମ୍ୟାଚରେ ଏହା କ୍ଲିକ୍ କରିବ ବୋଲି ମ୍ୟାନେଜମେଣ୍ଟ ଆଶାରେ ରହିଛି। ଅଭିଜ୍ଞ ଅମ୍ବାତି ରାୟୁଡୁ ୧୧ ଗେମ୍‌ରୁ ମାତ୍ର ୯୫ ରନ କରିଛନ୍ତି। ସେହିପରି ରବୀନ୍ଦ୍ର ଜାଡେଜା ୯୨ ରନରେ ସୀମିତ ରହିଛନ୍ତି। ଏ ଦୁହିଁଙ୍କ ସମେତ ମୋଇନ୍ ଅଲୀଙ୍କ ନିକଟରୁ ଚେନ୍ନାଇ ବଡ଼ ସ୍କୋର ଆଶା କରୁଛି। ବୋଲରଙ୍କ ମଧ୍ୟରେ ତୁଷାର ଦେଶପାଣ୍ଡେ ୧୯ ଉଇକେଟ ନେଇ ସାରିଥିଲେ ହେଁ ତାଙ୍କ ଇକୋନୋମି ହାର ୧୦.୩୩ ରହିଛି। ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ମହଙ୍ଗା ସାବ୍ୟସ୍ତ ହେଉଥିବା ଚେନ୍ନାଇକୁ ସମସ୍ୟାରେ ପକାଉଛି। ମାଥିସା ପଥିରନା ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀର ଫିଲ୍ ସଲ୍ଟ ଗତ ମ୍ୟାଚରେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ମାତ୍ର ଆଗାମୀ ମ୍ୟାଚରେ ପଥିରନା ତାଙ୍କୁ ରୋକିପାରିବେ ବୋଲି ଚେନ୍ନାଇ ଆଶା ରଖିଛି।

ସଲ୍ଟଙ୍କ ସମେତ ଅଧିନାୟକ ଡେଭିଡ ୱାର୍ନର, ମିଚେଲ ମାର୍ଶ ଓ ରୋଭମାନ ପାୱେଲ ଚେନ୍ନାଇ ପାଇଁ ବିପଦ ସାବ୍ୟସ୍ତ ହୋଇପାରନ୍ତି।

# କେନ୍ଦ୍ରାପଡ଼ାରେ ରାଜ୍ୟ ମହିଳା ଚେସ୍

**ଭୁବନେଶ୍ୱର, ୯।୫**
**(କ୍ରୀଡ଼ା ପ୍ରତିନିଧି)**

## ଗ୍ରୀଷ୍ମକାଳୀନ ଚେସ୍ ଶିବିର ୨୫ରୁ

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଓ କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନଧରି ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତା କେନ୍ଦ୍ରାପଡାରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ସେଠାରେ ଚେସ୍ ଖେଳର ପ୍ରଚାର ପ୍ରସାର ଲକ୍ଷ୍ୟରେ ଆସନ୍ତା ୨୫ରୁ ୩୦ ପର୍ଯ୍ୟନ୍ତ ଏକ ଗ୍ରୀଷ୍ମକାଳୀନ ଚେସ୍ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ମହିଳା ଚେସ୍ ପାଇଁ ପିଙ୍କି ମହାପାତ୍ର ଏବଂ ସମରକ୍ୟାମ୍ପ ପାଇଁ ନାରାୟଣ ଦାସ, ଲଲାଟ କେଶରୀ ସାମଲଙ୍କ ସହ ଯୋଗାଯୋଗ କରାଯାଇ ପାରିବ ବୋଲି ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି।

# ସାମ୍ ବିଲିଙ୍ଗ୍ସଙ୍କୁ ଚର୍ମ କର୍କଟ

**ଲଣ୍ଡନ, ୯।୫ (ପି.ଟି.)**

ଇଂଲଣ୍ଡ ଉଇକେଟକିପର ବ୍ୟାଟର ସାମ୍ ବିଲିଙ୍ଗ୍ସ ଚର୍ମ କର୍କଟରେ ପୀଡ଼ିତ ହୋଇଛନ୍ତି। ଏଥିରୁ ଅରୋଗ୍ୟ ଲାଭ କରିବା ଲାଗି ସେ ସଂଘର୍ଷ ଚଳାଇଥିବା ପ୍ରକାଶ କରିଛନ୍ତି। ବିଲିଙ୍ଗ୍ସ ଇଂଲଣ୍ଡ ପକ୍ଷରୁ ୩ ଟେଷ୍ଟ, ୨୮ ଅନ୍ତର୍ଜାତୀୟ ଦିନିକିଆ ଓ ୩୭ ଟି୨୦ ଖେଳିଛନ୍ତି। ବର୍ତ୍ତମାନ ସେ କାଉଣ୍ଟି କ୍ରିକେଟ ଖେଳୁଛନ୍ତି। ବିଲିଙ୍ଗ୍ସ ତାଙ୍କ କାଉଣ୍ଟି କେଣ୍ଟଠାରେ ଏକ ରୁଟିନ ସ୍କ୍ରିନିଂ ପରେ ସେ ଚର୍ମ କର୍କଟରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଗତବର୍ଷ ତାଙ୍କୁ ଛାତିରେ ଦୁଇଥର ଅସ୍ତ୍ରୋପଚାର ସରିଛି। ସେ ଅନ୍ୟମାନଙ୍କୁ ସଚେତନ କରିବାକୁ ଯାଇ ସୂର୍ଯ୍ୟଙ୍କ ଅଲ୍‌ଟ୍ରା ଭାଓଲେଟ କିରଣରୁ ନିଜକୁ ଦୂରେଇ ରଖିବା ଲାଗି କହିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ